
# ସମାରୋହ

ଜାନୁୟାରୀ ୨୦୨୪ www.samaroha.in



KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

# Magnum Auto

Passion for Cars

**CALL NOW- 9937067609 / 9937062627**

A PIT STOP FOR CAR LOVERS

WASHING | CLEANING | REPAIRS | SERVICE

DETAILING | FOAM WASH | UNDER- BODY | SOUND-SYSTEM

SEATS | ALLOYS | ALIGNMENTS | LIGHTS BULB | HORNS TYRES

3M WÜRTH JBL AutoBros® KENWOOD Listen to the Future

TSERV
TOTAL CAR SERVICE



**We are now authorised TOYOTA Channel Partners**

YOKOHAMA MICHELIN

MARUTI SUZUKI HONDA TOYOTA HYUNDAI Ford TATA

**Plot No: 891/1046, Pahala, Bhubaneswar, Behind PAL Heights Mantra**
20°20'32.8"N 85°52'56.3"E


Begin your
Happily
ever
after
with us
jjcreativevision / abcl-01/23
Specially Curated Menu
Bespoke Decor
Trained Event Crew
AA Convention Complex
a destination of your dream events.......
AIIMS Square, Patrapada, Bhubaneswar
Contact for Booking : 9861717767 / 9861717768

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 34 Issue - 4**
**January - 2025**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ପ୍ରାର୍ଥନାର ପରିଭାଷା** ସନ୍ତୋଷ କୁମାର ସାହୁ.............. ୭


### କଥା ଓ କାହାଣୀ


**ବାବା ଆସୁଛନ୍ତି** କାର୍ତ୍ତିକ ଚନ୍ଦ୍ର ବାରିକ................୧୦
**ହୀରାଫୁଲ** ନୃସିଂହ ବେହେରା..................୧୫
**ଛନ୍ଦ ପତନ** ଉଷା ଶତପଥୀ...................... ୧୯
**ସଂଯୋଗ-ସୁଖ** ଚିନ୍ମୟ ରାୟ........................୨୨
**ଭିନ୍ନ ଏକ ମଣିଷ** ଶ୍ରୀମତୀ ଜ୍ୟୋସ୍ନା ସିଂହ............. ୨୪
**ଦେବୀ ଆସୁଛନ୍ତି** କବିତା ମହାନ୍ତି......................୨୭
**ବାଟୁଆ** ସମ୍ବେଦନା ମିଶ୍ର......................୩୦
**ମାମୁଁଘର ଗାଁର ମୋହ** ଇଂ. ଅକ୍ଷୟ କୁମାର ମିଶ୍ର........... ୩୨


### ଧାରାବାହିକ ଉପନ୍ୟାସ


**ଶ୍ରୀ ଖାରବେଳ** ଡାକ୍ତର ଇନ୍ଦ୍ରମଣି ଜେନା............୩୭


### କବିତା


**ସହଜ ନୁହେଁ** ବିଦ୍ୟୁତ୍‌ପ୍ରଭା ଗନ୍ତାୟତ.............. ୪୪
**ଅଭିନନ୍ଦନ ନବବର୍ଷ** ସୌଦାମିନୀ ମିଶ୍ର (ଦାଶ)............୪୪
**ସଜନୀ ଗୋ ଏ ନୂଆ ବର୍ଷରୁ** ଚକ୍ରଧର ସାହୁ................ ୪୫
**ନବବର୍ଷ - ୨୦୨୫** ସଂଜୟ କୁମାର ତ୍ରିପାଠୀ............ ୪୬
**ସାଇତା ସ୍ମୃତି** ଦିଲ୍ଲୀପ ଶତପଥୀ................... ୪୬
**ତ୍ରିଦେବୀ** ଶୁଭେନ୍ଦୁ ଦାଶ.......................୪୬
**ବୋଉ ମନେ ପଡ଼େ** ପ୍ରଦ୍ୟୁମ୍ନ ପଟ୍ଟନାୟକ.................୪୭
**ଚାଷୀ** ସିପୁନୁ ଜେନା...................... ୪୮
**ପରିବର୍ତ୍ତନ** ମୋହନ କୁମାର ସ୍ୱାଇଁ..............୪୯
**ଅସରା ଆଲୁଅ ତୁମର** ଜ୍ୟୋସ୍ନା ପାଢ଼ୀ.......................୪୯
**ଆକୁଳ ପ୍ରାର୍ଥନା** ନଳିନୀ ଦାଶ....................... ୪୯
**ମାୟାମୃଗ** ଡ. ସଂଜୀବ କୁମାର ପାଣିଗ୍ରାହୀ...... ୫୦
**କେବଳ ଥରେ ଆସ** ଭାଗୀରଥି ବେହେରା............... ୫୧

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**

**- ଶ୍ରୀ ଦେବ ପଟ୍ଟନାୟକ**
**- ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**
**- ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
**- ଡା. ଅମରେନ୍ଦ୍ରନାଥ ଦାସ**

## ତନ୍ମାତ୍ର

**ବଲିଉଡ୍ ୨୦୨୪ : ଗୁଡ୍‌ବାଇ**................................... ୫୨

## ଖେଳ ଓ ଖେଳାଳୀ

**ବିସ୍ମୟ ଯୁବକ ଗୁକେଶ**............................................ ୫୩

## ଜ୍ୟୋତିଷ ବିଚାର

**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୫୪

**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**




**ଯୋଗାଯୋଗ ଠିକଣା**
**ସହଯୋଗୀ ସଂପାଦକ : ସମାରୋହ**
**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**
**ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**
E-mail: thesamaroha@gmail.com

| **ସମାରୋହର ଦେୟ** | |
|---|---|
| | ବାର୍ଷିକ................ଟ. ୩୦୦.୦୦ ଦ୍ୱିବାର୍ଷିକ..............ଟ. ୬୦୦.୦୦ |
| | ୩ ବର୍ଷ ପାଇଁ..........ଟ. ୯୦୦.୦୦ ୫ ବର୍ଷ ପାଇଁ..........ଟ. ୧୫୦୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* |

# ସଂ ପା ଦ କୀ ୟ

ଏଇ ପୃଥିବୀରେ କୌଣସି ଜୀବ, ବସ୍ତୁ, ପଦାର୍ଥ ଚିରନ୍ତନ ନୁହନ୍ତି। ତେଣୁ ୨୦୨୪ ମସିହା ଆସିବା ପୂର୍ବରୁ ସମ୍ପାଦକୀୟରେ ବହୁ ସମ୍ଭାବନା ଆଶା କରି ଲେଖିବାକୁ ପ୍ରଚେଷ୍ଟା କରିଥିଲି। କିନ୍ତୁ! ଯାହା ସତ୍ୟ ତାହା ଚିରନ୍ତନ। ତା'ର ପରିବର୍ତ୍ତନ ହୁଏନାହିଁ। ଦୁଇହଜାର ଚବିଶି ମସିହା ଆସି ଶେଷ ହୋଇଗଲା ତାକୁ ବାଧ ହୋଇ ବିଦାୟ ଦେବାକୁ ପଡ଼ିଲା। ୨୦୨୫ ମସିହାର ନୂତନ ସୂର୍ଯ୍ୟ ନିଶ୍ଚିତ ପୂର୍ବ ଦିଗ୍‌ବଳୟରେ ଉଦ୍‌ଭାସିତ ହେବେ ଏହା ସ୍ୱତଃ ସିଦ୍ଧ। କିନ୍ତୁ ତାକୁ ଆମର ପବିତ୍ର ଭାରତ ଭୂମିର ସଦସ୍ୟ ବୃନ୍ଦ କେତେବେଳେ କେଉଁ ଦିଗକୁ ନେଇଯାଇ ନିଜର ଯୋଗ୍ୟତା ବା ଅଯୋଗ୍ୟତା ପ୍ରଦର୍ଶନ କରିବେ ସେଇ ସର୍ବଚିରନ୍ତନ, ସର୍ବବ୍ୟାପକ, ସର୍ବ ଶକ୍ତିମାନ ଅଦୃଶ୍ୟ ପ୍ରଭୁଙ୍କୁ ତାହା ଜଣାଥିବ। ତାଙ୍କରି ଶୁଭଦୃଷ୍ଟି ପଡ଼ିଲେ ଭାରତୀୟ ସତ୍ୟତା, ସଭ୍ୟତା, ସମଭାଗୀତା ଇତ୍ୟାଦି ଯେତେ ସବୁ ଅତୀତ ପୃଷ୍ଠାରେ ଉଲ୍ଲିଖିତ ରହିଛି ତାହା ପୁଣି ସ୍ୱପ୍ରକାଶ କରିବାକୁ ସକ୍ଷମ ହେବ ଆଶା କରି, ଆଗନ୍ତୁକ ୨୦୨୫ ମସିହାକୁ ସସମ୍ମାନେ ସ୍ୱାଗତ ଆମେ କରିପାରିବା ଯଦି ଆମ ଭିତରୁ ଦ୍ୱନ୍ଦ, ଛଳ, କପଟ, ମିଥ୍ୟାଚାରର ସମ୍ପୂର୍ଣ୍ଣ ବିଲୟ ଘଟେ। ସମୟ ସବୁଠାରୁ ମୂଲ୍ୟବାନ। ଆଳସ୍ୟ ପରାୟଣ ହୋଇ ବୃଥା ଗଳ୍ପ- ବାକ୍ ବିତଣ୍ଡାରେ ନିଜର ଜୀବନ ସହିତ ସମାଜର ଶୁଦ୍ଧ ପରିସ୍ଥିତିକୁ କଳୁଷିତ ନକରି ସମସ୍ତେ ଏକମନ ଏକପ୍ରାଣ ହୋଇ ଭାରତୀୟ ସଂସ୍କୃତିର ଜୟଗାନ କରିବା ଶୁଦ୍ଧ ହୃଦୟ କନ୍ଦରରୁ "ଜୟ ଭାରତ ମାତାକୀ ଜୟ", "ଜୟ ଭାରତର ନବଦିଗନ୍ତକୀ ଜୟ"। ନହେଲେ ସବୁକିଛି ପୋଥି ବାଇଗଣ ପାଲଟିଯିବ।

ବିଗତ ବର୍ଷର ଭଲମନ୍ଦ ବିବେଚନା କରି, ଆଉ କୌଣସି ଉପକାର ବାହାରି ହେବନାହିଁ। କେବଳ ଦେଶପାଇଁ ଯାହା ବିରାଟ କ୍ଷତି ରୂପେ ବିବେଚିତ ତାକୁ ଟିପେ ଟିପେ ଛୁଇଁଦେବା ଏବଂ ଯାହା ଦେଶକୁ ସାମାନ୍ୟ ଉଚ୍ଚସ୍ତରରେ ପହୁଞ୍ଚାଇ ଥିବ ତା'କୁ ଲେଖିପାରିବାକୁ ଏ ଦୁର୍ବଳ କଲମ ସଫଳ ହେଉ, ଏତିକି ପ୍ରାର୍ଥନା।

ବିଶିଷ୍ଟ ଶିକ୍ଷାବିତ୍ ଅର୍ଥନୀତିଜ୍ଞ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କର ଡିସେମ୍ବର ଚବିଶ ତାରିଖରେ ବୟାନବେ ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତ ମନମୋହନ ସିଂ ଅର୍ଥମନ୍ତ୍ରୀ ଥିବାବେଳେ ତାଙ୍କର ଦିଗ୍‌ଦର୍ଶନରେ ଭାରତୀୟ ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ଆସିଥିଲା। ଉଦାରୀକରଣ ଓ ଜଗତିକରଣ ଯୋଜନାକୁ କାର୍ଯ୍ୟକାରୀ କରି ସେ ଦେଶର ଅର୍ଥନୀତିକୁ ସୁଧାରିବାରେ ସଫଳ ହୋଇଥିଲେ। ନବେ ଦଶକରେ ଦେଶର ଅର୍ଥନୀତି ଭୁଷୁଡ଼ି ପଡ଼ିବା ଅବସ୍ଥାରେ ପହଞ୍ଚିଥିବା ବେଳେ ତାଙ୍କର ସମୟୋପଯୋଗୀ କାର୍ଯ୍ୟାନୁଷ୍ଠାନ ଏହି ସ୍ଥିତିକୁ ସମ୍ଭାଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ମୁଦ୍ରାସ୍ଫୀତି ଓ ବାଣିଜ୍ୟିକ ନିଅଣ୍ଟକୁ ନିୟନ୍ତ୍ରଣ କରିବାରେ ତାଙ୍କର ଅବଦାନ ପ୍ରଶଂସନୀୟ ରହିଥିଲା। ମନମୋହନ ସିଂଙ୍କ ଉଦ୍ୟମ କ୍ରମେ ଦେଶର ଅର୍ଥନୀତି ସମାଜବାଦରୁ ପୁଞ୍ଜିବାଦ ଆଡ଼କୁ ମୁହାଁଇ ଥିଲା।

ବିଭିନ୍ନ କଟକଣା ପ୍ରତ୍ୟାହାର କରାଯିବା ଫଳରେ ବିଦେଶୀ କମ୍ପାନୀଗୁଡ଼ିକ ସେତେବେଳେ ଭାରତରେ ପୁଞ୍ଜିନିବେଶ କରିବାକୁ ଆଗେଇ ଆସିଥିଲେ। ତାଙ୍କର ପ୍ରଧାନମନ୍ତ୍ରୀତ୍ୱ କାଳରେ ଶିକ୍ଷା ଅଧିକାର ଆଇନ, ମନରେଗା, ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ, ସୂଚନା ଅଧିକାର ଆଇନ ଭଳି ଏକାଧିକ ଲୋକାଭିମୁଖୀ ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିଲା। ଏହି ସମୟରେ ଦେଶର ଜି.ଡି.ପି. (ମୋଟ ଜାତୀୟ ଉତ୍ପାଦ) ନଅ ପ୍ରତିଶତକୁ ବୃଦ୍ଧି ପାଇଥିଲା। ତାଙ୍କର ଶାସନ କାଳରେ ସର୍ବଶିକ୍ଷା ଅଭିଯାନ ଆରମ୍ଭ ହୋଇଥିବା ବେଳେ ଦେଶରେ ଆଠଟି ନୂଆ ଆଇ.ଆଇ.ଟି. ସ୍ଥାପନ କରାଯାଇଥିଲା। ଆତଙ୍କବାଦ ଦମନ କରିବାକୁ ୟୁପିଏ ଆଇନ୍ ପ୍ରଣୟନ ଓ ଏନ୍.ଆଇ.ଏ. (ଜାତୀୟ ତଦନ୍ତକାରୀ ସଂସ୍ଥା) ପ୍ରତିଷ୍ଠା କରିବାର ଶ୍ରେୟ ତାଙ୍କୁ ଦିଆଯାଏ। ଦୀର୍ଘ ଦଶବର୍ଷର ପ୍ରଧାନମନ୍ତ୍ରୀତ୍ୱ କାଳରେ ବିଭିନ୍ନ ରାଜନୈତିକ କାରଣରୁ ସେ ସମାଲୋଚିତ ହୋଇଥିଲେ, କିନ୍ତୁ ଜଣେ ଭଦ୍ର ଓ ସଙ୍କୋଚ ପ୍ରଧାନମନ୍ତ୍ରୀ ଭାବେ ସବୁ ବର୍ଗ ପାଇଁ ସେ ସମ୍ମାନାସ୍ପଦ ଥିଲେ। ଅଧ୍ୟାପନା ଓ ବିଶ୍ୱ ବ୍ୟାଙ୍କର ଅର୍ଥନୀତିଜ୍ଞ ଭାବେ କାର୍ଯ୍ୟ କରିଥିବାରୁ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ପ୍ରଥମେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଓ ପରେ ଅର୍ଥମନ୍ତ୍ରୀ ଭାବେ ଅବସ୍ଥାପିତ କରି ଭାରତର ଅର୍ଥ ବ୍ୟବସ୍ଥାର ମଙ୍ଗ ଧରାଇଥିଲେ। ମନମୋହନଙ୍କ ଉଦ୍ୟମରେ ଆମେରିକା ସହିତ ଭାରତର ସମ୍ପର୍କ

ସୁଦୃଢ଼ ହୋଇଥିଲା । ଉଭୟ ଦେଶ ମଧ୍ୟରେ ସ୍ୱାକ୍ଷରୀତ ପରମାଣୁ ଚୁକ୍ତି ସେ ସମୟରେ ସବୁଠାରୁ ଉଲ୍ଲେଖନୀୟ ପ୍ରସଙ୍ଗ ପାଲଟିଥିଲା । ଆଜି ତାଙ୍କର ପରଲୋକ ଘଟି ଯାଇଥିବା ବେଳେ ଦେଶର ଜଣେ ଶାନ୍ତ ସ୍ୱଚ୍ଛ ବୁଦ୍ଧିଜୀବିଙ୍କର ତିରୋଧାନ ଦେଶପାଇଁ ସବୁଠାରୁ ଦୁଃଖର କାରଣ ହେବା ଉଚିତ । ଏହି ବର୍ଷ ବୋଧହୁଏ ଡିସେମ୍ବର ମାସରେ ବହୁ ଗୁଣୀ ଜ୍ଞାନୀ ଭାରତୀୟଙ୍କର ଦେହାନ୍ତ ଘଟିଛି । ତାଙ୍କର ବିରୋଧି ମଧ୍ୟ ତାଙ୍କର ପ୍ରଶଂସକ ଥିଲେ । ସବୁ ପ୍ରଧାନମନ୍ତ୍ରୀଙ୍କ ଠାରୁ ସେ ଅତ୍ୟନ୍ତ ଜ୍ଞାନୀ ଓ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଥିଲେ । କମ୍ କଥା ଓ ଅଧିକ କାମରେ ସେ ବିଶ୍ୱାସ କରୁଥିଲେ । ସେ ସମୟରେ ଦେଶ ସାମଗ୍ରିକ ଭାବେ ଅଗ୍ରଗତି କରିଥିଲା । ତାଙ୍କର ସବୁଠାରୁ ବଡ଼ ଅବଦାନ ଥିଲା ସାମଗ୍ରିକ ଯୁଗାନ୍ତକାରୀ ଯୋଜନା । ତାଙ୍କରି ନେତୃତ୍ୱରେ ଭାରତ ୨୦୦୮ରେ ବିଶେଷ ଆର୍ଥିକ ସଙ୍କଟରୁ ବାହାରି ପାରିଥିଲା । ଆଜି ତାଙ୍କ ପାଇଁ ଶୋକ ପ୍ରକାଶ କରିବା ଯେତେ ଦରକାର ନାହିଁ ତାଙ୍କ ପଦ୍ଧତିରେ ନିଜକୁ ପରିବର୍ତ୍ତନ କରିବା ବିଶେଷ ଜରୁରୀ ।

ବର୍ଷଶେଷରେ ଆମେ ନିଜକୁ ନିଜେ ଆଲୋଚନା କରିବା ସତ୍ ପଥରେ କେତେଦୂର ଆଗେଇପାରିଛେ । ୨୦୨୫ କୁ ସ୍ୱାଗତ କରିବା ପୂର୍ବରୁ ଆମର ସଂସ୍କାର ଯଦି ପରିବର୍ତ୍ତିତ ନ ହୁଏ ତେବେ ଉତ୍‌ଥାନ ପତନ ଦେଇ ଗତିକରିବା ଅନିବାର୍ଯ୍ୟ । ଜଗତର ନାଥ ଜଗନ୍ନାଥ ସମସ୍ତଙ୍କୁ ଉଦ୍ଧାର କରନ୍ତୁ ।

ହରିଓଁ ତତ୍‌ସତ୍

ବ୍ରହ୍ମାର୍ପଣମସ୍ତୁ

ସୌଦାମିନୀ ମିଶ୍ର

ପ୍ରବନ୍ଧ

# ପ୍ରାର୍ଥନାର ପରିଭାଷା

**ସନ୍ତୋଷ କୁମାର ସାହୁ**

ପ୍ରାର୍ଥନା ମନ ଭିତରର କଥା। ଏଥିପାଇଁ କୌଣସି ଧରାବନ୍ଧା ନିୟମ ବ୍ୟାକରଣଗତ ଶୁଦ୍ଧି ବା ଅଶୁଦ୍ଧି, ଛନ୍ଦ-ସ୍ୱର ବା କବିତାର ଅନିବାର୍ଯ୍ୟତା ନାହିଁ। ପ୍ରଗାଢ଼ ବିଶ୍ୱାସ ସହିତ ନିଜର ପ୍ରିୟପ୍ରଭୁଙ୍କ ନିକଟରେ ନିଜ ମନର ବାସ୍ତବିକ ସ୍ଥିତି ଅନୁଯାୟୀ ସହଜ ସରଳ ଭାବେ ଯାହା କିଛି ଆବେଦନ କରାଯାଏ, ତାହା ହିଁ ପ୍ରାର୍ଥନା। ଜୀବନରେ ଏପରି ପ୍ରାର୍ଥନା ଅସଂଖ୍ୟ ଥର ହୋଇଥାଏ ଏବଂ ହେଉଛି ମଧ୍ୟ। କେବେ ଶବ୍ଦରେ, କେବେ ମୂକ ଭାଷାରେ ଓ କେତେବେଳେ କେବଳ ମନର ସଂକଳ୍ପ ଦ୍ୱାରା ପ୍ରାର୍ଥନା ଚିରକାଳ ଆତ୍ମ ନିବେଦନର ଏକ ସ୍ୱତନ୍ତ୍ର ପ୍ରକ୍ରିୟା । ଏହାଦ୍ୱାରା ବ୍ୟକ୍ତି ଆନ୍ତରିକ ତୃପ୍ତି ଲାଭ କରିଥାଏ। ପ୍ରାର୍ଥନା ପାଇଁ ମନ୍ତ୍ର, ଉପକରଣ ବା ଅନ୍ୟ କୌଣସି ଧରାବନ୍ଧା ବସ୍ତୁର ଆବଶ୍ୟକତା ନାହିଁ। ଏହା ଏକ ପ୍ରକାର ଅଭିବ୍ୟକ୍ତି, ଯାହା ଅତ୍ୟନ୍ତ ସହଜ ଓ ସରଳ ମାତ୍ର ଭାବ ଉଦ୍ଭାପକ। ହିନ୍ଦୁମାନେ ନିଜ ଇଷ୍ଟଦେବତାଙ୍କୁ ପ୍ରାର୍ଥନା କରୁଥିବାବେଳେ, ମୁସଲମାନମାନେ ଆଲ୍ଲାଙ୍କୁ, ଖ୍ରୀଷ୍ଟିଆନମାନେ ଯୀଶୁ ଅବା ମେରୀଙ୍କୁ, ଶିଖମାନେ ତାଙ୍କ ଗୁରୁଙ୍କୁ ଏବଂ ବୌଦ୍ଧ ଧର୍ମୀମାନେ ଏକ ସତ୍ତାକୁ ପ୍ରାର୍ଥନା ଜଣାନ୍ତି। ପରମ୍ପରା ଅନୁଯାୟୀ ପ୍ରତ୍ୟେକଙ୍କ ପ୍ରାର୍ଥନା କରିବାର ଶୈଳୀ ଭିନ୍ନ ଭିନ୍ନ ହେଲେ ମଧ୍ୟ ଏହାର ଅର୍ଥ ଓ ଉଦ୍ଦେଶ୍ୟ ଗୋଟିଏ।

ପ୍ରାର୍ଥନା ମନୁଷ୍ୟ ଜୀବନର ଏକ ଅପରିହାର୍ଯ୍ୟ କର୍ତ୍ତବ୍ୟ। ଏହା ଆମ ନିତ୍ୟକର୍ମର ଏକ ଅପରିହାର୍ଯ୍ୟ କର୍ତ୍ତବ୍ୟ। ଖାଦ୍ୟ ନ ଖାଇଲେ ଶରୀର ଭୋକିଲା ରହିଯାଏ। କିନ୍ତୁ ପ୍ରାର୍ଥନା ନ କରିଲେ ଆତ୍ମାର ପ୍ରଗତି ରୁଦ୍ଧ ହୋଇଯାଏ। ଆମେ ଶରୀର ନୋହୁଁ ଆତ୍ମା ଅଟୁ। ତେଣୁ ଶରୀର ଅପେକ୍ଷା ଆତ୍ମାର ଆବଶ୍ୟକତାକୁ ଅଧିକ ଗୁରୁତ୍ୱ ଦେବା ଦରକାର। ଯେପରି ଶରୀର ଶୁଦ୍ଧ ପାଇଁ ସ୍ନାନର ନିହାତି ଆବଶ୍ୟକ, ସେହିପରି ଆତ୍ମିକ ଶୁଦ୍ଧିପାଇଁ ପ୍ରାର୍ଥନାର ସ୍ଥାନ ଅଧିକ ଗୁରୁତ୍ୱପୂର୍ଣ୍ଣ। ନିଜ ଭାବନା ଯେତିକି ପ୍ରଗାଢ଼ ଶୁଦ୍ଧ ଓ ଶ୍ରଦ୍ଧାପୂର୍ଣ୍ଣ ହେବ ପରିଣାମ ସେତିକି ସୁଖଦାୟକ ହେବ।ଯେପରି ଦୁଇଜଣ ଆତ୍ମୀୟ ହୃଦୟ ଖୋଲି କଥା ହୁଅନ୍ତି। ସେହିପରି ପ୍ରଭୁ ଆମ ହୃଦୟରେ ବିରାଜମାନ କରିଥାନ୍ତି। ଏହି ଅନୁଭବ ଆଣି ସମର୍ପିତ ହୋଇ ପ୍ରାର୍ଥନା କରିବା ଉଚିତ୍। ପ୍ରଭୁ ଆମର ପ୍ରତ୍ୟେକଟି ଶ୍ୱାସରେ ପ୍ରତିମୁହୂର୍ତ୍ତରେ ସାରା ବିଶ୍ୱରେ ଅହରହ ବିରାଜମାନ। କିନ୍ତୁ ଆମର ନିଷ୍କ୍ରିୟତା ଯୋଗୁଁ ହିଁ ଆମେ ତାଙ୍କର ଅନୁଭବ କରିପାରୁନାହୁଁ। ପ୍ରାଣ ଚେତନା ଓ ଭାବନାରେ ସେ ଆମ ଶକ୍ତିର ଉତ୍ସ। ପ୍ରଭୁ ହିଁ ଆମର ପରମ ମିତ୍ର। ତାଙ୍କ ସହିତ ହୃଦୟ ଖୋଲି କଥା ହେବା ଉଚିତ୍ ବିନା ସଂକୋଚରେ। ଶ୍ରଦ୍ଧାରହିତ ପୂଜା ଅପେକ୍ଷା ମୁକ୍ତ ହୃଦୟର ଭାବନାପୂର୍ଣ୍ଣ ପ୍ରାର୍ଥନା ହିଁ ଶ୍ରେଷ୍ଠ। ପ୍ରାର୍ଥନାର ପ୍ରଭାବ ସର୍ବଦା ଅତ୍ୟନ୍ତ ଭାବରେ ଆମ ଉପରେ ରହିଛି ଓ ରହିବ, ଯଦି ଏହାକୁ ବିଶ୍ୱାସର ସହିତ କରାଯାଏ।

ପ୍ରାର୍ଥନା ଉଚିତ ମାର୍ଗରେ ହେଲେ, ସତ୍ ଉଦ୍ଦେଶ୍ୟ ରଖିଥିଲେ ଖୁବ୍‌ଶୀଘ୍ର ଫଳସ୍ୱରୂପ ହୁଏ। ପ୍ରାର୍ଥନାକାରୀ ଯେତେ ସୂକ୍ଷ୍ମ ଓ ସଚ୍ଚୋଟ ତା'ର ପ୍ରାର୍ଥନା ସେହିଭଳି କାର୍ଯ୍ୟକ୍ଷମ ହୁଏ। ବେଳେବେଳେ ନିଜ ସ୍ୱାର୍ଥ ସାଧନ ପାଇଁ କରାଯାଇଥିବା ପ୍ରାର୍ଥନା ଗ୍ରହଣ ନ ହେଲେ ଆମେ ଦୁଃଖିତ ହେଉ ଏବଂ ଭଗବାନଙ୍କ ଉପରେ ବିଶ୍ୱାସ ହରାଉ। ହେଲେ ବାସ୍ତବରେ ତାହା ଥାଏ ପରୀକ୍ଷାର ସମୟ। ଈଶ୍ୱର ଆମର ଧୈର୍ଯ୍ୟର ପରୀକ୍ଷା କରୁଛନ୍ତି ମନେ କରି ଆମକୁ ତାଙ୍କ ପ୍ରତି ଗଭୀର ବିଶ୍ୱାସ ଓ ନିଷ୍ଠାରେ ପ୍ରାର୍ଥନା ଜାରି ରଖିବାକୁ ହେବ।

ପ୍ରତ୍ୟେକ ରୋଗୀ ପାଇଁ ପ୍ରାର୍ଥନା ଯେ କିଛିକଂଶରେ ପ୍ରଭାବ ପକାଏ, ତାହା ତାଙ୍କ ପରୀକ୍ଷା ନିରୀକ୍ଷାର ନିର୍ଯାସ। ବାସ୍ତବରେ ପ୍ରତ୍ୟେକ ରୋଗୀ ସୁସ୍ଥ ହେଲା ପରେ ଏହା ପରମେଶ୍ୱରଙ୍କ ଇଚ୍ଛା ବୋଲି ସ୍ୱୀକାର କରେ ଏବଂ ପ୍ରଭୁଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ କରେ, ତାଙ୍କ ପ୍ରତି ଧନ୍ୟବାଦ ଜଣାଏ। ସମସ୍ତଙ୍କର ବିଶ୍ୱାସ, ସାକାର ଓ ନିରାକାର କୌଣସି ଏକ ରୂପରେ ବିଶ୍ୱନିୟନ୍ତା କେହି ଜଣେ ଅଛି, ଯାହାଙ୍କ ଦ୍ୱାରା ଏ ସୃଷ୍ଟି ପରିଚାଳିତ। ସିଧାସଳଖ ଭାବରେ ନ ହେଲେ ବି ପରୋକ୍ଷ ଭାବରେ ଏ ବିଶ୍ୱାସ ସମସ୍ତଙ୍କ ଭିତରେ ରହିଛି। ମହାତ୍ମାଗାନ୍ଧୀ କହିଥିଲେ, "ପ୍ରାର୍ଥନା ମାଗିବା ନୁହେଁ, ଏହା ଆତ୍ମାର ଲାଳସା ଅଟେ। ପ୍ରାର୍ଥନାରେ ଶବ୍ଦ ବିନା ହୃଦୟରେ ହେବା, ଆଉ ହୃଦୟ ବିନା ଶବ୍ଦ ହେବାର ଉପେକ୍ଷା ଭଲ ଅଟେ। ପ୍ରାର୍ଥନାରେ ଅନବରତ ବୋହୁଥିବା ଅଶ୍ରୁ ହିଁ ସବୁଠୁ ପବିତ୍ର ପ୍ରାର୍ଥନାପତ୍ର ହୋଇଥାଏ।"

ଶ୍ରୀମାଙ୍କ ମତରେ, "ଧୈର୍ଯ୍ୟ ଓ ଅଧ୍ୟବସାୟ ଥିଲେ ସମସ୍ତ ପ୍ରାର୍ଥନା ପୂର୍ଣ୍ଣ ହୁଏ।"

ପ୍ରାର୍ଥନା ହେଉଛି, ଉପାସନା ଅଭିପ୍ରେତ ଭଗବତ୍ ସଙ୍ଗୀତ, ଯେଉଁ ଗୀତରେ ଭକ୍ତର ଦୟନୀୟ କାକୁସ୍ଥ ସ୍ୱଭାବ ପରିଦୃଷ୍ଟ ହୁଏ। ଏବଂ ଈଶ୍ୱରଙ୍କର ଗୁଣଗାନ ତଥା ଶ୍ରଦ୍ଧାପୂର୍ଣ୍ଣ ଆବେଦନ ଥାଏ। ନିଜର ଅସ୍ତିତ୍ୱ ଓ ମନୋକାମନାକୁ ପରମାତ୍ମାଙ୍କ ହାତରେ ସମର୍ପଣ କରିଦେବା ପରେ ଅନ୍ତଃକରଣରୁ ଯେଉଁ ଉଦ୍‌ଗାର ଉଛୁଳି ଉଠେ, ତାହା ହିଁ ପ୍ରାର୍ଥନା। ଆଧ୍ୟାତ୍ମିକ ଜୀବନ ସଙ୍ଗୀତକୁ ଏକା ଏକା ଉଦାସ ଚିତ୍ତରେ ଗାନ କରିବା ହେଉଛି ପ୍ରାର୍ଥନା।

ଭଗବାନଙ୍କ ନାମ ଗାନ କରିବା ଓ ପ୍ରାର୍ଥନା କରିବା ହେଉଛି ଜୀବନର ଦିବ୍ୟତ୍ୱ ଲାଭ। ଭକ୍ତକବି ମଧୁସୂଦନ ରାଓ "ପ୍ରାର୍ଥନାକୁ ଈଶ୍ୱରଙ୍କ ପ୍ରତି ବ୍ୟାକୁଳତା ବୋଲି କହିଛନ୍ତି।" ପ୍ରାର୍ଥନାରେ ଥାଏ ବାସ୍ତବତା, ଥାଏ ଆକୁଳତା ଧର୍ମ ବିଶ୍ୱାସ ଓ ଜୀବ ପରମର ସଂପର୍କ।

ଭଗବତ ଇଛାର ହୋଇଯିବା ଏବଂ ଭଗବାନଙ୍କ ପାଦରେ ପୁରା ଆତ୍ମ ସମର୍ପଣ କରିଦେବାର ପଥ ଦର୍ଶାଏ ପ୍ରାର୍ଥନା।

ପ୍ରାର୍ଥନାର ସ୍ୱର ମୂର୍ଚ୍ଛନା ଭାବମୟ ଓ ମର୍ମସ୍ପର୍ଶୀ। ଏଥିରେ ବିଶ୍ୱସ୍ରଷ୍ଟାଙ୍କ ପ୍ରତି ଭକ୍ତର ଏକାନ୍ତିକ ଆତ୍ମ ସମର୍ପଣ ପୂର୍ବକ ଭକ୍ତିଭାବ ପ୍ରକାଶ ପାଇଥାଏ। ମସ୍ତିଷ୍କ ପ୍ରଭାବ ଯେତେ ଉତ୍ତେଜିତ ଅବସ୍ଥାରେ ଥିଲେ ମଧ ଶାନ୍ତ କରିବାର ଉପାୟ ହେଉଛି ପ୍ରାର୍ଥନା। ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରାର୍ଥନା ତଥା ପ୍ରାର୍ଥନାମୟ ପରିବେଶ ଓ ମନ୍ତ୍ର ଉଚ୍ଚାରଣ ପଦ୍ଧତି ପ୍ରତ୍ୟେକଙ୍କୁ ପ୍ରଭାବିତ କରେ। ପ୍ରାର୍ଥନା ସେତେବେଳେ ଆହୁରି ପ୍ରଭାବଶାଳୀ ହୁଏ, ଯେତେବେଳେ ତାହା ଅନ୍ୟ ପାଇଁ କରାଯାଏ। କିନ୍ତୁ ବେଳେବେଳେ ଆମେ ଆମ ହୀନ ବୁଦ୍ଧିରେ ଏ ସବୁକୁ ଗ୍ରହଣ କରିପାରୁ ନଥିବା ବେଳେ କେବେକେବେ ଏହାକୁ ଅତିମାତ୍ରାରେ ବି ଭିନ୍ନ ଢ଼ଙ୍ଗରେ ଗ୍ରହଣ କରିନେଉ।

ପ୍ରକୃତ ସାଦନା ଯେତେବେଳେ ଦୃଢ଼ ହୁଏ, ସେତେବେଳେ ତାହା ସଂକଳ୍ପ ହୋଇଯାଏ। ସଂକଳ୍ପ ହିଁ ମଣିଷକୁ ଦିବ୍ୟତା ପ୍ରଦାନ କରେ। ପ୍ରାର୍ଥନା ଏକ ନିରବିଛିନ୍ନ ପ୍ରକ୍ରିୟା। ଏହା ବ୍ୟକ୍ତିର ପ୍ରାଥମିକ ସ୍ଥିତିକୁ ସବୁବେଳେ ପାଇଁ ଉଚ୍ଚ ଆଡ଼କୁ ନେଇଯାଏ। ଏଣୁ ପ୍ରାର୍ଥନା ସଦା ସମସ୍ତଙ୍କ ପାଇଁ ଉପଯୋଗୀ ସିଦ୍ଧ ହୋଇଥାଏ।

ଭକ୍ତିର ଶୀର୍ଷରେ ପହଞ୍ଚିବା ପରେ ହିଁ ପ୍ରାର୍ଥନା ନିଃସୃତ ହୋଇଥାଏ। ପ୍ରାର୍ଥନାପୂର୍ଣ୍ଣ ହୃଦୟ ହିଁ ସବୁଠାରୁ ସୁନ୍ଦର, ମହନୀୟ ଏବଂ ଶ୍ରେଷ୍ଠ ନୈବେଦ୍ୟ। ପ୍ରାର୍ଥନା ଶିଶୁ ତଥା ଛାତ୍ରଛାତ୍ରୀଙ୍କର ସାଧନାର ଏକ ଅଙ୍ଗ। ପ୍ରାର୍ଥନା ଶିଶୁ କଣ୍ଠରେ ସଜୀବତା ଲାଭ କରେ, କାରଣ ଶିଶୁମନ ସ୍ୱଭାବତଃ ନିର୍ମଳ। ପ୍ରାର୍ଥନା ମନକୁ ଶାନ୍ତି ଦିଏ। ମନରେ ଭକ୍ତିଭାବ ଜାଗ୍ରତ କରାଏ।

ଲୋକମାନେ ପ୍ରାର୍ଥନା କରନ୍ତି ସତ, ହେଲେ ଏହି ପ୍ରାର୍ଥନାରେ ପରମାତ୍ମାଙ୍କ ସହ କିଛି ସମ୍ବନ୍ଧ ଥାଏ କି ? କିଏ ମାଗିଲାଣି ମୋର ପୁଅଟିଏ ନାହିଁ। କିଏ ମାଗିଲାଣି ମୁଁ ଗରିବ ମୋତେ ଧନ ମିଳିଯାଉ। ତେଣୁ ତୁମେ ମନ୍ଦିର ଯାଉଛ ପରମାତ୍ମାଙ୍କୁ ତୁମ ସେବାରେ ଲଗାଇବା ପାଇଁ । ପରମାତ୍ମାଙ୍କର ସେବା କରିବା ପାଇଁ ନୁହଁ। ତୁମେ ପରମାତ୍ମାଙ୍କ ନିଜର ନୌକର ଚାକର କରିଦେବା ପାଇଁ ଚାହୁଁଛ। କିନ୍ତୁ ପରମାତ୍ମାଙ୍କୁ ତୁମେ କେବେ ବି ଧନ୍ୟବାଦ ଜଣାଇବାକୁ କୃତଜ୍ଞତା ଜଣାଇବାକୁ ଯାଅନି। ଲୋକେ ମନ୍ଦିରକୁ ମସଜିଦ୍ ଓ ଗୁରୁଦ୍ୱାରକୁ ଯାଇଥାନ୍ତି, ପ୍ରାର୍ଥନା କରି କିଛି ମାଗିବାକୁ। ପ୍ରକୃତ ମଣିଷ ମନ୍ଦିର, ମସଜିଦ୍‌କୁ ଯାଏ ନାହିଁ। ଯାହାର ପ୍ରାର୍ଥନା କରିବାକୁ ଅଛି, ସେ ଯେଉଁଠାରେ ଚାହିଁବ ସେଠାରେ କରିନେବ। ପ୍ରତ୍ୟେକ ସ୍ଥାନରେ ପରମାତ୍ମା ଅଛନ୍ତି। ଅଧିକାଂଶ ଭକ୍ତ ଧୋକା ଦେଉଛି ନିଜକୁ। ଯେଉଁଠାରେ ତୁମେ ପରମାତ୍ମାଙ୍କ ଉଦ୍ଦଶ୍ୟରେ ହାତ ଯୋଡ଼ିବ, ସେହିଠାରେ ତୁମ ପାଇଁ ମନ୍ଦିରର ଦ୍ୱାର ଖୋଲିଯିବ। ଈଶ୍ୱରଙ୍କ ସହ ସଂପର୍କର ସେତୁ ତିଆରି ହୋଇଯିବ।

ପ୍ରାର୍ଥନାରେ ଜୀବନ ସୁଖମୟ ହୁଏ। ପରିବେଶ ମଧୁମୟ ହୁଏ, ଦୁଃଖ କଷ୍ଟରୁ ଉପଶମ ମିଳେ। ବିନୟ ସ୍ୱଭାବ ଓ ସତ୍ ସଂକଳ୍ପ ଉଦୟ ହୁଏ, ଭକ୍ତି ଜନ୍ମେ। ଭକ୍ତି ଭାବ ଶକ୍ତି ଓ ପ୍ରେରଣା ଯୋଗାଏ। ଏହି ଭାବ ପରମାତ୍ମାଙ୍କ ସହ ଭେଟ କରାଏ, ବିଶ୍ୱାସ ବଢ଼ାଏ। ଶାନ୍ତି, ଭକ୍ତି,ଦୟା, କ୍ଷମା, ବିନୟ ସ୍ୱଭାବ ଓ ସଦ୍‌ଭାବ ପ୍ରାର୍ଥନାରୁ ଶିଖାଯାଏ। ପ୍ରାର୍ଥନା ଗାଇଲେ ଅଶେଷ ଆନନ୍ଦ, ସନ୍ତୋଷ ଓ ସଫଳତା ମିଳେ। ସବୁ ଯୁଗରେ ସବୁ ଭାଷାରେ ସମସ୍ତ ଭକ୍ତ ଭକ୍ତିରେ ଭକ୍ତ ବତ୍ସଳଙ୍କ ନିକଟରେ ପ୍ରାର୍ଥନା କରିଥାନ୍ତି।

ଭକ୍ତ କବି ଜଗନ୍ନାଥ ଦାସଙ୍କ ଅମର କୃତି ଭାଗବତ ହେଉଛି ଓଡ଼ିଆ ଜାତିର ଗର୍ବ ଓ ଗୌରବ।

ଭାଗବତ ଟୁଙ୍ଗିରେ ଦୈନିକ ଯେଉଁ ଭାଗବତ ଅଧ୍ୟୟନ ହୁଏ, ତାହା ଏହି ପର୍ଯ୍ୟାୟର ପ୍ରାର୍ଥନା। ଅରକ୍ଷିତ ଦାସଙ୍କର 'ଆହେ ମଙ୍ଗଳ କରତା' ପ୍ରାର୍ଥନା ସର୍ବ ମଙ୍ଗଳର ଉଦ୍‌ଘୋଷଣ କରେ। ଭକ୍ତ କବି ମଧୁସୂଦନ ରାଓଙ୍କ ପ୍ରାର୍ଥନା ସମୂହ ଗଭୀର ଭକ୍ତି ଭାବର ପ୍ରଦର୍ଶନ। ତାଙ୍କର 'ଜୀବନ ଚିନ୍ତା', 'କି ସୁନ୍ଦର ଆହା', 'ଅଖିଳ ବ୍ରହ୍ମାଣ୍ଡ ପତି', 'ଯାହା ମୁଁ କରଇ', 'ଧନ୍ୟ ଧନ୍ୟ ମହାପ୍ରଭୁ' ପ୍ରାର୍ଥନାମାନ ଉଚ୍ଚମାନର। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ 'ଅମୃତମୟ', 'ମଧୁମୟ', 'ଭକ୍ତି' ଓ 'ବିଶ୍ୱ ଜୀବନ ହେ' ଲୋକମାନଙ୍କ ହୃଦୟକୁ ସ୍ପର୍ଶ କରେ। ପଲ୍ଲୀକବି ନନ୍ଦକିଶୋର ବଳଙ୍କ 'ମୋ ଦେବତା' ହେଉଛି, ଏକ ନିଛକ ବୌଦ୍ଧିକ ପ୍ରାର୍ଥନା।

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ 'ଜୟ ଜଗଦୀଶ ହରେ' ପ୍ରାର୍ଥନା ଚମତ୍କାର। ଜାତୀୟ କବି ବୀର କିଶୋର ଦାସଙ୍କ 'ହେ ମହାପ୍ରଭୁ ଭାବଗ୍ରାହୀ' ହେଉଛି ଏକ ଭିନ୍ନ ସ୍ୱାଦର ପ୍ରାର୍ଥନା।

ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ 'ଲୟ ରଖି ମନ ତୁମରି ପୟରେ' ପ୍ରାର୍ଥନାରେ ଅଛି ଏକ ଗଭୀର ଅନୁରକ୍ତି ଓ ଭାବବିହ୍ୱଳ ଭକ୍ତିର ନିଦର୍ଶନ। କବି କାଳିନ୍ଦିଚରଣ ପାଣିଗ୍ରାହୀଙ୍କର ଜନାଦୃତ ପ୍ରାର୍ଥନା ହେଉଛି 'କେଉଁ ନାମ ଧରି ଡାକିବି ତୁମକୁ'।

ବଂଗୀୟ କବି ଶରତ ଚନ୍ଦ୍ର ଚକ୍ରବର୍ତ୍ତୀଙ୍କର ସୁପ୍ରସିଦ୍ଧ ପ୍ରାର୍ଥନା 'ଭବ ତାରଣ କାରଣ ହେ' ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଖୁବ୍ ଆନନ୍ଦ ଓ ଭକ୍ତିର ସହ ଗାନ କରାଯାଏ।

ସାଂସାରିକ ସୁଖ ସମ୍ପଦ, ଧନଜନ, ରୋଗବ୍ୟାଧିରୁ ମୁକ୍ତି, ମୃତ୍ୟୁରୁ ନିବୃତ୍ତି ବ୍ୟକ୍ତିଗତ ପ୍ରାର୍ଥନା ହେଉଛି, ତୃତୀୟ ପର୍ଯ୍ୟାୟର ପ୍ରାର୍ଥନା। ବନମାଳୀ ଦାସଙ୍କର ପ୍ରାର୍ଥନା 'ଧନ ମାଗୁନାହିଁ ଜନ ମାଗୁ ନାହିଁ' ହେଉଛି ଉଚ୍ଚ ଭାବଦ୍ୟୋତକ। ମାଧବୀ ଦାସୀଙ୍କର 'ଚକାନୟନ ହେ' ଭକ୍ତ କବି ସାଲବେଗଙ୍କର 'ମୋତେ ସେହି ରୂପ ଦେଖାଅ ହରି', 'ଆହେ ନୀଳ ଶଇଳ' ପ୍ରାର୍ଥନା ସମୂହ ଆତ୍ମନିବେଦନ ପୂର୍ଣ୍ଣ। ସନ୍ଥ କବି ଭୀମଭୋଇଙ୍କର

'ସ୍ମୃତି ଚିନ୍ତାମଣି' ହେଉଛି ଏକ ସମାହାର ଗ୍ରନ୍ଥ। 'ମୋ ଜୀବନ ପଛେ ନର୍କେ ପଡିଥାଉ' 'କେତେ ସହିଥିବି ମୁହିଁ' ପ୍ରାର୍ଥନା ଦୁଇ ଅନାବିଳ ପ୍ରେମର ସଂଦେଶ ବହନ କରେ। ବ୍ୟାସ କବି ଫକୀର ମୋହନ ସେନାପତିଙ୍କର ପ୍ରାର୍ଥନା 'ଦୀନ ପ୍ରତି ଦୟାକର' ଏକ ଉଚ୍ଚମାନର ପ୍ରାର୍ଥନା। ଶିଶୁ ସାହିତ୍ୟିକ ଉପେନ୍ଦ୍ର ତ୍ରିପାଠୀଙ୍କ 'ମୋ ପଥ ହେଉ ସତ୍ୟପଥ' ଏବଂ 'ସତ କହି ହେଉ ସୁଖୀ' ପ୍ରାର୍ଥନା ଦ୍ୱୟ ସତ୍ୟର ଉଦ୍‌ଘୋଷଣା କରେ। ରାମକୃଷ୍ଣ ନନ୍ଦଙ୍କ ସରଳ ଓ ଛନ୍ଦମୟ ପ୍ରାର୍ଥନା ହେଉଛି 'ଆହେ ଦୟାମୟ ବିଶ୍ୱ ବିହାରୀ' ଲୋକନାଥ ନନ୍ଦଙ୍କର ପ୍ରାର୍ଥନା 'ନିତି କେତେ ଖୋଜେ ତୁମକୁ' ଶିଶୁ ପ୍ରାଣକୁ ଛୁଇଁଯାଏ। ଅନେକ ପ୍ରାର୍ଥନାରେ ପ୍ରଭୁଙ୍କ ନିକଟରେ ଭକ୍ତର ଅଳି ଭାବେ ଗାଳିର ହିଁ ଆତ୍ମପ୍ରକାଶ ହୁଏ। ସେହି ଗାଳିରେ ଥାଏ ଅଜସ୍ର ଆପଣାର ଭାବ, ଭକ୍ତି, ପ୍ରେମ ଓ ଭଲ ପାଇବା, ନିର୍ଭୀକତା ମଧ୍ୟରେ ଥାଏ ଆଧ୍ୟାତ୍ମିକ ଅନୁଭବ, ରୁକ୍ଷ ଆଚରଣ ମଧ୍ୟରେ ଥାଏ ସର୍ମପଣ ଭାବ କବିସୂର୍ଯ୍ୟ ବଳଦେବ ରଥଙ୍କ 'ସର୍ପ ଜଣାଣ' ଏବଂ ଲକ୍ଷୀକାନ୍ତ ମହାପାତ୍ରଙ୍କ ଜୀବନ ସଂଗୀତ ଅନ୍ତର୍ଗତ 'ସବୁଥିରୁ ବଂଚିତ କରି' ପ୍ରାର୍ଥନା ଏହି ପର୍ଯ୍ୟାୟର। ଉଦାର ହୃଦୟ ଭଗବାନ ଶତ୍ରୁ ରୂପରେ ଉଭା ହୋଇଥିବା ରାବଣ, ପୁତନା, କଂସ ବା ଶିଶୁପାଳକୁ ମୋକ୍ଷଗତି ଦେଲେ ସେ କ'ଣ ଆମଭଳି ସଦ୍‌ଗୁରୁ ବିହୀନ, ମୂଢ଼, ସଦା, ପରାଧୀମାନଙ୍କୁ ମୋକ୍ଷ ନଦେଲେ ନାହିଁ, ଅନ୍ତତଃ କ୍ଷମା ଦେବେନି। ନିଶ୍ଚୟ ଦେବେ, ଦେଉଛନ୍ତି ମଧ୍ୟ। ନଚେତ ଆମର ସ୍ଥିତି ଅଛି କେମିତି ? ନିଜକୁ ଦୂରେଇ ରଖିବାର ଏକମାତ୍ର ବାଟ ହେଉଛି ପ୍ରାର୍ଥନା କରିବା। ମାନସିକ ଅଶାନ୍ତି ବଢ଼ିଲେ, ଜଣେ ବ୍ୟକ୍ତି ଯଦି କିଛି ସମୟ ଶାନ୍ତ ମନରେ ବସି ପ୍ରାର୍ଥନା କରିବ, ତେବେ ତା'ର ସୁଫଳ ମିଳେ। ମନରେ ଶାନ୍ତି ଆଣିବା ସହ ଚଳଚଂଚଳ କରେ ନୀରବ ପ୍ରାର୍ଥନା। ମନର ମନ୍ଦ ସଂସ୍କାରକୁ ଦୂରକରି ତା' ସ୍ଥାନରେ ଶୁଭ ସଂସ୍କାର ସୃଷ୍ଟି କରିବାକୁ ହେବ। ଯେତେଦିନ ପର୍ଯ୍ୟନ୍ତ ସକଳ ମନ୍ଦଭାବ ଅନ୍ତର୍ହିତ ବା ନିୟନ୍ତ୍ରିତ ନହୁଏ। ସେତେଦିନ ଯାଏ ଚେଷ୍ଟା କରିବାକୁ ହେବ। ଏହା କେବଳ ପ୍ରାର୍ଥନା ଦ୍ୱାରା ସମ୍ଭବ। ପ୍ରାର୍ଥନା ମନୁଷ୍ୟ ମଧ୍ୟରେ ଅମାପ ଶକ୍ତି ଓ ଆତ୍ମ ବିଶ୍ୱାସ ଦିଏ। ଯାହା ଫଳରେ ମନୁଷ୍ୟ ସମସ୍ତ ପ୍ରକାର ବାଧାବିଘ୍ନକୁ ଅତିକ୍ରମ କରିପାରେ।

ଏ ସଚରାଚର ସୃଷ୍ଟି ପ୍ରାର୍ଥନାରୁ ଆରମ୍ଭ ହୋଇଛି। ଭାଗବତରେ ଲେଖାଅଛି 'ନହେଲେ ତୋହର କରୁଣା, ବ୍ରହ୍ମା ଶଙ୍କର ହ୍ନନ୍ତି ବଣା'।

ପ୍ରାର୍ଥନା ଆମର ସହଜାତ ପ୍ରବୃତ୍ତି। ପ୍ରାର୍ଥନାରୁ ମନୁଷ୍ୟର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ହୋଇଥାଏ।

ପ୍ରାର୍ଥନା ହେଉଛି, ଆମ ଭାବର ଡାକ, ଭଗବାନଙ୍କ ପାଇଁ। ପ୍ରାର୍ଥନା ହେଉଛି ଏକ ଲୟବଦ୍ଧତା, ଯାହା ଆମ ଭିତରେ ଘଟିଥାଏ। ପ୍ରାର୍ଥନା ଆମ ହୃଦୟର ଅଭିବ୍ୟକ୍ତି, ଯାହା କୌଣସି ପ୍ରକାର ତର୍କ ଓ ଭାଷାର ଉର୍ଦ୍ଧ୍ୱରେ। ପ୍ରାର୍ଥନା ଏପରି ଏକ ଦିବ୍ୟ ଔଷଧ, ଯାହା ଆମର ଅନ୍ତରିକ କ୍ଷତି ଉପରେ ମଲମ ଲଗାଇ ଥାଏ। ଯାହା ଆମକୁ ସୁଖ, ଶାନ୍ତି ଓ ସଂତୋଷ ଦେଇଥାଏ। ପ୍ରାର୍ଥନାରେ ଆମେ କୃତକୃତ୍ୟ ହୋଇଥାଉ, କୃତାର୍ଥ ହୋଇଥାଉ, କୃତଜ୍ଞ ହୋଇଥାଉ। ଭକ୍ତ ଓ ଭଗବାନଙ୍କ ମିଳନ ହେଉଛି- ପ୍ରାର୍ଥନା।

ମହର୍ଷି ଅରବିନ୍ଦ କହିଛନ୍ତି – Everything is possible, if god's touch is there. ଅର୍ଥାତ୍ ଭଗବାନଙ୍କ ସଂସ୍ପର୍ଷରେ ସବୁ ଜିନିଷ ସମ୍ଭବ। ପ୍ରାର୍ଥନା ଡାକିବା କ୍ଷଣରେ ଭଗବାନଙ୍କ ସଂସର୍ଗ ମିଳିଥାଏ। ଅସମ୍ଭବ ସମ୍ଭବ ହୋଇଥାଏ। ଶ୍ରୀମଦ ଭଗବତ ଗୀତା ଅନୁସାରେ ଆର୍ତ୍ତ, ଅର୍ଥାର୍ଥୀ, ଜିଜ୍ଞାସୁ ଓ ଜ୍ଞାନୀ ଏ ଚାରି ପ୍ରକାର ବ୍ୟକ୍ତି ପ୍ରାର୍ଥନା କରିଥାନ୍ତି। ପ୍ରାର୍ଥନାରେ ଗଣିତର ସମୀକରଣ ନାହିଁ। ପ୍ରାର୍ଥନାରେ ବୁଦ୍ଧିର ତର୍କ, ବିଚାର ଓ ବିଶ୍ଲେଷଣର ବିଧାନ ନାହିଁ। ପ୍ରାର୍ଥନାରେ ହୃଦୟର ଡାକ ରହିଛି। ହୃଦୟର ଦ୍ୱାର ଦେଇ, ପ୍ରେମର ଦ୍ୱାର ଦେଇ ଆମେ ପରମାତ୍ମାଙ୍କ ପାଖରେ ପ୍ରବେଶ କରିଥାଉ। ପ୍ରାର୍ଥନାରେ ଶ୍ରଦ୍ଧାର ପରିପୂର୍ଣ୍ଣତା ଅଛି। ଶାସ୍ତ୍ର କହିଥାଏ – ଶ୍ରଦ୍ଧୟା ସତ୍ୟ ମାପ୍ୟତେ।

ଶ୍ରଦ୍ଧାରୁ ସତ୍ୟପ୍ରାପ୍ତ ହୋଇଥାଏ ଏବଂ ପ୍ରାର୍ଥନା ମାଧ୍ୟମରେ ଆମେ ସତ୍ୟ ସ୍ୱରୂପ ପରମାତ୍ମାଙ୍କ ଆଡକୁ ଅଗ୍ରସର ହୋଇଥାଉ।

ପ୍ରାର୍ଥନାର ଅନ୍ତଃସ୍ୱର ହେଉଛି ନିର୍ମଳ ମନରେ ଭକ୍ତିକୁ ଗ୍ରହଣ କରି ପ୍ରଭୁଙ୍କ ନିକଟରେ ସମର୍ପିତ ହେବା। ପ୍ରାର୍ଥନା ଅହିଂସା, ସତ୍ୟ, ପବିତ୍ରତା, ନମ୍ରତା, ଉଦାରତା, ସହନଶୀଳତା ଆଦି ସୁଗୁଣ ପ୍ରାପ୍ତି ପାଇଁ ପଥ ଦେଖାଏ। ଆମର ଅସ୍ତିତ୍ୱ ଈଶ୍ୱରୀୟ କୃପାଲାଭ ନିମିତ୍ତ ଏବଂ ନିର୍ମଳ ନିଷ୍କପଟ ହୃଦୟରୁ ଈଶ୍ୱରଙ୍କ ଚରଣରେ ପୂର୍ଣ୍ଣ ସର୍ମପଣ ଭାବ ପ୍ରକଟ ହିଁ ପ୍ରାର୍ଥନାର ପାଥେୟ। ଭଗବାନଙ୍କୁ ଅନୁଭବ କରିବାକୁ, ପ୍ରାର୍ଥନା ହେଉଛି ଏକ ଅନୁପମ ଉପହାର, ତାଙ୍କୁ ଅର୍ପଣ କରାଯାଉଥିବା ସବୁଭାବ ନୈବେଦ୍ୟ ମଧ୍ୟରୁ ପ୍ରାର୍ଥନା ହିଁ ସର୍ବୋତ୍ତମ ସମର୍ପଣ ଭାବ।

ଆମର ଆବଶ୍ୟକତା କମିବାର ନାହିଁ ଏବଂ ଏହା ଅନନ୍ତ ବା ସୀମାହୀନ। ଦୁଃଖ ହିଁ ଆମର କୋଟି କୋଟି ଜନ୍ମର ପ୍ରାରବ୍ଧକୁ କମାଇ ଚାଲିଛି। ତେଣୁ ଅର୍ଥ, କ୍ଷମତା ଓ ସେଇଭଳି ଜିନିଷ ପାଇଁ ପ୍ରାର୍ଥନା ନକରି ଦୁଃଖ ସହିବାକୁ ଶକ୍ତି ପାଇଁ ଏବଂ ଐଶ୍ୱରିକ ଜ୍ଞାନ ପାଇଁ ପ୍ରାର୍ଥନା କରିବା ଉଚିତ। ସାଂସାରିକ ବସ୍ତୁର କାମନା ପାଇଁ ପ୍ରାର୍ଥନା କରିବା ନିଜ ଭିତରେ ଈଶ୍ୱରୀୟ ତତ୍ତ୍ୱର ଅପମାନ ଅଟେ। କଷ୍ଟ ଅଧିକ ହେଲେ ସହିବାର ଶକ୍ତି ମାଗିବା ଦରକାର ନା ଭୌତିକ ସୁଖର ଲାଭ ପାଇଁ ବିଳାପ କରିବା ! କ୍ଷୁଦ୍ରର ବିରାଟ ସହିତ ମିଳନ ହେଉ, ପ୍ରାର୍ଥନା ମନୁଷ୍ୟକୁ ତାହାର ସେହି ଅନ୍ତିମ ଲକ୍ଷ୍ୟରେ ମିଶେଇ ଦେବା ପାଇଁ ଜରୁରୀ ଅଟେ। ତାହା ହିଁ ପ୍ରକୃତ ପ୍ରାର୍ଥନାର ପରିଭାଷା।

ପ୍ରାର୍ଥନାରୁ ସୃଷ୍ଟି ପ୍ରାର୍ଥନାରେ ସ୍ଥିତି
ଏ ସୃଷ୍ଟି ପ୍ରାର୍ଥନାମୟ ହେଉ
ଆସ ଆମେ ସର୍ବେ ପ୍ରାର୍ଥନା କରିବା
ହେବ ଆମ ସଭିଙ୍କର ଜୟ ହେ।

*ନୂଆପାଟଣା, ରାସୋଳ*




# ବାବା ଆସୁଛନ୍ତି

କାର୍ତ୍ତିକ ଚନ୍ଦ୍ର ବାରିକ

ଓଡ଼ିଶାର ଭୌଗଳିକ ମାନଚିତ୍ରରେ କେନ୍ଦ୍ରସ୍ଥଳ ବୋଲି ବିବେଚିତ ହେଉଥିବା ଅନୁଗୁଳ ସଦର ମହକୁମା ଏକ ମଧ୍ୟମ ଶ୍ରେଣୀର ସହର। ଏହାକୁ ଦ୍ୱିଧା ବିଭକ୍ତ କରିଛି ପଞ୍ଚାବନ ନମ୍ବର ଜାତୀୟ ରାଜପଥ।

ସହରର ଉତ୍ତର ପ୍ରାନ୍ତରେ ବାହାରିଥିବା ସୀମା ନିର୍ଦ୍ଧାରଣ କରୁଛି ଢ଼େରଦାଙ୍ଗ ଜଳଭଣ୍ଡାରରୁ ବାହାରିଥିବା କେନାଲ। ଏହି ଜଳପ୍ରବାହୀ କେନାଲର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗଢ଼ିଉଠିଛି ଜନବସତି। ଜନବସତି ଗୁଡ଼ିକୁ ବାଦ ଦେଲେ ରହିଛି ବିସ୍ତୃତ ବିଲମାଳ।

ଜନବସତିରେ ଧାଡ଼ିକିଧାଡ଼ି ଅନେକ ଘର। ସବୁ ଘର ଗୁଡ଼ିକ ଏକାପରି ନୁହଁ। ବିଭିନ୍ନ କିସମର। କିଛି କୋଠାଘର ତ କିଛି ନଡ଼ା ଛପର କିମ୍ବା ନୀଚା ନୀଚା ଖପରଲି ଛାଉଣି ଘର। ଏହି ଘର ଗୁଡ଼ିକ ସୂଚିତ କରନ୍ତି ଗୃହକର୍ତ୍ତାଙ୍କ ଆର୍ଥିକ ସ୍ୱଚ୍ଛଳତା।

ଏଇମିତି ଏକ ଖପରଲି ଛାଉଣି ଘରେ ରୁହନ୍ତି କୁଶଧ୍ୱଜର ପରିବାର। ବାପା ନାକଫୋଡି ଓ ମା'ନିଶାମଣି। ତନି ଜଣକୁ ନେଇ ଏକ ଛୋଟ ପରିବାର।

ସେତେବେଳକୁ ରାତି ପାହି ସାରିଥିଲା।

ଅଜ୍ଞାତବାସରେ ଗତ ରାତ୍ରିର ବହଳ ଅନ୍ଧକାର। ଶିଶିରସ୍ନାତ ନତୋନ୍ନତ ମାଟି ବକ୍ଷରେ ଆଦ୍ୟ ସକାଳର ନରମ ଖରା।

କୁଶଧ୍ୱଜ ଶୋଇ ରହିଥିଲା ବିଛଣା ଉପରେ। ଯଦିଚ ନିଦ ଭାଙ୍ଗି ଯାଇଥିଲା, ତଥାପି ଦୂର ହୋଇନଥିଲା ନିଦ୍ରାଳସ। ତା'ର ଇଚ୍ଛା ହେଉଥିଲା ଆଉ ପ୍ରସ୍ତେ ଶୋଇବାକୁ।

ଏଇମିତି ଚେଇଁ ଶୋଇବା ତା'ର ନିତିଦିନିଆ ଅଭ୍ୟାସ। ନିଦ ଭାଙ୍ଗିବା ପରେ ଶେଜ ଉପରେ ପଡ଼ିରହେ।। ଅନାବନା ଭାବନାରେ ମଗ୍ନ ହୋଇଥାଏ ତା'ର ଯୁବପ୍ରାଣ। ସ୍ୱପ୍ନ ବିଭୋର ହୁଏ। ଅଭାବ ଅନଟନ ଭିତରେ ଯେନତେନ ପ୍ରକାରେ ଚଳିଯାଉଥିବା ପରିବାରର ସଦସ୍ୟ ହୋଇ ମଧ୍ୟ, ତା'ର ଯୁବାମନ ଭିତରେ ପୁଞ୍ଜା ପୁଞ୍ଜା ରଙ୍ଗୀନ ସ୍ୱପ୍ନ ପ୍ରାଚୁର୍ଯ୍ୟଭରା ଏକ ସୁନ୍ଦର ସୁଖମୟ ଭବିଷ୍ୟତକୁ ନେଇ।

ସ୍ୱପ୍ନ ଦେଖିବାଟା ପ୍ରତ୍ୟେକଟି ବ୍ୟକ୍ତିର ଏକ ମୌଳିକ ଅଧିକାର। ସେ ଭାବେ ପ୍ରଚୁର ଅର୍ଥ ରୋଜଗାର କରି କିଛି ଲୋକ ଆରାମପ୍ରଦ ବିଳାସପୂର୍ଣ୍ଣ ଜୀବନ ବିତାଉଛନ୍ତି।

ଅଥଚ ..... ସେ !

ତା' ଉପରେ ଅର୍ଥାଭାବର ଚାପ; ସମସ୍ୟା ଜର୍ଜରିତ ହୁଏ ଜୀବନ। ସେ ଚାହୁଁଥିଲା ନିତ୍ୟ ନମୈତିକ ଜୀବନ ଧାରାରେ କିଛିଟା ପରିବର୍ତ୍ତନ ତା'ର ଆର୍ଥିକ ଅସ୍ୱଚ୍ଛଳତାର ନିରାକରଣ ପାଇଁ ସେ ଖୋଜେ ଉପାୟ କିନ୍ତୁ ପାଏ ନାହିଁ। ମନରେ ଭାବେ ବୋଧହୁଏ ତାର ନିର୍ଦ୍ଧନତା ତା'ର ଭାଗ୍ୟର ଲିଖନ। ଭାଗ୍ୟ ନ ବଦଳିଲେ, ତା'ର ଅବସ୍ଥା ସୁଧୁରିବ ନାହିଁ। ତା'ର ଭାଗ୍ୟ ଓ ଭବିଷ୍ୟ ତ ବିଧି ନିର୍ଦ୍ଧାରିତ ତା' ହାତରେ ନାହିଁ। ଈଶ୍ୱର କିମ୍ବା ଐଶ ଶକ୍ତି ସଂମ୍ପନ୍ନ ବ୍ୟକ୍ତି ହିଁ ବଦଳେଇବେ ତା'ର ଭାଗ୍ୟ।

ସ୍ମୃତି ଚାରଣରେ ଆସେ ପିଲାବେଳର କଥା। ଏକମାତ୍ର ସନ୍ତାନ ହୋଇଥିବାରୁ ଗେଲବସରରେ ବଢ଼ିଥିଲା। ତା'ର ସୁନ୍ଦର ଭବିଷ୍ୟତ ଓ ନୀରୋଗ ଜୀବନ ପାଇଁ ଉଭୟ ବାପା ମା' ଥିଲେ ଯତ୍ନବାନ। ଦେହ ଖରାପ ହେଲେ ବାପା ନେଇଥିଲେ ଡ଼ାକ୍ତରଙ୍କ ପାଖକୁ ଓ ମା' କରୁଥିଲା ଠାକୁରଙ୍କ ପାଖେ ଯାଚନା।

ପାଠ ପଢ଼ାରେ ସେ ନିପୁଣ ନଥିଲା। ସାଧାରଣ ଛାତ୍ର। ଯେନତେନ ପ୍ରକାରେଣ ମ୍ୟାଟ୍ରିକ ପାଶ କଲା।

ବାପା ନାମଫୋଡ଼ିର ସ୍ୱାସ୍ଥ୍ୟ ଅବସ୍ଥା ମଝିରେ ମଝିରେ ବିଗିଡ଼ି ଯାଏ। ଚାଷବାସରେ ଏତେଟା ସକ୍ରିୟ ହୋଇପାରେନା। ତେଣୁ କୁଶ ହିଁ ଏକମାତ୍ର ଭରସା। ଅଗତ୍ୟା କୁଶ ଘରେ ରହି ବାପାକୁ ଚାଷବାସରେ ସାହାଯ୍ୟ କରେ।

ଏଇମିତି ଦୁଇତିନିବର୍ଷ ବିତିଗଲା। ଚାଷରେ ମନ ଲାଗୁନଥାଏ। ଚାକିରିଟିଏ କରିବାର ନିଶା ତା'ମନରେ ବସା ବାନ୍ଧିଥାଏ। ଫୁରସତ୍ ପାଇଲେ ସାଇକେଲ ଧରି ସହର ଭିତରେ ଦୁଇଚାରି ଥର ବୁଲି ଆସିଲେ ମନ ବୁଝିଯାଏ। ତା'ର ନିର୍ବେଦଗ୍ରସ୍ତ ଆବେଷ୍ଟନୀ ହୁଏ ଚଳଚଞ୍ଚଳ।

ସହରର କେନ୍ଦ୍ରସ୍ଥଳରେ ରାଜରାସ୍ତାର ପାର୍ଶ୍ୱସ୍ଥ ଚା ଦୋକାନରେ କୁଶଧ୍ୱଜ ବସାଉଠା କରେ। ବିଶେଷ କରି ଉତ୍ତୀର୍ଣ୍ଣ ଅପରାହ୍ନରେ। ଚା ଦୋକାନୀ ତା' ଘର ପାଖ ଲୋକ। ତେଣୁ ଚିହ୍ନା ଓ ଥାଏ ଉତ୍ତମ ସମ୍ପର୍କ।

ସନ୍ଧ୍ୟା ସମୟରେ ଚା ପିଉଥିବା ଲୋକଙ୍କ ଭିଡ଼ ଜମେ। ବେପାର ଭଲ ହୁଏ। ସେହି ଦୋକାନୀର ଅନୁରୋଧ କ୍ରମେ କୁଶ ତାକୁ ସାହାଯ୍ୟ କରେ। ପ୍ରତିବଦଳରେ ପାଏ କିଛି ଆର୍ଥିକ ସହାୟତା। ହାତ ଖର୍ଚ୍ଚ ମିଳିଯାଏ। ବାପା ପାଖରେ ହାତ ପତାଇବାକୁ ହୁଏ ନାହିଁ। କୁଶଧ୍ୱଜ ବି ଜାଣିଯାଏ ସୁସ୍ୱାଦୁ ଚା ତିଆରିର କଳା କୌଶଳ।

କୁଶଧ୍ୱଜର ସ୍ପଷ୍ଟଭାବେ ମନେ ପଡୁଥିଲା ବିଗତ ଦିନର କଥା। ସେହି ଚାହା ଦୋକାନରେ ସଂଯୋଗ କ୍ରମେ ସାକ୍ଷାତ ଓ ପରିଚୟ ସୃଷ୍ଟି ହୋଇଥିଲା। ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କର ଶାଖାପରିଚାଳକଙ୍କ ସହ। ତାଙ୍କରି ପ୍ରଚେଷ୍ଟାରେ ସେ ଆଜି ଦୈନିକ ଚୁକ୍ତି ଭିତ୍ତିରେ ନିୟୋଜିତ ବ୍ୟାଙ୍କର ଅସ୍ଥାୟୀ କର୍ମଚାରୀ। ତିରସ୍ତା ସେ ପାଇଥିଲା ଏହି ନିଯୁକ୍ତି।

ଚିତ୍ ହୋଇ ଶୋଇଥିବା କୁଶଧ୍ୱଜ କଡ଼ ଲେଉଟାଇଲା। ତା ଶଯ୍ୟାର ପୂର୍ବପାଖେ, କୋଠରିର ଆକାରକୁ ଏକ ଛୋଟ ଝରକା। ଝରକାରେ ଲାଗିଛି ଘୁଣଖିଆ କାଠର ଛୋଟ କବାଟ। ନିବୁଜ ଝରକା ଘର ଭିତରକୁ ପଶି ପାରୁନାହିଁ ଆଲୁଅ ସୂର୍ଯ୍ୟାଲୋକ।

ଅଳସ ଭାଙ୍ଗୁ ଭାଙ୍ଗୁ କୁଶଧ୍ୱଜର ମନେ ପଡ଼ିଗଲା ଆଜି ସହରକୁ ଜଣେ ବାବା ଆସୁଛନ୍ତି। ବାବାଙ୍କ ଆଗମନ କଥା ମନେ ପଡ଼ିଯିବାରୁ ସେ ଚାଙ୍ଗା ହୋଇଗଲା। ସମ୍ପୂର୍ଣ୍ଣ ରୂପେ ଦୂର ହେଲା ତନ୍ଦ୍ରାଳସ।

ସେ ଶୁଣିଥିଲା ବାବା କୁଆଡ଼େ ଅଲୌକିକ ଶକ୍ତିର ଅଧିକାରୀ। ନିଜ ଭକ୍ତର ମନୋବାଞ୍ଛା ଅଚିରେ ପୂରଣ କରିଥାନ୍ତି। ବ୍ୟାଙ୍କକୁ ଯିବା ଅବସରରେ ଥାନା ପାଖ ପଡ଼ିଆରେ ବ୍ୟାପକ ପ୍ରସ୍ତୁତି। ତିଆରି ହେଉଥିଲା ବାବାଙ୍କ ପାଇଁ ମଞ୍ଚ। ଜନସମାଗମକୁ ଲକ୍ଷ୍ୟ କରି ବାଉଁଶ ଖୁଣ୍ଟରେ ଟଣା ହୋଇଛି ଚନ୍ଦ୍ରାତପ।

ପ୍ରଥମ ଦେଖାରେ ସେ ଭାବିଥିଲା, ବୋଧହୁଏ କୌଣସି ରାଜନେତାଙ୍କ ସଭା ପାଇଁ ଏ ସବୁର ବ୍ୟବସ୍ଥା। କିନ୍ତୁ ଯେତେବେଳେ ସେ ଦେଖିଲା ମୁଖ୍ୟ ରାସ୍ତାର ଦୁଇପାର୍ଶ୍ୱରେ ବ୍ୟାନର (ନିଶାଣ)ରେ ବାବାଙ୍କ ଫୋଟ; ସେ ବୁଝିଗଲା ଏହା ଏକ ରାଜନୈତିକ ସଭା ନୁହଁ ବରଞ୍ଚ ଆଧ୍ୟାତ୍ମିକ ସମାବେଶ।

ତା ଦେହରେ ଆଉ ନଥିଲା ତନ୍ଦ୍ରାଳସ। ସେ ଉଠି ବସିଲା। ଠିକ୍ ଏତିକିବେଳେ ଭିତର ଅଗଣାରେ କାର୍ଯ୍ୟରତ ମା' ନିଶାମଣି ଡାକ ପକାଇଲେ,

: ଆଜି କ'ଣ ଅଫିସ ନାହିଁ କି ? ଏତେ ବେଳ ଯାଏ ଶୋଇଛୁ ?

ମା'ର ଡାକକୁ ଆଉ ଉପେକ୍ଷା କରି ପାରିଲା ନାହିଁ କୁଶଧ୍ୱଜ। ବିଛଣାରୁ ଉଠି ପ୍ରଥମେ ଝରକା ଖୋଲି ବାହାରକୁ ଚାହିଁଲା। ଝର୍କା ବାହାରେ ବିଚ୍ଛୁରିତ ସୂର୍ଯ୍ୟରଶ୍ମିର ତେଜ ସୂଚିତ କରୁଥାଏ ଦିନର ବୟସ।

ତାକୁ ପ୍ରସ୍ତୁତ ହୋଇ ବ୍ୟାଙ୍କ ଯିବାକୁ ହେବ। ସର୍ବପ୍ରଥମେ ସେ ହିଁ ବ୍ୟାଙ୍କରେ ପହଞ୍ଚେ। ବ୍ୟାଙ୍କକୁ ଖୋଲି ସଫାସୁତରା କାର୍ଯ୍ୟ ଆରମ୍ଭ କରେ। ତେଣୁ ତା ପକ୍ଷରେ ବିଳମ୍ବର ଅବକାଶ ନଥାଏ।

ଶୋଇବା ଘର କବାଟ ଖୋଲି ବାହାରକୁ ଆସିଲା କୁଶଧ୍ୱଜ। ଶୋଇବା ଘର ସଂଲଗ୍ନ ବାରଣ୍ଡାରେ ପଡ଼ିଥିବା କାଠ ଚୌକିରେ ବସିଲା। ଏମିତି ବସେ କିଛି ସମୟ। ତା' ଆଖିରୁ ସମ୍ପୂର୍ଣ୍ଣ ନିଦ୍ରାଳସ ଦୂର ହେଲା ପର୍ଯ୍ୟନ୍ତ। ଏଇଟା ତାର ନିତିଦିନିଆ ଅଭ୍ୟାସ।

ଠିକ୍ ସମୟରେ ସେ ପଟ ଗମ୍ଭୀରା ଭିତରୁ ଶୁଭିଲା ଧଇଁପେଲା ଖୁଁ ଖୁଁ କାଶିବାର ଶବ୍ଦ। ରହି ରହି କାଶୁଛି ବାପା। ବିଗତ ତିନି, ଚାରି ଦିନ ଧରି ଥଣ୍ଡା କାଶ ଜ୍ୱରରେ ଆକ୍ରାନ୍ତ ତାର ବାପା। ଡାକ୍ତରଖାନା ନେଇ ଔଷଧ ଆଣି ଦେଇଥିଲା। ଦେହରୁ ତାତି କମିଥିଲେ ବି କାଶ ଲାଗି ରହିଛି। ମନରେ ଚିନ୍ତା ପ୍ରକଟ କରି ଭାବିଲା, ଡାକ୍ତରଙ୍କୁ ଦେଖାଇ ଔଷଧ ଆଣିଦେବା ବ୍ୟତିରେକେ, ତା' ପାଖରେ ଆଉ କଣ ବିକଳ୍ପ ଅଛି।

କୁଶଧ୍ୱଜ ଲକ୍ଷ୍ୟ କଲା ମା' ଘରକାମରେ ବ୍ୟସ୍ତ। ସମସ୍ତଙ୍କ ଆଗରୁ ସେ ଉଠେ। ବାସିକାମ ସାରି ରନ୍ଧାବଢ଼ାରେ ଲାଗିଯାଏ। ମା' ତାର ସାକ୍ଷାତ ଅର୍ଣ୍ଣପୂର୍ଣ୍ଣା। ବାପା ପୁଅକୁ କେବେ ଅଭୁକ୍ତ ରଖେନି।

ବସିବା ସ୍ଥାନର ଉଠିଲା କୁଶ। ଭିତର ଅଗଣାରେ ଥିବା ନଳକୂଅରେ ମୁହଁ ଧୋଇହେଲା। ନଳକୂଅର ଥଣ୍ଡାପାଣିରେ ମୁଖ ପ୍ରକ୍ଷାଳନ ପରେ ତା'ର ମାନ୍ଦାଭାବ ସମ୍ପୂର୍ଣ୍ଣ ରୂପେ ଦୂର ହେଲା। କୁଶ ଚଞ୍ଚଳ ହେଲା।

କୁଶଧ୍ୱଜ ସବୁଦିନ ପରି ସକାଳର ନିତ୍ୟକର୍ମ ସାରିଲା। ମା' ରାନ୍ଧିଥିବା ଖାଦ୍ୟକୁ ଉଦରସ୍ତ କରି ବ୍ୟାଙ୍କ ଯିବା ପାଇଁ ଉଦ୍ୟତ ହୁଅନ୍ତେ ନିଶାମଣି ତାକୁ ଲକ୍ଷ୍ୟ କରି କହିଲେ,

: ତୋ ବାପା କାଲି ରାତିରେ ଶୋଇ ପାରିନାହାନ୍ତି। ରାତି ସାରା ଖୁଁ ଖୁଁ କାଶ। କାଶି କାଶି ଛାତିପେଟ ପରାସ ଲାଗୁଛି। ଅଫିସରୁ ଫେରିଲେ ବାପାକୁ ନେଇ ଡାକ୍ତରଙ୍କ ପାଖକୁ ଯିବୁ। ଅବହେଳା କରିବୁନି।

ନିଶାମଣିଙ୍କ କଥାକୁ ଶୁଣି ନ ଶୁଣିଲା ପରି ନିଜର ସାଇକେଲ ଧରି ବାହାରିଲା କୁଶଧ୍ୱଜ।

ପୂର୍ବାହ୍ନ ନଅଟା ପରେ ସାଧାରଣତଃ ସହରର ଅଭ୍ୟନ୍ତର ଦେଇ ଯାଇଥିବା ରାସ୍ତାଗୁଡ଼ିକରେ ଯାନବାହାନ ଚଳାଚଳ ବୃଦ୍ଧି ପାଏ। ରାସ୍ତା ଗହଳି ହୁଏ। ଚାକିରିଆମାନେ ଅଫିସ ମୁହାଁ ହୁଅନ୍ତି। ଠିକ୍ ସମୟରେ ଅଫିସରେ ପହଞ୍ଚିବାକୁ ସମସ୍ତେ ତରବର।

ମଧ୍ୟମ ଗତିରେ ଚାଲିଥିଲା କୁଶଧ୍ୱଜର ସାଇକେଲ। ହେମସରାପଡ଼ା ଛକରୁ ସେ ଯିବ ବସଷ୍ଟାଣ୍ଡ। ଯିବା ସମୟରେ ତା'ର ଦୃଷ୍ଟିଗୋଚର ହେଲା ରାସ୍ତା କଡ଼ରେ ବତି ଖୁଣ୍ଟରେ ଲାଗିଥିବା ରଙ୍ଗିନ ପୋଷ୍ଟର (ପ୍ରଖ୍ୟାପନ) ଉପରେ। ସେ ପୋଷ୍ଟରରେ ଲେଖାଥିଲା 'ବାବା ଆସୁଛନ୍ତି'। ସେ ବି ଲକ୍ଷ୍ୟ କଲା ପାଚେରି ଦେହରେ ଲାଗିଛି ପ୍ରଚୀରପତ୍ର ଯେଉଁଥିରେ ଥିଲା ସେହି ତଥାକଥିତ ବାବାଙ୍କର ଛବି।

ତା'ର ଇଚ୍ଛା ହେଉଥିଲା ଟିକିଏ ଅଟକି ଯାଇ ସେଇ ଲେଖାଥିବା ବିଷୟ ବସ୍ତୁକୁ ପଢ଼ିବ। କିନ୍ତୁ ବ୍ୟାଙ୍କରେ ପହଞ୍ଚିବା ବିଳମ୍ବ ହେବ ବୋଲି ସେ ସେଥିରୁ ନିବୃତ୍ତ ରହିଲା। ନିର୍ଦ୍ଧାରିତ ସମୟରେ ବ୍ୟାଙ୍କରେ ପହଞ୍ଚିବା ତା ପାଇଁ ଥିଲା ପ୍ରାଥମିକତା।

କୁଶଧ୍ୱଜ ଯେଉଁ ରାସ୍ତାରେ ଯାଉଥିଲା, ତାହା ଥାନା ଛକରେ ସଂଯୋଗ ହୋଇଥିଲା ଜାତୀୟ ରାଜପଥ ସହିତ।

ଥାନା ଛକରେ କୁଶଧ୍ୱଜ ପହଞ୍ଚିଲା ତାପରେ ମୋଡ଼ ବଦଳେଇ ହେଲା ପଶ୍ଚିମ ମୁହାଁ। ସେହି ଦିଗରେ ଗଲେ ପଡ଼େ ତା'ର ବ୍ୟାଙ୍କ।

ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ଥିବା ପଡ଼ିଆରେ ଚାଲିଛି ସାଜସଜ୍ଜା। ଅନେକ ଲୋକ କାମରେ ଲାଗିଛନ୍ତି। ଏସବୁ ବ୍ୟବସ୍ଥାକୁ ଦେଖିଲା ପରେ

କୁଶଧ୍ୱଜ ଭାବିଲା ବୋଧହୁଏ କୌଣସି ଏକ ଉତ୍ସବ କିମ୍ବା ସଭାର ଆୟୋଜନ ହେଉଛି। ବାଉଁଶ ପୋଥି ଟଣା ହୋଇଛି ଧଳା ଚନ୍ଦ୍ରାତପ। ଅତି ଆକର୍ଷଣୀୟ ଭାବେ ସଜା ଯାଉଛି ସଭାମଞ୍ଚ। ସବୁ କିଛି ଲାଗୁଥିଲା ସୁନ୍ଦର ଓ ସୁବ୍ୟବସ୍ଥିତ।

କ୍ଷଣିକ ପାଇଁ ଅଟକି ଗଲା କୁଶଧ୍ୱଜ। କିଛି ପଥଚାରୀ ବି ଅଟକି ଯାଇ ଏହି ଆୟୋଜନକୁ ଦେଖୁଥିଲେ। ତେଣୁ କୁଶଧ୍ୱଜର ମନରେ ବି ଲାଗିଲା ଅନୁସନ୍ଧିତ୍ସା। ଜାଣିବାକୁ ଇଚ୍ଛା ହେଲା ଏହି ବର୍ଣ୍ଣାଢ଼୍ୟ ଆୟୋଜନର କାରଣ।

ସେଠାରେ ଛିଡ଼ା ହୋଇ ଜଣେ ଅପରିଚିତ ପଥଚାରୀକୁ ପଚାରିଲା,

: ଭାଇ ! ଏ ସବୁର ଆୟୋଜନ କଣ ପାଇଁ ?

ପଥଚାରୀ କହିଲା, ଲୋକେ କହୁଛନ୍ତି, ଜଣେ ବାବା ଆସୁଛନ୍ତି। ଆଜି ସନ୍ଧ୍ୟାରେ ଏହିଠାରେ ପ୍ରବଚନ ଦେବେ। କୁଆଡ଼େ ବାବା ଅଲୌକିକ ଶକ୍ତିର ଅଧିକାରୀ। ଭକ୍ତଙ୍କ ମନୋବାଞ୍ଛା ପୂରଣ କରନ୍ତି।

କୁଶଧ୍ୱଜ ପାଇଁ ଏତିକି ସୂଚନା ଯଥେଷ୍ଟ ଥିଲା। ତା'ପାଖରେ ସମୟ ନାହିଁ। ବେଳ ଉଛୁର ହେଉଛି। ତାର ସାଇକେଲର ଗତିଶୀଳ ହେଲା।

ଅନତି ବିଳମ୍ବେ ବ୍ୟାଙ୍କରେ ପହଞ୍ଚିଗଲା କୁଶଧ୍ୱଜ। ତା ପାଖରେ ଥିଲା ପ୍ରବେଶ ପଥର ଚାବି। ବ୍ୟାଙ୍କ ଖୋଲି ଆରମ୍ଭ କରିଦେଲା ସଫାସୁତରା କାମ। ଦଶଟା ପରେ ବ୍ୟାଙ୍କର କାମ ଆରମ୍ଭ ହୋଇ ଯିବ।

ସତ କହିବାକୁ ଗଲେ ତା' କାମରେ ନିପୁଣ। ତାକୁ କୌଣସି କାମ ପାଇଁ ତାଗିଦାର ଆବଶ୍ୟକତା ନଥାଏ।

ଠିକ ଦଶଟାରେ ସେ ଖୋଲିଦେଲା ବ୍ୟାଙ୍କର ପ୍ରବେଶ ଦ୍ୱାର। ବ୍ୟାଙ୍କକୁ ଗ୍ରାହକ ଆସିବେ। ନେଣଦେଣ ପାଇଁ ପୂର୍ବାହ୍ନ ଦଶଟାରୁ ଅପରାହ୍ଣ ଚାରିଟା ପର୍ଯ୍ୟନ୍ତ ବ୍ୟାଙ୍କର କାରବାର ସମୟ।

କୁଶଧ୍ୱଜର ନିତିଦିନିଆ କାମ ଭିତରେ ଥାଏ ଗ୍ରାହକମାନଙ୍କୁ ଜମା କିମ୍ବା ଉଠାଇ ଫର୍ମ ଯୋଗାଇବା, ଅଣପାଠୁଆ ଗ୍ରାହକମାନଙ୍କର ଫର୍ମ ପୂରଣ କରିବାରେ ସାହାଯ୍ୟ କରିବା ଓ ମ୍ୟାନେଜରଙ୍କ ବୋଲହାକ ଶୁଣିବା ଇତ୍ୟାଦି।

ସେତେବେଳକୁ ସମୟ ଦଶଟାରୁ ସାମନ୍ୟ ଅଧିକ ହେଲାଣି। ଗ୍ରାହକଙ୍କ ସମାଗମ ସେତେଟା ଆଖିଦୃଶିଆ ନୁହଁ। ଦୁଇ ତିନି ଜଣ କାଉଣ୍ଟର ପାଖରେ ଥାନ୍ତି।

ବ୍ୟାଙ୍କ ଭିତରୁ ସେ ପ୍ରବେଶ ପଥକୁ ଚକ୍ଷୁ ପ୍ରସାରିଲା। ବ୍ୟାଙ୍କରେ ମୁତୟନ ଥିବା ସୁରକ୍ଷାକର୍ମୀ ଜଣକ ଉପସ୍ଥିତ ରହିଛନ୍ତି ପ୍ରବେଶ ଦ୍ୱାରରେ।

ଏହି ସମୟରେ ଆସିଲା ଖବର କାଗଜ ଦେଉଥିବା ଲୋକ। ସୁରକ୍ଷାକର୍ମୀ ହାତକୁ ଖବରକାଗଜଟି ବଢ଼େଇ ଦେଇ ଫେରିଗଲା। ସୁରକ୍ଷା କର୍ମୀ ଜଣକୁ ଖବରକାଗଜର ଉପରିଭାଗ ଉପରେ ଆଖି ବୁଲେଇ ଆଣିବା ପରେ କୁଶଧ୍ୱଜକୁ ହସ୍ତାନ୍ତର କଲା।

ବ୍ୟାଙ୍କର ପ୍ରଚଳିତ ବିଧି ଓ ନିୟମ କାନୁନ ବିଷୟରେ ଅବଗତ ଥାଏ କୁଶଧ୍ୱଜ। ତେଣୁ ବ୍ୟାଙ୍କର କାରବାର ସମୟରେ ଖବରକାଗଜ ପଢ଼ିବା ତାପକ୍ଷେ ସମୀଚୀନ ନୁହେଁ ବୋଲି ତାର ହୃଦବୋଧ ହୁଏ। ଅଧିକନ୍ତୁ ସେ ଜାଣେ ଏହି ଖବରକାଗଜ ଗ୍ରାହକମାନଙ୍କ ପାଇଁ ଉର୍ଦ୍ଦିଷ୍ଟ, କର୍ମଚାରୀମାନଙ୍କ ପାଇଁ ନୁହଁ। ତେଣୁ ଖବରକାଗଜଟି ଗ୍ରାହକମାନଙ୍କୁ ଦେବା ଅବସରରେ ଖବରକାଗଜ ଭିତରୁ ଖସିପଡ଼ିଲା ପ୍ରଚାର ପତ୍ର (ଲିଫଲେଟ)। ତାହା ସେ ସଯତ୍ନେ ସାଉଁଟି ନେଲା ସମସ୍ତ ଅଲକ୍ଷ୍ୟରେ।

ସମସ୍ତଙ୍କ ଅଲକ୍ଷ୍ୟରେ ସେ ପଢ଼ିଲା ସେହି ପ୍ରଚାର ପତ୍ର। ସେଥିରେ ବି ଉଲ୍ଲେଖ ଥିଲା ବାବା ଆସୁଛନ୍ତି ବୋଲି। ଇତି ମଧ୍ୟରେ ବ୍ୟାଙ୍କରେ ଗ୍ରାହକମାନଙ୍କ ଗହଳି ବୃଦ୍ଧି ପାଇଥିଲା। ତତ୍‌ସଙ୍ଗେ ସଙ୍ଗେ ବୃଦ୍ଧି ପାଉଥିଲା କୁଶଧ୍ୱଜର କର୍ମବ୍ୟସ୍ତତା। ବ୍ୟାଙ୍କର ଅନ୍ୟ କର୍ମଚାରୀମାନେ ବି ଦାପ୍ତରିକ ଦାୟିତ୍ୱ ନିର୍ବାହ କରୁଥିଲେ।

ଏହି ସମୟରେ ଶାଖାପରିଚାଳକଙ୍କ ଚ୍ୟାମ୍ବରର କଲିଂ ବେଲ ବାଜି ଉଠିଲା। ବେଲ ଶବ୍ଦ ଶୁଣି କୁଶଧ୍ୱଜ ତତ୍‌ପର ହୋଇଗଲା ଶାଖାପରିଚାଳକଙ୍କ ଚ୍ୟାମ୍ବର ମଧ୍ୟକୁ। କୌଣସି ଫାଇଲ ଆଣିବା ପାଇଁ ସେ ନିର୍ଦ୍ଦେଶ ଦେଲେ। କୁଶ ସଙ୍ଗେ ସଙ୍ଗେ ଫାଇଲଟି ଆଣି ତାଙ୍କୁ ଦେଇ ଚ୍ୟାମ୍ବର ବାହାରେ ପଡ଼ିଥିବା ଏକ ଚେୟାରରେ ବସିଲା।

କୁଶଧ୍ୱଜ ଅନୁଭବ କରିଛି ଶାଖାପରିଚାଳକ ତା' ଉପରେ ଅନେକ ନିର୍ଭରଶୀଳ। ତାଙ୍କ ପାଇଁ ସେ କେବଳ ଆଜ୍ଞାବହ ନଥିଲା, ଥିଲା ବିଶ୍ୱସ୍ତ ଓ ବ୍ୟାଙ୍କ କାରବାର ସମ୍ପର୍କରେ ତା'ର ଥିଲା ସମ୍ୟକ ଜ୍ଞାନ।

ଭୋଜନ ବିରତି ସମୟରେ ସାମାନ୍ୟ ଫୁରସତ୍ ପାଇଲା କୁଶଧ୍ୱଜ। ଆମୂଳାନ୍ତ ପଢ଼ିଗଲା ସେ ସଯତ୍ନରେ ସାଇତିଥିବା ଲିଫଲେଟର ଉଲ୍ଲିଖିତ ବିଷୟବସ୍ତୁ ତା ମନରେ ଅନେକ ପ୍ରଶ୍ନର ସମାରୋହ। ସହରକୁ ବାବା ଆସୁଛନ୍ତି ସୁଦୂର ଗୁଜୁରାଟରୁ ଭକ୍ତମାନଙ୍କ ନିମନ୍ତ୍ରଣ କ୍ରମେ। ସନ୍ଧ୍ୟାରେ ଥାନା ପଡ଼ିଆରେ ଦେବେ ପ୍ରବଚନ। ଭକ୍ତମାନଙ୍କୁ ଆଶିର୍ବାଦ ଦେବେ। ମନସ୍କାମନା ପୂରଣ କରିବେ। ଭୋଜନ ବିରତିରେ ଆହାର ଗ୍ରହଣ ସମୟରେ ଏହି ବାବାଙ୍କ ଆଗମନ ପ୍ରସଙ୍ଗକୁ ଉଠାଇଲା କୁଶଧ୍ୱଜ। ଜାଣିବାକୁ ଚାହୁଁଥିଲା ସତ୍ୟାସତ୍ୟ। ଜଣେ ସହକର୍ମୀ କହିଲେ,

: ଜଣେ ନାମକରା ବାବା ଆସୁଛନ୍ତି। ସେ ବିଭିନ୍ନ ସ୍ଥାନକୁ ଯାଇ ଭକ୍ତମାନଙ୍କୁ ନୀତିବାଣୀ ଶୁଣାନ୍ତି। ଦେଶର ବିଭିନ୍ନ ସହରରେ ତାଙ୍କ ଭକ୍ତମାନଙ୍କ ସଂଗଠନ ଅଛି। ଦୂରଦର୍ଶନରେ ସ୍ୱତନ୍ତ୍ର ଚାନେଲରେ ତାଙ୍କର କାର୍ଯ୍ୟକ୍ରମ ପ୍ରସାରିତ ହେଉଛି।

ଆଲୋଚନା ମଝିରେ ଆଉ ଜଣେ ସହକର୍ମୀ କହିଲେ,

: ଦେଖୁନ ! ଥାନା ପଡ଼ିଆରେ କି ଭବ୍ୟ ଆୟୋଜନ। ସେଠାରେ କେବଳ ଆଧାତ୍ମିକ ଚିନ୍ତନ ଓ ଧର୍ମ ଚର୍ଚ୍ଚା ହେବନି, ବାବାଙ୍କ ଆଶ୍ରମ ପ୍ରସ୍ତୁତ ସମାଗ୍ରୀ ସବୁ ବିକ୍ରି ହେବ। ଏଇ କିଛି ଦିନ ଧରି ସହରରେ ଓ ଏହାର ଆଖପାଖ ଅଞ୍ଚଳରେ ଏ ବିଷୟରେ ବହୁଳ ପ୍ରଚାର ହୋଇଛି।

କୁଶଧ୍ୱଜ ସହକର୍ମୀମାନଙ୍କ ଆଲୋଚନା ଶୁଣୁଥାଏ। ନିଜର ଆର୍ଥିକ ଦୁରବସ୍ଥା, ବିଶେଷ କରି ବାପା ସ୍ୱାସ୍ଥ୍ୟ ଚିନ୍ତା ତାକୁ ବ୍ୟଥିତ କରୁଥାଏ।

ଅପରାହ୍ଣ ତିନିଘଟିକାରେ ଆରମ୍ଭ ହେଲା ବ୍ୟାଙ୍କ କାରବାର। ଗହଳଚହଳ ହେଲା ବ୍ୟାଙ୍କ ପରିସର। ପୁଣି ବ୍ୟସ୍ତ ରହିଲା କୁଶଧ୍ୱଜ। 'ବାବା'ଙ୍କ ବିଷୟରେ ଆଉ କାହା ସହିତ ଆଲୋଚନା କରିପାରିଲାନି। କିନ୍ତୁ ସେଇ 'ବାବା' ତାର ମନ ଭିତରେ ଆସ୍ଥାନ ଜମେଇ ସାରିଥିଲେ।

ଏତିକି ବେଳେ ଶାଖାପରିଚାଳକଙ୍କ କଲିଂ ବେଲଟି ବାଜି ଉଠିଲା।

କୁଶ କାଳ ବିଳମ୍ବ ନ କରି ଶାଖାପରିଚାଳକଙ୍କ ପାଖକୁ ଗଲା। ଶାଖା ପରିଚାଳକ ପୂର୍ବାହ୍ଣରେ ନେଇଥିବା ଫାଇଲକୁ ଫେରାଇ ଦେଇ ଯଥା ସ୍ଥାନରେ ରଖିବାକୁ ନିର୍ଦ୍ଦେଶ ଦେଲେ।

କୁଶଧ୍ୱଜ ଶାଖାପରିଚାଳକଙ୍କ ହାତରୁ ଫାଇଲଟି ନେଇ ନିମିଷେକ ପାଇଁ ଅଟକି ଗଲା।

ଏହା ଦେଖି ଶାଖାପରିଚାଳକ ପ୍ରଶ୍ନ କଲେ,

: କଣ କିଛି କହିବୁ ?

ତାଙ୍କ ସହିତ କୁଶଧ୍ୱଜ ଭଲ ସମ୍ପର୍କ ଥିବାରୁ ସେ କହିଲା, : ସାର ! ଆଜି ଜଣେ ବାବା ଆସୁଛନ୍ତି ବୋଲି ଏତେ ପ୍ରଚାର ହେଉଛି। ସେ ବିଷୟରେ କିଛି ଜାଣନ୍ତି କି ?

ଶାଖାପରିଚାଳକ କୁଶଧ୍ୱଜର ପ୍ରଶ୍ନ ଶୁଣି ଲଘୁ ହସ ହସି କହିଲେ; ଏହି ବାବାମାନଙ୍କ ବିଷୟରେ କିଛି ଜାଣିଛ କୁଶ ? କିଛି ଜାଣିନି ବୋଲି ତ ଆପଣଙ୍କୁ ପଚାରୁଛି ସାର ? ସରଳ ଭାବରେ ଉତ୍ତର ଦେଲା କୁଶ।

କୁଶକୁ ବୁଝେଇବାକୁ ଶାଖାପରିଚାଳକ କହିଲେ,

: ଯେଉଁ ବାବାଙ୍କ କଥା କହୁଛ ସେ ହେଉଛନ୍ତି ଏକ ଆତ୍ମଘୋଷିତ ଆଧ୍ୟାତ୍ମିକ ଗୁରୁ। ନୀତି ବାଗୀଶ। ତାଙ୍କର ଅଛି ମଜଭୁତ ସଂଗଠନ। ଦେଶର କୋଣ ଅନୁକୋଣରେ ଅସଂଖ୍ୟ ଅନୁଗାମୀ ଅଛନ୍ତି। ବାବାଙ୍କ କଥାରେ ଥାଏ ଯାଦୁକାରୀ ଶକ୍ତି। ସେମାନଙ୍କ କଥାରେ ସମାଜରେ ଥିବା ଦୁର୍ବଳମନା ବ୍ୟକ୍ତି ବିଶେଷ ଭାବେ ପ୍ରଭାବିତ ହୁଅନ୍ତି। ସେ ଆହୁରି କହିଲେ ଯେ ବାବାଙ୍କ ଦ୍ୱାରା ପରିଚାଳିତ ସଂସ୍ଥା ଦ୍ୱାରା ପ୍ରସାଧନ ସାମଗ୍ରୀ ଓ କିଛି ସ୍ୱାସ୍ଥ୍ୟଭିତ୍ତିକ ଔଷଧ ମଧ୍ୟ ତିଆରି ହୋଇ ବିକ୍ରି ହୁଏ।

ଶାଖା ପରିଚାଳକ ଆହୁରି ଅନେକ କଥା କହିଲେ, ଯାହା ସୂଚିତ କରୁଥିଲା ବାବାଙ୍କ ପ୍ରତି ତାଙ୍କର ଏକ ପ୍ରକାରର ଅସୂୟା ଓ ଅନାଦର ଭାବ।

କୁଶଧ୍ୱଜ ଫାଇଲ ଧରି ଫେରିଲା। କୌଣସୀ ପ୍ରତିକ୍ରିୟା ବ୍ୟକ୍ତ କରି ନଥିଲା। କାହାରି ସହିତ ବି ସେ ଏ ବିଷୟରେ କୌଣସି ଆଲୋଚନା କଲା ନାହିଁ।

ଭାବୁଥିଲା – ଯେଉଁ ବାବାଙ୍କ ପାଇଁ ଏତେ ଆଡମ୍ବରପୂର୍ଣ୍ଣ ଆୟୋଜନ, ସେଇ ବାବାଙ୍କ ପ୍ରତି ଏପରି ଅରୁଚିପୂର୍ଣ୍ଣ ମନ୍ତବ୍ୟ କାହିଁକି ?

ଯେମିତିହେଲେ ସେ ଆଜି ସେ ଆଧ୍ୟାତ୍ମିକ ସମାବେଶକୁ ଯିବ। ସ୍ଥିତି ପରଖିବ।

ବ୍ୟାଙ୍କ ବନ୍ଦ ହେଲା ସବୁଦିନ ପରି। ନିଜ ସାଇକେଲ ଧରି କୁଶଧ୍ୱଜ ଗୃହାଭିମୁଖୀ ହେଲା।

ସେ ଯେତେବେଳେ ମୁଖ୍ୟ ରାସ୍ତାକୁ ଆସିଲା ସେତେବେଳକୁ ଉତ୍ତୀର୍ଣ୍ଣ ସାୟାହ୍ନ। ବିଜୁଳି ଆଲୋକରେ ଝଲସି ଉଠିଲାଣି ରାଜରାସ୍ତା। ଏମିତି ବି ସନ୍ଧ୍ୟା ସମୟରେ ରାସ୍ତାରେ ଲୋକ ଚଳାଚଳ ବୃଦ୍ଧି ପାଇଥାଏ। କିନ୍ତୁ ଆଜି କୁଶଧ୍ୱଜକୁ ବୋଧ ହେଲା ସେ ଯାଉଥିବା ମୁଖ୍ୟ ରାସ୍ତାରେ ଲୋକ ଗହଳି ବୃଦ୍ଧି ପାଇଛି। ଥାନା ପଡିଆ ଆଡକୁ ସବୁଲୋକ ଛୁଟି ଚାଲିଛନ୍ତି। ଯେଉଁଠି ଆୟୋଜନ ହୋଇଛି ବାବାଙ୍କ ପାଇଁ ଆଧ୍ୟାତ୍ମିକ ସମାବେଶ।

କୁଶ ଭାବିଲା ସେ ଘରକୁ ଯିବ। ଧୁଆଧୋଇ ଲୁଗାପଟା ବଦଳେଇ ଆଧ୍ୟାତ୍ମିକ ସମାବେଶକୁ ଆସିବ।

କୁଶ ଘରମୁହାଁ ହେଲା। ମୁଖ୍ୟ ରାସ୍ତାରେ ନ ଯାଇ ସହର ଭିତର ଦେଇ ନିକଟତର ରାସ୍ତାରେ ତ୍ୱରିତ ଗତିରେ ସାଇକେଲ ଚଳାଇଲା।

କୁଶଧ୍ୱଜ ଘରେ ପହଞ୍ଚିଲା ବେଳକୁ ଦିବାଭାଗର ସମ୍ପୂର୍ଣ୍ଣ ଅବସାନ ଘଟିଥିଲା। ରାସ୍ତା ପାର୍ଶ୍ୱସ୍ଥ ବତିଖୁଣ୍ଟ ଗୁଡିକରେ ଜଳି ଉଠିଥିବା ଆଲୋକରେ ଆଲୋକିତ ରାସ୍ତାଘାଟ। କିନ୍ତୁ କୁଶର ଘର ଭିତରେ ଅନ୍ଧାର। ବାରଣ୍ଡାରେ ଜଳୁଥିବା ଏକମାତ୍ର ବିଜୁଳି ବତିର ସ୍ତିମିତ ଆଲୋକ। ଅଳ୍ପାଲୋକିତ ଅଗଣା। କୋଠରି ଭିତରୁ ରହି ରହି ଶୁଭୁଥିଲା ଖୁଁ ଖୁଁ ହୋଇ କାଶିବା ଶବ୍ଦ।

ପୁଅର ଆସିବା ଜାଣି ମା' ନିଶାମଣି ଆତୁର ହୋଇ ଡାକିଲା

: କୁଶ ! ବାପା ଡାକୁଛି। ଶୁଣିଯିବୁ।

କୁଶଧ୍ୱଜ ସେତେବେଳକୁ ଲୁଗା ବଦଳଉଥିଲା। ସେ ଶୁଣିଥିଲା ମା'ର ଡାକରା। ଉତ୍ତର ଦେଲା ନାହିଁ। ନଳକୂଅ ପାଖକୁ ଯାଇ ଧୁଆଧୋଇ ହୋଇସାରି ପ୍ୟାଣ୍ଟଶାର୍ଟ ପିନ୍ଧି ବାପା ଶୋଇଥିବା ଘର ଦୁଆର ମୁହଁ ପାଖରେ ଛିଡ଼ା ହୋଇ ଭିତରକୁ ଆଖି ପ୍ରସାରିଲା।

କୋଠରିଟି ଏକ ପ୍ରକାର ଅନ୍ଧାରୁଆ ଲାଗୁଥିଲା। ଏକ ପୁରୁଣା କାଳିଆ କାଠ ଖଟ ଉପରେ ପରାଯାଇଥିବା କନ୍ଥା ଉପରେ ଶୋଇଥିଲେ ନାକଫୋଡ଼ି। ଶାରୀରିକ ଅସୁସ୍ଥତା ପାଇଁ ତାଙ୍କର ଚେହେରା ଜଣା ପଡୁଥିଲା ନିଷ୍ପ୍ରଭ। କ୍ରମାଗତ କାଶ ତାଙ୍କ ଦେହର ପୀଡାକୁ ଦ୍ୱିଗୁଣିତ କରି ତାଙ୍କୁ ଅବଶ କରି ଦେଉଥିଲା।

ମା' ନିଶାମଣି ବସିଥିଲା ଖଟ ଧାରରେ ତଳକୁ ଗୋଡ ଓହଳାଇ ଓ ଆଉଁଶି ଦେଉଥିଲା ବାପାର ଦେହମୁଣ୍ଡ।

ଘର ଭିତରର ସ୍ଥିତିକୁ ଅନୁଧ୍ୟାନ କରି କୁଶଧ୍ୱଜ ମା'କୁ ପଚାରିଲା,

: ମୋତେ କିରା ପାଇଁ (କଣ ପାଇଁ) ଡାକୁଥିଲୁ ?

ପ୍ରତି ଉତ୍ତରରେ ନିଶାମଣି କହିଲେ,

: ତୋ ବାପା ଖୋଜୁଥିଲେ। କାଶି କାଶି ବେଦମ ହେଉଛନ୍ତି। ଡାକ୍ତରଙ୍କୁ ପଚାରି ଭଲ ଔଷଧ ଆଣିବୁ।

ଶଯ୍ୟାଶାୟୀ ବାପାଙ୍କୁ ଲକ୍ଷ୍ୟ କରି କୁଶଧ୍ୱଜ କହିଲା,

: ବାପା ! ଜଣେ ବାବା ଆସୁଛନ୍ତି। ମୁଁ ସେଠାକୁ ଯାଉଛି। କାଲି ସକାଳେ ତୁମ କଥା ବୁଝିବି।

ଜନ୍ମଦାତା ପିତାଙ୍କୁ ଉପେକ୍ଷା କରି କିଛି ସମ୍ପର୍କ ନଥିବା ଅପରିଚିତ ବାବାଙ୍କ ପ୍ରତି ଏକ ମାତ୍ର ସନ୍ତାନର ମୋହ ଦେଖି ବେଦନାର୍ଦ୍ର ହୋଇ ଉଠିଲା ନିଶାମଣିଙ୍କ ନାରୀ ହୃଦୟ।

ସେ ପୁଣି ପୁଅକୁ ନରମ ଗଳାରେ କହିଲେ,

: କୁଶ ! ବାପା ବଡ଼ ନା ବାବା ! ଲୋକଟା ଯନ୍ତ୍ରଣାରେ ଛଟପଟ ହେଉଛି ସେକଥା ଥରେ ମନରେ ଭାବ।

ମା'ର ଆକଟ ଭରା ବଚନ ଶୁଣି କୁଶଧ୍ୱଜ ଉତ୍ତର ଦେଲା,

: ବାପାଙ୍କୁ ତ ସବୁଦିନେ ଦେଖୁଛି। ତାଙ୍କ କଥା ବୁଝୁଛି। ଆଜି ବାବା ଆସୁଛନ୍ତି। କେତେ ବିରାଟ ଆୟୋଜନ ହୋଇଛି। ଶହ ଶହ ଲୋକ ଯାଉଛନ୍ତି ବାବାଙ୍କ ଦର୍ଶନ ପାଇଁ। ମୁଁ ଆଜି ନଗଲେ କାଲି ବାବାଙ୍କୁ କ'ଣ ଦେଖି ପାରିବି ?

ନିଜର ଜନ୍ମ କଲା ପୁଅର ସ୍ୱଭାବ ଚରିତ୍ର ବିଷୟରେ ନିଶାମଣି ବେଶ୍ ଅବଗତ। ସେ ଭଲ ଭାବେ ଜାଣିଛନ୍ତି ଯେ କୁଶ ଯାହା ଥରେ ସ୍ଥିର କରିବ ସେଥିରୁ ଓହରିବ ନାହିଁ।

ନିରାଶ ଦୃଷ୍ଟିରେ ସେ ଅବଲୋକନ କରୁଥିଲେ ପୁଅର ବର୍ହିଗମନର ଦୃଶ୍ୟ।

ସାଇକେଲ ଚଢ଼ି କୁଶଧ୍ୱଜ ଘରୁ ବାହାରିଆସିଲା। କୁଶଧ୍ୱଜ ଲକ୍ଷ୍ୟ କଲା ଯେ ରାସ୍ତାରେ ଲୋକ ଚଳାଚଳ ବୃଦ୍ଧି ପାଉଛି। ସମସ୍ତେ ମୁହାଁଉଛନ୍ତି ଥାନା ପଡ଼ିଆ ଆଡ଼କୁ।

ସେ ବି ଆଗେଇ ଚାଲିଲା ଭିଡ଼ ଭିତରେ ତା'ର ଗନ୍ତବ୍ୟସ୍ଥଳ ଥାନା ଚକ ଆଡକୁ। ସେଠାରେ ପହଞ୍ଚି ସେ ଅନୁଭବ କଲା ଜନ ସମାବେଶର ସାନ୍ଦ୍ରତା। ଲୋକାରଣ୍ୟ ହୋଇଯାଇଛି ସେଇ ଅଞ୍ଚଳ।

ଭାବିଲା, ସାଇକେଲଟି ରଖିବ କେଉଁଠି ? ସଭାସ୍ଥଳଠାରୁ ଦୂରରେ ରହିଛି ଏକାଧିକ ସାଇକେଲ ଷ୍ଟାଣ୍ଡ। ସେଠାରେ ବି ଭିଡ଼।

ତା'ର ମନେ ପଡ଼ିଲା ସେ କାମ କରୁଥିବା ଚା ଦୋକାନ କଥା। ଚା ଦୋକାନଟି ଖୋଲାଥିଲା। ପୂର୍ବ ପରିଚିତ ପାଇଁ ସେଇଠାରେ ସାଇକେଲ ରଖି ସଭା ସ୍ଥଳୀର ପ୍ରବେଶ ପଥ ଆଡ଼କୁ ଆଗେଇଲା।

ସେ ଦେଖିଲା ପ୍ରବେଶ ପଥ ପାଖରେ ଅଛି ଷ୍ଟଲ। ବାବାଙ୍କ ସଂସ୍ଥା ଦ୍ୱାରା ପ୍ରସ୍ତୁତ ସାମଗ୍ରୀମାନ ବିକ୍ରି ପାଇଁ ସେଠାରେ ମହଜୁଦ୍ ଅଛି। ତା'ପାଖରେ ଅର୍ଥ ନଥିଲା। ଏମିତି ବି ସେ ଅବିବାହିତ। ଘରେ ପତ୍ନୀଥିଲେ କଣ ବା ପ୍ରସାଧନ ସାମଗ୍ରୀନେଇଥାନ୍ତା। ତେଣୁ ସେଥିପ୍ରତି ସେ ଧ୍ୟାନ ନ ଦେଇ ସଭା ଭିତରକୁ ଯିବା ପାଇଁ ଚେଷ୍ଟା କଲା। କିନ୍ତୁ ସେ ବିଫଳ ହେଲା। କାରଣ ପ୍ରବେଶ ଦ୍ୱାର ଠାରୁ ସଭା ମଞ୍ଚ ଯାଏ ସମସ୍ତ ବସିବା ସ୍ଥାନ ପୂର୍ଣ୍ଣ ହୋଇସାରିଥାଏ। ତେଣୁ ସେ ସେଇଠାରେ ଛିଡ଼ା ହୋଇ ନିରୀକ୍ଷଣ କଲା।

ପୁଷ୍ପଶୋଭିତ ସସଜ୍ଜ ପ୍ରଶସ୍ତ ମଞ୍ଚ। ଉଜ୍ଜ୍ୱଳ ଆଲୋକର ଦୀପ୍ତିରେ ଝଲସୁଥାଏ। ମଞ୍ଚର ମଧ୍ୟଭାଗରେ ଏକ ସିଂହାସନକୃତି ସୋଫା ଉପରେ ଉପବେସିତ ବାବା। ଶୁଭ୍ର ବସ୍ତ୍ରରେ ଆଚ୍ଛାଦିତ ତାଙ୍କ ଗୌରବର୍ଣ୍ଣର ସୁଦୀର୍ଘ ଶରୀର। ଶୁଭ୍ରକେଶ ଶ୍ମଶ୍ରୁ ଶୋଭିତ ମୁଖମଣ୍ଡଳରେ ବିରାଜିତ ପ୍ରଶାନ୍ତି ଚନ୍ଦନ ପ୍ରଲେପିତ ପ୍ରଶସ୍ତ କପାଳ ତୀକ୍ଷ୍ଣ ନାସିକା, କଳାକଳା ଦୁଇ ଆୟତଚକ୍ଷୁ, ଚାହାଣୀରେ ସମ୍ମୋହନୀ ଶକ୍ତି। ମସ୍ତିଷ୍କକୁ ଆବରିତ କରିଛି ଲାଲ ବସ୍ତ୍ରର ପଗଡ଼ି। ତାଙ୍କର ଦୁଇ ପାର୍ଶ୍ୱରେ ଦୟାଣ୍ଡମାନ ଦୁଇ ଅଳ୍ପ ବୟସ୍କା ତରୁଣୀ। ସତେ ଯେମିତି ତାଙ୍କର ଅଙ୍ଗରକ୍ଷକ।

ଦୁଇ ତରୁଣୀଙ୍କ ରୂପକାନ୍ତିରେ ବିମୋହିତ ହେଲା ତରୁଣ କୁଶଧ୍ୱଜ। ଏତେ ଭିଡ଼ ଭିତରେ ଛିଡ଼ା ହେବା ପାଇଁ ସ୍ଥାନଟିଏ ପାଇ ବାବାଙ୍କ ଦର୍ଶନର ସୁଯୋଗ ପାଇଥିବାରୁ ନିଜକୁ ଭାଗ୍ୟବାନ ମନେ କଲା।

ବାବା ଦେଉଥାନ୍ତି ହିନ୍ଦିରେ ତାଙ୍କ ଆଧ୍ୟାତ୍ମିକ ପ୍ରବଚନ। ଉଣା ଅଧିକେ କିଛି ବୁଝୁଥିଲା କୁଶଧ୍ୱଜ। ତା ମନକୁ ଆସିଲା ଏତେ ଐଶ୍ୱର୍ଯ୍ୟ ଓ ଆଡ଼ମ୍ବର ପୂର୍ଣ୍ଣ ଜୀବନ ଭିତରେ ସାଧାରଣ ଜନତାର ମନରେ ଆଧ୍ୟାତ୍ମିକ ଚେତନାକୁ ଜାଗରିତ କରିବାର ଏହା ଏକ ଅଭିନବ ପ୍ରୟାସ।

କିଛି ସମୟର ଅନ୍ତର ପରେ ବାବା ତାଙ୍କର ପ୍ରବଚନକୁ ସମାପ୍ତ କଲେ। ମଞ୍ଚ ଉପରେ ଥିବା ଉଦ୍‌ଘୋଷକ ଜଣକ ଘୋଷଣା କଲେ ଯେଉଁମାନେ ଶିଷ୍ୟତ୍ୱ ଗ୍ରହଣ କରିବେ ସେମାନେ ବାବାଙ୍କ ଚରଣ ସ୍ପର୍ଶର ସୁଯୋଗ ପାଇବେ।

ଏହି ଉଦ୍‌ଘୋଷଣା ପ୍ରଥମେ ଗୁଞ୍ଜରଣ ସୃଷ୍ଟି କଲା ଶ୍ରୋତା ମହଲରେ। ପରେ ପରେ ବିସ୍ଫୋରକ ରୂପ ଗ୍ରହଣ କଲା। ମଞ୍ଚ ଉପରକୁ ଯାଇ ବାବାଙ୍କ ଚରଣ ସ୍ପର୍ଶ ପାଇଁ ଆରମ୍ଭ ହୋଇଗଲା ପ୍ରତିଯୋଗିତା ତା'ପରେ ଠେଲାପେଲା ଦଳାଚକଟା।

ଏକ ଅସ୍ୱାଭିବକ ସ୍ଥିତିର ସମ୍ଭାବନାକୁ ଆଖି ଆଗରେ ରଖି କୁଶଧ୍ୱଜ ସେଠାରୁ ଫେରି ଆସିବାକୁ ଉଚିତ ମନେ କଲା।

ଲୋକଙ୍କ ଭିଡ଼ ଭିତରୁ ବାହାରି ଆସି ସ୍ୱସ୍ତିରେ ନିଃଶ୍ୱାସ ନେଲା। ଚା ଦୋକାନରେ ରଖିଥିବା ନିଜ ସାଇକେଲ ଧରି ସେ ଗୃହାଭିମୁଖୀ ହେଲା। ମନେ ପଡୁଥିଲା ବାପାଙ୍କ କଥା। ଅଶାନ୍ତ ହେଉଥିଲା ମନ। ଆଧ୍ୟାତ୍ମିକ ସଭାରେ ସେ ଯାହା ଦେଖିଲା ସେଥିରେ ବଦଳି ଯାଇଥିଲା ତାହାର ଦୃଷ୍ଟିଭଙ୍ଗୀ। ତା'ର ମନେ ପଡୁଥିଲା ବ୍ୟାଙ୍କର ଶାଖା ପରିଚାଳକଙ୍କ କେଇପଦ କଥା । ଯାହାର ସତ୍ୟତାକୁ ସେ ହୃଦୟରେ ହେଜି ସାରିଥିଲା।

ଅନତି ବିଳମ୍ବେ ପହଞ୍ଚିଲା ଘରେ। ଯାହା ଦେଖିଲା ତାହା ତାକୁ ବିବଶ କରିଦେଲା। ଘରର ବାହାର ଅଗଣାରେ ଜଳୁଛି ମ୍ଳାନ ଆଲୋକ। କୋଠରି ସବୁରେ ତାଲା ପଡ଼ିଛି। ତାଲା ଦେଇ ବାପା, ମା ଗଲେ କୁଆଡ଼େ ?

ପଡ଼ିଶା ଘରକୁ ଯାଇ ଡାକିଲା। ବାହାରିଲେ ଜଣେ ସ୍ତ୍ରୀ ଲୋକ ଲେଖାରେ ଖୁଡ଼ୀ ହେବେ। ତାଙ୍କୁ ଦେଖି ପଚାରିଲା,

: ଖୁଡ଼ୀ ! ଆମ ଘର ବାହାରୁ ତାଲା ପଡ଼ିଛି ? ବାପା, ମା ଗଲେ କୁଆଡ଼େ ?

ସ୍ତ୍ରୀ ଲୋକ ଜଣକ କହିଲେ,

: ବାପାଙ୍କ ଦେହ ବିଗିଡ଼ିଯିବାରୁ ତାଙ୍କୁ ଡାକ୍ତରଖାନା ନେଇଛନ୍ତି। ଘରର ଚାବି ମୋତେ ଦେଇଯାଇଛନ୍ତି। ଏଇ ନିଅ।

ଖୁଡ଼ୀଙ୍କ କେଇପଦ କଥାରେ ହତବୁଦ୍ଧି ହେଇଗଲା କୁଶଧ୍ୱଜ। ତା ମନରେ ଭରିଗଲା ଆତ୍ମଗ୍ଲାନି, ପଶ୍ଚାତାପ, ଅପରାଧ ବୋଧ। ନିଜେ ନିଜକୁ ଧିକ୍କାର କଲା।

ଖୁଡ଼ୀଙ୍କ ହାତରୁ ଚାବିକାଠି ଧରି କ୍ଷିପ୍ର ବେଗରେ ସାଇକେଲ ଚଳାଇ ସେ ଆଗେଇଲା ଡାକ୍ତରଖାନା ଅଭିମୁଖେ।

ଗଭୀର ଅନୁଶୋଚନାରେ ସନ୍ତାପିତ ତା'ର ହୃଦୟ। ତା ଭିତରର ଅନ୍ତରାତ୍ମା ତାକୁ ଯେମିତି କହୁଥିଲା "ତୋତେ ଜନ୍ମ ଦେଇଥିବା ପାଳିପୋଷି ବଡ଼ କରିଥିବା ବାପାହିଁ ସ୍ୱର୍ଗ ପରି ମହୀୟାନ ଓ ତାଙ୍କର ସେବା ହିଁ ପରମ ଧର୍ମ।"

# ହୀରାଫୁଲ

ନୃସିଂହ ବେହେରା

"ବାବାଙ୍କର କଥା ଅନ୍ୟଥା ହେବ କେମିତି ?" "ହୁକୁମ୍ ଯେତେବେଳେ ରହିଛି," ହାକିମ ହେଲେ ବି ଯାଇପାରିବ ନାହିଁ।" ତେଣୁ ଆପଣଙ୍କୁ ଛାଡ଼ିବି କେମିତି ?" ଧନ୍ୟବାଦ। ଜାଣିଲି ତୁମେ ଜଣେ ସଚ୍ଚା ସେବକ। କିନ୍ତୁ ତୁମ ସହ ବେଶୀ ବକିବାକୁ ମୋର ବେଳ ନାହିଁ ମତେ ମଧ୍ୟ ତୁମେ ଠିକ୍ ଭାବରେ ଜାଣ। ଦ୍ୱାର ଖୋଲ। ମୋତେ ଭିତରକୁ ଯିବାକୁ ଦିଅ। ଅସମ୍ଭବ। ଦ୍ୱାର ଖୋଲିବି ନାହିଁ କି ଛାଡ଼ିପାରିବି ନାହିଁ। ଦେଖ, ତମେ ଭୁଲ୍ କରୁଚ। ନାଁ, ଆପଣ ମୋ କାମରେ ବାଧା ଦେଇ ଭୁଲ୍ କରୁଛନ୍ତି। ବାବାଙ୍କର ଏବେ ବାଲ୍ୟଲୀଳାର ବେଳ। ବାବା ଶ୍ରୀମତ୍ ଶାଶ୍ୱତ ଭଗବାନ୍‌ଙ୍କର ଶ୍ରୀମୁଖରୁ କଡ଼ା ନିର୍ଦ୍ଦେଶ ରହିଛି। ତେଣୁ ମତେ ବାଧ ନ କରି ଆପଣ ଏଠାରୁ ଯାନ୍ତୁ। ନଚେତ୍......................। ନଚେତ୍ କ'ଣ କରିବ? କ'ଣ କରିପାରେ, ତାହା ଆପଣଙ୍କୁ ଆଦୌ ଅଜଣା ନୁହେଁ। ଏତକ ଶୁଣି ନରମିଗଲେ ସଞ୍ଜୟ। ସେ ଜାଣନ୍ତି। ଦୈବୀ ଶକ୍ତିରେ ଶକ୍ତିମାନ ଗଣେଶଙ୍କ ପରି ଏଇ ପ୍ରହରୀ ଜଣଙ୍କ ବାବାଙ୍କ ବଳରେ ବଳୀୟାନ୍। ସେ ପୁଣି ଶାନ୍ତିବାହିନୀର ମୁଖ୍ୟ। ତା' ପଛରେ ଆହୁରି ୪୪୦ ଜଣ ଅଛନ୍ତି। ସମସ୍ତେ ସୁସ୍ଥ, ସବଳ ତଥା ମାରଣାସ୍ତ୍ରରେ ଶକ୍ତିମାନ୍।

ଏହି ଶାନ୍ତି ବାହିନୀ ଗଠନରେ, ସେ ନିଜେ ଥିଲେ ମୁଖ୍ୟ ଉପଦେଷ୍ଟା। ଯୋଜନାବଦ୍ଧ ଯୋଗାଡ଼ ତଥା ସମୟ ଉପଯୋଗୀ ବିନିଯୋଗ ପାଇଁ ତାଙ୍କର ଅବଦାନ ଅନେକ। କେବଳ ଏଇ ଗୋଟିଏ ବିଭାଗ ନୁହେଁ। ବାବାଙ୍କର ମହିମା ବିସ୍ତାର ପାଇଁ ସେ କମ୍ ଫନ୍ଦିଫିକର କରି ନାହାନ୍ତି। ଏହି ବିଶାଳ ସଂସ୍ଥାର ସେ ମଧ୍ୟ ଜଣେ ଆଦ୍ୟ ଆଧାର।

କିନ୍ତୁ ବର୍ତ୍ତମାନର ପରିସ୍ଥିତି ତାଙ୍କୁ ଯେତିକି ଅଧୀର କରିଛି ତହିଁରୁ ଅଧିକ ବିଚଳିତ କରିଛି। ବିବ୍ରତ ହୋଇ ସେ ବାହାରକୁ ବାହାରି ଆସିଲେ। କେଉଁଠି ଥୟହୋଇ ପାରିଲେ ନାହିଁ। ଚଉରିଆଡ଼େ ଜନ ସମୁଦ୍ରର ଗହଳି ଚହଳି। ଯେଉଁ ପରିବେଶ ଦିନେ ତାଙ୍କୁ ପରମ ପରିତୋଷ ଦେଉଥିଲା, ସେହି କୋଳାହଳ ଏବେ ଯେମିତି ଉତ୍କଟ ହଳାହଳ ବୋଲୁଛି। ଅନନ୍ୟୋପାୟ ହୋଇ ସେ ନିଜ ଘରେ ପହଞ୍ଚିଲେ। ଦେଖିଲେ ଶର୍ମିଷ୍ଠା ନାହାନ୍ତି। କାହିଁକି ରହିବେ? ସେ ମଧ୍ୟ ଏବେ ବାବାଙ୍କର ଜଣେ ଖାସ ଲୋକ। ଶାଶ୍ୱତ ସଂସ୍ଥାରେ ତାଙ୍କ ବ୍ୟକ୍ତିତ୍ୱ ମଧ୍ୟ କମ୍ ନୁହେଁ। ଏବେ ସେ ସେଠାରେ କୌଣସି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାରେ ସମ୍ଭବତଃ ନିମଜ୍ଜିତ ଥିବେ। ତଥାପି ସେବାକାରୀଙ୍କ ଠାରୁ ଶୁଣିଲେ, ସେ ବାବାଙ୍କ ଆଶ୍ରମରେ ଅଛନ୍ତି। କାହାକୁ କିଛି ନ କହି ନିଜ ବଗିଚାରେ ଏକ ଲନ୍‌ରେ ବସି ପଡ଼ିଲେ। ଯେମିତି କୌଣସି ଦୀର୍ଘ ସଂଗ୍ରାମର କ୍ଲାନ୍ତ, ପରାଜିତ ସୈନିକଟିଏ ଭଳି। ଅସୁମାରି ଭାବନା ଭିତରେ ସେ ତାଙ୍କର ସୁସଜ୍ଜିତ ପ୍ରାସାଦ ଆଡ଼କୁ ଚାହିଁଲେ। ତାହା ଯେମିତି ତାଙ୍କୁ ଉପହାସ କରୁଥିବାର ବୋଧ ହେଲା।

ଆଗରୁ ଏସବୁର ପରିକଳ୍ପନା ମଧ୍ୟ ନଥିଲା। ଥିଲା ଝାଟିମାଟିର ଚାଳଘରଟିଏ। ତହିଁରେ ବାପାଙ୍କର ଅନାବିଳ ସ୍ନେହ ମା'ର ଅମଉଳା ମମତା ସମତା ହରାଇନଥିଲା। ଆନ୍ତରିକତାର ମଧୁର ପ୍ରବାହ। ଉଚ୍ଚ ଶିକ୍ଷା ସରିବା ପରେ ଚାକିରୀଟିଏ ପାଇବାର ପ୍ରଚେଷ୍ଟା ଚଳାଇଥାନ୍ତି। ହଠାତ୍ ପରିସ୍ଥିତି ଭିନ୍ନ ମୋଡ଼ ନେଲା। ଦିନେ ଶର୍ମିଷ୍ଠାଙ୍କ ବାପା କାନ୍ଦି କାନ୍ଦି ତାଙ୍କ ବାପାଙ୍କ ହାତଧରି ଅନେକ ନେହୁରା ହେଲେ। ପ୍ରଶ୍ନ ଉଠିଲା ତାଙ୍କର ପ୍ରତିପୋଷଣ ପାଇଁ ଏଯାଏଁ କୌଣସି କର୍ମସଂସ୍ଥା ନାହିଁ। ଉତ୍ତରରେ ଶର୍ମିଷ୍ଠାଙ୍କ ବାପା କହିଲେ ସଞ୍ଜୟ ତ କୌଣସି ଗୁଣରେ କମ୍ ନୁହେଁ। ଜ୍ଞାନ ଗାରିମାରେ ନିଆରା। ଚେଷ୍ଟା ଓ ନିଷ୍ଠା କେଉଁଟା ତା' ପାଖରେ କମ୍ ଅଛି? ଚାକିରୀ କ'ଣ ତାକୁ ବଳେଇ ଯିବ? ତାଙ୍କର ଏହି କଥାରେ ବାପା କିନ୍ତୁ ନିରୁତ୍ତର ଥିଲେ। ଉଭୟ ବନ୍ଧୁତା ସୂତ୍ରରେ ବହୁତ ଦିନରୁ ଆବଦ୍ଧ ଥିଲେ। ସେଥିପାଇଁ ସେ ତାଙ୍କ କଥାକୁ ପ୍ରତ୍ୟାଖ୍ୟାନ କରିପାରିଲେ ନାହିଁ। ତାଙ୍କର ଅନୁନୟ ଓ ବାପାଙ୍କର ସମ୍ମତି ତାଙ୍କୁ ବାଧ କଲା, ଶର୍ମିଷ୍ଠାଙ୍କ ପାଣି ଗ୍ରହଣ କରିବାକୁ। କାରଣ କୌଣସି ଅପ୍ରତ୍ୟାଶିତ ମନାନ୍ତରରୁ ବାହାବେଦୀରୁ ଶର୍ମିଷ୍ଠାଙ୍କ ପାଇଁ ସଂଯୋଜିତ ବର ଉଠି ବାହୁଡ଼ି ଯାଇଥିଲେ।

ପରେ ପରେ ପାରିବାରିକ ଜଞ୍ଜାଳରେ ବାନ୍ଧି ହୋଇଗଲେ। ସେ ଆଉ ବାହାରେ ରହି ପଢ଼ାପଢ଼ି କରି ଚାକିରୀ ପାଇଁ ପରୀକ୍ଷା ଦେବା ସମ୍ଭବ ହେଲା ନାହିଁ। ତଥାପି ସେ ସେହି ଚେଷ୍ଟାରେ ଅବିଚଳ ରହିଲେ। ସାଫଲ୍ୟର ସହାନୁଭୂତି କିନ୍ତୁ ପାଇଲେ ନାହିଁ। ବିମର୍ଷରୁ ବିରକ୍ତ ଓ ଅନ୍ୟମନସ୍କ ଭିତରେ

ବୁଡ଼ି ରହିଲେ । ତାଙ୍କର ସ୍ୱଭାବର ଆଶାତୀତ ପରିବର୍ତ୍ତନ ଲକ୍ଷ୍ୟ କରି ବାପା ଅବଶ୍ୟ ବହୁତ ପ୍ରବୋଧନ ଦେଲେ । ସେ ନିଜେ କିନ୍ତୁ ସେହି ନୈରାଶ୍ୟ ଭିତରୁ ମୁକୁଳି ପାରୁନଥିଲେ । ହୁଏତ ପୁଅର ଏତାଦୃଶ ଦୂରବସ୍ଥା ପାଇଁ ସେ ନିଜକୁ ଦାୟୀ କରି ଅଧିକରୁ ଅଧିକ ଗମ୍ଭୀର ହୋଇ ଯାଇଥିଲେ । ଇତି ମଧ୍ୟରେ ପ୍ରଶାସନିକ ସେବାର ଲିଖିତ ପରୀକ୍ଷା ପାଇଁ ଆହ୍ୱାନ କରି ଚିଠିଟିଏ ଆସିଲା । ବାପା ମା'ଙ୍କର ଆଶୀର୍ବାଦ ନେଇ ରାଜଧାନୀ ଉଦ୍ଦେଶ୍ୟରେ ସେ ବାହାରିଗଲେ । ମାତ୍ର ପରୀକ୍ଷା ଅଧାରୁ ସେ ଫେରିବାକୁ ବାଧ୍ୟ ହେଲେ । କେମିତି ଫେରି ନଥାନ୍ତେ ? ପିତୃ ବିୟୋଗର ସମ୍ବାଦ କେଉଁ ପୁଅକୁ ଅବିଚଳ ରଖିପାରେ ? ଖାଇସାରିବା ପରେ ବସୁ ବସୁ ହଠାତ୍ ବାପା ତାଙ୍କର ଟଳିପଡ଼ି ଥିଲେ । ସମ୍ଭବତଃ ଷ୍ଟ୍ରୋକ୍ ହେଲା । କିଛିଦିନ ଉତ୍ତାରୁ ମା' ମଧ୍ୟ ବାପାଙ୍କୁ ଅନୁସରଣ କଲେ ।

ତାଙ୍କୁ ଲାଗିଲା ପୃଥିବୀଟା ଯେମିତି ତାଙ୍କ ପାଖରୁ ଦୂରେଇ ଯାଉଛି । ଚାରିଆଡ଼େ ଖାଲି ଶୂନ୍ୟତା । ସେଥିରେ ସେ ଉବୁଟୁବୁ ହୋଇ ଆକ୍ତାମାକ୍ତା ହେଲେ । ପତ୍ନୀ ପ୍ରେରଣା ଦେଲେ ଏମିତି ଭାଙ୍ଗି ପଡ଼ିଲେ କ'ଣ ଚଳିବ ? ଆମକୁ ଅଣ୍ଟା ସଳଖିବାକୁ ହେବ । ପରିସ୍ଥିତି ସବୁବେଳେ ସମାନ ରହେ ନାହିଁ । ସେମାନେ ସିନା ଚାଲିଗଲେ, ଏବେ ତମ ପାଖରେ ମୁଁ ଅଛି, ମୋନାଲିସା ଅଛି । ଆମ କଥା ଟିକେ ଭାବ । ଶର୍ମିଷ୍ଠାଙ୍କ କଥାରେ ନିରୁତ୍ତର ରହି ସେ ପୁଣି ଭାବିଲେ । ସତେ ତ ! ମୋନାଲିସାର ଆଉ କିଏ ଅଛି ? ଗେହ୍ଲା ଭଉଣୀଟିର ସେ ହିଁ ଏକମାତ୍ର ସାହାରା । ସେ ଏବେ ବିଦ୍ୟାଳୟର ଶିକ୍ଷା ସାରିଛି । କଲେଜ୍ ଯିବ । ତା'ର ଯଥୋଚିତ ଦାୟିତ୍ୱ ତାଙ୍କୁ ହିଁ ନେବାକୁ ହେବ । ସେଥିପାଇଁ ସେ ନିଜକୁ ସଳଖିବାକୁ ଚେଷ୍ଟା କଲେ । ସରକାରୀ ଚାକିରୀର ମୋହ ଛାଡ଼ି ଏକ ଘରୋଇ ସଂସ୍ଥାରେ ଯୋଗଦେଲେ । ଯୋଗ୍ୟତା ଅନୁସାରେ ନ ହେଉ ପଛକେ ଆଗ ଆର୍ଥିକ ସ୍ଥିତିକୁ ସାମୟିକ ସଜାଡ଼ିବାକୁ ହେବ । ନିଜକୁ ନିଜେ ସାନ୍ତ୍ୱନା ଦେଇ ସେ ଆଗେଇବାକୁ ଚାହିଁଲେ । ଚାହିଁବା ପାଇବା ସବୁବେଳେ ମେଳକ ରହେନି । ସେମିତି ତାଙ୍କର ଆଶା ବେଳେବେଳେ ମଉଳିଯାଏ । ଯେତେବେଳେ ଶର୍ମିଷ୍ଠାଙ୍କ ଠାରୁ ପଦିଏ ମିଠା କଥା ଶୁଣି ନିଜର କ୍ଲାନ୍ତି ଦୂରେଇବାକୁ ଚାହାନ୍ତି, ସେତେବେଳେ ତାଙ୍କର ଭାବଭଙ୍ଗୀ ଓ ଶାଣିତ କଟୂକ୍ତି ତାଙ୍କୁ କଟା ଘା'ରେ ଚୂନ ଦେବା ପରି ଲାଗେ । ଏସବୁ ମୂଳରେ ତାଙ୍କର ପାରିଲା ପଣକୁ ପାଣିଚିଆ କରି ଶର୍ମିଷ୍ଠା କହନ୍ତି:- ସୁର ବାବୁଙ୍କ ଘରକୁ ଦେଖିଲ । ଦିନ କେଇଟାରେ ସେ କେତେ କ'ଣ କଲେଣି । ସୁଧୀର ବାବୁଙ୍କ କଥା ତୁମକୁ କ'ଣ ଅଜଣା ? ତମର ସମସାମୟିକ । ଦିନ କେଇଟା ବେପାର କରିଛନ୍ତି କି ନାହିଁ, ଏତେ ପଇସାର ମାଲିକ ନଥିଲେ ଯେ, ଏବେ ତାକୁ ଛାଡ଼ି ବଡ଼ କଣ୍ଟ୍ରାକ୍ଟର ହୋଇଗଲେ । କାହାକୁ କେତେ ଦେଉଛନ୍ତି, ତା'ର ଠିକ୍ ନାହିଁ । ୪ ଦିନ ତଳେ ପୂଜା କମିଟିର ପିଲାଙ୍କୁ ଲକ୍ଷେ ଟଙ୍କା ଦେଇଛନ୍ତି । କ୍ରିକେଟ୍ ଖେଳରୁ ଆରମ୍ଭ କରି ବ୍ୟକ୍ତିଗତ ବାହା ବ୍ରତକୁ କେତେ କ'ଣ ନ ଦେଉଛନ୍ତି ? ସେ କଥା କିଏ ନ ଜାଣେ ? ଶର୍ମିଷ୍ଠାଙ୍କ ପ୍ରଶ୍ନର ଛୋଟିଆ ଉତ୍ତର ଦେଇ ଚୁପ୍ ରହିଥିଲେ ସଞ୍ଜୟ ।

ସେ ଜାଣିଥିଲେ କଥାଟା କାହାକୁ ଅଛପା ନଥିଲା । ସୁଧୀର ବାବୁ ବେପାର କରୁଥିବାବେଳେ ଯେଉଁଠାରୁ ଜିନିଷ ଆଣୁଥିଲେ, ମାଲିକର କର୍ମଚାରୀଙ୍କୁ ଉତ୍କୋଚ ଦେଇ ବହୁ ଗୁଣରେ ଦ୍ରବ୍ୟ ଆଣୁଥିଲେ । ଚୋରାମାଲ୍‌ରୁ ଏତେ ବଡ଼ ମାଲିକ । କଥା ପଦାକୁ ଆସିବା ପରଠୁ ସେ ଆଉ କୋଲକତା ନ ଯାଇ ନିଜର ସଂସ୍ଥା ବଦଳାଇ ଦେଲେ । ଏମିତି ଭାବୁଭାବୁ ସେ ବିଛଣାରେ ଟିକେ ଗଡ଼ିପଡ଼ିଲେ । ଏତିକିବେଳେ ଶର୍ମିଷ୍ଠା ପୁଳାଏ ଟଙ୍କା ଆଲମାରୀରେ ରଖିବାକୁ ଯାଉଥିଲେ । ତାହା ଦେଖି ସେ ନୀରବ ରହିପାରି ନଥିଲେ । ପ୍ରଶ୍ନ କଲେ, ଏବେ ତ ମୋର ଦରମା ମିଳିନାହିଁ କିମ୍ବା ମୁଁ ତୁମକୁ ଦେଇ ନାହିଁ । ଏତେ ଟଙ୍କା ଆଣିଲ କେଉଁଠୁ ? ଏତିକିରେ ଶର୍ମିଷ୍ଠାଙ୍କ ମୂହଁରେ ମିଠା ଭାବ ଓ ସ୍ମିତହସ ଫୁଟି ଉଠିଲା । ଯାହାର ଅର୍ଥ ଜଣାଉଥିଲା, ମୁଁ ତୁମ ପରି ଅପାରଗ ନୁହେଁ । ମୋର ବି କରାମତି ଅଛି । ନୀରବତା ଭାଙ୍ଗି ସଞ୍ଜୟ ତାଙ୍କ ପ୍ରଶ୍ନର ପୁନରାବୃତ୍ତି କଲେ । ସନାତନ ଦାସ ଆସିଥିଲେ । ସେ ବାଧ୍ୟ କରି ଏତକ ଦେଇଗଲେ । ଦୟା କିମ୍ବା ସହାନୁଭୂତି ପାଇଁ ଦେଇନାହାନ୍ତି । ତାଙ୍କ କାମରେ ସହଯୋଗ ପାଇଁ ସେ ଟଙ୍କା ଦେଇଛନ୍ତି ।

ଶର୍ମିଷ୍ଠାଙ୍କର ଏଇ କେଇପଦ କଥା ସଞ୍ଜୟଙ୍କ ଦେହରେ ହଠାତ୍ ତାତିଲା ଲୁହାର ଚେଙ୍କ ଲଗାଇଦେଲା । ସେ ନିଜକୁ ନିୟନ୍ତ୍ରଣରେ ରଖିପାରିଲେ ନାହିଁ । ନିଜର ବିରକ୍ତିରୁ ତାଙ୍କର ତୀବ୍ର ଭର୍ତ୍ସନା ବାହାରିପଡ଼ିଲା । ହେଲେ ଶର୍ମିଷ୍ଠାଙ୍କର କୌଣସି ପରିବର୍ତ୍ତନ ହେଲା ନାହିଁ । ବରଂ ବାଧ୍ୟ ହୋଇ ବଦଳିଲେ ସଞ୍ଜୟ । ଠିକ୍ ଦଳବଦଳ କରିଥିବା ରାଜନେତା ପରି । କାରଣ ଶର୍ମିଷ୍ଠାଙ୍କ ସ୍ୱଭାବ ସେ ଭଲଭାବରେ ଅନୁଧ୍ୟାନ କରିଛନ୍ତି । ପ୍ରତ୍ୟେକ କଥାରୁ ଏକ ଭିନ୍ନ ଅର୍ଥ ବାହାର କରି ଅଭାବ ବୋଧ ଦର୍ଶେଇବା ତାଙ୍କ ବୈଶିଷ୍ଟ୍ୟ । ଏଇଟା ନାଇଁ ସେଇଟା ନାଇଁ ଭଳି ତାଙ୍କ ମୁହଁରେ ନାହିଁ ନାହିଁର ଶବ୍ଦ । ତେଣୁ ସେ ସର୍ବଦା ପ୍ରଲୋଭନରେ ଆସକ୍ତ । ସନିଆ ଓରଫ ସନାତନ ଦାସ ଆଗରୁ କେତେଥର ତାଙ୍କ ଘରକୁ ଆସିଛନ୍ତି । ତାଙ୍କ କଥା ଓ କାମରେ ସାମିଲ୍ ହେବା ପାଇଁ ଅନେକ ପ୍ରଲୋଭନ ଦେଖାଇଛନ୍ତି । ସଞ୍ଜୟ କିନ୍ତୁ ଅବିଚଳ ରହିଛନ୍ତି । ଉଭୟଙ୍କର କଥାବାର୍ତ୍ତା ଅବଶ୍ୟ ଶର୍ମିଷ୍ଠା ଶୁଣିଥିବେ । ବେଳେବେଳେ ସଞ୍ଜୟଙ୍କୁ ବାର୍ତ୍ତାଳାପର ବିଶେଷତ୍ୱ ନେଇ ପ୍ରଶ୍ନ କରିଛନ୍ତି । ସଞ୍ଜୟ କିନ୍ତୁ ସେ କଥାକୁ ଆଡ଼େଇଯାନ୍ତି । ସେ ନଥିବା ବେଳେ ସନାତନ ଦାସ ଶର୍ମିଷ୍ଠାଙ୍କୁ ମନେଇଛନ୍ତି । ପରେ ପରେ ସଞ୍ଜୟଙ୍କର ଏକ ଶାନ୍ତ ଅବସ୍ଥା ଲକ୍ଷ୍ୟ କରି ଶର୍ମିଷ୍ଠା କହିଲେ ତୁମକୁ ସେମିତି କିଛି କରିବାକୁ ହେବନାହିଁ । କେବଳ ଟିକେ ସହଯୋଗ କରିବ । ତମର ବନ୍ଧୁ ଶୁଶାନ୍ତ ଜଣେ ପେଟ ରୋଗୀ ହୋଇସାରିଛନ୍ତି । ମତେ ମଧ୍ୟ କ୍ୟାନସର୍ । ଚକିତ ହୋଇ ଚାହିଁଲେ ସଞ୍ଜୟ । ଆରେ ସତକୁ ନୁହଁ । ଏଇ ମିଛି ମିଛିକା ରୋଗ । ବାବାଙ୍କର କୃପାରୁ ଠିକ୍ ୨୧ ଦିନ ପରେ ଭଲ ହୋଇଯିବ । ତମକୁ ବୋଧେ ଜଣା ନାହିଁ, ଯେଉଁ ସନାତନ ଦାସ, ଗାଁ ମୁଣ୍ଡ ବରଗଛ ମୂଳେ ବସି ହୁକୁମ୍ ଦେଉଥିଲେ, ତୁଳସୀ ଓ ତେଲପତ୍ର ପ୍ରଦାନ କରି ଛୋଟମୋଟ ରୋଗ ଭଲ କରୁଥିଲେ ।

ସେ ଆଉ ସେମିତି ନାହାନ୍ତି । ତାଙ୍କର ବିଦ୍ୟା ଓ ବୁଦ୍ଧି ବଳରେ ସେ ବାବା ହୋଇଗଲେଣି । ଆମ ପରି ଅସାଧ ରୋଗ ଭଲ କରିବା ପରେ ତାଙ୍କର ଖ୍ୟାତି ଆହୁରି ବଢ଼ିଯିବ । ସତକୁ ସତ ତାହା ହିଁ ହେଲା । ବାଘ ଯନ୍ତାରେ ରହି ପୋଷା ମାନିବା ପରି ସଞ୍ଜୟ ବାବାଙ୍କର ବୋଲକରା ହୋଇଗଲେ । ଦିନେ ବାବା କହିଲେ, ଏଇ ଶଶ୍ମାନର ମାଟିତଳୁ କାଳୀ ମୂର୍ତ୍ତୀ ବାହାରିବ । କେମିତି ? ସେଠାରେ କ'ଣ ସତକୁ କାଳୀମୂର୍ତ୍ତୀ ଅଛି ? ସଞ୍ଜୟଙ୍କ ପ୍ରଶ୍ନରେ ସରୁ ହସମାଖି ବାବା କହିଲେ:- ତୁମେ କହୁଥିଲ ନା ରାଜସ୍ଥାନରେ ସୁନ୍ଦର ଦେବାଦେବୀ ପ୍ରତିମୂର୍ତ୍ତୀ ନିର୍ମାଣ କରାଯାଏ । ଅନେକ ମନ୍ଦିରରୁ ମୂର୍ତ୍ତି ସେଇଠାରୁ ଆସି ପୂଜା ପାଉଛନ୍ତି । ସେଠାରୁ ମୂର୍ତ୍ତି ଆଣି ମଶାଣିର ମାଟି ତଳେ ପୋତି ରଖିବା ତମ ଦାୟିତ୍ୱ ।

ଏତିକିରେ ସଞ୍ଜୟ ବୁଝିଗଲେ । ସବୁ କାମ ସୁରୁରୁ ରୂପେ ସମ୍ପାଦିତ ହେଲା । ବାବା ନିର୍ଦ୍ଦିଷ୍ଟ ଶୁଭଦିନ ଘୋଷଣା କଲେ । ସେଦିନ ମଶାଣିରେ ଅସଂଖ୍ୟ ଲୋକ । ଖୋଳ, କରତାଳ, ଘଣ୍ଟା, ହୁଳହୁଳି, ହରିବୋଲ ଶବ୍ଦରେ ପରିବେଶ ନିନାଦିତ ହେଉଥାଏ । ଭକ୍ତମାନେ ସାରା ମଶାଣିଟାକୁ ସଫା କରି ବିଭିନ୍ନ ସ୍ଥାନ ଖୋଳିବାକୁ ଲାଗିଥାନ୍ତି । ସଂନ୍ଧ୍ୟା ଆଗତପ୍ରାୟ । ଅନେକଙ୍କ ମୁହଁ ଉପରେ ନିରାଶ ଭାବ ଜମି ଆସିଲା । କିଏ କହିଲା, ବାବୁ ଆମକୁ ଭୁଆଁ ବୁଲଉଛନ୍ତି । ପରିହାସରେ ଆଉ କିଏ ମନ୍ତବ୍ୟ ଦେଲା:- "ନାଇଁମ, ଚକମା ଦେଖାଉଛନ୍ତି ।" ଏତିକିବେଳେ ଧ୍ୟାନ ଭାଙ୍ଗି ବାବା ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଇଙ୍ଗିତ କଲେ । ଭକ୍ତମାନେ ସେହି ସ୍ଥାନକୁ ଖୋଳିବାକୁ ଲାଗିଲେ । ବାବାଙ୍କର ବାସ୍ତବତା ପ୍ରମାଣ କରି ଏକ ଅପୂର୍ବ କାଳୀମୂର୍ତ୍ତି ଆବିଷ୍କୃତ ହେଲେ । ଖବରଟା ନିମିଷକେ ଚାରିଆଡ଼େ ଖେଳିଗଲା । ବାବାଙ୍କର ମହିମା ଜିଲ୍ଲାରୁ ରାଜ୍ୟ ଟପି ଅସୁମାରି ଭକ୍ତମାନସକୁ ଆୟତ୍ତ କଲା । ଶ୍ରଦ୍ଧାଳୁ ଭକ୍ତଙ୍କ ପ୍ରାର୍ଥନାରେ ଶୁଭିଲା ବାବାଙ୍କ ଜୟ ଜୟକାର । ଲୀଳାମୟ, ଭାବବିନୋଦିୟା, ମୟୂରଚୁଳିଆ କାହ୍ନାଙ୍କର ସେ ହେଲେ ଅଭିନବ ଅବତାର । ସନିଆ ଓରଫ ସନାତନ ଦାସ ହୋଇଗଲେ ଶ୍ରୀମତ୍ ଶାଶ୍ୱତ ଭଗବାନ୍ । ଆଶୀର୍ବାଦ ଆଶାରେ ତାଙ୍କ ପାଖକୁ ଭକ୍ତଙ୍କର ସୁଅ ଛୁଟିଲା । ସର୍ବ ମହୌଷଧି ପରି ବାବା ହେଲେ ସର୍ବ ସିଦ୍ଧିଦାତା । ରୋଗୀରୁ ଭୋଗୀ, ନେତାରୁ ଅଭିନେତା ତଥା ପ୍ରଶାସକରୁ ପ୍ରତିଭାବାନ୍ ବ୍ୟକ୍ତିମାନେ ବାବାଙ୍କର ଶରଣାପନ୍ନ ହେଲେ । ତାଙ୍କର ପ୍ରବଚନ ଆଶ୍ରମରେ ସୀମିତ ନ ରହି ଦୂରଦର୍ଶନର ଭକ୍ତି ଓ ମୁକ୍ତି ବିତରିଲା । ଭକ୍ତ ମନୋବାଞ୍ଛା ପୂରଣ ପ୍ରତିଦାନରୁ ଆଶ୍ରମ ହେଲା ଐଶ୍ୱର୍ଯ୍ୟର ଗନ୍ତାଘର । ସେହି ଅନୁଦାନରୁ ତାଙ୍କର ନିଜର ପୁରୁଣା ପରିବେଶ ମଧ୍ୟ ବଦଳିଗଲା । ଚାଳ ଛପର ଘର ଜାଗାରେ ସଦର୍ପେ ଉଭା ହେଲା ଦ୍ୱିତଳ ପ୍ରାସାଦ । ଖଞ୍ଜା ହୋଇ ରହିଲେ ସେବାକର୍ମୀ ନାଁରେ ୭-୭ଟା ଚାକର । ଆଉ ୬ଟା ୨ ଚକିଆରୁ ୪ ଚକିଆ ଯାନ ।

ନିଜର ତଥା ବାବାଙ୍କର ବିପୁଳ ସମ୍ବଳର ସୁପରିଚାଳନା ତଥା ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଏକ ଶାନ୍ତି ବାହିନୀ ଗଠନର ପ୍ରସ୍ତାବ ଦେଲେ ସଞ୍ଜୟ । ବାବା ତାହା ଅବିଳମ୍ବେ ମଞ୍ଜୁର କଲେ । ଶାନ୍ତି ବାହିନୀରେ ରହିଲେ ସୁସ୍ଥ ସବଳ ନିପୁଣ ମଲ୍ଲ ଯୋଦ୍ଧା । ଲୁକ୍କାୟତ ଭାବରେ ତାଙ୍କ ପାଖରେ ଆଗ୍ନେୟ ଅସ୍ତ୍ର ମଧ ରହିଲା । ସେହି ବାହିନୀର ମୁଖ୍ୟ ନିର୍ବିକଳ୍ପ ରାଏ । ଯାହାକୁ ନିଜେ ନିଯୁକ୍ତ ଦେଇଥିଲେ ସଞ୍ଜୟ । ସେ ପୁଣି ଆଜି ତାଙ୍କୁ ପ୍ରତିରୋଧ କଲା । ବାବାଙ୍କର ପାଖ ମାଡ଼ିବାକୁ ଦେଲାନାହିଁ । ବୁଝିବାରେ ଆଉ ବାକି ରହିଲା ନାହିଁ । ବାଲ୍ୟଲୀଳା ବେଳେ ବାବା କ'ଣ କରନ୍ତି । ସେ କୃଷ୍ଣ ସାଜି ସୁନ୍ଦରୀ ତରୁଣୀମାନଙ୍କ ଦୈହିକସୁଖ ଅନୁଭବ କରନ୍ତି । ଆଜି ସେହି ସ୍ଥାନରେ ତାଙ୍କର ଆଦରର ଗେହ୍ଲା ଭଉଣୀ ଲିସା ରହିଛି ବୋଲି ବିଶେଷ ସୂତ୍ରରୁ ସେ ଖବର ପାଇଲେ । ଭାବିଲେ, ସନାତନ ଦାସ ଏମିତି କେମିତି ସାହସ କଲେ । ଖବରଟା ହୁଏତ ମିଛ ହୋଇପାରେ ? କାରଣ ଶର୍ମିଷ୍ଠା ତ ସେଠାରେ ଥିବେ । ଏମିତି କାମକୁ ସେ କେବେ ପ୍ରଶ୍ରୟ ଦେବେ ନାହିଁ । କିନ୍ତୁ ଲିସା ତ ଘରେ ନାହିଁ । ଆଶ୍ରମକୁ ଯାଇଥିଲା । ଯଦି କିଛି ହୋଇଥାଏ... । ହୁଏତ ଛୁଟି କଟେଇବାକୁ ହଷ୍ଟେଲ ଛାଡ଼ି ନ ଆସିଥିଲେ ଏମିତି କିଛି ହୋଇନଥାନ୍ତା ।

ନିଶ୍ଚିତ ହେବାପାଇଁ ସେ ଶର୍ମିଷ୍ଠାଙ୍କୁ କଲ୍ କଲେ । କିନ୍ତୁ ସ୍ୱିଚ୍ ଅଫ୍‌ର ସୂଚନା ପାଇଲେ । ତା'ପରେ ତାଙ୍କର ଜଣେ ବିଶ୍ୱସ୍ତ ପରିଚାରିକାକୁ ଫୋନ କରି ପାଇଥିବା ସୂଚନାର ସତ୍ୟତା ଜିଜ୍ଞାସା କଲେ । ଚୁପିଚୁପି ସେ କହିଲେ, ଆପଣ ଯାହା ଶୁଣିଛନ୍ତି ଶତପ୍ରତିଶତ ସତ୍ୟ । ଏତିକି ଶୁଣିବା ପରେ ମୋବାଇଲ୍‌ଟିକୁ ହାତରୁ ଫୋପାଡ଼ିଦେଲେ ସଞ୍ଜୟ । କ୍ରୋଧର କରାମତି ତାଙ୍କୁ ଅଥୟ କଲା । ସେ କିନ୍ତୁ ଥଳକୂଳ ପାଇଲେ ନାହିଁ ।

ଜଣେ ସେବାକର୍ମୀ ତାଙ୍କ ଉଦ୍ଦେଶ୍ୟରେ କ'ଣ କହୁଥିଲେ । ସେଥିକୁ ସେ କର୍ଣ୍ଣପାତ ନକରି ନିଜେ ଗାଡ଼ି ଧରି ବାହାରି ଗଲେ । ଥାନା ଆଗରେ ଗାଡ଼ି ରଖି ଭିତରକୁ ଗଲେ । କର୍ମଚାରୀମାନେ ତାଙ୍କୁ ଯଥେଷ୍ଟ ସମ୍ମାନ ଦେଲେ । କାରଣ ସେ ବାବାଙ୍କ ପ୍ରିୟଜନ ବୋଲି ସେମାନଙ୍କୁ ଅଜଣା ନଥିଲା । ସଞ୍ଜୟ ପ୍ରଶ୍ନ କଲେ- ଆଇ.ଆଇ.ସି. କାହାନ୍ତି ? କର୍ମଚାରୀ ଜଣେ କହିଲା । ଆପଣ ଆଜି ଆଶ୍ରମରେ ନ ଥିଲେ କି ? କାହିଁକି ? ମାଡାମ୍ ପରା ଆପଣଙ୍କ ଆଶ୍ରମକୁ ଯାଇଛନ୍ତି । କିନ୍ତୁ ସରକାରୀ କାମରେ ନୁହେଁ । ଏତକ କହି ସେ ଚୁପ୍ ରହିଲେ । ସଞ୍ଜୟ ନିରବରେ ଚାହିଁ ରହିଲେ । ଯାହାର ଅର୍ଥ କେଉଁ କାମ ପାଇଁ ମାଡାମ୍ ଆଶ୍ରମକୁ ଯାଇଛନ୍ତି । ତାଙ୍କର ଭାବର ଅର୍ଥକୁ ଉପଲବ୍ଧି କରି ବାବାଙ୍କର ଲକେଟ୍ ପିନ୍ଧିଥିବା ମହିଳା କନେଷ୍ଟବଳ ଜଣେ କହିଲା । ଆପଣ କ'ଣ ଜାଣନ୍ତି ନାହିଁ, ମାଡାମ୍‌ଙ୍କର କେବଳ ଝିଅଟିଏ ଅଛି । ସେ ପୁଣି ସବୁବେଳେ ଅସୁସ୍ଥ । ବାବାଙ୍କ କୃପାରୁ ପୁଅଟିଏ ପାଇବାପାଇଁ ସେ କ'ଣ ଆଜି ସେଠାରେ ଏକ ହୋମଯଜ୍ଞର ଆୟୋଜନ କରିଛନ୍ତି । ଏତିକିରେ ସଞ୍ଜୟ ସବୁ ବୁଝିଗଲେ । ଭାବିଥିଲେ ଆଇ.ଆଇ.ସି.ଙ୍କୁ ବାବାଙ୍କର କଳା କାରନାମାର ତଥ୍ୟ ଦେବେ । ତାଙ୍କର ମୁଖା ଖୋଲିବାର ସହଯୋଗ ପାଇବେ । କିନ୍ତୁ ଜାଣିଲେ, ଏମିତି ଢ଼ାଲ ଧରି କିଛି ଲାଭ ନାହିଁ । ତେଣୁ ସେ ଆଉ କିଛି ନ କହି ସେଠାରୁ ଫେରିଆସିଲେ ।

ଆଶ୍ରମକୁ ନ ଯାଇ ନିଜଘର ପାଖରେ ପହଞ୍ଚିଲେ । ଦରୁଆନ୍ ଚକିତ

ଦୃଷ୍ଟିରେ ତାଙ୍କୁ ଚାହିଁଲା। ସମ୍ଭବତଃ ତାଙ୍କର ଏମିତି ସମୟରେ ଆଶ୍ରମ ଛାଡ଼ି ଘରକୁ ଫେରିବା ଅଥବା ଭାବଭଙ୍ଗୀର ରୀତିକୁ ସେ ତର୍ଜମା କରୁଥିଲା। ସଞ୍ଜୟ ଦେଖିଲେ, ଶାନ୍ତି ବାହିନୀର ୨ ଜଣ ନବାଗତ ତାଙ୍କ ପୋର୍ଟିକୋ ଆଗରେ ବସିଛନ୍ତି। ତାଙ୍କୁ ଦେଖିବା ମାତ୍ରେ ସେମାନେ ପ୍ରଣାମ୍ କଲେ। ସେ କିନ୍ତୁ ସେମାନଙ୍କୁ କିଛି ନ କହି କ୍ଷିପ୍ର ବେଗରେ ଭିତରକୁ ଚାଲିଗଲେ। ରାତ୍ରି ଭୋଜନ ନ କରିବା ପାଇଁ ପୂଜାରୀକୁ ନିର୍ଦ୍ଦେଶ ଦେଇ ଚୁପ୍‌ଚାପ୍ ପଲଙ୍କରେ ପଡ଼ି ରହିଲେ। ବିଳମ୍ବିତ ରାତିରେ ଶର୍ମିଷ୍ଠା ଫେରିଲେ। ଗୌର ଚନ୍ଦ୍ରିକା ନ ଦେଇ ସଞ୍ଜୟ ଚଡ଼ାଗଳାରେ ପ୍ରଶ୍ନ କଲେ:- ଲିସା କାହିଁ ? ସେ ତାଙ୍କର ବେଡ୍ ରୁମ୍‌ରେ ଥିବେ। ସଂକ୍ଷିପ୍ତ ଉତ୍ତରଟିଏ ଫୋପାଡ଼ିଦେଲେ ଶର୍ମିଷ୍ଠା। ଯେମିତିକି ସେ କିଛି ଜାଣନ୍ତି ନାହିଁ କି ସେମିତି କିଛି ହୋଇନାହିଁ। ଏହାପରେ ସଞ୍ଜୟ ଯେତିକି ବିରକ୍ତି ଢାଳିଲେ, ଶର୍ମିଷ୍ଠା ସେତିକି ଶାନ୍ତ ଭାବେ ନିରୁତ୍ତର ରହିଲେ। ନିଜର ସାମୟିକ ନିତ୍ୟ କର୍ମ ସାରି ମୁହଁ ବୁଲାଇ ଶୋଇଗଲେ। ଶୁଣାଇ ଶୁଣାଇ ସଞ୍ଜୟ କହିଲେ, କାଲି ସକାଳେ ତୁମ ସମସ୍ତଙ୍କର ମୁଖା ଖୋଲିଦେବି। ଏସ୍.ପି.ଙ୍କ ପାଖକୁ ଯିବି। ଆବଶ୍ୟକ ହେଲେ ଡି.ଜି.ଙ୍କୁ ଜଣେଇବି। ରାଗରେ ଏତିକି କହି ସେ ନିଜ ଡ୍ରଇଂରୁମ୍‌କୁ ଉଠି ଆସିଲେ। ଖବର କାଗଜ ଉପରକୁ ଆଖି ବୁଲାଇଲେ। ଅକ୍ଷର ଗୁଡ଼ିକ ତାଙ୍କୁ କିମ୍ଭୁତ କିମାକର ଲାଗିଲା। ବସିବସି କଳ୍ପନାରେ ମିଶାଣ, ଫେଡ଼ାଣର କେତେ ଅଙ୍କ କଷି ଚାଲିଲେ। ସିଦ୍ଧାନ୍ତ ପାଇଲେ ନାହିଁ। ଲିସାକୁ ଦେଖା କରିବା ପାଇଁ ତାର ବେଡ୍ ରୁମ୍ ଆଡ଼କୁ ଆଗେଇଲେ। ଦେଖିଲେ କବାଟ୍ ଖୋଲା ଅଛି। ବାହାରେ ଛିଡ଼ା ହୋଇ ପରିସ୍ଥିତିକୁ ଅନୁଧ୍ୟାନ କରିବାକୁ ଚେଷ୍ଟା କଲେ।

ସେ ଭିତରେ ଥିବାର ଉପଲବ୍ଧି କଲେ। ତା'ର ଦୀର୍ଘଶ୍ୱାସ ଯେମିତି ତାଙ୍କୁ ସୂଚେଇ ଦେଲା, ସେ ଦୁଃଖ, ଯନ୍ତ୍ରଣାରେ ନିରୁପାୟ। ତା' ପାଖକୁ ଆଉ ଯିବା ପାଇଁ ସାହସ କରିପାରିଲେ ନାହିଁ ସଞ୍ଜୟ। ତାକୁ କ'ଣ କହି ସାନ୍ତ୍ୱନା ଦେବେ। ତାର କରୁଣ ମୁହଁ ପଛରୁ ମା'ର ମୁହଁ ଦିଶିଗଲା। ଜୀବନର ଅନ୍ତିମ ଶଯ୍ୟାରେ ସେ କହିଥିଲେ ବାବୁରେ, ଲିସା ତତେ ଲାଗିଲା, ତୁ ସବୁବେଳେ ତା'ର ଖିଆଲ ରଖିବୁ। ସେ ତା'ର ଖିଆଲ ରଖିଛନ୍ତି। ନିଜକୁ ନିଜେ ମନେମନେ ବିଦ୍ରୂପ କଲେ ସଞ୍ଜୟ। ଫେରି ଆସି ସେ ପୁନଶ୍ଚ ଡ୍ରଇଂ ରୁମ୍‌ର ସୋଫା ଉପରେ ବସିପଡ଼ିଲେ। ବସୁ ବସୁ ତାଙ୍କର ଆଖି ମୁଦି ହୋଇଗଲା। ଭୋର୍ ବେଳକୁ କୌଣସି ଅସ୍ୱାଭାବିକ ଶବ୍ଦରେ ତାଙ୍କର ନିଦଟା ଛଟ୍ କରି ଭାଙ୍ଗିଗଲା। ସେଠାକୁ ବଗିଚା ଉଦ୍ଦେଶ୍ୟରେ ଆସୁ ଆସୁ ଦେଖିଲେ, ଦରୁଆନ୍ ଗେଟ୍ ଖୋଲା ରଖିଛି। ସେ ପ୍ରଶ୍ନ କଲେ, କିଏ ଆସିଥିଲେ କି ? "ଶାନ୍ତି ବାହିନୀର ଲୋକମାନେ ସାନ ମାଡାମ୍‌ଙ୍କୁ ସାଥୀରେ ନେଇଗଲେ।" ଦରୁଆନ୍‌ର ଉତ୍ତରରେ ଆଶ୍ଚର୍ଯ୍ୟ ହୋଇ ସଞ୍ଜୟ କେତେ କ'ଣ ଭାବିଗଲେ ପୁନଶ୍ଚ ସେ ପ୍ରଶ୍ନ କଲେ:- "କେଉଁ ଆଡ଼କୁ ? କାହିଁକି ନେଲେ ?"

ସେ କଥା ତ ମତେ ଜଣାନାହିଁ। ପୂର୍ବ ଦିଗକୁ ଅଙ୍ଗୁଠି ନିର୍ଦ୍ଦେଶ କରି ଦରୁଆନ୍ କହିଲା:- ସେମାନେ ଏଇ ରାସ୍ତାରେ ଗଲେ। ସଞ୍ଜୟ ଭାବିଲେ, ଲିସାକୁ ଆଶ୍ରମର ବିପରୀତ ଦିଗରେ ନେବାର କାରଣ କ'ଣ। ସେ ଆଉ ବିଳମ୍ବ ନ କରି ସେହି ଦିଗରେ ଦୌଡ଼ିବାକୁ ଲାଗିଲେ। ଦେଖିଲେ, ତାଙ୍କଠାରୁ ବେଶ୍ କିଛି ଦୂରରେ ୪ ଜଣ ଲୋକ ଲିସାକୁ ଏକ ପ୍ରକାର ଟେକି ଟେକି ନେଉଛନ୍ତି। ସେ ନିଜର ବେଗ ଆହୁରି ବଢ଼ାଇ ଦେଲେ। କିନ୍ତୁ ଝୁଣ୍ଟିପଡ଼ି ପଡ଼ିଗଲେ। ଉଠିପଡ଼ି ସେମାନଙ୍କୁ ଅଟକିବା ପାଇଁ ଚିତ୍କାରକରି ଡାକିଲେ। ସେମାନେ କିନ୍ତୁ ତାଙ୍କ କଥାକୁ ଭ୍ରୂକ୍ଷେପ କଲେ ନାହିଁ। ଉଠିପଡ଼ି ପୁନଶ୍ଚ ଦୌଡ଼ିବାକୁ ଉଦ୍ୟତ ହେଉଥିବା ବେଳେ ସେ ଦେଖିଲେ ସେମାନେ ଲିସାକୁ ନଈ ମଝିକୁ ଫିଙ୍ଗିଦେଲେ।

ନିଜର ସମସ୍ତ ବଳ ଖଟାଇ ଚିତ୍କାର କଲେ ସଞ୍ଜୟ। ଲିସାକୁ ଉଦ୍ଧାର କରିବା ପାଇଁ ନଈ ଭିତରକୁ ଡେଇଁବା ବେଳେ ପଛରୁ ତାଙ୍କୁ ଜଣେ ଟାଣି ଧରିଲା। ଜୋର କରି କିଛି ଦୂରକୁ ନେଇ ଆସିଲା। କହିଲା, ନଈର ଅକାତ କାତ ପାଣିକୁ ତ ଦେଖୁଛନ୍ତି। କରେଣ୍ଟର କରାଳତା କମ୍ ନୁହେଁ। ତହିଁରେ ସାଲୁବାଲୁ କୁମ୍ଭୀର କରାମତି ମଧ୍ୟ ଜଣାଅଛି। ଆଉ ଜଣେ କହିଲା, ଆପଣଙ୍କ ଭଉଣୀ ମୋନାଲିସା ପ୍ରାତଃ ଭ୍ରମଣରେ ଆସିଥିଲା, ନଈକୂଳରୁ ତାକୁ କୁମ୍ଭୀର ନେଇଗଲା। ଆପଣ ନିଜ ଆଖିରେ ଦେଖିଛନ୍ତି। ଏହା ବ୍ୟତୀତ ଆଉ ଗୋଟିଏ ଶବ୍ଦ ଯେମିତି ଆପଣଙ୍କ ପାଟିରୁ ନ ବାହାରେ। ସଞ୍ଜୟଙ୍କର ଇଚ୍ଛା ହେଲା, ତା'ର ଜିଭଟାକୁ ଟାଣି ଆଣିବା ପାଇଁ। ତାଙ୍କ ହାତରେ କିଛି ନଥିଲା। ସେ ନିରସ୍ତ୍ର, କିନ୍ତୁ ସେମାନଙ୍କ ହାତରେ ଥିଲା। ସେ କ୍ଷୁବ୍ଧ ହୋଇ ବସିପଡ଼ିଲେ। ଭାବିଲେ ଯେଉଁ ବିଷଧରକୁ ଅନ୍ୟ ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଉଥିଲା ସେ ନିଜେ ତା'ର ଶିକାର ହୋଇଗଲେ। ଯେଉଁ ହୀରାଫୁଲ ତୋଳି ସେ ନିଆରା ଝଲକ ପାଇଥିଲେ ତାହା ସବୁ ଯେମିତି ଝରିଗଲା। ସେ ନିର୍ନ୍ନିମେଷ ନୟନରେ ନଈକୁ ଚାହିଁଥାନ୍ତି। ରାତିର କାଳିମାକୁ ସମ୍ପୂର୍ଣ୍ଣ ଦୂରେଇଦେଇ ସକାଳର ସୂର୍ଯ୍ୟ ନଈ ପାଣିରେ ରଙ୍ଗ ମିଶେଇଦେଲେଣି। ସେହି ମିଶାଣର ମୟୂଖରୁ ସେ ନୂଆ ଉଦ୍‌ଭାସର ଇଶାରା ପାଇଲେ। ଘରକୁ ଆଉ ଫେରିଲେ ନାହିଁ। ନିରୁଦ୍ଦିଷ୍ଟ ହୋଇଗଲେ।

*ରାଜକନିକା, କେନ୍ଦ୍ରାପଡ଼ା-୭୫୪୨୨୦*
*ଦୂରଭାଷ: ୯୯୩୮୭୪୭୦୩୪*

# ଛନ୍ଦ ପତନ

ଉଷା ଶତପଥୀ

ମଣିଷ ଜୀବନ ପ୍ରହେଳିକାମୟ ଓ ଘଟଣା ବହୁଳ। ବିଧିର ବିଚିତ୍ର ବିଧାନ ଆଗରେ ମନୁଷ୍ୟର ବୁଦ୍ଧି, ବଳ, ପରାକ୍ରମ ସବୁ ଶକ୍ତିହୀନ ହୋଇଯାଏ। ନିୟତିର ନିଷ୍ଠୁର ନିର୍ଦ୍ଦେଶରେ କ୍ଷଣକରେ ମଣିଷ ଜୀବନରେ ସବୁକିଛି ଓଲଟପାଲଟ ହୋଇଯାଏ। କିନ୍ତୁ ସୂର୍ଯ୍ୟଙ୍କର ପ୍ରତିଦିନର କାର୍ଯ୍ୟକ୍ରମରେ କୌଣସି ପରିବର୍ତ୍ତନ ହୁଏନାହିଁ। ପ୍ରତିଦିନ ସକାଳେ ପୂର୍ବଦିଗରେ ସୂର୍ଯ୍ୟ ଉଦୟ ହୁଅନ୍ତି ଓ ସନ୍ଧ୍ୟାରେ ପଶ୍ଚିମରେ ଅସ୍ତ ହୁଅନ୍ତି। ଗୋଟିଏ ଦିନରେ ଅନ୍ତ ହୁଏ। ଆଉ ଗୋଟିଏ ଦିନ ଆରମ୍ଭ ହୁଏ। ସେଇ ଅନୁସାରେ ମଣିଷ ଜୀବନରେ ସୁଖ ହେଉ ଅବା ଦୁଃଖ ହେଉ, ଲାଭ ହେଉ ବା କ୍ଷତି ହେଉ ଦିନ ପରେ ଦିନ ଅତିକ୍ରାନ୍ତ ହୋଇଯାଏ। ସମୟ ଅଟକି ଯାଏ ନାହିଁ।

ଦିପାଳୀଙ୍କ ଜୀବନରେ ସେମିତି ସବୁକିଛି ଓଲଟପାଲଟ ହୋଇଯିବା ପରେ ମଧ୍ୟ ଦିନପରେ ଦିନ କଟି ଯାଉଥିଲା। ଯେଉଁ ଆଶ୍ରମ ଦିନେ ତାଙ୍କର ବାପା ନିରଞ୍ଜନ ବାବୁ ତାଙ୍କର ସନ୍ତାନମାନଙ୍କ ସାହାଯ୍ୟରେ ଅସହାୟ ନରନାରୀଙ୍କ ପାଇଁ ପ୍ରତିଷ୍ଠା କରିଥିଲେ ସେଇ ଆଶ୍ରମରେ ସେ ଜଣେ ଅନ୍ତେବାସିନୀ ହୋଇ ରହିବେ ବୋଲି କଣ କେବେ କଳ୍ପନା କରିଥିଲେ ? ତାଙ୍କର ପିତା ଥିଲେ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ। ତେଣୁ ସେ ଚାକିରୀ କାଳରେ ନିଜର ଛଅଟି ସନ୍ତାନଙ୍କୁ ସଙ୍ଗରେ ନେଇ ଓଡ଼ିଶାର ବିଭିନ୍ନ ସହରରେ ବୁଲୁଥିଲେ। ସମୟକ୍ରମେ ପିଲାମାନେ ବଡ଼ ହେଲେ। ପାଠ ପଢ଼ିଲେ। ଚାରି ଝିଅ ଅଞ୍ଜଳି, ଦିପାଳୀ, ବନ୍ଦନା ଓ ପ୍ରାର୍ଥନା ଶିକ୍ଷା ଶେଷରେ ବିବାହ କରି ଯେ-ଯାହା ସଂସାରରେ ବ୍ୟସ୍ତ ହୋଇଗଲେ। ପୁଅ ଦୁହେଁ- ଚନ୍ଦନ ଓ ତିଳକ। ପାଠ ଶେଷରେ ସେମାନେ ବି ଚାକିରୀ କରି ଦୂର ସହରକୁ ଚାଲିଗଲେ। ବିବାହ ପରେ ସେମାନେ ବି ତାଙ୍କ ସଂସାରରେ ବ୍ୟସ୍ତ ହୋଇଗଲେ। ଅବସର ସମୟ ପାଖେଇ ଆସିଲା। ତେଣୁ ସେ ତାଙ୍କର ପୈତୃକ ଗାଁ'କୁ ଫେରିବାକୁ ଚାହିଁଲେ। କିନ୍ତୁ ପୁଅ ଦୁଇଜଣ ସେଥିପାଇଁ ଆଗ୍ରହ ପ୍ରକାଶ କଲେନାହିଁ। ସେମାନେ ସହରରେ ଘରକରି ରହିବାର ନିଷ୍ପତ୍ତି ଶୁଣାଇଦେଲେ। ନିରଞ୍ଜନ ବାବୁଙ୍କର ପ୍ରଚୁର ଘରବାଡ଼ି ଥିଲା। ସେ ବି ଜଣେ ପରୋପକାରୀ ଧର୍ମପରାୟଣ ବ୍ୟକ୍ତି ଥିଲେ। ଅବସର ପରେ ନିଜ ଜନ୍ମସ୍ଥାନକୁ ଫେରିବାକୁ ମନସ୍ଥ କରି ସେ ପୁରୁଣା ଘରକୁ ସଜାଡ଼ଇ ବାସପୋଯୋଗୀ କରିଦେଲେ। ଅବସର ପରେ ସେ ଓ ତାଙ୍କର ସ୍ତ୍ରୀ ଅନ୍ନପୂର୍ଣ୍ଣା ଗାଁ'କୁ ଫେରିଆସିଲେ। ତା'ପରେ ସେ ଦୁଇପୁଅ ଓ ଚାରିଝିଅଙ୍କ ସହାୟତାରେ ମନ୍ଦିରଟିଏ ତିଆରିକଲେ। ସେଥିରେ ଲକ୍ଷ୍ମୀ ନାରାୟଣ ମୂର୍ତ୍ତି ସ୍ଥାପନ କଲେ। ପରବର୍ତ୍ତୀ ସମୟରେ ପୁଅମାନଙ୍କ ଅନୁମତି ନେଇ କିଛି ଜମି ମଧ୍ୟ ମନ୍ଦିରକୁ ଦାନକଲେ। ନିରଞ୍ଜନ ବାବୁ ଓ ଅନ୍ନପୂର୍ଣ୍ଣା ଦେବୀଙ୍କର ସମୟ ଆନନ୍ଦରେ ଅତିବାହିତ ହେବାକୁ ଲାଗିଲା।

ସବୁଦିନ ତ ସମାନ ଯାଏନି। ହଠାତ୍ ଦିନେ ଅନ୍ନପୂର୍ଣ୍ଣା ଅସୁସ୍ଥ ହୋଇପଡ଼ିଲେ। ଗୋଟିଏ ସପ୍ତାହ ଭିତରେ ସେ ନିରଞ୍ଜନଙ୍କୁ ଏକୁଟିଆ କରି ଶେଷ ନିଃଶ୍ୱାସ ତ୍ୟାଗକଲେ। ଏତେଦିନ ପର୍ଯ୍ୟନ୍ତ ନିରଞ୍ଜନ ବାବୁ ନିଃଶଙ୍ଗତା କଣ ଜାଣିନଥିଲେ। ଖାଇବା, ପିଇବାରେ ବି ତାଙ୍କର କିଛି ଅସୁବିଧା ନଥିଲା। କିନ୍ତୁ ଅନ୍ନପୂର୍ଣ୍ଣା ଚାଲିଯିବା ପରେ ସେ ବହୁତ ଅସୁବିଧାର ସମ୍ମୁଖୀନ ହେଲେ। ପୁଅ ଦୁହେଁ ତାଙ୍କୁ ଗାଁ ଛାଡ଼ି ସହରକୁ ଚାଲିଆସିବାକୁ କହିଲେ। ନିରଞ୍ଜନ ବାବୁ ସେ ପ୍ରସ୍ତାବରେ ରାଜିହେଲେନି। ଝିଅମାନେ ମଝିରେ ମଝିରେ ଆସୁଥିଲେ। କିଛିଦିନ ରହି ଚାଲିଯାଉଥିଲେ। ଶେଷରେ ମନ୍ଦିର ପାଖରେ ଗୋଟିଏ ଆଶ୍ରମ କରିବାର ଯୋଜନା କରି ଝିଅ-ପୁଅଙ୍କର ଅନୁମୋଦନ ପାଇଁ ଅପେକ୍ଷା କଲେ। ଚନ୍ଦନ ଓ ତିଳକ ପ୍ରଥମେ ଅରାଜି ହେଉଥିଲେ କିନ୍ତୁ ଦିପାଳୀ ହିଁ ପ୍ରଥମ ଲୋକ ଯିଏ ଏ ପ୍ରସ୍ତାବରେ ଖୁବ୍ ଖୁସି ହୋଇଥିଲେ। ଭାଇ ଓ ଭଉଣୀମାନଙ୍କୁ ମନେଇ ସେ ଆଶ୍ରମଟି ପ୍ରତିଷ୍ଠା କରିବାରେ ପୂର୍ଣ୍ଣ ସହଯୋଗୀତା କଲେ। ସମସ୍ତଙ୍କର ଆର୍ଥିକ ସହଯୋଗରେ ଖୁବ୍‌ଶୀଘ୍ର ଆଶ୍ରମ ପ୍ରତିଷ୍ଠା ହୋଇଗଲା। ସେଥିରେ ପ୍ରଥମ ଅନ୍ତେବାସୀ ହେଲେ ନିରଞ୍ଜନ ବାବୁ। ଆଶ୍ରମରେ ମନ୍ଦିର ପାଇଁ ରନ୍ଧା ପ୍ରସାଦର ବ୍ୟବସ୍ଥା ରହିଲା। ପୂଜାରୀ ଜଣେ ନିଯୁକ୍ତ ହେଲେ ଓ ଗାଁ'ର ଗରୀବ ପିଲାଟିଏ ସହାୟକ ହିସାବରେ ରହିଲା। ମନ୍ଦିର ଟ୍ରଷ୍ଟ ନାଁରେ ବ୍ୟାଙ୍କ୍‌ରେ କିଛି ଟଙ୍କା ଜମା କରିଦେଲେ ନିରଞ୍ଜନ ବାବୁ। ଧିରେ ଧିରେ

ଆଶ୍ରମରେ ମଧ୍ୟ ରହିବାକୁ ଅସହାୟ ନିରାଶ୍ରୟ ଲୋକମାନେ ଆସିଲେ। ଆଶ୍ରମରେ କୋଳାହଳ ଲାଗିରହିଲା। ନିରଞ୍ଜନ ବାବୁ ଶେଷ ନିଶ୍ୱାସ ତ୍ୟାଗ କଲାପର୍ଯ୍ୟନ୍ତ ପରମ ଶାନ୍ତିରେ ସେଠାରେ ରହିଗଲେ।

ପ୍ରତିବର୍ଷ ମନ୍ଦିର ପ୍ରତିଷ୍ଠା ଦିବସରେ ଦିପାଳୀଙ୍କ ସମେତ ସବୁ ଭାଇଭଉଣୀ ଗାଁ'କୁ ଆସୁଥିଲେ। କିଛି ଅର୍ଥ ମନ୍ଦିର ଟ୍ରଷ୍ଟକୁ ଦାନ କରୁଥିଲେ ଓ ଉତ୍ସବ ଶେଷରେ ପୁଣି ଫେରିଯାଉଥିଲେ। କିନ୍ତୁ ଦିନେ ଯେ ଦିପାଳୀ ଏଇ ଆଶ୍ରମରେ ଆଶ୍ରୟ ନେବେ ସେକଥା କେହି କଳ୍ପନାରେ ସୁଦ୍ଧା ଭାବିନଥିଲେ।

ଦିପାଳୀଙ୍କ କାହାଣୀ:- ଓଡ଼ିଶା ସରକାରଙ୍କର ଜଣେ ପ୍ରସାସନିକ ଅଧିକାରୀଙ୍କୁ ଦେବପ୍ରିୟ ଦାସଙ୍କୁ ବିବାହ କରିଥିଲେ ଦିପାଳୀ। ଦେବପ୍ରିୟ ଜଣେ ଶାନ୍ତ, ସଚ୍ଚୋଟ ଓ ଅମାୟିକ ବ୍ୟକ୍ତି ଥିଲେ। ଦିପାଳୀ ଉଚ୍ଚଶିକ୍ଷିତ ହେଲେ ମଧ୍ୟ ତାଙ୍କ ପିତାଙ୍କ ଭଳି ଜଣେ ଧର୍ମପରାୟଣା ମହିଳା ଥିଲେ। ତାଙ୍କର ଦାମ୍ପତ୍ୟ ଜୀବନ ଖୁବ୍ ସୁଖମୟ ଓ ଶୃଙ୍ଖଳିତ ଥିଲା। କାଳକ୍ରମେ ପୁଅ ସାତ୍ତ୍ୱିକ ଓ ଝିଅ ଶାଶ୍ୱତୀ ତାଙ୍କର ସୁଖକୁ ବହୁଗୁଣିତ କରିଦେଲେ। ସମୟ ବିତିବାକୁ ଲାଗିଲା। ପୁଅ, ଝିଅ ବଡ଼ ହେଲେ। ସାତ୍ତ୍ୱିକ ଇଂଜିନିୟରିଂ ପାଶ୍ ପରେ ଗୋଟିଏ ମଲ୍ଟିନ୍ୟାସନାଲ୍ କମ୍ପାନୀରେ ଚାକିରୀ କଲା। ସେ ପଢ଼ିବା ସମୟରୁ ସହପାଠିନୀ ଯଶପ୍ରୀତ୍‌କୁ ବିବାହ କରିବାକୁ ସ୍ଥିର କରିଥିଲା। ଯଶପ୍ରୀତ୍ ପଞ୍ଜାବୀ ଝିଅ ଥିଲା। ତଥାପି ଦେବପ୍ରିୟ ସାତ୍ତ୍ୱିକ ସହ ତାର ବିବାହ କରାଇଦେଲେ। ଶାଶ୍ୱତୀର ପାଠ ମଧ୍ୟ ସରିଯାଇଥିଲା। ଦେବପ୍ରିୟ ତାର ବାହାଘର ମଧ୍ୟ କରାଇଦେଲେ। ଶାଶ୍ୱତୀର ପତି ଅର୍କେଶ ଜଣେ ଆର୍ମି ଅଫିସର ଥିଲା। ବିବାହର ଅଳ୍ପଦିନ ପରେ ସେ ତାର ସ୍ୱାମୀ ସାଙ୍ଗେ କାଶ୍ମୀର ଚାଲିଗଲା।

ଏ ଭିତରେ ଦେବପ୍ରିୟଙ୍କର ଚାକିରୀକାଳ ମଧ୍ୟ ସରିଆସିଥିଲା। ସେ ଅବସର ପୂର୍ବରୁ ଭୁବନେଶ୍ୱରରେ ଫ୍ଲାଟଟିଏ କିଣି ଦେଇଥିଲେ। ତାଙ୍କ ଫ୍ଲାଟ ପାଖରେ ବ୍ରହ୍ମେଶ୍ୱର ମନ୍ଦିର ଥିଲା। ତେଣୁ ଦିପାଳୀ ସବୁଦିନ ସନ୍ଧ୍ୟାବେଳେ ମନ୍ଦିରକୁ ଚାଲିଯାଉଥିଲେ। ସେଠି ସନ୍ଧ୍ୟା ଆଳତୀ ଓ ଗୀତ ପ୍ରବଚନ ସରିଲାପରେ ଘରକୁ ଫେରୁଥିଲେ। ଦେବପ୍ରିୟ ପ୍ରତିଦିନ ସକାଳୁ ହାଟରୁ ପରିବାପତ୍ର କିଣି ଆଣୁଥିଲେ। ତା'ପରେ ଦୁଇତିନିଟା ସମ୍ବାଦପତ୍ର ପଢ଼ିବାରେ ତାଙ୍କର ସମୟ କଟିଯାଉଥିଲା। ଦିପାଳିଙ୍କର ସକାଳର ବେଶୀ ଭାଗ ଠାକୁରପୂଜାରେ କଟୁଥିଲା। ବଳକା ସମୟ ରୋଷେଇରେ ଯାଉଥିଲା। ଦେବପ୍ରିୟ ତାଙ୍କୁ କୋଉକାମରେ ବାଧା ଦେଇନଥିଲେ।

ମଝିରେ ମଝିରେ ସେମାନେ ତୀର୍ଥସ୍ଥାନ ଭ୍ରମଣରେ ଚାଲିଯାଉଥିଲେ। ଯଦିଓ ଦେବପ୍ରିୟଙ୍କର ସେଥିରେ ଏତେ ଆଗ୍ରହ ନଥିଲା ସେ ଦିପାଳୀଙ୍କର ମନ ଭାଙ୍ଗିବାକୁ ଚାହୁଁନଥିଲେ। ଦିପାଳୀଙ୍କର ଅନୁରୋଧ ରକ୍ଷାକରି ସେ ତାଙ୍କୁ ଚାରିଧାମ, ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବାକୁ ନେଇଯାଇଥିଲେ। କାମାକ୍ଷା, ତାରାପୀଠ, ଜ୍ୱାଳାମୁଖି ଭଳି ଦେବୀପୀଠ ମଧ୍ୟ ଦେଖେଇ ଆଣିଥିଲେ। ଶେଷରେ ଅମରନାଥ ଦର୍ଶନ ପାଇଁ ଜିଦ୍ କରିଥିଲେ ଦିପାଳୀ। ଦେବପ୍ରିୟଙ୍କର ଏ ଦୁର୍ଗମ ଯାତ୍ରା ପାଇଁ ତିଳେହେଲେ ଇଚ୍ଛା ନଥିଲା। କିନ୍ତୁ ଶେଷରେ ଦିପାଳୀ ଓ ତାଙ୍କର ଭାଇଭଉଣୀଙ୍କ ଅନୁରୋଧ କ୍ରମେ ତାଙ୍କୁ ଅମରନାଥ ଯାତ୍ରା କରିବାକୁ ପଡ଼ିଥିଲା। ଅମରନାଥ ଯାତ୍ରା ପରେ ସେ ଦିପାଳୀଙ୍କୁ ପ୍ରଶ୍ନ କରିଥିଲେ, "ସତ କୁହ ଦିପା, ଏ କଷ୍ଟକର ଯାତ୍ରାବେଳେ ତୁମେ କଣ ଈଶ୍ୱରଙ୍କୁ ସ୍ମରଣ କରିପାରୁଥିଲ ? ତେବେ କାହିଁକି ଏ ନିଷ୍ଫଳ ପ୍ରୟାସ।" ଆଶ୍ରମର ଏ ନିଭୃତ କକ୍ଷରେ ବସି ଲକ୍ଷ୍ମୀନାରାୟଣଙ୍କ ପାଇଁ ଫୁଲମାଳ ଗୁନ୍ଥିବା ବେଳକୁ ଦେବପ୍ରିୟଙ୍କର କଥା ଗୋଟି ଗୋଟି ହୋଇ ମନେପଡୁଛି ଦିପାଳୀଙ୍କର।

ଜୀବନର ସେ ପରମ ବିପର୍ଯ୍ୟୟର ମୁହୂର୍ତ୍ତ କଥା ମନେପଡ଼ିଲେ ଏବେ ବି ଦିପାଳୀଙ୍କର ଶରୀର ଘର୍ମାକ୍ତ ହୋଇଯାଏ। ସେଦିନ ଥିଲା ସୁଦଶାବ୍ରତ ଗୁରୁବାର। ସକାଳୁ ସକାଳୁ ଗାଧୋଇ ପୂଜାରେ ଲାଗିଥିଲେ ଦିପାଳୀ। ଆଗଦିନରୁ ସବୁ ପୂଜାସାମଗ୍ରୀ କିଣିଆଣିଥିଲେ ଦେବପ୍ରିୟ। ରାତିରୁ ହିଁ ଚାଉଳ ବାଟି ଲକ୍ଷ୍ମୀପାଦ ଚିତା ଲେଖିଥିଲେ ସେ। ଦୁଆର ମୁହଁରେ ପୂର୍ଣ୍ଣ କୁମ୍ଭ। ଶଙ୍ଖ, ହୁଳୁହୁଳିରେ ପୁରି ଉଠୁଥିଲା ଘର। ପୂଜା ଶେଷକରି ଉଠିଲା ବେଳକୁ ସାତ୍ତ୍ୱିକ ଆସି ପହଞ୍ଚିଲା। ହଠାତ୍ ସିକୁକୁ ଦେଖି ଖୁସି ହୋଇଗଲେ ଦିପାଳୀ ଓ ଦେବପ୍ରିୟ। ଦିପାଳୀ ଲାଗିଗଲେ ରୋଷେଇ କରିବାରେ। ବାପ ପୁଅ ଦୁଇଜଣ ଭୋଗଖାଇ ଖୁସିଗପରେ ମଜ୍ଜିଗଲେ। ସେଦିନଟି କେମିତି କଟିଗଲା କେହି ଜାଣିପାରିଲେନି।

ପ୍ରତିଦିନ ସକାଳୁ ପ୍ରାତଃ ଭ୍ରମଣରେ ବାହାରିଯାଆନ୍ତି ଦେବପ୍ରିୟ। ଫେରିବାବେଳକୁ ହାଟରୁ ପରିବା ମାଛ ସବୁ କିଣିଆଣିଥାନ୍ତି। ତାଙ୍କର ନିତ୍ୟକ୍ରମ ସାରି ଆସିଲା ବେଳକୁ ଫେରିଆସନ୍ତି ଦେବପ୍ରିୟ। ସେଦିନ ବି ଭୋରୁ ବାହାରିଗଲେ ଦେବପ୍ରିୟ। ପୁଅ ବହୁତ ଦିନପରେ ଆସିଛି। ତେଣୁ ତା ପସନ୍ଦର ରୋଷେଇ ହେବ। ଦିନେ-ଦୁଇଦିନ ରହି ପୁଣି ଫେରିଯିବ ସିକୁ। ଦିପାଳୀ ବ୍ୟସ୍ତ ହୋଇ ସିକୁ କୁ ହାଟକୁ ଯିବାକୁ କହିବା ବେଳକୁ ମୋବାଇଲ ରିଂ ହେଲା। ସେପଟୁ ଅଜଣା ଲୋକ ଜଣେ ଫୋନ୍ କରିଥିଲା ଦେବପ୍ରିୟଙ୍କର ମୋବାଇଲ୍‌ରୁ। "ଶୀଘ୍ର ଆସନ୍ତୁ - ସିରିଡ଼ି ମନ୍ଦିର ଛକରେ ଆକ୍ସିଡେଣ୍ଟ ହୋଇଯାଇଛି...।" ଆଉ କିଛି ଶୁଣିବାକୁ ଧୈର୍ଯ୍ୟ ନଥିଲା ଦିପାଳୀଙ୍କର। ମା-ପୁଅ ଦୁହେଁ ସଙ୍ଗେ ସଙ୍ଗେ ବାହାରିଗଲେ। ଛକରେ ପହଞ୍ଚିଲା ବେଳକୁ ରାସ୍ତାଉପରେ ପଡ଼ିଥିଲା ଦେବପ୍ରିୟଙ୍କର କ୍ଷତବିକ୍ଷତ ରକ୍ତାକ୍ତ ଶରୀର। ଆମ୍ବୁଲାନ୍ସ ଆସି ପହଞ୍ଚିଯାଇଥିଲା। ଡାକ୍ତରଖାନାକୁ ନେଇଗଲେ ସେମାନେ। କିନ୍ତୁ ସେତେବେଳକୁ ଦିପାଳୀଙ୍କର ସର୍ବନାଶ ଘଟିସାରିଥିଲା। ଡାକ୍ତର ଦେବପ୍ରିୟଙ୍କୁ ମୃତ ଘୋଷଣା କଲେ।

ମୁହୂର୍ତ୍ତକରେ ଜୀବନର ଛନ୍ଦ ବଦଳିଗଲା। ବେସୁରା ହୋଇଗଲା ଜୀବନ ସଙ୍ଗୀତର ରାଗିଣୀ। ସେ ସ୍ଥାଣୁ ପାଲଟି ଯାଇଥିଲେ। ତା'ପରେ କେମିତି ମାସଟିଏ କଟିଲା ସେ ଜାଣିପାରିଲେନି। ଦୁଇଦିନ ପରେ ଶାଶ୍ୱତୀ ଆସି ପହଞ୍ଚିଲା। ସେ ଦେଖିପାରିଲାନି ଦେବପ୍ରିୟଙ୍କୁ। ଭାଇ-ଭଉଣୀ ଦୁହେଁ ମିଶି ଦିପାଳୀଙ୍କ ଲୁଗାପଟା ସଜାଡ଼ିଦେଲେ। ସିକୁ ତାଙ୍କୁ ସାଙ୍ଗରେ ନେଇ ଚାଲିଗଲା ଦିଲ୍ଲୀ। ସିକୁ ସହ ନଯିବା ବ୍ୟତୀତ ଆଉ କ'ଣ ବା ଉପାୟ ଥିଲା ଦିପାଳୀଙ୍କର।

ଦେବପ୍ରିୟଙ୍କ ବିନା ତାଙ୍କର ଜୀବନର ଆଉ ଗୋଟିଏ ଅଧ୍ୟାୟ ଆରମ୍ଭ ହେଲା। ଦେବପ୍ରିୟଙ୍କର ଦେହାନ୍ତ ହେବାର ଠିକ୍ ନଅମାସ ପରେ ଯଶପ୍ରୀତ୍ ଗୋଟିଏ ପୁତ୍ରସନ୍ତାନକୁ ଜନ୍ମଦେଲା। ସାତ୍ତ୍ୱିକର ବାହାଘର ସାତବର୍ଷ ହୋଇଯାଇଥିଲା। ହେଲେ ଯଶପ୍ରୀତ୍ ଚେଷ୍ଟାକରି ବି ମା' ହୋଇପାରୁନଥିଲା। ତେଣୁ ଦେବପ୍ରିୟଙ୍କ ମୃତ୍ୟୁ ପରେ ପରେ ପୁଅ ହେବାରୁ ଦିପାଳୀଙ୍କର ମନେହେଲା ଯେମିତି ଦେବପ୍ରିୟ ହିଁ ଦେବାଂଶୁ ରୂପରେ ତାଙ୍କ ପାଖକୁ ଫେରି ଆସିଛନ୍ତି। ସେ ତା'ର ଲାଳନ ପାଳନରେ ନିଜକୁ ନିମଗ୍ନ କରିନେଲେ। ଦେବାଂଶୁର ମୁହଁରୁ, ହସରୁ, ଆଖିରୁ, ଓଠରୁ ଖୋଜୁଥିଲେ ଦେବପ୍ରିୟଙ୍କୁ। ସମୟ କ୍ଷୀପ୍ରଗତିରେ ଆଗକୁ ଚାଲିଯାଉଥିଲା।

ଦୁଇବର୍ଷ ବିତିଯାଇଥିଲା। ସାତ୍ତ୍ୱିକର ଦିଲ୍ଲୀରୁ ଗୌହାଟୀ ଟ୍ରାନ୍ସଫର ହୋଇଗଲା। ଶାଶ୍ୱତୀର ସ୍ୱାମୀଙ୍କର ମଧ୍ୟ ବଦଳୀ ହୋଇଯାଇଥିଲା ବମ୍ବେ। କିଛିଦିନ ସେ ଶାଶ୍ୱତୀ ପାଖରେ ଯାଇ ରହିଥିଲେ। କିନ୍ତୁ ଦେବାଂଶୁକୁ ଛାଡ଼ି ରହିବା ତାଙ୍କ ପକ୍ଷେ ମୁସ୍କିଲ ହୋଇଗଲା। ସେ ଚାଲିଆସିଲେ ଗୌହାଟୀ। ଗୌହାଟୀରେ ପହଞ୍ଚିଲା ମାତ୍ରେ ହିଁ ଦେବପ୍ରିୟଙ୍କ ସ୍ମୃତି ତାଙ୍କ ମାନସ ପଟରେ ସଜୀବ ହୋଇଗଲା। ମନେପଡ଼ିଲା କାମାକ୍ଷ ଦର୍ଶନ କରିଥିଲେ ସେ। ତା ପରଦିନ ବ୍ରହ୍ମପୁତ୍ରରେ କ୍ରୁଜରେ ଗଲାବେଳେ ଦେବପ୍ରିୟ କହିଥିଲେ, "ଦେଖ ଦୀପା, କି ବିଶାଳ ଏ ନଦୀବକ୍ଷ, କି ସୁନ୍ଦର ଏ ଚନ୍ଦ୍ରପକ୍ଷ ରାତି, କେତେ ଶାନ୍ତିପଦ ଏ ଶୀତଳ ପବନ। ଏ ସବୁର ସୃଷ୍ଟିକର୍ତ୍ତା କିଏ ? ପ୍ରକୃତି ଭିତରେ ହିଁ ଅନୁଭବ କର ଈଶ୍ୱରଙ୍କୁ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଠିଆ ହୋଇ ଦେବୀ ଦର୍ଶନ କରିବାରେ ବେଶୀ ଶାନ୍ତି, ବେଶୀ ଆନନ୍ଦ ନା ପ୍ରକୃତିର ଅନିର୍ବଚନୀୟ ସୌନ୍ଦର୍ଯ୍ୟ ଅନୁଭବ କରିବାରେ ବେଶୀ ଶାନ୍ତି ?"

ଦେବପ୍ରିୟଙ୍କର ସ୍ମୃତି ଓ ଦେବାଂଶୁର ଲାଳନପାଳନରେ କଟିଗଲା ଆଉ ଗୋଟିଏ ବର୍ଷ। ସାତ୍ତ୍ୱିକ ଦିନେ କହିଲା, "ମାମା, ପୁଅ ଏଥର ସ୍କୁଲ ଯିବ। ବାରମ୍ବାର ସ୍ଥାନ ପରିବର୍ତ୍ତନ କଲେ ତାର ପଢ଼ାରେ ବ୍ୟାଘାତ ଘଟିବ। ତେଣୁ ମୁଁ ଭାବୁଛି ଭୁବନେଶ୍ୱରରେ ଗୋଟେ ଡୁପ୍ଲେକ୍ସ ଘର କିଣିନେବି। ତଳଟା ଭଡ଼ା ଦେଇ ଉପରେ ତୁମେ ପ୍ରୀତ୍ ଓ ପୁଅ ରହିବ। ତେଣୁ ଆମ ଫ୍ଲାଟ ଟା ବିକ୍ରି କରିଦେବା। ମୁଁ ଆଉ ଲୋନ୍ କରିବି। ତାହେଲେ କିଛି ଅସୁବିଧା ହେବନି।" ଘରବିକ୍ରି କଥା ଶୁଣି ଚମକି ପଡ଼ିଲେ ଦିପାଳୀ। ସେ ଘରେ ଦେବପ୍ରିୟଙ୍କ ସହ ତାଙ୍କର କେତେ ଅଭୁଲା ସ୍ମୃତି ରହିଛି। ତାକୁ ବିକ୍ରି କରିଦେଲେ ତାଙ୍କ ପାଖରେ ଆଉ ରହିବ କ'ଣ ? ହୃଦୟ ଯେ ଶୂନ୍ୟ ହୋଇଯିବ। ରାତିସାରା ଦୁଇପତା ପଡ଼ିଲାନି ତାଙ୍କର। ସକାଳ ହେଲେ କି ଜବାବ ଦେବେ ସିକୁକୁ ?

ସବୁଦିନ ପରି ରାତିପାହି ସକାଳ ହେଲା। ସେ ପାଟିଖୋଲି ସିକୁ କୁ କିଛି କହିପାରିଲେନି। ଫ୍ଲାଟ ବିକ୍ରି ହୋଇଗଲା। ଡୁପ୍ଲେକ୍ସ ଘର ବି କିଣା ହୋଇଗଲା। ଆଉ ଗୋଟିଏ ପ୍ରିୟ ଜିନିଷକୁ ହରାଇଲେ ଦିପାଳୀ। କିନ୍ତୁ ଭବିଷ୍ୟତରେ ଯେ ସର୍ବସ୍ୱ ହରାଇବାର ଯନ୍ତ୍ରଣା ଭୋଗ କରିବାକୁ ଅଛି ସେକଥା ସେ ଅନୁମାନ କରିପାରିନଥିଲେ। ଭୁବନେଶ୍ୱର ଫେରିଆସିବାର ମାନସିକ ପ୍ରସ୍ତୁତି କଲାବେଳକୁ ଗୋଟିଏ ଦାରୁଣ ଦୁଃସମ୍ବାଦ ତାଙ୍କୁ ମୂକ କରିଦେଲା। ସେ ହତବିମ୍ବ ହୋଇ ବସିପଡ଼ିଲେ। ଶେଷରେ ତାଙ୍କର ମରଶରୀର କ'ଣ ବିଦେଶ ମାଟିରେ ମିଶିଯିବ ? ବିଚାର-ବୁଦ୍ଧି ତାଙ୍କର ହଜିଗଲା। ଅନ୍ତରାତ୍ମା ତାଙ୍କର କାନ୍ଦି ଉଠିଲା। ଅସ୍ଥିର ହୃଦୟରେ ସେ ବସି ରହିଥିଲେ।

ସିକୁ କୁ ତିନିବର୍ଷପାଇଁ ଜର୍ମାନ୍ ଯିବାକୁ ପଡ଼ିବ। ତିନିବର୍ଷ ତ ସେ ପରିବାରକୁ ଛାଡ଼ି ରହିପାରିବନି। ତେଣୁ ସମସ୍ତଙ୍କୁ ସାଙ୍ଗରେ ନେଇ ସେ ଜର୍ମାନ ଯିବ। ଏକଥା କହିଦେଇ ଅଫିସ୍ ବାହାରିଗଲା ସିକୁ। ନିଜ ଆପଣାର ଲୋକମାନଙ୍କୁ ଫେରିଯିବାର ଆଶାଟିକକ ମଉଳିଗଲା ଦିପାଳୀଙ୍କର। ଭୁବନେଶ୍ୱରରେ ଥିବା ନିଜ ଘରେ ଦେବପ୍ରିୟଙ୍କ ସଙ୍ଗେ ବିତିଥିବା ସୁଖମୟ ଦିନଗୁଡ଼ିକ ଚଳଚ୍ଚିତ୍ର ପରି ତାଙ୍କ ଆଖିଆଗରେ ନାଚିଗଲା। ଶେଷରେ ସେ ମନକୁ ଦୃଢ଼ କଲେ, ଛାତିକୁ କରିଦେଲେ ପଥର। ସ୍ଥିର କଲେ ସେ ଜର୍ମାନ ଯିବେ ନାହିଁ। ବାସ୍ତରୀ ବର୍ଷ ବୟସ ହେଲାଣି ତାଙ୍କର। ଆଉ କେତେଦିନ ବଞ୍ଚିବେ ସେକଥା ସେ ଜାଣନ୍ତିନାହିଁ। ଏ ଶେଷ ଅବସ୍ଥାରେ ସେ ନିଜର ଜନ୍ମଭୂଇଁ ଛାଡ଼ି ବିଦେଶକୁ ଚାଲିଯିବେ ? ନା ! ସେ ଫେରିଯିବେ ଓଡ଼ିଶା। ପୃଥିବୀର ଯେଉଁ ପ୍ରାନ୍ତରେ ଥିଲେ ବି ତାଙ୍କର ମୃତ୍ୟୁ ଖବର ପାଇଲେ ନିଶ୍ଚୟ ସିକୁ ଚାଲିଆସିବ। ସେ ବିଶ୍ୱାସ ତାଙ୍କର ଅଛି। ଓଡ଼ିଶା ଫେରିଯିବାର ସିଦ୍ଧାନ୍ତ କରିଦେଲାପରେ ତାଙ୍କୁ ଖୁବ୍ ହାଲୁକା ଲାଗିଲା। ସେ ନିଶ୍ଚିନ୍ତରେ ଶୋଇପଡ଼ିଲେ।

ସ୍ୱପ୍ନରେ ଦେଖିଲେ ସେ। ଲକ୍ଷ୍ମୀ-ନାରାୟଣ ମନ୍ଦିରରେ ବସିଛନ୍ତି ସେ। ଦେବପ୍ରିୟ ତାଙ୍କ ପାଖରେ। କୀର୍ତ୍ତନ ଚାଲିଛି। ଘଣ୍ଟା-ଘଣ୍ଟ ଧ୍ୱନୀରେ ପୁରି ଉଠୁଛି ଚତୁର୍ଦ୍ଦିଗ। ନିଦ ତାଙ୍କର ଭାଙ୍ଗିଗଲା। ମନେପଡ଼ିଗଲା ଆଶ୍ରମର କଥା। ମନରେ ଥିବା ସବୁ ଆଶଙ୍କା ତାଙ୍କର ଦୂର ହୋଇଗଲା। ଦିବ୍ୟ ଆନନ୍ଦରେ ପୂର୍ଣ୍ଣ ହେଲା ଅନ୍ତର। ଭବିଷ୍ୟତର କର୍ମପନ୍ଥା ସେ ସ୍ଥିର କରିଦେଲେ।

ସେଇଦିନଠାରୁ ସେ ଅଛନ୍ତି ଆଶ୍ରମରେ। ସିକୁ ଜର୍ମାନ ଯିବାର ଦୁଇବର୍ଷ ହୋଇଗଲାଣି। ଶାଶ୍ୱତୀ ମଝିରେ ମଝିରେ ଆସେ - ଆସନ୍ତି ମଧ୍ୟ ଭାଇ-ଭଉଣୀମାନେ। ମନ୍ଦିରର ବାର୍ଷିକ ଉତ୍ସବରେ ସମସ୍ତେ ଏକାଠି ହୁଅନ୍ତି ପୁଣି ଚାଲିଯା'ନ୍ତି ଯିଏ ଯାହାର ଗନ୍ତବ୍ୟ ସ୍ଥଳକୁ। ଦିପାଳୀ ରହିଯାନ୍ତି ଆଶ୍ରମରେ ସିକୁର ଜର୍ମାନରୁ ପ୍ରତ୍ୟାବର୍ତ୍ତନର ପଥକୁ। ନାତି ଦେବାଂଶୁର ଫଟୋ କେଇଖଣ୍ଡ ପାଖରେ ପଡ଼ିଥାଏ ତାଙ୍କ ନିଃଶଙ୍ଗ ଜୀବନର ସାନ୍ତ୍ୱନା ହୋଇ।

*ଯଦୁକୁଳ ଏନ୍‌କ୍ଲେଭ୍, ମହତାବ ରୋଡ଼, କଟକ*
*ଦୂରଭାଷ: ୬୩୭୦୮୦୯୩୦୧*

# ସଂଯୋଗ-ସୁଖ

ଚିନ୍ମୟ ରାୟ

"କାରୁବାକୀ ଟ୍ରାଭେଲ୍‌ସ"ର ଗାଇଡ୍ ଅରୂପକୁ ହୋଟେଲ୍ 'କଳିଙ୍ଗକନ୍ୟା'କୁ ଯାଇ ସମାଜ ତତ୍ତ୍ୱ ବିଦ୍ୟାର ଗବେଷିକା ଲିବ୍ରାନ୍‌ଟିଂକୁ ଗବେଷଣାରେ ସହାୟତା କରିବାକୁ ନିର୍ଦ୍ଦେଶ ମିଳିଲା । ଲିବ୍ରାନ୍ ଜର୍ମାନ୍‌ର ଝିଅ । ସବୁମଣିଷର ଜୀବନ ସରଣିରେ ପ୍ରମୁଖ ୩ଟି ଛକ : ଜନ୍ମ-ବିବାହ-ମୃତ୍ୟୁ । ମଝି ଛକର ନାଁ ବିବାହ । ତତ୍‌ସମ୍ବନ୍ଧୀୟ ଗବେଷଣାରେ ଲିବ୍ରାନ୍‌କୁ ସହଯୋଗୀ ଦରକାର । ଭାରତର କିଛି ରାଜ୍ୟରୁ ତଥ୍ୟ ସଂଗ୍ରହ କରି ସେ ଓଡ଼ିଶା ଆସିଛି । ଉତ୍ସାହୀ ତରୁଣ(୨୩ବର୍ଷ) ଗାଇଡ୍ ଅରୂପ ମନସ୍ଥ କଲା ରିଲେଟିଭ୍‌ଙ୍କର ବାହାଘର ହେଉଛି ମାଡାମ୍‌କୁଦୁଇଚାରିଟି ବିବାହୋତ୍ସବକୁ ନେଇ ଗଲେ ରିସର୍ଚ୍ଚ ଆହୁରି ସତ୍ୟନିଷ୍ଠ ହୋଇପାରିବ ।

ଦୁହେଁ ଏକ ବିବାହମଣ୍ଡପରେ ପହଁଚି ପ୍ରବେଶ ତୋରଣ, କଳସ କଦଳୀଗଛ କାନ୍ଥରେ ବାହାଚିତାର ଫଟୋନେଇ ଚାନ୍ଦୁଆତଳେ ବିବାହବେଦୀ ପାଖରେ ଲିବ୍ରାନ୍ ପ୍ଲାଷ୍ଟିକ୍‌ଚେୟାରରେ ହସିହସି ବସିଲା । ଧୀରେ ପଚାରିଲା ଅରୂପ ଝିଅ ବାହାଘର ତ ବରଧରା କେତେବେଳେ..........ସଂଗେ ସଂଗେ ବାରିକ ଶଙ୍ଖ ଫୁଙ୍କି ବରଧରା ସହିତ ଆସିଗଲା । ତା' ବେକରୁ ଲମ୍ବିଥିବା କର୍ପୂରମାଳ, କପାଳରେ ଚନ୍ଦନବିନ୍ଦୁ ଦେଖି ଲିବ୍ରାନ୍ ଫଟୋ ନେଲା । କର୍ପୂରମାଳ ବାବଦରେ ଅରୂପକୁ କିଛି ପଚାରି ତା' ଛୋଟ ଡାଏରୀରେ ଲେଖିନେଲା । କ୍ଷୀରିପିଠା ଉଦରସ୍ଥ କରି ପଚାରିଲା ପୁଅର ଭାଉଜଅପାଣି.... ଅରୂପ ଆଖିତରାଟି କହିଲା ଧୀରେ କୁହ ସେଇଟି ବାଡୁଅପାଣି ।

ବରକୁ ସାତଜଣ ମହିଳା ହଳଦୀ ଚନ୍ଦନ ମାରି ଶିଳାରେ ବସାଇ ପାନଗୁଆ ରଖି ଶିଳୁପତାରେ ଛେଚିଲାବେଳେ ମାଟିକୁମ୍ଭରୁ ପାଣି ଢାଳିଲାବେଳେ ଲିବ୍ରାନ୍ ହସି ହସି ସେସବୁର ଫଟୋନେଲା । ପରେ ସୁସଜ୍ଜିତବରର କପାଳରେ ଚନ୍ଦନ, ମୁଣ୍ଡରେ ପଗଡ଼ି, କାନ୍ଧରେ ଉତ୍ତରୀୟ ବାବଦରେ ଅରୂପକୁ ପଚାରି ଲିବ୍ରାନ୍ କିଛି ଡାଏରୀରେ ଲେଖିନେଲା । ସାଥିମେଳରେ ଶଙ୍ଖମହୁରୀ ଧ୍ୱନି ସହିତ ବାଣଫୁଟି ବର କାର୍‌ରେ ବସିବା ପାଇଁ ବାହାରିଲା । ଯିବା ପରେ ଲିବ୍ରାନ୍ ଅରୂପକୁ ପଚାରିଲା ବରର ହ୍ୟାଣ୍ଡ ଫୁଲ୍‌ଅଫ୍ White rice ଉପରେ ସେ ନଚ୍ଟି କ'ଣ ଓ କାହିଁକି ? ବିଟେଲ୍‌ନଟ୍ ଶୁଭ କଲ୍ୟାଣର ସିମ୍ବଲ ଓଃ ସୋ Cute କହି ଲିବ୍ରାନ୍ ଡାଏରୀରେ କିଛି ଲେଖିନେଲା ଦି' ଦିନପରେ ଗୋଟେ ଝିଅର ବାହାଘରକୁ ଅରୂପ ଲିବ୍ରାନ୍‌କୁ ନେଇଗଲା । ବେଦୀରେ ମୁକୁଟ ପିନ୍ଧିବା, ହାତଗଣ୍ଠି, ଲାଜ୍ୱାହୋମ ଏ ସବୁର ଫଟୋ ସେ ନେଲା । ଅଗ୍ନିହୋତ୍ର ସରିବା ପରେ ବରବଧୂକୁ ବନ୍ଦାଣ କରାଗଲା । ମୁଦି, ସୁନାଚେନ୍, ଟଙ୍କା, କାନଫୁଲ ଗିଫ୍ଟ ଇତ୍ୟାଦି ହୁଳହୁଳି ଦେଇ ଗୋଟି ଗୋଟି ମହିଳା ବେଦୀରୁ ଓହ୍ଲାଉଥା'ନ୍ତି । ଏସବୁ ଦେଖି ଲିବ୍ରାନ୍ ପଚାରିଲା ଏ ସବୁ କ'ଣ ? ଆଜି ଶୁଭବେଳରେ ନବଦମ୍ପତିଙ୍କୁ ଶ୍ରଦ୍ଧା ଆଶିଷ ମିଶ୍ରିତ ଉପହାର । 'ସୋ ନାଇସ୍ ଏ ସିଷ୍ଟମ' କହି ଲିବ୍ରାନ୍ କିଛି ଲେଖିନେଲା ? ଅଧଘଣ୍ଟାଏ ପରେ ଝିଅଟି ଶାଶୁଘର ଯିବାର ବିଦାୟ ସମୟ । ଆତ୍ମୀୟଙ୍କର ମିଳିତ କ୍ରନ୍ଦନରେ ଲିବ୍ରାନ୍ ଦୁଇହାତ ଜାକି ଗୁମ୍ ହୋଇଗଲା । ଅରୂପ କହିଲା ଝିଅପାଇଁ ଏ ସୋହାଗର ବିଦାୟ । ଦୁଃଖ ଅଛି କିନ୍ତୁ ନବବଧୂ ପାଇଁ ଆବେଗ ଅଧିକ । ଲିବ୍ରାନ୍ କହିଲା ଏଇ ଦେଖ ସେ ବୁଢ଼ୀ ୮୦+ କାନ୍ଦିବା ସହିତ କିଛି କହୁଛନ୍ତି । ହଁ ସିଏ ଜେଜେମା' ନାତୁଣିର ବିବାହ ପରେ ବିଦାୟବେଳେ ତା'ର ସୁଗୁଣ ସୁମରି କାନ୍ଦ । ଏମିତି ବିଧି ଆମ ସମାଜରେ କେବେଠୁ ଚଳିଆସୁଛି ।

ହଁ ଅରୂପ ଡିସ୍ ଭଲଥିଲା । ମେନୁର ତାଲିକା କହିଲ ନାହିଁ । ଏଠି ବହୁକାଳରୁ ଆମର ଝିଅ ବାହାଘରରେ ମଙ୍ଗନଦିନ ଓ ବାହାଦିନ, ପୁଅ ବାହାଘରରେ ଚତୁର୍ଥୀ ଦିନ ଭୋଜି ଦିଆଯାଏ । ସୁସଜ୍ଜିତ ବିବାହ ବେଦୀର ଫଟୋ ଉଠାଇ ଲିବ୍ରାନ୍ ଆଣିଲା । ପାଖ ଓମ୍‌ଫେଡ୍ ବୁଥ୍‌ରୁ ଚା ପିଇ ଦୁହେଁ କ୍ଳାନ୍ତି ମେଣ୍ଟାଇଲେ । ସେଠି ଲିବ୍ରାନ୍ କପାଳ କୁଞ୍ଚିତ କରି କହିଲା ଗୋଟିଏ ତଥ୍ୟ ଜାଣିପାରିଲି ନାହିଁ କ'ଣ କୁହ ଅରୂପ କହିଲା । ବେଦୀରେ ଝିଅପାଖେ ସେ କିଏ ବସିଥିଲା । ଝିଅକୁ ଧରି ବେଦୀକୁ ଆଣିବା ସହ

ମୁକୁଟ ବାନ୍ଧିବାବେଳେ ସେ ମହିଳା ସହଯୋଗୀ ଥିଲେ । ଅରୂପ ବୁଝାଇଲା ସେ ଭାରିକିଆଣି । ସେଇ ବାରିକାଣି କ'ଣ ଝିଅର କ୍ଲୋଜ୍ ରିଲେଟିଭ୍ ? ଅରୂପ ହସି କହିଲା ନାଇଁ ସେମାନେ ବଂଶାନୁକ୍ରମେ ସୋସିଆଲ୍ ୱାର୍କର । ମାନେ........ବିବାହ, ବ୍ରତ, ଶୁଦ୍ଧି କର୍ମରେ ସେମାନଙ୍କର ସହଯୋଗ ରହିଆସିଥାଏ । ସୋ ନାଇସ୍ ଏ ସିଷ୍ଟମ୍ କରି ତା' ଖାତାରେ କିଛି ଲେଖିନେଲା । ତିନିଦିନର ଅନୁଭୂତି ଓ ପ୍ରଶ୍ନୋତ୍ତର, ଫଟୋ ସବୁର ତର୍ଜମା କଲା । ଫଟୋ ଗୁଡ଼ିକୁ ଲ୍ୟାପ୍‌ଟପ୍‌ରେ ସଜାଇ ଗାଇଡ଼୍‌କୁ କହିଲା ତୁମେ କାଲି ଛାଡ଼ି ପଅରଦିନ ହୋଟେଲ ଆସିବ । ମୁଁ ବାଇ ଇଲେଭେନ୍ ଓଡ଼ିଶା ଛାଡ଼ିବି ।

ହୋଟେଲ କଳିଙ୍ଗ ପରଦିନ ସକାଳ ୯ଟା ସୁଦ୍ଧା ଅରୂପ ପହଁଚିଲା । ଲିବ୍ରାନ୍ ରୁମ୍ ଖୋଲାଥିଲା । ଅରୂପ ଦେଖିଲା ରିସର୍ଚ୍ଚ ପେପର୍ ଗୁଡ଼ିକୁ ତକିଆ ଚାପାଦେଇ ସେ ରଖିଛି । ଦୁଇଟି ଏୟାର୍ ବ୍ୟାଗ୍ ପ୍ୟାକ୍ ଅପ୍ ହଇ ରଖାହୋଇଛି । ଗତ ରାତିରେ କ୍ଲାନ୍ତି ଯୋଗୁଁ ଅରୂପ୍ ବେଡ୍‌ରେ ଗଡ଼ିଲା । ଦଶମିନିଟ୍ ପରେ କାହାର ଚୂଡ଼ି ରୁଣୁଝୁଣୁ ଶୁଣି ସେ ଉଠିବସିଲା । ହଳଦିଆ ସୂତା ଶାଢ଼ିରେ ନାଲିରଂଗ ବର୍ଡ଼ର । ହାତେ ଓଢ଼ଣା ଲମ୍ବିଥିବାରୁ ସେଇ ବୋହୂକୁ ଅରୂପ କହିଲା ସରି ଏଇ ଏଇଟା ଲିବ୍ରାନ ମାଡାମ୍‌ଙ୍କ ରୁମ୍ । ଲିବ୍ରାନ୍ ଜୋର୍‌ରେ ହସି ଓଢ଼ଣା କାଢ଼ି ବେଡ୍‌ରେ ବସିପଡ଼ିଲା । ଅରୂପ ଆକସ୍ମିକ ଏମିତି ବେଶରେ ଲିବ୍ରାନ୍‌କୁ ଦେଖି ଚମକିପଡ଼ିଲା । ଖୁସିହୋଇ ଏମିତି ବେଶ କ'ଣ ପଚାରିଲା ?

ମୁଁ ଏଇ ନିକଟରେ ପାର୍ଲର ଯାଇ ମେକପ୍ ନେଲି । ପୂର୍ବ ସନ୍ଧ୍ୟାରେ ମାର୍କେଟ୍ ଯାଇ ସେ ପିନ୍ଧିଥିବା ଭଉଳ ପାଟ, ଚୂଡ଼ି ଆଉ ସିନ୍ଦୁ କିଣିଆଣିଥିଲି । ଆଜି ଏମିତି ବେଶରେ କ'ଣ ଆଣ ଯିବେ ଫ୍ଲାଇଟରେ.....ହଁ କାହିଁକି ନୁହେଁ । ଗବେଷଣାରୁ ଜାଣିଲି ଭାରତୀୟ ବ୍ରାଇଡ୍‌ର ବେଶଭୂଷା ଖୁବ୍ ଗର୍ଜିୟସ୍ । ତା'ଛଡ଼ା ସିମ୍ପଲ ଆଉ ବିଉଟି ଫୁଲ ଓଡ଼ିଆ ବ୍ରାଇଡ୍ । ସେଇ ବେଶରେ ପ୍ଲେନ୍‌ରେ ବସିଗଲେ ମୁଁ ଗର୍ବିତ । ସାବାସ୍ କହି ଅରୂପ ତାଳିମାରିଲା । ଅରୂପ ବେଡ୍‌ରେ ବସି ଆଖି ବନ୍ଦକରି ପଚାରିଲା ଇଏତ ନକଲି ବ୍ରାଇଡ୍‌ବେଶ ଆପଣଙ୍କର ଅସଲି ବଧୂରୂପ କେବେ ?

ମୁହଁ ଶୁଖାଇ ବେଡ୍‌ରୁ ଉଠି ପଡ଼ିଲା ଲିବ୍ରାନ୍ । ଲୁହ ପୋଛି କହିଲା ଜାଣ ମୋର ଫର୍ଟିନ୍ ଇଅରବେଳେ ବାପା ମା'ର ଡିଭୋର୍ସ ହେଲା । ମା' ଜଣକୁ ବାଛି ଚାଲିଗଲା । ମୋତେ ଅଠରବେଳେ ବାପା ଆଉ ଜଣଙ୍କୁ ଘରକୁ ନେଇ ଆସିଲା । ମୁଁ କାହାର ? କୁହ ଅରୂପ ସେଦିନ ସେ ଝିଅର ଇମୋସନାଲ୍ ବିଦାୟ ମୋ' ଜୀବନରେ କାହିଁ ? ପାଠ ପଢ଼ିଛି କ୍ୟାରିଅର ହେଇ ଜବ୍‌ରେ ଅଛି । ଏବେ ମୋତେ ଛବିଶି ହେଲାଣି, ଦେଖି ଖୋଜିବି ଗୋଟେ ଲାଇଫ୍ ପାର୍ଟନର୍ । ସମୟ ଜାଣି ଦୁହେଁ କାର୍‌ରେ ବସିଲେ । ମୋବାଇଲ୍‌ରେ କାହା ସହିତ କଥା ହେଇସାରି ଯିବା ବାଟରେ ଲିବ୍ରାନ୍ କହିଲା: ଜାଣ ଅରୂପ ତୁମର ଆୟୁର୍ବେଦ୍, ଜ୍ୟୋତିର୍ବିଜ୍ଞାନ ଓ ତଂତ୍ର ବିଦ୍ୟା ଜର୍ମାନ୍‌କୁ କେତେ ଜ୍ଞାନ ଦେଇଛ ! ତୁମର ରାମାୟଣ, ମହାଭାରତ ଆମକୁକି ଅନ୍ତର୍ଦୃଷ୍ଟି ନ ଦେଇଛି । ଭାରତ ଆମର 'କଲ୍‌ଚରାଲ ମଦର ।' ସେଥିପାଇଁ ତୁମେ ମୋର ବ୍ରଦର ଅରୂପ ବ୍ରଦର । You are a perfect guide । ତୁମ ସହିତ ଚାରି ଛ' ଦିନର ସ୍ମୃତି ମୋ'ର ମନରେ ବହୁଦିନ ରହିବ । କାର୍‌ଅଟକିଲା । ଲିବ୍ରାନ୍ ଓହ୍ଲାଇ କହିଲା ଆସୁଛି ଅରୂପ ମାଇଁ ବ୍ରଦର । ଚାହୁଁ ଚାହୁଁ ବ୍ୟୋମଯାନ ଦିଗନ୍ତରେ ହଜିଗଲା । ଅରୂପ କୋହ ଚାପି ଅନୁଭବ କରୁଥିଲା: ପ୍ରାଚ୍ୟ ପାଶ୍ଚାତ୍ୟଦୁଇ ଦିଗନ୍ତର ସଂଯୋଗ ସୁଖ-ସିଏ ଆଉ ଲିବ୍ରାନ୍।

*ଅଧ୍ୟାପକ, ବି.ଜେ.ବି, ହାଇଅର ସେକେଣ୍ଡାରୀ, ଭୁବନେଶ୍ୱର*
*ଦୂରଭାଷ: ୯୭୭୬୪୯୨୫୮୧*

ପ୍ରକାଶ ପାଇଲା !

କବି **ପ୍ରଫେସର ଉପେନ୍ଦ୍ର ନାୟକ** ଙ୍କ

**ଛନ୍ଦକାବ୍ୟ ସମଗ୍ର**
**(ପ୍ରଥମ ଭାଗ)**

ପ୍ରକାଶକ - ଗାୟତ୍ରୀ, ଭୁବନେଶ୍ୱର
ମୂଲ୍ୟ - ସାତଶହ ଟଙ୍କା ମାତ୍ର

# ଭିନ୍ନ ଏକ ମଣିଷ

## ଶ୍ରୀମତୀ ଜ୍ୟୋତ୍ସ୍ନା ସିଂହ

ନବୀନ ବାବୁଙ୍କର ବଦଳି ଖବର ଶୁଣି ଚମକି ପଡ଼ିଲେ ସୁମିତ୍ରା ଦେବୀ। ଗୋଟିଏ ସ୍ଥାନରେ ମଣିଷ ଟିକେ ଶାନ୍ତିରେ ରହି ପାରୁନି। ସମସ୍ତଙ୍କ ପ୍ରତି ମୋହମାୟା ଲାଗି ଗଲା ବେଳକୁ ବଦଳି ଖବର ସୁମିତ୍ରା ଦେବୀଙ୍କୁ ବହୁତ ଧକ୍କା ଦେଲା। କ୍ୱାଟର ଘର ହେଉ ପଛକେ ସେ ତାକୁ କେତେ ନିଜର ଭାବନ୍ତି। ମନ ପ୍ରାଣ ଢାଳି ସେ ସଜାଇଛନ୍ତି ତାଙ୍କର ଘର ଓ ବାରିକୁ। ଫୁଲ, ଫଳ ପରିବା ଗଛରେ ବାରି ଭର୍ତ୍ତି। ତାଙ୍କୁ ଏ କାମରେ ରାଜୀବ ମଧ୍ୟ ବହୁତ ସାହାଯ୍ୟ କରିଥାଏ। ରାଜୀବ ଭଳି ପିଲାଟିଏ ପାଇବା ଭାଗ୍ୟରେ ଥିଲେ ମିଳେ। ଆଦିବାସୀ ଗରିବ ଘରର ପୁଅଟିଏ। ନବୀନ ବାବୁ ଅଫିସରେ ତାକୁ ଚୌକିଦାର ରୂପେ ରଖିଦେଇଛନ୍ତି। ରାଜୀବ ଖୁବ୍ କର୍ମଠ, ସଙ୍କୋଚ ଓ ବିଶ୍ୱାସୀ ପିଲାଟିଏ। ସୁମିତ୍ରା ତାକୁ ଖୁବ୍ ଆଦର କରନ୍ତି। ରାଜୀବ ପିଲାବେଳୁ ତାର ବାପା ମା'କୁ ହରେଇଛି। ବାପା ମାଆ ଛେଉଣ୍ଡ ଛୁଆଟିଏ। ସୁମିତ୍ରା ଦେବୀଙ୍କ ସ୍ନେହ ଆଦର ଟିକିଏ ପାଇ କୃତଜ୍ଞତାରେ ଭରି ଯାଉଥିଲା ତାର ମନ।

ପିଲାବେଳୁ କାହାଠୁ ମଧୁର କଥା ଟିକେ ଶୁଣି ନ ଥିଲା କିମ୍ବା ଭଲ ବ୍ୟବହାର ଟିକେ ପାଇ ନଥିଲା। ବାର ଦ୍ୱାର ଶୁଙ୍ଘି ପିଣ୍ଡା ହୋଇ ଚଳିଥିବା ପିଲାଟିଏ ସୁମିତ୍ରା ଓ ନବୀନ ବାବୁଙ୍କର ଆଶ୍ୱାସନା ଟିକିଏ ପାଇ ଭାବି ନେଇଥିଲା ଏମାନେ ବୋଧହୁଏ ତାର କେଉଁ ଜନ୍ମର ବାପା ମାଆ। ରାଜୀବ ଖୁବ୍ ଦାୟିତ୍ୱ ସଂପନ୍ନ ପିଲାଟିଏ। ଅଫିସ୍ ଝଡ଼ା ଝଡ଼ି କରିବା ସହ ବାରି ବଗିଚାର ଖୁବ୍ ଯତ୍ନ ନିଏ। ରାଜୀବର ସ୍ତ୍ରୀ ମାଳା ଘର ଦ୍ୱାର ଓଳାଇବା ବାସନ ମାଜିବା କାମ ଆସି କରେ। ସେ ସୁମିତ୍ରା ଦେବୀଙ୍କୁ ଖୁବ୍ ଭକ୍ତି କରେ। ସେମାନଙ୍କ ବନ୍ଧନରେ ସୁମିତ୍ରା ଦେବୀ ଏମିତି ବାନ୍ଧି ହୋଇ ଯାଇଥିଲେ ଯେ ଦିନଟିଏ ନ ଦେଖିଲେ ବ୍ୟସ୍ତ ହୋଇ ପଡ଼ନ୍ତି। ପର୍ବପର୍ବାଣିରେ ମାଳା ପାଇଁ ଲୁଗା ରାଜୀବ ପାଇଁ ସାର୍ଟ କିଣିବା ଠାରୁ ତାର ଭଲମନ୍ଦ ଦାୟିତ୍ୱ ସୁମିତ୍ରାଙ୍କୁ ହିଁ ବୁଝିବାକୁ ପଡ଼େ। ସୁମିତ୍ରାର ପୁଅ ବିଭୁ ଆଉ ଝିଅ ବିନିକୁ ରାଜୀବ ନିଜ ଛୋଟ ଭାଇଭଉଣୀ ଭଳି ସ୍ନେହ କରେ। ସେମାନଙ୍କୁ ବୁଲେଇନବା ସ୍କୁଲକୁ ନବା ଆଣିବା ଦାୟିତ୍ୱ ରାଜୀବର। ପିଲାମାନେ ମଧ୍ୟ ରାଜୀବକୁ ଘଡ଼ିଏ ନ ଦେଖିଲେ ବ୍ୟସ୍ତ ହୋଇପଡ଼ନ୍ତି। ମାଳା ମଧ୍ୟ ପିଲାମାନଙ୍କୁ ବହୁତ ଭଲପାଏ ଓ ସେମାନଙ୍କର ଭଲମନ୍ଦ କଥା ବୁଝିଥାଏ। ସମସ୍ତଙ୍କ ଭିତରେ ଏମିତି ନିବିଡ଼ ସଂପର୍କ ଲାଗିଯାଇଥିଲା ଯେ କେହି କାହାରିକୁ ଛାଡ଼ି ରହିବା ବଡ଼ କଷ୍ଟକର। ସୁମିତ୍ରା ଦେବୀଙ୍କ ଆଖିରୁ ବୋହି ପଡ଼ିଲା ଲୁହ। ଦୁଃଖ ଅଭିମାନରେ ସେ କଣ କରିବେ ଭାବି ପାରୁନଥିଲେ।

ହଠାତ୍ ରାଜୀବର ପାଟିରେ ସୁମିତ୍ରା ଦେବୀ ପ୍ରକୃତିସ୍ଥ ହୋଇ ଉଠିଲେ। ରାଜୀବ ଟୋକେଇ ଭରି ପରିବା ଆଣି ଅଜାଡ଼ି ଦେଇ କହିଲା ମାଆ ଗଛରେ କୁନ୍ଦୁରି ଭର୍ତ୍ତି ହୋଇଛି। କଷି କଷି ଦେଖିକି ଏତିକି ଆଣିଛି। ଅମୃତଭଣ୍ଡା ଦୁଇଟା କଞ୍ଚା ଆଣିଛି। ଆଉ ଦୁଇଟା ପାଚି ଯାଇଥିଲା ନେଇ ଆସିଛି। ଶାଗ, ଧନିଆପତ୍ର, ପୋଦିନା ପତ୍ର ଆଣିଛି। ସବୁଦିନ ଯଦି ପତ୍ର ନ ଛିଣ୍ଡେଇବ ଗଛ ବୁଢ଼ା ହୋଇଯିବ। ଏଇ ତିନି ଦିନ ତଳେ ପାତଲଘଂଟା (ଟମାଟୋ) ପାଚିଯାଇଥିଲା ଆଣିଥିଲି। ଆଜି ପୁଣି ଏତେକ ପାଚି ଯାଇଥିଲା। ନେଇ ଆସିଛି।

ସୁମିତ୍ରା ଦେବୀ ଆଳୁ ପିଆଜ ଛଡ଼ା କେବେବି ଅନ୍ୟ ପରିବା କିଣନ୍ତିନି। ନିଜେ ମନ ଭରି ଖାଇ ସାହି ପଡ଼ିଶାରେ ମଧ୍ୟ ପରିବା ବାଣ୍ଟିଥାନ୍ତି। ସୁମିତ୍ରା ଦେବୀ କହିଲେ ଆରେ ଏତେ ପରିବା କଣ ହବ ଅଳ୍ପ ରଖି ସବୁ ତୁ ଘରକୁ ନେଇଯା। ରାଜୀବ କହିଲା ମାଆ ଘରେ ପରା ପରିବା ଥୁଆ ହୋଇଛି। ଏଠିତ ପେଟ ଭରିକରି ଯାଉଛି। ଘରେ ଖାଇବି କ'ଣ ? ମାଆ ତମ ଋଣ ମୁଁ ଜୀବନରେ କେବେ ଶୁଝି ପାରିବିନି। ମୋ ଭଳି ଗରିବ ଲୋକକୁ କୂଳରେ ଲଗେଇ ଦେଲ। ଆରେ ମାଆ ଡାକୁଛୁ ପରା। ମାଆ ଯଦି ପିଲାଙ୍କର ସୁବିଧା ଅସୁବିଧା ନ ବୁଝିବ ତାହେଲେ କିଏ ବୁଝିବ ? ରାଜୀବ ଆଖିରୁ ଦୁଇ ବୁନ୍ଦା ଲୁହ ଝରି ପଡ଼ିଲା। ଗାମୁଛାରେ ଲୁହ ପୋଛି କହିଲା ହଉ ମାଆ ମୁଁ ଆସୁଛି।

ସୁମିତ୍ରା ଦେବୀ କହିଲେ ହଉ ଯାଆ। ମାଳାକୁ କହିଦେବୁ ଘରକୁ ଗଲାବେଳେ ତା ବୋଉ ପାଇଁ ତରକାରୀ ନେଇକି ଯିବାକୁ। ରାଜୀବ

ଆଜ୍ଞା କହି ଉଠି ଚାଲିଗଲା। ସୁମିତ୍ରା ଦେବୀ ଚାହିଁ ରହିଥିଲେ ରାଜୀବର ଯିବା ବାଟକୁ। କେତେ ସରଳ ବିଶ୍ୱାସୀ ମଣିଷଟିଏ। ହୃଦୟ ଦେଇ ଭଲ ପାଉଛି। ସେ ଭାବିଛି ମୁଁ ସବୁଦିନ ଏଠି ରହିବି। କେମିତି ସେ ରାଜୀବକୁ କହିବେ ତାଙ୍କର ବଦଳି ହୋଇ ଯାଇଛି। ସେ ଏଠୁ ଚାଲିଯିବେ। ତାଙ୍କୁ ଅନ୍ୟ ସ୍ଥାନକୁ ଯିବାକୁ ପଡ଼ିବ। ଭଗବାନ ଏତେ ମୋହମାୟା କାହିଁକି ଲଗାଉଥିଲେ କେଜାଣି !

ଏଇ କାଲି ପରି ଲାଗୁଛି। ବସ୍‌ଷ୍ଟାଣ୍ଡରେ ନବୀନ ବାବୁ କ୍ୱାଟର ପର୍ଯ୍ୟନ୍ତ ଯିବା ପାଇଁ ରିକ୍ସା ଖଣ୍ଡ ଖୋଜୁଥିଲେ। ସୁମିତ୍ରା ଦେବୀ କଟକରେ ଶାଶୁଘରେ ରହି ପିଲାଙ୍କ ପାଠପଢ଼ା କଥା ବୁଝୁଥିଲେ। ପିଲାଙ୍କ ପାଠପଢ଼ାରେ ଅସୁବିଧା ଯୋଗୁ ସେ ପ୍ରଥମ କରି ସ୍ୱାମୀଙ୍କ ସହ ସମ୍ବଲପୁର ଆସିଥିଲେ। ନୂଆ ଜାଗା ନୂଆ ଲୋକ କେମିତି ଚଳିବେ ! ମନେ ମନେ ଭାବି ହେଉଥିଲେ। ସେତେବେଳେ ରାଜୀବ ରିକ୍ସାଟିଏ ଧରି ଆସି ପଚାରିଲା ମାଆ କୋଉଠିକି ଯିବେ ? ସୁମିତ୍ରା ଦେବୀ କିଛି ସମୟ ରାଜୀବକୁ ଚାହିଁ କହିଲେ ଆରେ ପୁଅ ତୋ ଦେହ ଭଲ ନାହିଁ କି ? ରାଜୀବ ଆଶ୍ଚର୍ଯ୍ୟ ହୋଇଗଲା। ଦୁଇଦିନ ହେଲା ତାତିରେ ଖଇ ଫୁଟୁଥିଲା। ଏଇ ଆଜି ଟିକେ ଭଲ ଅଛି। ଆଜି ପର୍ଯ୍ୟନ୍ତ କେହି ଏମିତି ତାର ଭଲ ମନ୍ଦ କଥା ପଚାରି ନାହାଁନ୍ତି। ତା ଆଖିରୁ ଲୁହ ଜକେଇ ଆସିଲା। ସେ ମୁହଁ ବୁଲେଇ କହିଲା ନାଇଁ ମାଆ ଭଲ ଅଛି। ଆମର ଗୋଟେ ଦେହ। ତାର ଭଲମନ୍ଦ ପୁଣି କଣ ? ଦିନେ କାମ ନ କରିଲେ ପେଟ ଉପାସ। ଜ୍ୱର ହୋଇଥିଲା ମାଆ, ଭଲ ହୋଇଗଲାଣି। ସୁମିତ୍ରା ଭାବୁଥିଲେ ସତରେ ଏ ଦୁନିଆରେ ପେଟ ପାଇଁ କେତେ ନାଟ। କେତେ କମ୍ ବୟସର ପିଲାଟିଏ ପାଠ ନପଢ଼ି ରିକ୍ସା ଟାଣି ରୋଜଗାର କରୁଛି ! ବାପା ମାଆକୁ ତାର ପୋଷୁଛି। ନିଜର ଅନିଚ୍ଛା ସତ୍ତ୍ୱେ ସୁମିତ୍ରା ଦେବୀ ରିକ୍ସାରେ ବସିଲେ।

ଘରେ ଆଉ କିଏ ସବୁ ଅଛନ୍ତି ସୁମିତ୍ରା ଦେବୀ ପଚାରିଲେ। ରାଜୀବ କହିଲା ମାଆ ମୋର କେହି ନାହାଁନ୍ତି। ପିଲାବେଳୁ ବାପା ମା'କୁ ତ ହରେଇଛି। କେଉଁ ଏକ ଅଜଣା ରୋଗରେ ଦୁହେଁଯାକ ଚାଲିଗଲେ। ଏହା ପରଠୁ ମୋ ପାଠପଢ଼ାରେ ଡୋରି ବନ୍ଧା ହେଲା। ଯା ତା ଘରେ କାମ କରି ଖାଇବା ଗଣ୍ଡାକ ଯୋଗାଡ଼ କରେ।ଓଳିଏ ଖାଇଲେ ଓଳିଏ ଉପାସ ରହିଯାଏ।ହେଲେ କେବେ ଚୋରି କି ଖରାପ କାମ କରିନି।

ସୁମିତ୍ରା ଦେବୀଙ୍କ ଆଖିରେ ଲୁହ ଜକେଇ ଆସିଲା। ସେ ଦୁଃଖରେ ପଚାରିଲେ ବାପା ତୋ ଘର କୋଉଠି ? ମାଆ ଗରିବର ପୁଣି ଘର କ'ଣ ? ଏଇ ରିକ୍ସା ହିଁ ମୋ ଘର। ଆଉ ବର୍ଷା ହେଲେ କାହାର ବାରଣ୍ଡା କି ଓଳି ତଳେ ଟିକେ ଆଶ୍ରୟ ନେଇଯାଏ। ଏମିତି କଥା ହେଉ ହେଉ ନିର୍ଦ୍ଦିଷ୍ଟ ସ୍ଥାନରେ ଆସି ପହଞ୍ଚିଗଲେ। ସୁମିତ୍ରା ଦେବୀ ରିକ୍ସାରୁ ଓହ୍ଲାଇ ରାଜୀବ ହାତକୁ ପଚାଶ ଟଙ୍କା ବଢ଼ାଇ ଦେଲେ। ରାଜୀବ ହଡ଼ ବଡ଼େଇ କହିଲା ମାଆ ଏତେ ଖୁଚୁରା ମୋ ପାଖରେ ନାହିଁ। ଭଡ଼ା ତ ମୋଟେ ପାଞ୍ଚ ଟଙ୍କା। ଆଉ ଏତେ ଟଙ୍କା କୋଉଠୁ ଆଣିବି ? ସୁମିତ୍ରା ଦେବୀ କହିଲେ ହଉ ତା ହେଲେ ରଖିଥା।

ରାଜୀବ କହିଲା ନାଇଁ ମାଆ' ମୁଁ ଏତେ ପଇସା ରଖି ଧାରୁଆ କାହିଁକି ହେବି ! ମୋ ପାଖରେ ଖର୍ଚ୍ଚ ହୋଇଯିବ। ସୁମିତ୍ରା ଦେବୀ ଯୋର କରି କହିଲେ ଆରେ ଭାବିନେ ମାଆ ତାର ପୁଅକୁ ଦେଇଛି। ରାଜୀବ ମାଆ ଡାକି କାନ୍ଦି ପକେଇଲା। ସୁମିତ୍ରା ଦେବୀଙ୍କ ପାଦ ଛୁଇଁ କହିଲା, ମାଆ ପିଲା ଦିନରୁ ମାଆ ସ୍ନେହରୁ ବଞ୍ଚିତ ହୋଇଥିଲି। ଆଜି ସେ ଅଭାବ ପୂରଣ ହୋଇଗଲା। ସେହି ଦିନ ଠାରୁ ରାଜୀବ ସୁମିତ୍ରା ଦେବୀଙ୍କ ଆଜ୍ଞାବହ ପୁଅଟିଏ ପାଲଟିଗଲା। ସେତେବେଳକୁ ଅଫିସରେ ମଧ୍ୟ ଚୌକିଦାର ପଦବୀ ଖାଲି ପଡ଼ିଥିଲା। ସୁମିତ୍ରା ଦେବୀ ନବୀନ ବାବୁଙ୍କୁ କହି ରାଜୀବକୁ ଚୌକିଦାର ଚାକିରୀରେ ରଖାଇ ଦେଲେ। ଫଳରେ ରାଜୀବର ଆର୍ଥିକ ସମସ୍ୟାକ୍ରମେ ସୁଧୁରିବାକୁ ଲାଗିଲା।

ଆଗରୁ ରତନା ଚୌକିଦାର ଥିଲା। ହେଲେ ହଠାତ୍ ତାର ମୃତ୍ୟୁ ତା ପରିବାରକୁ ଶକ୍ତ ଧକ୍କା ଦେଇଥିଲା। ସ୍ତ୍ରୀ ଗୌରୀ ସ୍ୱାମୀ ଚିନ୍ତାରେ କାନ୍ଦି କାନ୍ଦି ବିଛଣା ଧରିଥିଲା। ବାହା ହେଲା ଝିଅଟିଏ ଘରେ ବସିଛି। ସେଇ ଚିନ୍ତାରେ ଗୌରୀ ଭାଙ୍ଗିପଡୁଥାଏ। ଗୌରୀର ଝିଅ ମାଳା ଖୁବ୍ ସୁନ୍ଦର। ପୁଣି କାମିକା ଝିଅଟିଏ। ପ୍ରାଇମେରୀ ପାଠ ଶେଷ କରିଛି। ଦୁଇ ଉଜୁଡ଼ା ଘରକୁ ସଜାଡ଼ିବାକୁ ସୁମିତ୍ରା ଦେବୀ ମନେ ମନେ ଭାବିଲେ। ନବୀନ ବାବୁଙ୍କ ସହ କଥାବାର୍ତ୍ତା କରି ବାହାଘରର ସମସ୍ତ ଦାୟିତ୍ୱ ବହନ କରି ସୁମିତ୍ରା ଦେବୀ ରାଜୀବ ସହ ମାଳାର ବାହାଘର କରି ଦେଲେ। ରାଜୀବ ଭାବି ପାରୁ ନଥିଲା ତା ଭାଗ୍ୟରେ ଏତେ ସୁଖ ଅଛି। କୃତଜ୍ଞତାରେ ଭରି ଯାଉଥାଏ ତା ମନ। ସୁମିତ୍ରା ଦେବୀଙ୍କୁ ସାକ୍ଷାତ ଦେବୀ ରୂପେ ରାଜୀବ ଦେଖୁଥିଲା। ମାଳା ସୁମିତ୍ରା ଦେବୀଙ୍କୁ ବହୁତ ମାନ୍ୟ କରେ। ସୁମିତ୍ରା ଦେବୀ ମଧ୍ୟ ନିଜ ପୁଅ ବୋହୂ ଭଳି ସମସ୍ତ ଭଲମନ୍ଦ ଦାୟିତ୍ୱ ବୁଝନ୍ତି। ପୂନେଇ ପରବରେ ଲୁଗାପଟା କରନ୍ତି। ଗୌରୀ ଏବେ ସୁସ୍ଥ ହେବାକୁ ବସିଲାଣି। ସେଥିପାଇଁ ସୁମିତ୍ରା ଦେବୀଙ୍କ ମନ ବହୁତ ଖୁସି। ସେ କଣ ବା କାହାକୁ ଦଉଛନ୍ତି ଏଇ ସ୍ନେହ ଶ୍ରଦ୍ଧା ବଦଳରେ କେତେ ଭଲପାଇବା ସେ ପାଉଛନ୍ତି। ରାଜୀବ ତ ତାଙ୍କ ପାଦଧୂଳି ନେଇ ମୁଣ୍ଡରେ ବୋଳି ପକଉଛି। ସେ ଦେଖି ପାରୁଥିଲେ ସ୍ନେହ ପାଗଳା ମଣିଷଟିଏକୁ। ନବୀନ ବାବୁଙ୍କର ବଦଳି ଅର୍ଡରକୁ ଦେଖି ସୁମିତ୍ରା ଦେବୀ ଦୁଃଖରେ ଭାଙ୍ଗି ପଡୁଥିଲେ। ସେ ନିଜକୁ ନିଜେ ବୁଝାଇଲେ ଏ ଜୀବନ ତ କ୍ଷଣସ୍ଥାୟୀ। ମଣିଷ ତ ନିଜ ଜୀବନ ଉପରେ ଭରସା କରି ପାରୁନି। ଏ କ୍ଷଣସ୍ଥାୟୀ ଚାକିରୀ ଉପରେ ଏତେ ଲୋଭ କାହିଁକି ? ଯେତିକି ଦିନ ଚାକିରୀ ଯେଉଁଠିକି ହେଲେ ଯିବାକୁ ସେ ବାଧ୍ୟ। ନିଜ ମନକୁ ନିଜେ ବୁଝଉ ଥିଲେ ସୁମିତ୍ରା ଦେବୀ। ହେଲେ ଅନ୍ୟମାନଙ୍କୁ କେମିତି ବୁଝାଇବେ ! ତାଙ୍କୁ ଭଲରେ ଭଲରେ ବିଦାୟ ଦେବେ ତ !

ରାଜୀବ ବଦଳି ଖବର ଶୁଣି ନିଜକୁ ବିଶ୍ୱାସ କରି ପାରୁ ନଥିଲା। ତା ଆଖିରୁ ଲୁହ ଶୁଖୁ ନଥିଲା। ସେ କାନ୍ଦି କାନ୍ଦି କହୁଥାଏ ମାଆ ତମେ ଚାଲିଗଲେ ମୁଁ ବଞ୍ଚିପାରିବିନି। ତୁମେ ମୋତେ ସାଙ୍ଗରେ ନେଇଯାଅ। ସୁମିତ୍ରା ଦେବୀ କହୁଥିଲେ ଆରେ ପାଗଳାଟା ତୁ ଗଲେ ଏଠିକା କଥା

କିଏ ବୁଝିବ ? ବାପ ଛେଉଣ୍ଡ ଝିଅଟାକୁ ତୋ ହାତରେ ପରା ସମର୍ପି ଦେଇଛି । ତୋ ଉପରେ ମୋର ଭରଷା ଅଛି ? ଅଫିସ୍‌ର ଦାୟିତ୍ୱ ତ ତତେ ହିଁ ସମ୍ଭାଳିବାକୁ ପଡ଼ିବ । ତୋର ଚାକିରୀ ସରିବା ପର୍ଯ୍ୟନ୍ତ ତତେ ଏହି ଅଫିସରେ ରହିବାକୁ ପଡ଼ିବ । ତତେ କେହି ଏଠୁ ବାହାର କରି ପାରିବେନି । ସେ ବ୍ୟବସ୍ଥା ବାବୁ ତୋର କରି ଦେଇଛନ୍ତି । ସରକାରୀ ଚାକିରୀ ବାବୁଙ୍କୁ ତ ଯିବାକୁ ପଡ଼ିବ । ତେଣୁ ଏ ସବୁ ନିୟମ ତ ମାନିବାକୁ ବାଧ୍ୟ । ତୁ ଆଦୌ ବ୍ୟସ୍ତ ହବୁନୁ । ମୁଁ ମଝିରେ ମଝିରେ ଆସି ବୁଲିଯିବି । ତୁ ମାଳାକୁ ନେଇ ଛୁଟିରେ କେତେବେଳେ ମୋ ପାଖକୁ ଯିବୁ । ସୁମିତ୍ରା ଦେବୀ ଲକ୍ଷ୍ୟ କରୁଥିଲେ ରାଜୀବକୁ । ସେ କେବଳ ବଲ ବଲ ହୋଇ ତାଙ୍କ ମୁହଁକୁ ବୋକା ଭଳି ଚାହିଁ ରହୁଥାଏ । ଆଖିର ଲୁହକୁ ଗାମୁଛାରେ ପୋଛି ପକାଉଥାଏ । ସେ କିଛି ବି ଉତ୍ତର ଦଉ ନଥିଲା । ସେ ଆଉ ଆଗ ଭଳି ଖୁସିରେ ମାଆ ମାଆ ଡାକ ଛାଡୁ ନଥିଲା । ସେ ଚୁପ୍ ଚାପ୍ ବସି କଣ ଗୁଡ଼ାଏ ଭାବୁଥିଲା । ମନେ ମନେ ଏଣୁ ତେଣୁ ଗପୁଥିଲା । ଖାଇବା ପିଇବାରେ ତାର ଆଉ ଆଗ୍ରହ ନଥିଲା । ରାଜୀବର ଏ ଅବସ୍ଥାକୁ ଦେଖି ଭାଙ୍ଗି ପଡୁଥିଲେ ସୁମିତ୍ରା ଦେବୀ । ତାଙ୍କ ଛାତି ଭିତରଟା କରତି ହୋଇ ଯାଉଥାଏ । ସେ ଭାବୁଥିଲେ ସତରେ କେତେ ଭଲ ନପାଏ ରାଜୀବ ତାଙ୍କୁ ! ସାମାନ୍ୟ ଟିକିଏ ସ୍ନେହ ଶ୍ରଦ୍ଧା ବଦଳରେ ଏତେ ଭଲ ପାଇବା ! ଏତେ ଭକ୍ତି ପୁଣି ସମ୍ମାନ ! ଟିକିଏ ସ୍ନେହ ଶ୍ରଦ୍ଧା ବଦଳରେ ସେ ଦେଖିପାରୁଥିଲେ ଭିନ୍ନ ଏକ ମଣିଷକୁ । ଆତ୍ମ ସନ୍ତୋଷରେ ଭରି ଯାଉଥିଲା ତାଙ୍କ ମନ ଓ ହୃଦୟ । ତେବେ ଏ ଦୁନିଆରେ ଭଲପାଇବା ବଦଳରେ ଏତେ ଇର୍ଷା, ଏତେ ନିର୍ଯ୍ୟାତନା, ଏତେ ଘୃଣା କାହିଁକି ? ନିଜ ଆପଣାର ଲୋକଙ୍କ ସହିତ ମଧ୍ୟ ସ୍ନେହ ମମତା ନାହିଁ । ତା ବଦଳରେ ବାଦ ବିବାଦ, ହିଂସା ଲାଗି ରହିଛି । ଭାଇ ଭାଇ ମଧରେ ସମ୍ପତ୍ତି ପାଇଁ କଳି ଝଗଡ଼ା । ବାପା ମାଆ ବୃଦ୍ଧ ଅବସ୍ଥାକୁ ଆସିଗଲେ ପୁଅ ସେମାନଙ୍କୁ ବୋଝ ସଦୃଶ ଭାବି ବୃଦ୍ଧାଶ୍ରମରେ ଛାଡ଼ି ଦଉଛି । ଭଉଣୀ ଭାଇ ଠାରୁ ସମ୍ପତ୍ତିରେ ଭାଗ ଚାହୁଁଛି । ଫଳରେ ପରସ୍ପର ମଧରେ ସ୍ନେହ ମମତା ଖୋଜିବା ବୃଥା । କେହି କାହାର ଦୁଃଖ ଅସୁବିଧାକୁ ହୃଦୟଙ୍ଗମ କରି ପାରୁ ନାହାଁନ୍ତି । ତେବେ ସେ କଣ ଭିନ୍ନ ଏକ ଦୁନିଆରେ ଅଛନ୍ତି ! ଯେଉଁଠି ସେ ଦେଖୁଛନ୍ତି ଭିନ୍ନ ଏକ ମଣିଷକୁ ! ଟିକିଏ ସ୍ନେହ ମମତା ବଦଳରେ ଏତେ ସୁଖ ! ଏତେ ଶାନ୍ତି ! ତେବେ ଆମେ ଏହା ଠାରୁ ଦୂରେଇ ଯାଉଛୁ କାହିଁକି ? ସୁମିତ୍ରା ଦେବୀ ପଚାରୁ ଥିଲେ ନିଜକୁ । ପଚାରୁଥିଲେ ଏ ସମାଜକୁ । କିଏ ଦେଇ ପାରିବ ତାର ଉତ୍ତର ?

*ଅବସରପ୍ରାପ୍ତ ଶିକ୍ଷୟିତ୍ରୀ*
*ନିଆଳି, କଟକ-୭୫୪୦୦୪*
*ଦୂରଭାଷ: ୮୦୯୩୨୦୮୮୮୬*


## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



ଗଳ୍ପ ସଂକଳନ
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ

ଉପନ୍ୟାସ
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଇ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

ସଂପାଦନା
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ

9437163002

# ଦେବୀ ଆସୁଛନ୍ତି

## କବିତା ମହାନ୍ତି

ନେତି ରଡ଼ି ଛାଡ଼ି ଡାକୁଛି ମାଆ ଛେଉଣ୍ଡ ନାତୁଣୀଟାକୁ, ଦେବୀ ଆସୁଛନ୍ତି, ଘରୁ ଗୋଡ଼ କାଢ଼ି ବାହାରକୁ ଯାଆନା। ସମୟ ଭଲ ନୁହେଁ।

ବାର ବର୍ଷର ନାତୁଣୀ, ସିଏ କାହୁଁ ବୁଝୁଛି ସମୟ ଭଲ କି ମନ୍ଦ।

କାହିଁ କେତେ କାଳରୁ ଗାଁ'ରେ ଦୁର୍ଗାପୂଜା ହୋଇ ଆସୁଛି। ଏବେ ଏବେ ତ ଆଜି କାଲିର ଗାଁ'ର ଭେଣ୍ଡିଆ ଗୁଡ଼ା କଥା ହେଉଥିଲେ ଦୁର୍ଗା ମା ଗାଁ'କୁ ଆସିବା କାଳେ ପଚାଶ ବର୍ଷ ପୂରି ତେପନ ଚାଲିଲାଣି। ଗୋଟାଏ ଯୁଗ ଭଳି ଲାଗୁଚି। ନେତି ସତର ବର୍ଷରେ ବାହା ହୋଇ ଏଇ ଗାଁ'କୁ ବୋହୂ ହୋଇ ଆସିଥିଲା। ବାହାଘର ବର୍ଷକ ପରେ ପିଲା ପେଟରେ ରହିଲା। ଘରେ ଶାଶୁ ଶଶୁର ସ୍ୱାମୀ କେତେ ଖୁସି!! ଘରକୁ ପିଲାଟିଏ ଆସିବ, ଘର ପୁରିଉଠିବ। ହେଲେ ବିଧାତାଙ୍କର ଆଉ କିଛି ବରାଦ ଥିଲା। ଚାରି ମାସରେ ପିଲା ନଷ୍ଟ ହୋଇଗଲା। ଗାଆଁରେ କିଏ କେତେ କଥା କହିଲେ। ଶାଶୁ ଶଶୁର ମନଉଣା କଲେ। ହେଲେ ବିଧାତା ଲିଖନ କି କରିବ ଆନ। ତା ପରେ ପରେ ତିନି ଥର ନେତିର ପିଲା ପେଟରେ ରହିଲା। କିନ୍ତୁ ଦୁଇମାସ କି ତିନି ମାସରେ ଗର୍ଭ ନଷ୍ଟ ହୋଇ ଯାଉଥିଲା। କେତେ ଲୁହ ସେ କାନିରେ ପୋଛିଚି, କେତେ ଲୁହ ପିଇ ଯାଇଛି, ତାର ହିସାବ କେହି ରଖିନାହିଁ। ସେକଥା କେବଳ ନେତି ହିଁ ଜାଣେ। ସେତେବେଳେ ନା ଏତେ ଡାକ୍ତର ସୁବିଧା ଥିଲା, ନା ପାଖରେ ପଇସା ଥିଲା ବଡ଼ ଡାକ୍ତରଖାନାକୁ ଯାଇ ଦିହ ଦେଖାଇବାକୁ।

ସେଇ ସମୟର କଥା। ନେତିର ଶାଶୁ ଦୁର୍ଗା ମା'ଙ୍କୁ ମନାସି ଥିଲେ ଘରକୁ ନାତି କି ନାତୁଣୀଟିଏ ପାଇଁ। ନେତିକୁ କହିଥିଲେ ଦୁର୍ଗାଷ୍ଟମିରେ ନିର୍ଜଳା ଉପବାସ କରି ମା'ଙ୍କୁ ଗୁହାରି କରିବାକୁ। ଶାଶୁଙ୍କ ଉପଦେଶ ଅନୁସାରେ ନେତି ନିର୍ଜଳା ରହି ଦୁର୍ଗାଷ୍ଟମି ଓଷା କରିଥିଲା।

ସତରେ ଦୂର୍ଗା ମା' ତା ଗୁହାରୀ ଶୁଣିଲେ। ସେ ସନ ତା ପେଟରେ ପିଲା ରହିଲା ଓ ସେ ପୁଅଟିଏ ଜନ୍ମ ଦେଲା। ସେବେଠାରୁ ଆଜି ଯାଏ ସେ ଦୁର୍ଗାଷ୍ଟମି ଓଷା କରି ଆସୁଛି। ସେ ଭିତରେ ନଈରେ କେତେ ପାଣି ବହି ଗଲାଣି। ଗାଁ ମୁଣ୍ଡ ଦେଇ କେତେ ବଢ଼ି କେତେ ଝଡ଼ ବହି ଗଲାଣି। ନେତି ବଂଚିଛି, ଆଉ ସେ ସବୁକୁ ଅଙ୍ଗେ ନିଭାଇଛି।

ଗାଆଁରେ ଜମିବାଡ଼ି କିଛି ଥିଲା। ସେଥିରେ ସେମାନେ ଚଳି ଯାଉଥିଲେ। ଶାଶୁ ଶଶୁର ନାତି ସୁଖ ପାଇବାର କେତେ ବର୍ଷ ପରେ ସେପାରିକୁ ଗଲେ। ସମୟ କୁଆଡ଼େ ପାଣି ଭଳି ବୋହିଗଲା। ନେତିର ଶଶୁର ତା ପୁଅ ନାଁ ଦେଇଥିଲେ ଦୂର୍ଗାଦତ୍ତ। ଗାଆଁରେ ଦୁରୁଗା ବୋଲି ଡ଼ାକୁଥିଲେ। ନେତିର ସ୍ୱାମୀ ଥାଉ ଥାଉ ଦୂରୁଗାକୁ ପଚିଶି ବର୍ଷରେ ବାହା ଦେଇ ପାଖ ଗାଆଁରୁ ଘର କରଣା ଝିଅଟିକୁ ବୋହୂ କରି ଆଣିଥିଲା ନେତି।

ସମୟ କେତେ ସୁନ୍ଦର୍ ଥିଲା ସତରେ!! ସ୍ୱାମୀ ପୁଅ ବୋହୂର ଛୋଟ ପରିବାର ନେଇ ନେତି ଭାରି ଖୁସିରେ ଥିଲା । ପଇସାର ନିଅଂଟ ଥିଲେ ବି ଖୁସିରେ ଅଂଟି ଉଛୁଳି ପଡୁଥିଲା। ସ୍ୱାମୀ ତାର ବିଲ ବାଡ଼ି କାମ କରୁଥିଲା। ପୁଅ ଅଳ୍ପ ପାଠ ପଢ଼ି ଗାଆଁ ମୁଣ୍ଡରେ ଗୋଟେ ଛୋଟ ଡେଜରାତି ଦୋକାନ କରିଥିଲା। ନେତି ବିଲ ବାଡ଼ି, ଘର ଦୁଆର ସବୁ କାମରେ ସାହାଯ୍ୟ କରୁଥିଲା। ପୁଅର ଦୋକାନରୁ ଆସିବା ଡେରି ହେଲେ ନେତି ଅନ୍ଧାର ରାତିରେ ବାଡ଼ି ଖଣ୍ଡେ ଧରି ଗାଆଁ ମୁଣ୍ଡ ଦୋକାନ ପାଖରେ ପହଂଚିଯାଉଥିଲା। ପୁଅକୁ ତାଗିଦ୍ କରି ଘରକୁ ଆଣୁଥିଲା। ସେତେବେଳେ ମଧ୍ୟ ପୁଅକୁ କହୁଥିଲା 'ସମୟ ଭଲ ନୁହେଁ, କେତେ ବେଳେ କେଉଁ କଥା। ଝଅଟ ଦୋକାନ ବନ୍ଦ କରି ଘରକୁ ଆସେ, ଘରେ ଭୁଆସୁଣୀ ବୋହୂଟା ତୋତେ ଅପେକ୍ଷା କରି ବସିଛି। ଦୁର୍ଗା ମାଆଙ୍କ କୃପାରୁ ତା ପୁଅ ଦୂରୁଗା ଶାନ୍ତ ସୁଧାର ପିଲାଟିଏ ଥିଲା। ମାଆ କଥା ମାନି ଘରକୁ ସହଳ ଫେରିଆସୁଥିଲା।

କଥାରେ ଅଛି ସବୁଦିନ ସମାନ ନୁହେଁ। ସୁଖ ଦୁଃଖ ଲାଗି ରହିଥାଏ। ତାହା ନେତି ଛଡ଼ା ଆଉ କିଏ ବେଶି ଜାଣିବ। ପୁଅ ବାହାଘର ଦୁଇବର୍ଷ ପରେ ପାର୍ବଣରେ ବୋହୂ କୋଳକୁ ନାତୁଣୀ ରୂପରେ ଲକ୍ଷ୍ମୀଟିଏ ଆସିଲା। ହେଲେ ସେ ଖୁସି ବେଶି ଦିନ ରହିଲାନି। ପିଲା ଜନ୍ମହେବାର ତିନି ମାସ ଭିତରେ କିଛି ଗର୍ଭ ଜନିତ ରୋଗରେ ବୋହୂ ତାର ଆଖି ବୁଜିଲା।

ପାହାଡ଼ ପରି ଦୁଃଖ ନେତିର ଛୋଟ ସଂସାର ଉପରେ ମାଡ଼ି ଆସିଲା। ତିନି ମାସର ମା' କ୍ଷୀର ଖାଉଥିବା ଛୁଆକୁ କେମିତି ସମ୍ଭାଳିବ ସିଏ। ଛାତିକୁ ପଥର କରି ନେତି ବୋତଲ କ୍ଷୀର ଦେଇ ନିଜ ଛାତିରେ ନାତୁଣୀକୁ

ଜାବୁଡ଼ି ଧରି ଦୁର୍ଗା ମା'ଙ୍କୁ ଡାକୁଥିଲା। 'ମାଆ ଲୋ ଏ ମାଆ ଛେଉଣ୍ଡ ଛୁଆଟାକୁ ତୁ ବଂଚାଇ ରଖ।' କଥାରେ ଅଛି ରଖେ ହରି, ମାରେ କିଏ।' ସେମିତି ନେତିର ନାତୁଣୀ ଜେଜେ ମାଆ କୋଳରେ ବଢ଼ିବାକୁ ଲାଗିଲା। ନେତି ତାର ନାତୁଣୀ ନାଁ ପାବର୍ତୀ ରଖିଥିଲା ଓ ଗେହ୍ଲାରେ ପାର ବୋଲି ଡାକୁଥିଲା। ସତ କହିବାକୁ ଗଲେ ପାର ତାର ଜୀବନ। ନେତି ପାରକୁ ଦେଖି ପୁରୁଣା ଦିନର କଷ୍ଟ ସବୁ ଭୁଲିଯାଇଥିଲା। ପାରର ଗୋଟିଏ ମା' ଡାକରେ ନେତିର ଛାତି କୁଣ୍ଡେମୋଟ ହୋଇ ଯାଉଥିଲା। ଯେମିତି ସେ ଆକାଶରେ ଉଡୁଥିଲା। ଦୁଃଖ ପରେ ସୁଖ, ସୁଖ ପରେ ଦୁଃଖ ପରା ଛାଇ ଆଲୁଅ ପରି ଜୀବନରେ ଲାଗି ରହିଥାଏ। ନେତି ଅବା କେମିତି ସେଥିରୁ ବାଦ୍ ପଡ଼ିବ ? ପାରକୁ ତିନି ବର୍ଷ ହେଲା ବେଳକୁ ହଠାତ୍ ଦିନେ ରାତିରେ ନେତିର ସ୍ୱାମୀ ଛାତିରେ କିଛି ଯନ୍ତ୍ରଣା ପାଇ ଆଖି ବୁଜିଦେଲା। ଡାକ୍ତରଖାନା ନେବାକୁ ବି ତର୍ ମିଳିଲାନି। ଦୁଃଖେ କଷ୍ଟେ ସ୍ୱାମୀର କାମ ସାରି ନେତି ଘରୁ ଗୋଡ଼ କାଢ଼ିଲା କିଛି କାମ କରି ଦୁଇ ପଇସା ରୋଜଗାର କରିବ। ଗାଆଁରେ କେତେ ବଡ଼ ବଡ଼ ତେଜରାତି ଦୋକାନ ହୋଇଗଲାଣି। ପୁଅର ସେ ଛୋଟିଆ ଦୋକାନକୁ କେହି ଗରାଖ ଆସୁନାହାଁନ୍ତି। ବୋହୂର ଅଚାନକ ମୃତ୍ୟୁ ପରେ ପୁଅ ଭାଙ୍ଗି ପଡ଼ିଛି। ଠିକଣା ସମୟରେ ଦୋକାନ ଖୋଲୁନି, ଗରାଖ ଖୋଜୁଥିବା ଜିନିଷ ଦୋକାନରେ ନାହିଁ। ସ୍ତ୍ରୀ ଗଲା ଦିନୁ ଦୁରୁଗାର ଖାଇବା, ପିଇବା, ଶୋଇବାରେ ଠିକଣା ନାହିଁ। କେଉଁ କୁସଙ୍ଗରେ ପଡ଼ିଛି କି କଣ ବୁଝିବାକୁ ନେତି ପାଖରେ ବେଳ ନାହିଁ। ଦୁରୁଗାକୁ ଦେଖିବ ନା ପାରକୁ ଦେଖିବ। ଗାଁ ବାଲା, ସାହି ଭାଇ କହୁଥିଲେ ଦୁରୁଗାକୁ ଆଉ ଗୋଟେ ବାହା ଦେବାକୁ। ଉପର ମୁହଁକୁ ନେତି ବୁଝାଇ ଥିଲା ଦୁରୁଗାକୁ ପାର ପାଇଁ ନୂଆ ମାଟିଏ ଘରକୁ ଆଣେ। ହେଲେ ମନ ଭିତରେ ଡରୁଥିଲା, ସତରେ ସାବତ ମା କଣ ପାରକୁ ମାଆ ସିନିହଁ ଦେବ!! ଏମିତି ସ୍ୱାମୀ ହରାଇଥିବା ନେତି, ସ୍ତ୍ରୀ ହରାଇଥିବା ପୁଅ ଦୁରୁଗା, ଛୁଆ ବେଳୁ ମାଆ ଛେଉଣ୍ଡ ପାରକୁ ନେଇ ନେତି ସଂସାର ଭିତରେ ପେଷି ହୋଇ ଯାଉଥିଲା।

ନେତି ଅନେକ ଥର ଭାବିଛି, ଦୁର୍ଗା ମା କଣ ଆଉ ଆଗ ଭଳି ନାହାନ୍ତି କି ।

ସେ କଣ ମଣିଷର ଦୁଃଖ ଦୁର୍ଦ୍ଦଶା ଆଗ ଭଳି ଦେଖୁ ନାହାନ୍ତି କି ? ନାତୁଣୀକୁ ବଡ଼ କରିବାରେ ବ୍ୟସ୍ତ ଥିଲା ବେଳେ ନେତି ଦୁରୁଗା ଆଡ଼େ ଧ୍ୟାନ ଦେଇପାରିନଥିଲା । ହୁଏତ ଜୋର୍ ଜବରଦସ୍ତି କରି ଦୋଭେଇ ବର କରି ବାହା ଦେଇଥିଲେ କଥା ଛିଡ଼ି ଯାଇଥାଆନ୍ତା। ପାର ମୁହଁକୁ ଚାହିଁ ଦୁରୁଗାକୁ ଅଣଦେଖା କରିଥିଲା ନେତି। ଅନେକ ଅଘଟଣ ତା ଆଗ ଦେଇ ଘଟିଗଲା। ସାହି ଭୁଆସୁଣୀମାନେ ଫୁସୁରୁ ଫାସୁରୁ ହେଉ ଥିଲେ ଦୁରୁଗା କାଳେ ଗଞ୍ଜେଇ ମଦ ଖାଉଛି। ଦିହ ସୁଖ ପାଇଁ ଗାଁ ଶେଷ ମୁଣ୍ଡରେ ଥିବା ଅଧା ବୟସି ସ୍ୱାମୀ ହରାଇଥିବା ମଦନା ବୋହୂ ଘରେ ପଶୁଛି। ନେତି ସବୁ ଜାଣିଲା, ସବୁ ବୁଝିଲା ଓ ତା ପ୍ରାଣ ପଣେ ଚେଷ୍ଟା କରିଥିଲା ଦୁରୁଗାକୁ ଅବାଟରୁ ବାଟକୁ ଆଣିବାକୁ। ସେ ସନ ଦୁର୍ଗାଷ୍ଟମିରେ ଦେବୀ ମାଆ'ଙ୍କ ଆଗରେ ମୁଣ୍ଡ ବାଡ଼େଇ କାନ୍ଦିଥିଲା ନେତି। କାନି ପତେଇ ମାଗିଥିଲା ଦୁରୁଗାକୁ ଟିକେ ଆଡ଼ ଆଖିରେ ଚାହିଁଥା ଲୋ ମାଆ। ଦୁର୍ଗାପୂଜା ସରିବାର ଆଠଦିନ ଭିତରେ ସଞ୍ଜ ବେଳେ ଗାଁରେ ହୁରି ପଡ଼ିଗଲା ଚରସ୍ ଖାଉଥିବା ପାଞ୍ଚୁଟା ଭେଣ୍ଡିଆକୁ ପୋଲିସ୍ ଗାଡ଼ିରେ ବସେଇ ବାନ୍ଧିନେଇଛି ଥାନାକୁ । ଆଉ ସେଥିରେ ଦୁରୁଗା ଅଛି । ରାଗ ଅଭିମାନରେ ଭାଙ୍ଗି ପଡ଼ିଲା ନେତି । ଆଗ ତ ରାଗରେ କହିଲା 'ଭଲ ହୋଇଛି ସେ ସେଇ ଥାନାରେ ଥାଉ। ଘରକୁ ଆସି ଝୁଅ ଆଗରେ ସେ ଅଙ୍ଗାର ମୁହଁ ଦେଖାଇବା ଠାରୁ ଥାନାରେ ରହିବା ଭଲ।' ମାଆ ମନ କେଉଁଠି ସମ୍ଭାଳି ହେବ!! କେଉଁ କାଳରୁ ଧାନ ଗଉଣି ଭିତରେ ନାଲି କପଡ଼ାରେ ବାନ୍ଧି ରଖିଥିବା ସୁନା ନାକ ନୋଥ, କାନ ମାଙ୍କେଡ଼ି, ରୁପା ଖଡୁ, ଅଂଟା ସୂତା ସବୁ ବାହାର କରି ଗାଁ ମହାଜନ ପାଖରେ ବନ୍ଧକ ରଖି କିଛି ଟଙ୍କା ଆଣିଲା। ସାହିର ଏକ ଜାଣିବା ଶୁଣିବା ପୁତୁରାକୁ ସାଙ୍ଗରେ ଧରି ଥାନାକୁ ଯାଇ ଜମାନତରେ ଦୁରୁଗାକୁ ଘରକୁ ଆଣିଲା। ଦୁରୁଗା ମାଆ ମୁହଁକୁ ଚାହିଁପାରୁନଥିଲା। ଘରେ ଆସି ମୁହଁ ମାଡ଼ି ଶୋଇରହିଲା। କିନ୍ତୁ ସଞ୍ଜ ହେଲେ ପୁଣି ଯାଇ ଗଞ୍ଜେଇ ମଦରେ ବୁଡି ରହିଲା।

ଏଥର ନେତି ତା ମନକୁ ପଥର କରି କିଛି ସ୍ୱେଚ୍ଛାସେବୀଙ୍କ ସହାୟତାରେ ଦୁରୁଗାକୁ ନେଇ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କଲା।

ଘରକୁ ଫେରି ଦୀର୍ଘ ନିଶ୍ୱାସଟିଏ ପକାଇ ଭାବିଲା, ଏଥର ବୋଧହୁଏ ଆଗକୁ ସବୁ ଠିକ୍ ହୋଇଯିବ।

ରାତିର ଅନ୍ଧାର ସାଙ୍ଗରେ ନାତୁଣୀ ପାରକୁ ପାଖକୁ ଆଉଜେଇ ଆଣିଲା। ଚମକି ପଡ଼ିଲା ସେ। ସତେ ତ ପାର ବଡ଼ ହୋଇଗଲାଣି। କେମିତି ବଂଚାଇ ରଖିବ ତାକୁ ଏ ବିକଟାଳ ଆଖିମାନଙ୍କ ଆଗରୁ। ଏବେ ପୁଣି ଦଶହରା ସମୟ। ଦେବୀ ଆସିଛନ୍ତି। ସମସ୍ତଙ୍କ ଘରେ ବନ୍ଧୁବାନ୍ଧବ ଆସିଛନ୍ତି। ଗାଁ ଯୁବଗୋଷ୍ଠୀ ଏକଜୁଟ ହୋଇ ସୁନ୍ଦର ମେଢ଼ ମାଆଙ୍କର କରିଛନ୍ତି। ମୀନା ବଜାର ଲାଗିଚି। ଭଳିକି ଭଳି ଖାଇବା ଜିନିଷ, ଠୁଂକା ପୁରି, ଚାଟ୍, ଗୁପଚୁପ୍, ମୋମୋ, ରୋଲ କେତେ କଣ ସବୁ ହୋଇଛି। ନେତି ଭଲ କରି ସେ ନାଁ ସବୁ ମଧ୍ୟ ଜାଣିନି। ସେସବୁ ଆଜି କାଲିର ଖାଦ୍ୟ। ଛୋଟ ଛୁଆଙ୍କ ପାଇଁ ଦୋଳି, ବଡ଼ମାନଙ୍କ ଫଟୋ ଉଠାଇବା ପାଇଁ ସେଲ୍ଫି ପଏଂଟ ଏମିତି କେତେ କଣ!! ସବୁଦିନ ସନ୍ଧ୍ୟାରେ କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ଦେବୀ ମା ଆସିବା ଆଗରୁ କେତେ ଉତ୍ସାହ ଲାଗି ରହିଛି। କେତେ ନିଷ୍ଠା, କେତେ ଉପବାସ କରୁଛନ୍ତି ଗ୍ରାମବାସୀମାନେ ମା'ଙ୍କ ପାଇଁ।

ନେତିର ମନରେ ଅନେକ ପ୍ରଶ୍ନ। ସତରେ କଣ ମା' ଆଗ ଭଳି ଆଉ ଦିନ ଦରିଦ୍ର, ଅସହାୟଙ୍କ କଥା ଶୁଣୁ ନାହାଁନ୍ତି!! ସିଏ କଣ ସତରେ ପଥର ପାଲଟି ଯାଇଛନ୍ତି। ଗତ କିଛି ବର୍ଷ ହେଲାଣି ସେ ଗାଁ'ରେ ଅନେକ ଅଘଟଣ ହେବାର ଶୁଣୁଚି। ଆଠବର୍ଷ ତଳେ ଦେବୀ ମଣ୍ଡପ ଆଗରେ ଅପେରା ଚାଲିଛି, ପେଣ୍ଡାଲ ପଛ ପୋଖରୀରେ ଗାଁ'ର ସାମଲ ସାହିର ଅଭିଆଡ଼ି ଝିଅଟା ରାତିଟାରେ ପାଣିରେ ବୁଡ଼ି ମଲା। ଅପେରା ଦେଖିବାକୁ ଯାଇଥିବା ଝିଅ ରାତି ଅଧରେ ପୋଖରୀକୁ କାହିଁକି ଗଲା। ସାଙ୍ଗରେ

କଣ କେହି ନଥିଲେ ? ପରଦିନ ସବୁ ଫୁସୁରୁ ଫାସୁର୍ ହେଲେ । ପୂଜା ଗହଳିରେ ଗାଁ ପିଲାଙ୍କ ସହ ବାହାର ଗାଁର ପିଲା ମିଶି ପୋଖରୀ ତୁଠରେ ମଦ ପିଉଥିଲେ । ପୋଲିସ୍ ଆସିଲା, ଟୋକାଙ୍କୁ ଜେରା କଲା । ହେଲେ କିଛି କଥା ଆଗକୁ ଆସିଲାନି । ତହିଁ ଆରବର୍ଷ ପୁଣି ସେମିତି ଏକ ଅଘଟଣ । ମୀନା ବଜାର ଚାଲିଛି । ସନ୍ଧ୍ୟାରେ ମାଇକରେ ଗୀତ ବାଜୁଛି । ଏତେ ଶବ୍ଦ, ଏତେ ଆଲୁଅରେ କେହି କାହାକୁ ଚିହ୍ନିବା କଷ୍ଟ । ସେପଡ଼ା ମାହାନ୍ତି ସାହିର ଝିଅ ବୋହୂ ମିଶି ମୀନା ବଜାର ଆସିଥିଲେ । ଲୋକ କହୁଥିଲେ ଡେରି ରାତି ଯାଏ ସେମାନେ ଦେବୀ ଗଡ଼ା ପାଖରେ ବୁଲୁଥିଲେ । କଣ ହେଲା କେଜାଣି, ଶୁଣୁ ଶୁଣୁ ମାହାନ୍ତି ଘର ବୋହୂକୁ ସକାଳୁ ସକାଳୁ ବାପଘର ପଠାଇଦେଲେ । ଦାଶ ଘର ଝିଅକୁ ତା ପୀଉସି ଘରେ ଛାଡ଼ି ଆସିଲେ । ଲୋକ ଲଜ୍ୟା ଭୟରେ ପୋଲିସ୍ ଥାନାକୁ କେହି ଗଲେନି । ଆଗ ଥର ପୋଲିସ୍ କଣ କରିଥିଲା ଯେ ? ?

ଏମିତି ଭାବୁ ଭାବୁ ନେତି ଆଖି ଲାଗିଯାଇଛି । ଆଉ ସକାଳ ହେଲା ପରେ ତାର ଛାତି ଦକ୍ ଦକ୍ । କେମିତି ପାରକୁ ଜଗି ରହିବ ଏ ଦୁର୍ଗା ମେଲାଣି ନେବା ଯାଏ । ଓପର ବେଳାକୁ ଭସାଣି । ଦେବୀ ମା'ଙ୍କ ଆବାହନ ଠାରୁ ବିସର୍ଜନ ଯାଏ କେତେ ଆନନ୍ଦ, ଯାନିଯାତ୍ରା ଲାଗି ରହିଥିଲା । ଆଜି ଶେଷଦିନ । ପାର ଟିପ ଅଗରେ ଡେଉଁଛି ଭସାଣି ଦେଖିବାକୁ । ରାସ୍ତା ଦୁଇପଟରେ ଗାଁ ଝିଅ ବୋହୂଙ୍କର ଭିଡ଼ । ହୁଳହୁଳି, ଶଙ୍ଖ, ମହୁରୀରେ ଗଗନ ଫାଟୁଛି । ସମସ୍ତଙ୍କ ଆଖିରେ ଲୁହ । ଦେବୀ ମେଲାଣି ନେଉଛନ୍ତି । ପୁଣି ଆଗ ବରଷକୁ ଅପେକ୍ଷା । ନେତି କାହା ସାଙ୍ଗରେ ପାରକୁ ଛାଡ଼ିବ । କାହାକୁ ଭରସା କରିପାରୁନି । ପାର କାନ୍ଦୁଛି ଭସାଣି ଦେଖିବ । ଏମିତି ବେଳେ ଦୁରୁଗାର ସାଙ୍ଗ ମନୁଆ, ଯାହାକୁ ପାର ଦାଦା ବୋଲି ଡାକେ, ସିଏ ନେତି ଘର ଆଗ ଦେଇ ଭସାଣି ଦେଖିବାକୁ ଯାଉଥିଲା । ପାରକୁ କାନ୍ଦୁଥିବା ଦେଖି ନେତିକୁ ପଚାରିଲା 'ପାର କାହିଁକି କାନ୍ଦୁଛି ?' ନେତି କହିଲା ପାରର ମନ କଥା, ମାଙ୍କ ଭସାଣି ଦେଖିବ ସିଏ । ମନୁଆ ସବୁ ଶୁଣି କହିଲା 'ଏଇ କଥା, ମୁଁ ପାରକୁ ସାଙ୍ଗରେ ନେଇ ଭସାଣି ଦେଖେଇ ନେଇ ଆସିବି ।' ମନୁଆ କଥାରେ ଭରସା ପାଇ ନେତି ପାରକୁ ତା ସାଇକେଲରେ ବସାଇ ନିର୍ଭୟରେ ଦେବୀମା'ଙ୍କ ଭସାଣି ଦେଖିବାକୁ ପଠାଇଦେଲା ।

ତା' ଘର ଦୁଆରୁ ଦେବୀ ମା'ଙ୍କୁ ମୁଣ୍ଡିଆ ମାରି ଆଗ ସନକୁ ଆସିବାକୁ ଗୁହାରି କଲା ।

ନେତି ଅନେଇ ବସିଛି , ପାର କେତେ ବେଳେ ଘରକୁ ଫେରିବ ।

ରାତି ଦଶଟା ବାଜିଲାଣି । ଦେବୀ ମା'ଙ୍କ ବାଜା ବାଜଣା ଶବ୍ଦ କମି ଗଲାଣି । ଗାଁ'ର ଝିଅ ବୋହୂ ଘରକୁ ଲେଉଟି ଆସିଲେଣି । ଯାହାକୁ ଦେଖୁଚି ନେତି, ପାଗଳ ଭଳି ସମସ୍ତଙ୍କୁ ପାର କଥା ପଚାରୁଛି । କୁଆଡ଼େ ଗଲା ମନୁଆ, କାହିଁ ତା ନାତୁଣୀ । କେହି କେହି ପାରକୁ ମନୁଆ ସାଙ୍ଗେ ଆଇସକ୍ରିମ ଖାଉଥିବାର ଦେଖିଥିଲେ ବୋଲି କହିଲେ । ନେତିର ହୋସ ଉଡ଼ିଗଲାଣି । ପାଗଳ ପ୍ରାୟ ହୋଇ ପାର ପାର ବୋଲି ରଡ଼ିଛାଡ଼ୁଛି ନେତି । ତାରି ଘର ବାଡ଼ି ପଛରୁ କାହାର କୁଁ କୁଂ କାନ୍ଦ ଶୁଭୁଚି । ନେତି ଡିବି ଆଲୁଅଟା ଧରି ବାଡ଼ିକୁ ଦୌଡ଼ିଗଲା ବେଳକୁ ଦେଖିଲା ପାର ସେଇ ବାଡ଼ି ଦୁଆରେ ପଡ଼ିଛି । ଦେହ, ମୁହଁରେ ବିଲେଇ ରାଂପିବା ଭଳି ଚିହ୍ନ । କୁଉଁ କୁଁ ହୋଇ କାନ୍ଦୁଛି । ବଡ଼ ପାଟି କରି ମାଆକୁ ଡାକିବାର ଯୁ ନାହିଁ ତା ଦେହରେ । ଛୁଆକୁ କାଖେଇ କୁଣ୍ଢାଇ ଘରକୁ ଆଣିଲା ବେଳେ ନେତି ଆଖିରୁ ଲୁହ ନୁହେଁ, ନିଆଁ ବାହାରୁଥିଲା । ତା ପାଟିରେ ଆଖ ପାଖ ପଡ଼ୋଶୀ ଦୌଡ଼ି ଆସିଲେ । କିଏ କହିଲା, ଡାକ୍ତରଖାନା ନେଇଯାଅ, କିଏ କହିଲା ଆଗ ପୋଲିସ୍‌ରେ ଦିଅ । ଆଉ କିଏ କହିଲା ଘର କଥା ଘରେ ଥାଉ, ଝିଅକୁ ଓଷଦ ପଟି ମଇଲମ୍ କରି ଭଲ କରିଦିଅ । ପନ୍ଦରଦିନରେ ଭଲ ହୋଇଯିବ । ଯାହା କରିବ ନେତି ରାତି ପାହିଲେ । ଅପରନ୍ତା ଗାଁ'ରେ ରାତି ଟାରେ କଣ କରିବ । ସାଇ ପଡ଼ିଶାଙ୍କ ସାହାଯ୍ୟରେ ପାରକୁ ସାଷ୍ଟାଂଗ କରି ସେ ଶୋଇବାକୁ ଗଲା । ଯିଏ ଯାହା ଘରକୁ ଗଲେ । ନେତିକୁ ନିଦ ନାହିଁ । କିଏ ଦେବ, କିଏ ଦାନବ, କାହାକୁ ସେ କେମିତି ଚିହ୍ନିବ ! ! କେତେ କେତେ ଅଘଟଣ ଗାଆଁରେ ଆଗରୁ ଘଟିଛି । କାହିଁ, କିଛି ତ ସମାଧାନ ମିଳିନି । ସେ ତ ଏକୁଟିଆ ସ୍ତ୍ରୀ ଲୋକ, କାହା ପାଖକୁ ଯିବ । କିଏ ତା ଗୁହାରି ଶୁଣିବ ! !

ରାତିସାରା ନେତି ଆଖିରେ ପଲକ ପଡ଼ିନି । ସତରେ କଣ ଦେବୀ ମା' ଦୋଷୀକୁ ଦଣ୍ଡ ଦେବେ । ସେ ଆସିଲାବେଳକୁ ପୁଣି ବରଷେ । କେତେ ଅସୁର ପୁଣି ଜନ୍ମ ନେଇଥିବେ । ପାହାନ୍ତି ନିଦରେ ଆଖି ପତା ଟିକେ ପଡ଼ିଛି । ନେତି ଭାବୁଛି, ତାକୁ ହିଁ ସଂହାର କରିବାକୁ ହେବ ଏଇ ମଣିଷ ରୂପୀ ଅସୁରକୁ । ଶତ ସିଂହର ବଳ ଆସିଲା ତା ଦେହରେ । ଛପର ଚାଳରେ ଗୁଞ୍ଜା ହୋଇଥିବା କଟୁରୀ ଭିଡ଼ିଆଣିଲା । ପାହାନ୍ତି ବେଳ, କାଳୀ ଅନ୍ଧାର ଅଛି । ଏକା ମୁହାଁ ଦୌଡ଼ିଲା ମନୁଆ ଘରକୁ । ସେ ଜାଣିଥିଲା ମନୁଆ ଦାଣ୍ଡ ପିନ୍ଧାରେ ଶୁଏ । ଧାରୁଆ କଟୁରୀରେ ଗୋଟାଏ ଚୋଟ ଦେଲା ମନୁଆ ବେକରେ । ଜୋର୍‌ରେ ରଡ଼ି ଛାଡ଼ିଲା ନେତି 'ଜୟ ମା ଦୁର୍ଗା, ଜୟ ମା ଦୁର୍ଗା ।' ତା ପାଟିରେ ପାର ଉଠିପଡ଼ିଲା, ଧୀର ସ୍ୱରରେ କହିଲା, 'ମା କଣ ହେଲା' । ନେତିର ସପନ ଭାଙ୍ଗିଲା ବେଳକୁ ସେ ଦେଖିଲା ସେ ଖଟ ଉପରେ ନାତୁଣୀ ପାଖରେ ଶୋଇଛି । ତାହେଲେ ସେ କଣ ସପନରେ ନିଜେ ଦେବୀ ସାଜିଥିଲା ମହିଷାସୁର ମର୍ଦ୍ଦନ କରିବାକୁ ! ବିଛଣାରେ ପଡ଼ି ପଡ଼ି ଭାବୁଥିଲା ନେତି ଦେବୀ ତ ଏମିତି ପଚାଶ ବରଷ ହେଲା ତାଙ୍କ ଗାଁକୁ ଆସୁଛନ୍ତି । କାହିଁକି ତେବେ ଏମିତି ଅଘଟଣ ଘଟୁଛି ? ? ଦେବୀ ମାଆ କଣ କାଠ ପାଲଟି ଗଲେଣି ! ! ଅନ୍ୟାୟ, ଅତ୍ୟାଚାର କଣ ଦେଖୁନାହାନ୍ତି ମାଆ । ନିଜକୁ ଧକ୍କାରିଲା ନେତି । ଦେବୀ ମାଆ ଥାଉ ଥାଉ ସେ ନିଜକୁ କାହିଁକି ଏତେ ଅସହାୟ ମଣୁଛି ! ! ଦୀର୍ଘ ନିଶ୍ୱାସ ଛାଡ଼ି ମାଆଙ୍କୁ ହାତ ଟେକିଲା । ଏକ ଆଶା, ବିଶ୍ୱାସ ଓ ଭରସା ନେଇ ସକାଳୁ ସକାଳୁ ସହଳ କାମ ସାରି ନେତି ଥାନା ବାବୁଙ୍କ ପାଖକୁ ଗଲା ।

*ଶୈଳନିବାସ, ନିଗମାନନ୍ଦ ନଗର, ଭୁବନେଶ୍ୱର*
*ଦୂରଭାଷ: ୯୯୩୭୩୪୮୨୫୦*

# ବାଟୁଆ

## ସମ୍ବେଦନା ମିଶ୍ର

ଆଜି ବାଟୁଆର ପ୍ରଥମ ଜନ୍ମବାର୍ଷିକୀ। ସେଥିପାଇଁ ବଳରାମ ବାବୁ ପ୍ରାୟ ସପ୍ତାହେ ହେବ ଭାରି ବ୍ୟସ୍ତ ଥିଲେ। କୌଣସି କାମରେ ଯେମିତି କିଛି ବି ଅସୁବିଧା ନ ହେବ ସେଥିପାଇଁ ସେ ନିଜେ ସବୁକାମକୁ ତଦାରଖ କରୁଛନ୍ତି। ବାଟୁଆ ସିନା ଛୋଟ ପିଲାଟିଏ ମାତ୍ର ବଳରାମ ବାବୁ ତା ପାଇଁ କେତେ ଦୌଡ଼ା ଦୌଡ଼ି କରୁଛନ୍ତି ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଉଥିଲା। ଖାଇବା ପିଇବା, ସାଜସଜ୍ଜା କିମ୍ବା ଅତିଥି ନିମନ୍ତ୍ରଣ ଓ ସତ୍କାର ଆଦି ସବୁକିଛିକୁ ପୁରା ଅଦ୍ଭୁତ ଓ ଅନନ୍ୟ କରିବା ପାଇଁ ବଳରାମ ବାବୁ ବହୁତ ପରିଶ୍ରମ କରିଛନ୍ତି।

ବଳରାମ ବାବୁ ବାଟୁଆର ଜନ୍ମଦିନ ପାଇଁ ନିଜର ବଗିଚାକୁ ପରିଷ୍କାର କରି ଖୁବ୍ ସୁନ୍ଦର କରି ସଜେଇଛନ୍ତି। ମୁଖ୍ୟ ପ୍ରବେଶ ପଥରେ ବାଟୁଆର ବଡ଼ ଫଟୋଟିଏ ଟଙ୍ଗା ହୋଇ ରହିବା ସହ ଫୁଲର ଗୋଟିଏ ସୁନ୍ଦର ତୋରଣ ତିଆରି କରାଯାଇଛି। ବୟସ ଓ ଅନ୍ୟାନ୍ୟ ସୁବିଧା ଓ ଅସୁବିଧାକୁ ଆଖି ଆଗରେ ରଖି ସମସ୍ତଙ୍କର ବସିବା ଓ ଖାଇବା ପାଇଁ ଅଲଗା ଅଲଗା ବ୍ୟବସ୍ଥା କରାଯାଇଛି। ନିରାମିଷ ଓ ଆମିଷ ଉଭୟ ଖାଦ୍ୟର ବ୍ୟବସ୍ଥା ରହିଛି। ବଳରାମ ବାବୁ ଛୋଟପିଲା ଓ ବୟୋଜ୍ୟେଷ୍ଠମାନଙ୍କର ଖାଇବାରେ ଯେପରି ଅସୁବିଧା ନ ହେବ ସେଥିପାଇଁ ବଗିଚାର ଗୋଟିଏ ପାର୍ଶ୍ୱରେ ବସିବା ଓ ଖାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଖାଲି ସେତିକି ନୁହେଁ ବଗିଚାର ଫୁଲକୁଣ୍ଡ ଗୁଡ଼ିକ ମଧ୍ୟ ଏକ ନିଆରା ଶୈଳୀରେ ସଜାଇ ଆଜିକାଲିର ଯୁବସମାଜକୁ ଫୋଟ ଉଠାଇବା ସହ ସାମୁହିକ ଭୋଜିର ଆନନ୍ଦ ଦେବାକୁ ମଧ୍ୟ ପ୍ରୟାସ କରିଛନ୍ତି ବଳରାମ ବାବୁ। ଏସବୁ ସହିତ ବାଟୁଆର କିଛି ସାଙ୍ଗସାଥିମାନଙ୍କୁ ତା' ଜନ୍ମଦିନରେ ଖାଇବାକୁ ଦେଇ ଖୁସି କରିବାର ଲକ୍ଷ୍ୟ ରଖିଥାନ୍ତି ବଳରାମ ବାବୁ। ବାଟୁଆର ଜନ୍ମଦିନ ଉତ୍ସବଟି ବିବାହ ଓ ବ୍ରତଘର ପରି ଏକ ଶୁଭ ପାରିବାରିକ ଉତ୍ସବ ପରି ହିଁ ପ୍ରତୀୟମାନ ହେଉଥିଲା।

ଖାଲି ବନ୍ଧୁବାନ୍ଧବ, ପରିଜନ କିମ୍ବା ବାଟୁଆର ସାଙ୍ଗସାଥୀମାନଙ୍କ ପାଇଁ କେବଳ ଭଲ ଭୋଜିଭାତର ଆୟୋଜନ କରିଥିଲେ ବଳରାମ ବାବୁ ତାହା ନୁହେଁ ବାଟୁଆ ପାଇଁ ଏକ ସୁନ୍ଦର ପୋଷାକ ମଧ୍ୟ ଖାସ୍ ଏହି ଜନ୍ମଦିନର ଉତ୍ସବ ପାଇଁ ତିଆରି କରାଇଥିଲେ। ବାଟୁଆ ପାଇଁ ଏକ ସ୍ୱତନ୍ତ୍ର କେକ୍ ମଧ୍ୟ ବରାଦ କରିଥିଲେ ବଳରାମ ବାବୁ। ସବୁ ଅତିଥିଙ୍କ ସାମନାରେ ବାଟୁଆ କେକ୍ କାଟିବା ପରେ ସବୁ ଅତିଥିଙ୍କ ଭିତରେ କେକ୍ ବଣ୍ଟାଯିବାର ବ୍ୟବସ୍ଥା ବଳରାମ ବାବୁ ନିଜେ କରିଥିଲେ। ରଙ୍ଗବେରଙ୍ଗର ଆଲୋକମାଳା, ବେଲୁନ ଓ ରଙ୍ଗୀନ ପରଦା ସବୁ ବଳରାମ ବାବୁଙ୍କ ବାସଭବନକୁ ଚମକାଉଥିଲା। ଏତେ ସବୁ ଆୟୋଜନରେ ବଳରାମ ବାବୁଙ୍କୁ ଯଥାସମ୍ଭବ ସାହାଯ୍ୟ ସହଯୋଗ କରୁଥିଲେ ବଳରାମବାବୁଙ୍କ ପତ୍ନୀ ନିର୍ମଳା, ପୁଅ ଅନିମେଶ ଓ ଝିଅ ଅନିତା। ଅତିଥିମାନଙ୍କୁ ନିମନ୍ତ୍ରଣ କରିବା ପାଇଁ ଯେଉଁ ନିମନ୍ତ୍ରଣ ପତ୍ର ବ୍ୟବହାର କରାଯାଉଥିଲା ତାହାକୁ ଅନିମେଶ ଓ ଅନିତା ଉଭୟ ମିଶି ଚୟନ କରିଥିଲେ। ବାଟୁଆର ଶୁଭ ଜନ୍ମଦିନର ଏଭଳି ଆୟୋଜନ ଦେଖି ଯେ କେହି ନିଶ୍ଚୟ କହିପାରିବ, ବାଃ ଖୁବ୍ ଚମତ୍କାର ! କି ଭାଗ୍ୟବାନ୍ ବାଟୁଆ !" କିନ୍ତୁ ପ୍ରକୃତରେ ବାଟୁଆର କାହାଣୀ ତା' ଜନ୍ମଦିନ ଠାରୁ ମଧ୍ୟ ଆହୁରି ଚମତ୍କାର !

ବର୍ଷେ ତଳେ ଠିକ୍ ଆଜିର ଦିନରେ ପତ୍ନୀ ନିର୍ମଳାଙ୍କ ସହ ବଳରାମ ବାବୁ ଗୋଟିଏ ବିବାହ ଉତ୍ସବରେ ଯୋଗଦେବା ପାଇଁ କାର୍‌ରେ ଯାଉଥିଲେ। ଅନ୍ଧ ନିଛାଟିଆ ଗୋଟିଏ ଗଳି ରାସ୍ତା ଦେଇ ଯିବା ଆସିବା ସମୟରେ ହଠାତ୍ ତାଙ୍କ ଗାଡ଼ି ଆଗକୁ ଚାଲିଆସିଥିଲା ବାଟୁଆ। ଆନୁମାନିକ ବାଟୁଆକୁ ସେତେବେଳେ ବାରରୁ ପନ୍ଦର ଦିନ ହୋଇଥିବ। ସଙ୍ଗେ ସଙ୍ଗେ ବଳରାମ ବାବୁ ଗାଡ଼ିଟିକୁ ବ୍ରେକ୍ ଦେଇ ଅଟକାଇ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚାଇଥିଲେ। ତା ପାଖକୁ ଯାଇ ବାଟୁଆକୁ ହାତ ଉପରେ ବସାଇ ବାଟୁଆର ମାଆକୁ ସେହି ପାଖରେ ଏଣେତେଣେ ଖୋଜିବାକୁ ଲାଗିଲେ। ଶୀତଦିନର କୁହୁଡ଼ିଆ ରାତିରେ ଯେତେ ଦୂର ଯାଇ ଦେଖିଲେ ମଧ୍ୟ ବାଟୁଆର ଅନ୍ୟ ଭାଇଭଉଣୀ କିମ୍ବା ତା'ର ମାଆ ଦେଖାଯାଉନଥିଲେ। ତା'ପରେ ଆଉ ଅଧିକ ଟିକିଏ ରାସ୍ତା ଖୋଜିବା ପରେ ନିର୍ମଳା ଓ ବଳରାମ ବାବୁଙ୍କୁ ଗୋଟିଏ ଦୁଃଖଦ ଘଟଣା ଦେଖିବାକୁ ମିଳିଲା। ଶୀତୁଆ ରାତିର ନିଛାଟିଆ ଭିତରେ କୌଣସି ଏକ ଭାରିଯାନ ବାଟୁଆର ମାଆ ଉପରେ ବେଢ଼ିଯାଇଥିଲା। ରାସ୍ତା ସହ ବାଟୁଆ ମାଆର ଶବ ଅଧା ମିଶି ଯାଇଥିଲା। ଏଭଳି ବୀଭତ୍ସ ଦୃଶ୍ୟ ସହ ନିଷ୍ପାପ ସନ୍ତାନକୁ ଦେଖିଲେ ଯାହାର ହେଲେ ମଧ୍ୟ ହୃଦୟ କୋହରେ ଥରି ଉଠିବ। ଭାବିଲେ ମଧ୍ୟ ଆଶ୍ଚର୍ଯ୍ୟ ଲାଗୁଥିଲା ଯେ ନିଜର ମାଆର ଦୁର୍ଘଟଣା ଜାଗାରୁ ଏତେ ଛୋଟ ବାଟୁଆ କିଭଳି ଏତେ ବାଟକୁ ଯାଇଥିଲା ! ସେତେବେଳେ କିନ୍ତୁ ମାନବିକତା, ଭଗବତ୍

ଇଚ୍ଛା ତ ପାରିପାର୍ଶ୍ୱିକ ପରିସ୍ଥିତି ନିର୍ମଳା ଓ ବଳରାମ ବାବୁଙ୍କୁ ଏକାଠି ହୋଇ କଠୋର ହୃଦୟ କରି ବାଟୁଆକୁ ସେଇଠି ଛାଡ଼ିଦେଇ ଆଉ ଏକ ଜୀବର ନିଶ୍ଚିତ ମୃତ୍ୟୁର କାରଣ ହେବାକୁ ମନା କରିଦେଲା। ସେମାନେ ଦୁହେଁ ମିଶି ନିଷ୍ପତ୍ତି କଲେ ଯେ ଆଗାମୀ ସମୟରେ ଯାହା ହେଉ ପଛକେ ଆଖି ଆଗରେ ମାଆ ଛେଉଣ୍ଡ ଏ କଅଁଳ ଶିଶୁଟିକୁ ଏଭଳି ଶୀତ ରାତିରେ ରାସ୍ତାରେ ଏକୁଟିଆ ଛାଡ଼ିବେ ନାହିଁ। ତେଣୁ ସେମାନେ ତାକୁ ସାଙ୍ଗରେ ଧରି ପ୍ରଥମେ ବିବାହ ଉତ୍ସବରେ ଯୋଗଦେବା ପାଇଁ ଗଲେ।

ଶୀତରେ ଥରୁଥିବା ବାଟୁଆର ଶରୀରକୁ ଗାଡ଼ି ଭିତରେ ନରମ ଗାମୁଛାରେ ଯେତେବେଳେ ନିର୍ମଳା ଦେବୀ ଢାଙ୍କିଦେଲେ ସେ ହଠାତ୍ ଶୋଇପଡ଼ିଲା। ତାକୁ ଗାଡ଼ି ଭିତରେ ଶୋଇ ଦେଇ ତରତର ହୋଇ ନିର୍ମଳା ଦେବୀ ଓ ବଳରାମ ବାବୁ ବିବାହ ଉତ୍ସବରୁ ଯୋଗ ଦେଇ ପୁଣି ଥରେ ବାଟୁଆ ପାଖକୁ ଚାଲିଆସିଲେ। ସେମିତିରେ ବାଟୁଆ ମାଆର ସେ ଦୁଃଖଦ ମୃତ୍ୟୁ ଶରୀରକୁ ଦେଖି ସାରିବା ପରେ ଭୋଜି ଆସରରେ ନା ବଳରାମ ବାବୁଙ୍କର ନା ନିର୍ମଳାଙ୍କ ମନ ଆଉ ଲାଗୁଥାଏ। ସେ ଯାହା ହେଉ ଭଲରେ ଭଲରେ ବାଟୁଆକୁ ଧରି ନିର୍ମଳା ଓ ବଳରାମ ବାବୁ ଘରକୁ ଆସିଲେ। ବିବାହ ଭୋଜିରୁ ଏପରି ବାଟୁଆକୁ ଆଣିଥିବାର ଦେଖି ଅନିମେଶ ଓ ଅନୀତା ମଧ୍ୟ ଆଶ୍ଚର୍ଯ୍ୟ ହେଉଥାଆନ୍ତି। ତଥାପି ପୁରା ଘଟଣା ଜାଣି ସାରିବା ପରେ ସେମାନେ ମଧ୍ୟ ନିଜର ବାପାମାଆଙ୍କର ଉଚିତ୍ କାମରେ ସହଯୋଗ କରିବାକୁ ଲାଗିପଡ଼ିଲେ।

ନିର୍ମଳା, ବଳରାମ ବାବୁ ଓ ଅନୀତା ମିଶି ବାଟୁଆର ରହିବା ପାଇଁ ଜାଗା କରିବାରେ ଲାଗିପଡ଼ିଲେ। ଅନିମେଶ ସଙ୍ଗେ ସଙ୍ଗେ ବାହାରି ଯାଇ ବଜାରରୁ ଛୋଟ ପିଲାଙ୍କ ଏକ କ୍ଷୀର ବୋତଲ ନେଇ ଆସିଲା। ଶୀତଦିନକୁ ଆଖି ଆଗରେ ରଖି ନିଜର କିଛି ପୁରୁଣା ଶାଢ଼ୀ ଓ ଅନ୍ୟାନ୍ୟ କପଡ଼ାରେ ବାଟୁଆ ଶୋଇବା ପାଇଁ ଜାଗା କରିଦେଲେ ନିର୍ମଳା। ଜୀବାଣୁ ନାଶକ ଜଳରେ ତୁଳାକୁ ଭିଜାଇ ତାର ଶରୀରକୁ ସଫାସୁତୁରା କରିଦେଲେ ବଳରାମ ବାବୁ। ଅନିମେଶ ଆଣିଥିବା କ୍ଷୀର ବୋତଲରେ କ୍ଷୀର ପିଇବାକୁ ଦେଇ ବଳରାମ ବାବୁ ହିଁ ତାକୁ ଶୋଇବାରେ ସକ୍ଷମ ହେଲେ। ବାସ୍, ସେହି ମୁହୂର୍ତ୍ତରୁ ହିଁ ବଳରାମ ବାବୁଙ୍କୁ ନିଜ ସ୍ନେହରେ ବାନ୍ଧିଦେଲା ବାଟୁଆ।

ଧୀରେ ଧୀରେ ସମୟ ବିତିବା ସହ ପାଖାପାଖି ପ୍ରାୟ ସପ୍ତାହେ ପରେ ବାଟୁଆ ଆଖି ଖୋଲିଲା। ତାକୁ ଏତେ ସ୍ନେହଶ୍ରଦ୍ଧା ଓ ନୂଆ ଜୀବନ ଦେଇଥିବା ନିରେଖି ଦେଖିଲା। ତା'ପରେ ବଳରାମ ବାବୁ ଭାବିଲେ ତାଙ୍କର ଦାୟିତ୍ୱ କିଛିଟା କମିଗଲା। ଏଥର ସେ ନିଜର ଭଲମନ୍ଦ ଜାଣିପାରିବ। ତେଣୁ ସପ୍ତାହେ ପରେ ତାକୁ ତାର ଅନ୍ୟ ସାଙ୍ଗମାନଙ୍କ ସହ ବୁଲିବା, ଖାଦ୍ୟ ସଂଗ୍ରହ କରିବା ସହ ସମୟକ୍ରମରେ ନିଜ ପରିବାର ଗଠନ କରିବା ଆଦି କାର୍ଯ୍ୟ ପାଇଁ ତାଙ୍କ ଘରଛାଡ଼ି ବାହାରେ ରହିବାକୁ ହେବ। ସେଥିରେ ମଧ୍ୟ ତାଙ୍କର ପୁରା ପରିବାର ସହମତି ପ୍ରଦାନ କଲେ।

ବାଟୁଆକୁ ବାହାର ଦୁନିଆରେ ଯେମିତି କିଛି ଅସୁବିଧା ନ ହେବ ସେଥିପାଇଁ ବଳରାମ ବାବୁ ନିଜେ ହିଁ ତାକୁ କ୍ଷୀର ସହିତ ଅନ୍ୟ ସବୁ ଖାଦ୍ୟ ସାମଗ୍ରୀ ଯଥା ବିସ୍କୁଟ, ଭାତ, ଛୋଟ ଛୋଟ ମାଂସ ଖଣ୍ଡ ଆଦି ଖାଇବା ଶିଖାଇଦେଲେ। ତାକୁ ଦୌଡ଼ିବା ସହ ଅନ୍ୟ କିଛି କୌଶଳ ମଧ୍ୟ ଶିଖାଇଦେଲେ। ଶେଷରେ ପୂର୍ବରୁ ଧାର୍ଯ୍ୟ ନିଷ୍ପତ୍ତି ଅନୁଯାୟୀ ବାଟୁଆକୁ ତା' ଦୁନିଆକୁ ପଠାଇବା ପାଇଁ ବଳରାମ ବାବୁ ପ୍ରସ୍ତୁତ ରହିଥାନ୍ତି। ବାଟୁଆ ଚାଲିଯିବାର ଦୁଃଖ ମନରେ ରହିଥିଲେ ମଧ୍ୟ ନିର୍ମଳା, ଅନିମେଶ ଓ ଅନିତା ମଧ୍ୟ ତାକୁ ବିଦାୟ ଦେବା ଲାଗି ପ୍ରସ୍ତୁତ ରହିଥାନ୍ତି। ବାଟୁଆକୁ ସଙ୍ଗରେ ଧରି ଯାଇ ବଳରାମ ବାବୁ ନିଜେ ହିଁ ଅନିମେଶକୁ କିଛି ଦୂରରେ ଲୁଚି ରହିବାକୁ ନିର୍ଦ୍ଦେଶ ଦେଇ ତାକୁ ଏକ ସୁରକ୍ଷିତ ସ୍ଥାନରେ ଛାଡ଼ିଦେଇ ନିଜେ ମଧ୍ୟ ଅଳ୍ପ କିଛି ବାଟରେ ଲୁଚି ରହିଲେ ଓ ବାଟୁଆ ଉପରେ ନଜର ରଖିଲେ।

ଅଳ୍ପ କିଛି ସମୟ ଭିତରେ ହିଁ ବାଟୁଆ ଡରିଯାଇ ଖାଲି ବଳରାମ ବାବୁଙ୍କ ଯିବା ରାସ୍ତାକୁ ଖୋଜିବାକୁ ଲାଗିଲା। ବଳରାମ ବାବୁ ଓ ଅନିମେଶ ବାଟୁଆକୁ ଦୂରରୁ ଲକ୍ଷ୍ୟ କରୁଥାନ୍ତି। ତା'ପରେ କିନ୍ତୁ ଯାହା ଘଟିଲା ତାହାକୁ ବଳରାମ ବାବୁ ଜାଣିଥିଲେ ମଧ୍ୟ ଏତେ ଗୁରୁତ୍ୱ ଦେଇନଥିଲେ। ବାଟୁଆକୁ ସେହି ଗଳିରେ ବୁଲାବୁଲି କରୁଥିବା ଅନ୍ୟ କୁକୁରମାନେ ଆସି ଚାରିପଟୁ ଘେରି ଆକ୍ରମଣ କରିବାକୁ ଲାଗିଲେ। ବଳରାମ ବାବୁ ଭାବିଥିଲେ ସେ ଶିଖାଇଥିବା ଦୌଡ଼ ଆଦି କୌଶଳକୁ ବାଟୁଆ ସଠିକ୍ ଭାବରେ କାମରେ ଲଗାଇବ। କିନ୍ତୁ ଠିକ୍ ବିପରୀତ ଅବସ୍ଥା ଦେଖି ନିଜକୁ ଆଉ ଧୈର୍ଯ୍ୟ ଧରି ରଖିପାରିଲେ ନାହିଁ ବଳରାମ ବାବୁ। ବାଟୁଆ ଅନ୍ୟ କୁକୁରମାନଙ୍କର ଆକ୍ରମଣକୁ ସାମନା କରିପାରୁନଥିବା ଦେଖି ବଳରାମ ବାବୁ ଅନିମେଶକୁ ସାହାଯ୍ୟ ପାଇଁ ଡାକି ସଙ୍ଗେ ସଙ୍ଗେ ତା'ପାଖକୁ ଦୌଡ଼ିଗଲେ। ଉଭୟ ମିଶି ବାଟୁଆକୁ ସେମାନଙ୍କର କବଳରୁ ସୁରକ୍ଷିତ ଉଦ୍ଧାର କଲେ। ବଳରାମ ବାବୁ ଓ ଅନିମେଶ ତା'ପରେ ଯାଇ ଶାନ୍ତିରେ ନିଶ୍ୱାସ ମାରିଲେ। ସେତେବେଳେ ବଳରାମ ବାବୁଙ୍କୁ ହୃଦୟଙ୍ଗମ ହେଲା ଯେ ସେ ଯେଉଁ ଆଖି ଫିଟି ନଥିବା ବାଟୁଆକୁ ଘରକୁ ଆଣିଥିଲେ, ତାକୁ ସେ କେବଳ ଘରେ ଆଶ୍ରୟ ଦେଇ ନଥିଲେ ବରଂ ସେ ତାକୁ ତାଙ୍କ ହୃଦୟରେ ବି ସ୍ଥାନ ଦେଇଛନ୍ତି।

ନିଜର ଆଦରର ପ୍ରିୟ ବାଟୁଆକୁ ଧରି ବଳରାମ ବାବୁ ଓ ଅନିମେଶ ଘରକୁ ଫେରିଲେ। ବାଟୁଆକୁ ପୁଣି ଥରେ ଫେରି ଆସିବା ଦେଖି ନିର୍ମଳା ଦେବୀ ଓ ଅନିତା ମଧ୍ୟ ଭାରି ଖୁସି ହେଲେ। ସେହି ଦିନଠାରୁ ବଳରାମ ବାବୁ ମନରେ ଭୁଲ୍‌ରେ ମଧ୍ୟ ନିଜଠାରୁ ବାଟୁଆକୁ ଦୂରେଇବା କଥା ଭାବି ନାହାନ୍ତି। ସକାଳର ସୂର୍ଯ୍ୟ ଉଦୟ ଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ସବୁବେଳେ ବଳରାମ ବାବୁଙ୍କ ପାଖରେ ହିଁ ରହିଥାଏ ବାଟୁଆ। କେବଳ ଅଫିସକୁ ଯିବା ସମୟରେ ହିଁ ବଳରାମ ବାବୁଙ୍କ ପାଖ ଛାଡ଼େ। ନହେଲେ ସେ ବଜାର ହେଉ କିମ୍ବା ଅନ୍ୟ ପଡ଼ୋଶୀ ଓ ସାଙ୍ଗସାଥୀଙ୍କ ଘରକୁ ବୁଲିଯିବା ହେଉ କିମ୍ବା ବିବାହ ଓ ବ୍ରତଘର ପରି ଶୁଭକାର୍ଯ୍ୟରେ ଯୋଗଦେବା ହେଉ, ସବୁବେଳେ ଏକାଠି ରହିଥାଆନ୍ତି ବାଟୁଆ ଓ ବଳରାମ ବାବୁ। ସେ ମଧ୍ୟ ବାଟୁଆକୁ ଘଡ଼ିଏ ନ ଦେଖିଲେ ରହିପାରନ୍ତି ନାହିଁ। ପୁରା ପରିବାରର ସ୍ନେହଶ୍ରଦ୍ଧା ପାଇ ବଳରାମ ବାବୁଙ୍କ ପରିବାରର ସଦସ୍ୟ ପାଲଟିଗଲା ବାଟୁଆ। ବାଟରୁ ଆସିଥିବା ଯୋଗୁଁ ଅନିତା ଖୁସିରେ ତାର ନାମକରଣ କରିଥିଲା "ବାଟୁଆ"। ବଳରାମ ବାବୁ, ନିର୍ମଳା, ଅନିମେଶ ଓ ଅନିତାଙ୍କର ବାଟୁଆର ସେହି ପବିତ୍ର ସ୍ନେହ ବନ୍ଧନର ଏକ ନିଛକ ପ୍ରମାଣ ହେଉଛି ବାଟୁଆର ଜନ୍ମଦିନ ଏହି ଭବ୍ୟ ଆୟୋଜନ।

*ଫ୍ଲାଟ ନଂ-୯୫୯/୧୦, ଘର ନଂ-୨୧, ସମ୍ପିତ ଭିଲ୍ଲା, ଘାଟିକିଆ,*
*ଭୁବନେଶ୍ୱର-୭୫୧୦୨୯*
*ଦୂରଭାଷ: ୯୯୩୭୭୨୩୫୭୯*

# ମାମୁଁଘର ଗାଁର ମୋହ

ଇଂ. ଅକ୍ଷୟ କୁମାର ମିଶ୍ର

ମୋ ମାମୁଁଘର ଗାଁ କଥା ମନେ ପଡ଼ିଲେ ଦେହରେ ଖେଳିଯାଏ, ଏକ ମଧୁର ରୋମାଞ୍ଚ, ଏକ ଖୁସି ଖୁସି ସେଠି କଟକଣା ଅଳପ, କୋଳାହଳ ବେଶି । ସେଠି ବୟସ ବଢ଼େନି । ସବୁଦିନ, ସବୁ ସମୟ, ସୁଖମୟ ଅବସରର ଆସର । ମୁଁ ଭାବେ, ମୋ ବୋଉ ଜୀବନର ଅତୁଳନୀୟ ପ୍ରାପ୍ତି ହେଉଛି, ମୋ ମାମୁଁଘର ।

ଆମର ଯୌଥ ପରିବାରଟି ଥିଲା, ଚାପି ପରିବାର । ହଳ, ଲଙ୍ଗଳ, ଶଗଡ଼, ବଳଦରେ ଘର ଭିତରେ କୃଷକ ପରିବାରର ସୁଗନ୍ଧ । ମୋ ମାମୁଁଘରଟି ମଧ୍ୟ ଆମ ଘର ଭଳି ବଡ଼ମାମୁଁ, ସେ ଅଞ୍ଚଳର ଘରଟି ମଧ୍ୟ ଆମ ଘର ଭଳି । ବଡ଼ମାମୁଁ, ସେ ଅଞ୍ଚଳର ନାମକରା ଚାଷି । ସାନ ମାମୁଁ ଦୁହେଁ ସ୍କୁଲରେ ଭଲ ପାଠ ପଢ଼ନ୍ତି । ମାମୁଁ ଘର ଉଚ୍ଚା ମାଟି ପିଣ୍ଡା । ବାଟଘର କାନ୍ଥରେ ବଡ଼ ମାମୁଙ୍କ ହାତର ସୁନ୍ଦର ପଟ୍ଟଚିତ୍ରର ସମ୍ଭାର । ରାଧା କୃଷ୍ଣଙ୍କ ନାବକେଳି, ମୁନା ନଈରେ ବସୁଦେବଙ୍କ ମୁଣ୍ଡରେ କୃଷ୍ଣଙ୍କୁ ବାସୁକୀ ଫଣା ଘୋଡ଼େଇ ହୋଇଥିବାର ଦୃଶ୍ୟ, ଏଇମିତି କେତେ କେତେ ଚିତ୍ର ଦେଖିଲେ, ମୋର ପିଲା ମନ ଭକ୍ତିରେ ବୁଡ଼ିଯାଏ । ବଡ଼ମାମୁଁ ଚାଷ କରିବା ସହିତ ସୁନ୍ଦର ପଟ୍ଟଚିତ୍ର ଆଙ୍କନ୍ତି । ବୋଉ ସାଙ୍ଗରେ ଥରେ ମାମୁଁଘରେ ପହଞ୍ଚଗଲେ, ମୋତେ ମିଳିଯାଏ ଅଖଣ୍ଡ ସ୍ୱାଧୀନତା ବଡ଼ମାମୁଁ ମୋତେ ତାଙ୍କ କାନ୍ଧ ଉପରେ ବସେଇ ସାଇରେ ଘେରାଏ ବୁଲେଇ ଆଣନ୍ତି । ଆଇ, ତାର ଗେଲବସର ନାତିକୁ ଦେଖିଲେ ଘଡ଼ିଏ ଆଉଁସି ପକାଏ । ସବୁଠାରୁ ବେଶି ଖୁସିହୁଏ ମିନି ନାନୀ । ମାମୁଁଘର ପଡ଼ିଶା, ନିଧିଅଜାଙ୍କ ବଡ଼ଝିଅ ମିନି ମାଉସୀକୁ ମୁଁ ମିନିନାନୀ ଡାକିଲେ, ଅଜା, ଆଇ ଖାଲି ଟିକିଏ ହସି ଦିଅନ୍ତି । ମିନି ନାନୀ ମୋତେ ଦେଖିଲେ ମୋ ଗାଲକୁ ଚୁମାରେ ଛାଇ ଦିଏ । ମୋତେ କାଖ କରି ତାଙ୍କ ଘରକୁ ନେଇଯିବ । ତାଙ୍କ ଘରେ ଥିବା ଲେମନ୍‌ଚୁସ୍ ଆରିସା ପିଠା । ଖାଇବାକୁ ଦେବି । ସେତେବେଳେ ସେ ହାଇସ୍କୁଲରେ ପଢୁଥାନ୍ତି । ତାଙ୍କ ସାନ ଭଉଣୀକୁ ସମସ୍ତେ ଜାଡ଼ି ବୋଲି ଡାକନ୍ତି । ପିଲାଦିନେ ଜାଡି ଟିକିଏ ବିଳମ୍ବରେ କଥା କହିଲା ତ, ତେଣୁ ସମସ୍ତେ ତାକୁ ଏଇ ନାମରେ ଡାକନ୍ତି । ମିନିନାନୀ ମୋତେ ଗେଲ କଲାବେଳେ, ଜାଡ଼ି ଅସହିଷ୍ଣୁ ଆଖିରେ ଚାହିଁ ରହିଥାଏ ।

ମାମୁଁଘର ଗୁହାଳରେ, ଦୁଇହଳ ମଜବୁତିଆ ବଳଦ । ତାଙ୍କ ଦେହରୁ ନୀଳ ଖସି ପଡୁଥାଏ । ଚାରିଟା ଦୁହାଁଳିଆ ଗାଈ । ଗୁଲୁଗୁଲିଆ ମାଈ, ଅଣ୍ଡିରା ବାଛୁରୀ । ବର୍ଷସାରା, ଆଇଘରେ, ଖିର, ଦହି, ଛେନା ମିଳେ । ସବୁଦିନ ସଞ୍ଜବେଳେ, ଆଇ ମୋ ପାଇଁ ପୋଡ଼ପିଠା କରିବ । କୋଡ଼ରେ ବସେଇ ମୋତେ ଖିର, ପିଠା ଖୋଇଦେବ । ବଡ଼ମାଇଁ ମୋତେ ଆହୁରି ଗେହ୍ଲାକରି, ତାଙ୍କ ସ୍ନେହ ସବୁକୁ ଢାଳେଇ ଦିଅନ୍ତି । ମୋତେ କେହି ଆକଟ କଲେ, ଆଇ ତାକୁ ଜବଦ୍ କରି ଦେବ । ମାମୁଁଘରେ ଥିଲା ବେଳେ ମୋତେ ମିଳିଯାଏ, ଅସୁମାରୀ ସ୍ୱାଧିନତା ।

ରଜ ତିନିଦିନ ଥିବ, ମାମୁଁ ଘରୁ ବାଉଁଶ ଚାଞ୍ଚଡ଼ା ଘେରା ଶଗଡ଼ ଗାଡ଼ି ଆସି ଆମ ଦୁଆରେ ପହଞ୍ଚି ଯିବ । ବୋଉ ପାଇଁ ସିନା ମାମୁଁଘର ! ମାମୁଁଘରେ ପହଞ୍ଚି ଦେଖେ ଅଗଣାରେ ପଟ୍ଟା ଦୋଳି ପ୍ରସ୍ତୁତ ଥିବ । ଆମକୁ ଦେଖି ମାମୁଁଘରେ ସମସ୍ତେ ଖୁସିରେ ଝୁମି ଉଠନ୍ତି । ମୋ ବୋଉ ଥିଲା ଅଜା, ଆଇଙ୍କର ତିନି ପୁଅରେ, ଗୋଟିଏ ବୋଲି ସୁନାନାକୀ ଝିଅ । ତେଣୁ ସମସ୍ତଙ୍କର ସ୍ନେହଁର ଅଧିକାରିଣୀ । ମୁଁ ତ ମିନିନାନୀ ମୋତେ ତାର କୋଳରେ ବସେଇ, ପଟ୍ଟାଦୋଳିକୁ ଏତେ ଜୋରରେ ଆକାଶକୁ ବାହି ଦେବ ଯେ, ଡରରେ ମୋ ଆଖି ବୁଜି ହୋଇ ଯାଏ । ମୁଁ ଚିରିଚିରେଇ କାନ୍ଦି ଉଠିଲେ ତଳେ ଠିଆ ହୋଇଥିବା ଜାଡି କହୁଥିବ 'ଡରକୁଳାଟା' ! ବଡ଼ମାଇଁ କହୁଥିବେ, ମିନି ଟିକିଏ ଧିରେ ବାହୁଥା, ଛୁଆଟା ଡରିଯିବ । ମୁଁ ମାମୁଁଘରେ ପହଞ୍ଚିଲା ପରେ, ମିନିନାନୀ ସବୁବେଳେ ମୋ ପଛରେ ଲାଗିଥିବ । ରାତିରେ ମୋତେ କୋଳରେ ପୁରେଇ ଶୋଇବ । ଜାଡ଼ି ରଡ଼ିଛାଡ଼ି କହୁଥିବ ନାନୀ, ମୁଁ ତୋ ପାଖରେ ଶୋଇବି । ମିନିନାନୀ କହୁଥିବ ତୁ ତ ସବୁଦିନ ଶୋଉଥିଲୁ, ଆମ ଜିତୁ କେତେଦିନ ଏଠି ରହିବ ? ତୁ କାହିଁକି ବାଦ କରୁଛୁ ? ସେ ଉମାନାନୀଙ୍କ ସାଙ୍ଗରେ ତାଙ୍କ ଘରକୁ ଚାଲିଗଲା ପରେ, ତୁ ପୁଣି ମୋ ପାଖରେ

ଶୋଇବୁନି ? ଏହା କହି ମୋ ଗାଲରେ ସରୁ ବୋକଟିଏ ଦେଇ, ତାର ଉଷୁମ୍ କୋଳରେ ମୋତେ ଶୋଇପକେଇବ ।

ମାମୁଁଘର ଗାଁରେ ରଜ ତିନିଦିନ ଖୁବ୍ ମଜାରେ କଟେ । ସକାଳୁ ସକାଳୁ ଆଇ ମୋତେ ନଈରେ ଗାଧୋଇ ଦେଇ ବିଭିନ୍ନ ପ୍ରକାର ପିଠା, ମିଠା ଖୋଇ ଦେବ । ନୂଆ ପ୍ୟାଣ୍ଟ, ଜାମା ପିନ୍ଧେଇ ଦେବ । ମୁଁ ସାଙ୍ଗମାନଙ୍କ ସାଥିରେ ବୁଲି ବାହାରି ଯାଏ । ଗହଳୀଆ ଆମ୍ବ ତୋଟାରେ ଦଳଦଳ ଲୋକ ଧୋବ ଫରଫର ଧୋତି, ପଞ୍ଜାବୀ ପିନ୍ଧି, ତାସ୍‌ପଶା ଖେଳରେ ମାତିଥିବେ । ଗହଳୀଆ ଆମ୍ବ ଡାଳରୁ ପଟାଦୋଳି ଝୁଲୁଥିବ, ଝିଅ ବୋହୂମାନେ ସୁନ୍ଦର ରଙ୍ଗୀନ ପୋଷାକ ପିନ୍ଧି ଦୋଳି ଖେଳୁଥିବେ ଏବଂ ସେମାନଙ୍କ ସୁଲଳୀତ କଣ୍ଠରୁ ଝଙ୍କୃତ ହେଉଥିବ ରଜ ଦୋଳୀ ଗୀତ । ମୋତେ ଦେଖିଦେଇ ମିନିନାନୀ ମୋ ପାଖକୁ ଛୁଟିଆସି, ମୋତେ କାଖକରି ଦୋଳିରେ ବସେଇବ । ମୁଁ ମିନି ନାନୀ କାନରେ ଚୁପ୍ ଚୁପ୍ କହେ, ମିନିନାନୀ, ମୋ ସାଙ୍ଗ ଏବଂ ଏତେ ଝିଅ ପିଲାଙ୍କ ସାମ୍ନାରେ ତୁମ ସହିତ ଦୋଳି ଖେଳିବାକୁ ମୋତେ ଲାଜ ଲାଗିବ । ମୋ ଗାଲରେ ବୋକ ଦେଇ ମିନିନାନୀ କୁହେ, ଓହୋରେ, ଆମ କୁନି କହ୍ନେଇକୁ ଝିଅମାନଙ୍କ ସାମନାରେ ଲାଜ ଲାଗୁଛି ପରା..... । ମିନିନାନୀ ଓଠର ଲିପ୍‌ଷ୍ଟିକ୍ ଦାଗ ମୋ ଗାଲରେ ଲାଗିଗଲା । ଝିଅମାନେ ମୋତେ ଦେଖି ହସୁଥାନ୍ତି । ମିନି ନାନୀ ତା'ର ଚୁନ୍‌ରୀ କାନୀରେ ମୋ ଗାଲକୁପୋଛିଦିଏ । ମୋତେ ଦୋଳିରେ ବସେଇ ଆକାଶ ଉଚ୍ଚାରେ ଦୋଳି ବାହିଦିଏ । ମିନିନାନୀ ଥିଲା ମୋ କିଶୋର ବେଳାର ବାସ୍ନାୟିତ ଅନୁଭବ । ସେହି ତୋଟାରେ ଠାଏ, ଯୁବକ ମାନଙ୍କ ଭିତରେ କବାଡ଼ି ଖେଳ ହେଉଥିବ । ଢୋଲ ବାଜା ଶବ୍ଦରେ କମ୍ପୁଥିବ ତୋଟାସାରା ।

ମାମୁଁଘର ବାଡ଼ିରେ ପାଚିଲା ଆମ୍ବ ସବୁ ଦୋଳି ଖେଳିଲା ବେଳେ, ଆଇ ତା'ର ଝାପ୍‌ସା ଆଖିରେ ଛଳ ଛଳ ନରମ କଣ୍ଠରେ ଖବର ପଠାଏ । ଦୂର୍ଗାପୂଜା ଦଶଦିନ ଆଗରୁ ମାମୁଁ ମାନଙ୍କର ବରାବର ଡାକରା ଆସୁଥାଏ । ମାମୁଁଘର ଗାଡ଼ିଆରେ ରୋହି ଭାକୁଡ଼ ସବୁ ବଢ଼ିଗଲେ, ଆମଘରେ ଖବର ପହଞ୍ଚେ । ବୋଉକୁ, ତା ବାପଘରକୁ ଡାକିବାପାଇଁ ମାମୁଁ, ଅଜା, ଆଇ ଯାବତୀୟ ବାହାନା ଦେଖାଇବାକୁ ଚେଷ୍ଟା କରନ୍ତି । ସବୁବେଳେ ବୋଉ ନାପହଞ୍ଚି ପାରିଲେ ବାରିକ ହାତରେ, ହଳଦୀ ଗୁରୁଗୁରୁ ପାଚିଲା ଆମ୍ବ, ପାଟି ପାକୁ ପାକୁ କରୁଥିବା ତିନି କେଜିଆ ରୋହି ଭାକୁଡ଼ ମାଛ, ଆମ ଘର ପହଞ୍ଚି ଯାଏ ।

ବ୍ରାହ୍ମଣୀ ନଈ କୂଳେ କୂଳେ, ଆମ ଗାଁ ଠାରୁ ମାମୁଁ ଘର ଗାଁ, ପାଞ୍ଚ କୋଶ ଦୂର । ମୋର ସ୍କୁଲ୍‌ରେ ନାଁ ଲେଖା ହେଲା । ସଂଜ ବେଳେ ବୋଉ ମୋ ପାଖରେ ବସି ପାଠ ପଢ଼ାରେ ସାହାଯ୍ୟ କରେ । ଧିରେ ଧିରେ ମୋର ପାଠ ପଢ଼ାରେ ମନ ଲାଗିଗଲା ପରେ, ଆଉ ମାମୁଁ ଘରକୁ ବେଶି ଯାଇ ପାରୁନଥାଏ । କିନ୍ତୁ ସବୁବେଳେ ମାମୁଁ ଘରକୁ ଝୁରି ହେଉଥାଏ । ମାମୁଁ ଘରର ଗୋଟେ ନିଆରା ବାସ୍ନା ମୋ ଚାରିପଟେ ଖେଳି ବୁଲୁଥାଏ । ମାମୁଁଘର ଅଗଣାସାରା ମଲ୍ଲୀ, ଚମ୍ପା, ଟଗର, ଜାଇ, ଜୁଇ ଫୁଲ ବାସ୍ନାରେ ବାସ୍ନାୟିତ ହେଉଥାଏ । ହଳିଆ ମାନଙ୍କ ହାତର ସ୍ପର୍ଶରେ ବାଡ଼ିରେ ବାଇଗଣ, ଭେଣ୍ଡି, ଜହ୍ନି, କଲରା, ଅମୃତଭଣ୍ଡା ପ୍ରଭୃତି ଗଛରେ ଏକ ସବୁଜ ବଳୟ ସୃଷ୍ଟି ହୋଇଥାଏ । କାହିଁକି କେଜାଣି, ମାମୁଁଘର କଥା ଭାବିଦେଲେ, ମୋ ଅନ୍ତର ଭିତରେ ଏକ ଅନିର୍ବଚନୀୟ ଆନନ୍ଦର ଫୁଆରା ଖେଳିଯାଏ ।

ମୁଁ ସପ୍ତମ ଶ୍ରେଣୀରେ ପଢୁଥାଏ, ସେଦିନ ଅଜାଙ୍କ ଦେହ ଖରାପ ଖବର ପାଇ ବାପା, ମାମୁଁଘରକୁ ଯିବାପାଇଁ ବାହାରିଲେ । ଆମ ଗାଁରୁ, ମାମୁଁଘରକୁ ଯିବାପାଇଁ, ସେତେବେଳେ ଭଲ ରାସ୍ତା ନଥିଲା କି ଗାଡ଼ି ମଟରର ବ୍ୟବସ୍ଥା ନଥିଲା । ନଈକୂଳେ କୂଳେ ଚାଲିଗଲେ, ରାସ୍ତାର ଦୂରତା କମିଯାଏ । ମାମୁଁ ଘରକୁମୁଁ ଅନେକ ଦିନରୁ ଯାଇନଥିଲି । ବାପାଙ୍କ ସାଙ୍ଗରେ ମୁଁ ବାହାରିଲି । ବାପା ମନାକରି କହିଲେ, ତୁ ଛୁଆଟା ଏତେବାଟ ଚାଲି ପାରିବୁ ନାହିଁ । ମୁଁ କହିଲି ମୁଁ ସପ୍ତମ ଶ୍ରେଣୀରେ ପଢୁଛି, ମୋତେ ଛୁଆ କହୁଛ । ବୋଉ ହସିଦେଇ କହିଲା, ଜିତୁ ମନ କରିଛି ଯଦି ଯାଉ । କେତେ ବାଟ ଯେ ? ତା' ଆଇ ତାକୁ ମନେ ମନେ ଖୋଜୁଥିବ । ଇସ୍ତୀକରାଜାମା, ପ୍ୟାଣ୍ଟ ପିନ୍ଧି ମୁଁ ବାପାଙ୍କ ସାଙ୍ଗରେ ବାହାରିଲି ଅଙ୍କା ବଙ୍କା ନଈ କୂଳେ କୂଳେ ଗହଳିଆ ଆମ ତୋଟା ଛାଇରେ, ସରୁ ପାଦଚଲା ରାସ୍ତାରେ, ମୁଁ ବାପାଙ୍କ ସାଙ୍ଗର ଡେଇଁ ଡେଇଁ ଚାଲୁଥାଏ । ରାସ୍ତାରେ ନେଉଳଟିଏ ଡେଇଁ ଚାଲିଗଲା । ବୁଦା ଭିତରୁ ଧୋବ ଫର ଫର ଠେକୁଆ ଛୁଆ ରାସ୍ତା ଉପରକୁ ଚାଲି ଆସୁଥାନ୍ତି । ପୁଣି ଲୁଚି ଯାଉଥାନ୍ତି । ଆମ୍ବ ତୋଟା ଶେଷରେ, ବୁଦୁ ବୁଦିଆ ବଇଁଚ କୋଳି ଗଛରେ ପାଚିଲା କୋଳି ସବୁ ଝୁଲୁଥାଏ । ବାପା ବଇଁଚକୋଳି ତୋଳି ମୋତେ ଦେଉଥାନ୍ତି । ମୁଁ ମୋ ହାପ୍‌ପ୍ୟାଣ୍ଟ ପକେଟରେ ରଖୁଥାଏ । ଆଃ ବଇଁଚ କୋଳି କେତେ ମିଠା ! ବାପା ବି କୋଳି ଖାଉଥାନ୍ତି । ବାଟରେ ଯେଉଁ ଗାଁ ପଡ଼େ ବାପା ମୋତେ ଲେମନ୍ ଚୁସ୍ କିଣି ଦିଅନ୍ତି । ମାମୁଁଘରେ ପହଞ୍ଚିଲା ବେଳକୁ ଦିନ ଦଶଟା ବାଜି ଯାଇଥାଏ ।

ମାମୁଁଘର ପିଣ୍ଡାକୁ ଚଢ଼ିଲା ବେଳକୁ ମିନିନାମୀ ତାଙ୍କ ପିଣ୍ଡା ଓଳଉଥିଲା । 'ହେଇରେ ଜିତୁ ଆସିଲାଣି' କହି, ଏକା ଖେପାରେ ଆମ ପାଖରେ ପହଞ୍ଚି ବାପାଙ୍କୁ ପ୍ରଣାମ ଜଣେଇ, ବାପାଙ୍କ ହାତରୁ ମୋ ହାତକୁ ମୁକୁଳେଇ ମୋତେ ବାକ୍ୟକରି, ତାଙ୍କ ଘରକୁନେଇଗଲା । ତା' ଶାଢ଼ିକାନିରେ ମୋ ମୁହଁରୁ ଝାଳ ପୋଛି ଦେଲା । କୂଅ ମୁଳେ ସାବୁନ୍ ଲଗେଇ ମୋତେ ଗାଧୋଇ ଦେଲା । ଗାମୁଛାରେ ପୋଛାପୋଛି କରି, ପ୍ୟାଣ୍ଟ ସାର୍ଟ ପିନ୍ଧେଇ ଦେଲା । ବ୍ରାହ୍ମଣୀ ନଈର ବଡ଼ ବଡ଼ ଚିଙ୍ଗୁଡ଼ି ମାଛ ତରକାରି ସହିତ ଭାତ ଖୋଇ ଦେଲା । ଟିକିଏ ବଡ଼ ହୋଇ ଯାଇଥିବା ଦାଢ଼ି ତା'ର ନାନୀର କାର୍ଯ୍ୟ କଳାପକୁ ଅସହିଷ୍ଣୁ ନୟନରେ ଦେଖୁଥାଏ । ନିଧିଅଜାଙ୍କ ଘରେ ତ ମୁଁ ସମସ୍ତଙ୍କର ସ୍ନେହଁର ଜିତୁ । ମୋତେ ଦେଖିଲେ ଅଜା ଆଇଙ୍କର ଆଖି ଖୁସିରେ ଉଜ୍ଜ୍ୱଳ ଦେଖାଯାଏ । ସେତେବେଳେ ମିନି ନାନୀ, ଗାଁ କଲେଜରେ ପଢୁଥାନ୍ତି ।

ମୋର ମଝିଆ ମାମୁଁ ତ ସାନମାମୁଁ ଇଞ୍ଜିନିୟରିଂ କଲେଜରେ

ପଢୁଥାନ୍ତି । ଆପଣ ଦେହ ସେତେବେଳକୁ ଭଲ ହୋଇ ଆସିଲାଣି । ବୋଉ ଆମ ସାଙ୍ଗରେ ନଥିବାରୁ, ମୋତେ ଭଲ ଲାଗୁନଥାଏ । ବୋଉ ନଥିଲେ ମାମୁଁଘର ନାହିଁ । ସେହି ଆମ୍ଭିୟତାକୁ କୋଳେଇ ନେବାର ସାହସ କାହିଁ ? ଆମ ଗାଁକୁ ବାହାରିଲା ବେଳକୁ ଆଇ, ବାପାଙ୍କ ହାତରେ ମୋ ପାଇଁ ନୂଆ ଜାମା, ପ୍ୟାଣ୍ଟ ହଳେ ଦେଇ କହିଲା, ପଢୁଆଁ ଅଷ୍ଟମୀ ଆଉ ଅଳ୍ପଦିନ ରହିଲା । ଆଉ କାହା ହାତରେ କାହିଁକି ପଠେଇ ଥାନ୍ତି ?

ଅଷ୍ଟମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଲାପରେ ମୋର ପାଠପଢ଼ା ପ୍ରତି ବାପା ଯତ୍ନଶିଳ ହୋଇଗଲେ । ହାଇସ୍କୁଲ ବୋର୍ଡ଼ ପରୀକ୍ଷାରେ ମୁଁ ପ୍ୟାଣ୍ଟ ଡିଭିଜନରେ ପାଶ୍ କରି, ଭୁବନେଶ୍ୱର ବିଜେବି କଲେଜରେ ପଢ଼ିଲି । +୨ ସାଇନ୍ସ ପାଠ ଭାରି କଷ୍ଟ ଲାଗୁଥାଏ । ମନ ଦେଇ ପଢୁଥାଏ । ପ୍ଲସ୍ ଟୁ ଫାଇନାଲ ପରୀକ୍ଷା ସମୟରେ ମିନି ନାନୀର ବାହାଘର ଠିକ୍ ହୋଇଗଲା । ବୋଉ ଚିଠି ଲେଖିଥିଲା, 'ଜୁତୁରେ, ତୋ ମିନିନାନୀ ବାର ବାର କହିଛି, ତା' ବାହାଘରକୁ ତୁ ଯେମିତି ହେଲେ ଆସିବୁ । 'ହଷ୍ଟେଲ ଠିକଣାରେ ମିନି ନାନୀର ଚିଠି ପହଞ୍ଚିଲା । ମିନି ନାନୀ ଲେଖିଥିଲା, 'ଜିତୁରେ, ମୋ ବାହାଘରକୁ ତୁ ନ ଆସିଲେ ମୋର ଭାରି ମନ ଦୁଃଖ ହେବ ।' କିନ୍ତୁ ଠିକ୍ ସେହି ସମୟରେ ଆମର ପରୀକ୍ଷା ଚାଲିଥାଏ । ମୁଁ ମିନିନାନୀର ବାହାଘରରେ ଯୋଗ ଦେଇ ପାରିଲି ନାହିଁ । ମୋ ମାମୁଁଘର ଗାଁକୁ ଗଲେ, ଅଜାଘରେ ସମସ୍ତେ ଥିବେ, ମୋ ମିନି ନାନୀ ନଥିବ, ଏଇକଥା ଭାଅବିଲା ବେଳକୁ, ମୋ ଆଖିରେ ଲୁହ ଆସି ଯାଉଥାଏ । ମିନିନାନୀର ବାହାଘର ସରିଗଲା । ତା'ର ଶାଶୁଘର ଏଇ ଭୁବନେଶ୍ୱର, ସହୀଦନଗରରେ, ଜୋଇଁ ଇଞ୍ଜିନିୟର । ବୋଉ ପୁଣି ଚିଠିରେ ଲେଖିଲା, 'ଜିତୁ, ମିନି କହିଛି ତୋର ପରୀକ୍ଷା ଶେଷ ହୋଇଗଲେ, ତୁ ମିନିର ଶଶୁର ଘରକୁ ଯାଇ, ତାକୁ ନିଶ୍ଚୟ ଦେଖା କରିବୁ ।'

ମୋର ପରୀକ୍ଷା ଶେଷ ହୋଇଗଲା । ସେ ଦିନ ସଂଜ ବେଳେ, ମୁଁ ଯାଇ ମିନିନାନୀଙ୍କ ଶାଶୁଘରେ ପହଞ୍ଚିଲି । ତା'ର ଶାଶୁ, ଶଶୁରଙ୍କୁ ପ୍ରଣାମ କଲାପରେ, ମିନି ନାନୀ ମୋତେ, ତାର ଶୋଇବା ଘରକୁ ନେଇ ଖଟ ଉପରେ ବସେଇଲା । କହିଲା, ପରୀକ୍ଷା ପାଇଁ, ରାତି ଅନିଦ୍ରା ହୋଇ ତୋ ମୁହଁଟା ଶୁଖି ଯାଇଛି । ତା'ର ଲୁଗା କାନିରେ ମୋର ମୁହଁକୁ ପୋଛି ଦେଲା । ମିନିନାନୀର ମଥାରେ ସିନ୍ଦୁର ଦୁଇ ହାତରେ ଗହଳିଆ, ଚୁଡ଼ି, ପାଟ ଶାଢ଼ୀ ଭିତରୁ ମିନି ନାନୀର ସୁନ୍ଦର ମୁହଁଟି, ଦେବୀ ପ୍ରତୀମା ଭଳି ଉଜ୍ଜ୍ୱଳ ଦିଶୁଥାଏ । ବିଭିନ୍ନ ପ୍ରକାର ମିଠା, ପିଠା, ଲଡୁ ମୋତେ ବାଧ କରି ଖୋଉଥାଏ । ଏହି ସମୟରେ, ମିନିନାନୀର ବର ଆସି ପହଞ୍ଚିଲେ । ମୋତେ ଦେଖି ଭାରି ଖୁସି ହେଲେ । ମୋର ପରୀକ୍ଷା ବିଷୟରେ ପଚାରି ବୁଝିଲେ । ରାତିରେ, ମୋତେ ବାଧକରି ତାଙ୍କ ଗର ରହିବାକୁ କହିଲେ । ମିନିନାନୀର ଶାଶୁଘରେ ସମସ୍ତେ ସ୍ନେହାଁ ଲୋକ । ବୋହୂ ବେଶରେ, ଶାଶୁଘରେ, ମିନିନାନୀର ଚଳ ପ୍ରଚଳ ଦେଖି, ମୋ ଅନ୍ତର ଭିତରେ ଖୁସିର ଲହରୀ ଖେଳି ଯାଉଥାଏ ।

ପ୍ଲସ ଟୁ ରେଜଲ୍ଟ ବାହାରିଲା ପରେ ମୋର ରାଉରକେଲା ଇଞ୍ଜିନିୟରିଂ କଲେଜରେ ଆଡ୍‌ମିସନ ହୋଇଗଲା । ଆମ ଗାଁ ଠାରୁ ବହୁତ ଦୂର ରାଉରକେଲା ସହର । କଷ୍ଟସାଧ ଇଞ୍ଜିନିୟରିଂ ପାଠପଢ଼ା ଭିତରେ ମୁଁ ହଜିଗଲି । ମୋର ସେକେଣ୍ଡ ଇଅର ବର୍ଷ, ଅଳ୍ପ ଦିନର ବ୍ୟବଧାନ ଭିତରେ ଅଜା ଓ ଆଇଙ୍କର ଦେହାନ୍ତ ହୋଇଗଲା । ମୋର ମମତାମୟୀ ଆଇର ଦେହାନ୍ତ ଖବର, ମୋର ହୃଦୟ ଭିତରେ ଏକ ଶୋକାକୁଳ ଆଲୋଡ଼ନ ସୃଷ୍ଟି କରି ଦେଉଥାଏ । ମୋ ଆଇର ମୁଁ ଥିଲି ନୟନପିତୁଳା । ଆଇ ପାଖରେ ଥିଲେ, ମୁଁ ପାଇ ଯାଉଥିଲି ଅଖଣ୍ଡ ସ୍ୱାଧିନତା । ସବୁବେଳେ ମୋ ପଛରେ ଗୋଡ଼େଇଥିବ । ଏଇଟା ଖା, ସେଇଟା ଖା, ପାଣି ପିଇଲୁଣି ? ମୋତେ ଆଉଁସି ଦେଇ କହୁଥିବ କେତେ ଝଡ଼ିଗଲାଣି ମୋ ଧନଟା । ସେହି ଆଇ ଆଉ ଏ ଦୁନିଆଁରେ ନାହିଁ, ଭଅବିଲା ବେଳକୁ, ମୋ ହୃଦୟ ଦୁଃଖରେ ଭାଙ୍ଗି ପଡୁଥାଏ । ଅନ୍ତର ଭିତରୁ କୋହ ଉଠୁଥାଏ ।

ଥାର୍ଡ଼ ଇଅର ପରୀକ୍ଷା ଶେଷରେ, ଖରାଦିନ ଛୁଟୀରେ ଆମ ଗାଁକୁ ଯାଇଥିଲି । ଅଜା, ଆଇଙ୍କ କଥା ମନେ ପକେଇ ମୋ ପାଖରେ ବସି, ବୋଉ, ଆଖିରୁ ଲୁହ ଝରୋଉଥାଏ ।

ବୋଉ କହିଲା, 'ଆରେ ଜିତୁ, କାଲି ଟିକିଏ, ମାମୁଁ ଘର ଆଡୁ ବୁଲି ଆସିବା ? ମୁଁ, ଶୁଣିଲି, ତୋ ବଡ଼ ମାମୁଁଙ୍କ ଦେହ ଭଲ ନାହିଁ । ମୁଁ କହିଲି, ହଉ ଯିବା, ମୁଁ ନଟ ଭାଇଙ୍କ ବାଇକ୍‌ଟା ନେଇ ଆସୁଛି କାଲି ସକାଳୁ ବାହାରି ଯିବା । ତା ପରଦିନ ବୋଉକୁ ବାଇକ୍‌ରେ ବସେଇ, ମାମୁଁ ଘରେ ଦିନ ନ'ଟା ସୁଧା ପହଞ୍ଚି ଗଲୁ । ଅଜାଘର ପିଣ୍ଡା ଉପରକୁ ଉଠିଲା ବେଳକୁ ମିନି ନାନୀ ଘର ଦୁଆରଟା ଶୁନ୍ ଶାନ୍ ଫାଙ୍କା ଫାଙ୍କା ଲାଗୁଥାଏ । ଆମକୁ ଦେଖି ବଡ଼ ମାମୁଁ ଖୁସି ହୋଇଗଲେ । ତାଙ୍କ ଦେହ ଭଲ ହୋଇ ଆସିଲାଣି । କିଛିଦିନ ହେଲା ଜ୍ୱର ଛାଡୁ ନଥିଲା, କଟକ ବଡ଼ ମେଡ଼ିକାଲରେ, ଡାକ୍ତରଙ୍କୁ ଦେଖେଇ ଔଷଧ ଖାଇଲା ପରେ, ଜ୍ୱର ଛାଡ଼ି ଯାଇଛି । ଦୁର୍ବଳତା ଛାଡ଼ିନି । ସବୁ ଜମିକୁ ନିଜ ହାତରେ ଚାଷ ନ କରି ଭାଗରେ ଲଗେଇ ଦେଇଛନ୍ତି । ମଝିଆ ମାମୁଁ ବାଙ୍ଗାଲୋରରେ ଏବଂ ସାନମାମୁଁ ବମ୍ବେରେ ଇଞ୍ଜିନିୟର ଚାକିରି କରିଛନ୍ତି । ମାଇଁ କହୁଥିଲେ, ଆସନ୍ତା ମଗୁଶିର ମାସରେ ମଝିଆଁ ମାମୁଁ ଏବଂ ସାନମାମୁଁଙ୍କ ବାହାଘର ହୋଇଯିବ । ବୋଉ ପାଖରେ ବସି ମୁଁ କହିଲି, ତାହେଲେ, ଗୋଟେ ମଜଭୁତିଆ ଭୋଜି ହେବ । ମିନି ନାନୀ ନଥିବା, ମାମୁଁଘର ଗାଁ ଟା, ମୋତେ ନିର୍ଜନ, ଶୁଷ୍କ ଲାଗୁଥାଏ । ମିନି ନାନୀ ଘର ଅଗଣା କଥା ଭାବି ଦେଲେ ମୋ ହୃଦୟରେ, ସହସ୍ର ପଦ୍ମଫୁଲର ମହକ ଖେଳିଯାଏ । ଜିତୁଭାଇ ନମସ୍କାର.... କୋକିଳ କଣ୍ଠରେ, ମୋ ନାଁ ଧରି ଡାକୁଥିବା ଶ୍ୱର ଦିଗକୁ, ମୁଁ ବୁଲିପଡ଼ି ଦେଖିଲି, ଏକ ଅପୂର୍ବ ଆଖିଝଲସା ସୁନ୍ଦରୀ, ଦୁଇହାତ ଜୋଡ଼ି, ନିର୍ମଳ ମଧୁବୋଳା ହସହସ ମୁହଁରେ ମୋତେ ଚାହିଁଛି । ଆହା, ଏତେମିଠା ହୋଇପାରେ ଗୀତରହିତ କଥା ? ସେହି ରୂପସୀଟି, ସବୁତକ ସୁନ୍ଦର ମୁହୂର୍ତ୍ତକୁ ସାଙ୍ଗରେ ଧରି ଆବିର୍ଭାବ ହୋଇଥିଲା ଯେମିତି ?

ମୁଁ ଅଚିହ୍ନା ଆଖିରେ ତାକୁ ଚାହିଁରହି, ବୋଉକୁ ପଚାରିଲି, ବୋଉ, ଇଏ କିଏ କି ? ବୋଉ ହସି ହସି କହିଲା, କିରେ ଚିହ୍ନି ପାରୁନୁ କି ?

ସିଏ ପରା......

ମାଇଁ କହିଲେ ଆମ ଜାଡ଼ି ।

ଜାଡ଼ି.... ? ମୋର ଓଠ ଦୁଇଟି ଖୋଲା ରହିଗଲା !

ମୁଁ ମନେ ମନେ ଭାବୁଥାଏ, ଇଏ ସେହି ନାକ କାନ୍ଦୁରୀ ସିଙ୍ଘାଣିନାକୀ ଜାଡ଼ି ?

ଜିତୁଭାଇ, ମୋତେ ଆଉ ଜାଡ଼ି ଡାକିବନି !

ମୁଁ ପଚାରିଲି, ଆଉ କ'ଣ ଡାକିବି ?

ସେ ହସି ହସି କହିଲା...କଳ୍ପନା.... !

ବାଃ, ସୁନ୍ଦର ନା ଟିଏ ତ ! ଶୈଳବାଳା ମହାବିଦ୍ୟାଳୟର 'କଲେଜ କ୍ୟୁନ୍' କଳ୍ପନା...

ଭାରି ମିଠା ନାଁ ଟିଏ !

ମୁଁ ଟିକିଏ ଜାଡ଼ି ପାଖକୁ ଉଠିଯାଇ ପଚାରିଲି

ଆଚ୍ଛା କହିଲୁ, 'ଏତେ ସରୁ ଫୋନ୍ ତାରଟା ଏଇ ଅଳ୍ପଦିନ ଭିତରେ, କେମିତି ଶାଳଗଛର ଗଣ୍ଡି ହୋଇଗଲା ?' ନାକରୁ ଶିଂଘାଣି ଶୁଖୁନଥିଲା,......

ଖିଲି ଖିଲି ହସର ଜୁଆର ଛୁଟେଇ ଜାଡ଼ି କହିଲା ଜିତୁଭାଇ, ମିନିନାନୀ ବିଛଣାରେ ଶୋଇ ସବୁ ରାତିରେ ସୁସୁ କରୁଥିଲ, ତୁମେ ଏବେ କେମିତି କାର୍ତ୍ତିକେୟଙ୍କ ରୂପ ନେଇ ଉଭା ହୋଇଛ ?

ମୁଁ ପଚାରିଲି

କାହାର ରୂପ ନେଇ ?

ମୋର ପ୍ରଶ୍ନ ଶୁଣି ତାର ମୁହଁଟି ଲାଜରେ ଝାଉଁଳି ଗଲା ଜିଭ କାମୁଡ଼ି କହିଲା ।

ଏ...ମା....ଉମାନାନୀ ଏବେ କହିବେ, ମୋ ପୁଅ ଉପରେ ଦୃଷ୍ଟି ପକେଇଲା ବୋଲି.... ।

ମୁଁ କେବଳ, ମୋ ଆଗରେ ଉଭା ହୋଇଥିବା ମନ ମୋହିନୀ ତରୁଣୀଟିର ରୂପ ମାଧୁରୀକୁ ନିର୍ନିମେଷ ନୟନରେ ଉପଭୋଗ କରୁଥାଏ । ମେଘଖଣ୍ଡ ଭଳି ଗହଳିଆ କେଶରେ ଦୁଇଟା ଲମ୍ବା ମୋଟା ବେଣୀ ଉନ୍ନତ ବକ୍ଷ ଉପରେ ଲମ୍ବିଛି । ପାନପତର ଭଳି ମୁହଁଟିରେ ଖଣ୍ଡାଧାର ଭଳୀ ଲମ୍ବା ନାକ, ଦୁଇଟି ବଡ଼ ବଡ଼ ପୋଟଳଚିରା ଉଜ୍ଜ୍ୱଳ କଥାକୁହା ଆଖି, ମଧୁବୋଳା ନାଲି ଟୁକୁ ଟୁକୁ ଓଠରେ ହସିଦେଲେ ଗାଲରେ ଖେଳିଯାଉଛି ଦୁଇଟି ଭଉଁରୀ, ସୁନ୍ଦର ସତେଜ ମୁହଁଟିରେ ଭରି ରହିଛି ଅଜସ୍ର ବିସ୍ମୟ, ସ୍ୱପ୍ନ, ମୋର ହୃଦୟ ଭିତରେ, ଏକ ସୁରଭିତ ଲହରୀ ଖେଳି ଯାଉଥାଏ । ମୋ ମନ ଭିତରେ, ମୁଁ ଆନମନା ହୋଇ ଯାଇଥାଏ । ଭୁଲି ଯାଇଥାଏ, ଟିକିଏ ଦୂରରେ ବୋଉ ଓ ମାଇଁ ବସିଛନ୍ତି । କେତେବେଳେ ଜାଡ଼ି ମୋ ନିକଟକୁ ଆସି, ତାର ଚମ୍ପାକଢ଼ି ଭଳି ଆଙ୍ଗୁଳିରେ ଚୁଟ୍‌କୀ ଫୁଟେଇ କହୁଛି ଜିତୁଭାଇ...

ବଦଳି ଯାଇଥିଲା, ତାର କଥା କହିବାର ଠାଣି

ମୁଁ ଟିକିଏ ପ୍ରକୃତିସ୍ଥ ହୋଇ କହିଲି

ତୁ ସେଇମିତି ହସୁଥା, ମୁଁ ମୋ ମୋବାଇଲ୍‌ରେ ଗୋଟେ ଫଟୋ ଉଠାଏ । ଏହାକହି ମୁଁ ଦୁଇ ତିନିଟା ଫଟୋ ଉଠେଇଲି । କ୍ୱଚିତ୍ ମୁଁ ଏମିତି ମୁଗଧ ହସ ଦେଖିଛି । ଆଖି ନ ଟେଇ ସେ ପଚାରିଲା, ତୁମ ମୋବାଇଲ୍‌ରେ ଆଉ କେତେ ଝିଅଙ୍କ ଫଟୋ ଅଛି ଦେଖେଇଲ.... !

ମୁଁ କହିଲି ଆଲୋ ଜାଡ଼ି, ପାଠପଢ଼ି ପଢ଼ି ଅଣ୍ଟାବଙ୍କା ହୋଇଯାଉଛି, ଝିଅମାନଙ୍କ ଫଟୋ ଉଠେଇବାକୁ ସମୟ କାହିଁ ? ସେ ହସି ହସି କହିଲା, ଜିତୁଭାଇ, ମୁଁ ଜାଡ଼ି ନୁହେଁ, କଳ୍ପନା.... !

ଦେଖିଲ ନାନୀ, ତୁମ ପୁଅ କେମିତି ମୋତେ ଜାଡ଼ି, ଜାଡ଼ି ଡାକୁଛନ୍ତି । ବୋଉ ହସି ହସି କହିଲା ତାର ପିଲାବେଳର ଅଭ୍ୟାସ, କ'ଣ ଏତେ ଶୀଘ୍ର ଯିବ ? କୌଳ୍ପନା (ଜାଡ଼ି)ର ମନଲୋଭା, ଲାଳିତ୍ୟ ଭରା, ସରଳ, ସୁନ୍ଦର ମୁହଁଟିକୁ ଦେଖୁ ଦେଖୁ ମୁଁ ମୋ ନିଜକୁ ଭୁଲି ସାରିଥାଏ । ମୁଁ ଅନୁଭବ କରୁଥାଏ, ସ୍ନେହଁ, ପ୍ରେମ, ଆନ୍ତରିକତାର ମହକ ଭରି ରହିଛି ତା'ର ପ୍ରତ୍ୟେକ କଥାରେ ।

ସେଦିନ ସଂଜବେଳେ କଳ୍ପନା କହିଲା ଜିତୁଭାଇ ବୋଉ କହିଛି ଆଜି ରାତିରେ ତୁମେ ଆମ ଘରେ ଖାଇବ । ନିଧି ଅଜାଙ୍କ ଘରେ, ରାତିରେ ମୋ ପାଇଁ ଆଇ ପୋଡ଼ପିଠା କରିଥିଲେ । ମୁଁ ରାବିଡ଼ି, ଖିର, କଦଳୀ ଚକଟି ପିଠା ଖାଉଥାଏ । ସ୍ନେହଁ ମମତାର ଜୀବନ୍ତ ଦେବୀ ମୋ ଆଇର ଅବର୍ତ୍ତମାନରେ ସେଇ ପୋଡ଼ପିଠା ଖାଇଲା ବେଳେ, ମୋ ଆଇର ହସ ହସ ମୁହଁଟି ଦିଶିଗଲା । ମୋ ଆଖିରେ ଲୁହ ଢଳଢଳ ହେଲା । ମୋତେ ଖାଲି କାନ୍ଦ ମାଡ଼ିଲା । ନିଜ ପ୍ରିୟ ପରିଜନଙ୍କୁ ହରାଇବାର ଦୁଃଖଠାରୁ ବଳି, ଆଉ କିଛି ବଡ଼ ଦୁଃଖ ନାହିଁ ।

ତାପରଦିନ ସକାଳେ, ମୁଁ ମୋ ବୋଉସାଙ୍ଗରେ ଆମ ଗାଁକୁ ବାହାରିଲା ବେଳକୁ, ଜାଡ଼ି ଆସି ବୋଉର ପାଦଛୁଇଁ ପ୍ରଣାମ କରୁଥାଏ, ମୁଁ କହିଲି ଜାଡ଼ି, ମୋ ପାଦ ଛୁଇଁବୁ ନାହିଁ କି? ସେ ହସି ହସି ମୋ ହାତକୁ ଚିମୁଟି ଦେଇ କହିଲା ଆରଥରକୁ ଆସିଲେ... । ଏହା କହି ଦୁଇ ହାତ ଜୋଡ଼ିଦେଲା ।

ଛୁଟି ଶେଷ ହେଲାପରେ ମୁଁ କଲେଜକୁ ଫେରିଆସିଲି । ଫାଇନାଲ ଇଅରର ପାଠପଢ଼ାର ଗୁରୁଦାୟିତ୍ୱ ଭିତରେ ମୁଁ ସବୁକିଛି ଭୁଲି ଯାଇଥାଏ । ସେହି ସମୟରେ କ୍ୟାମ୍ପସ ସିଲେକ୍‌ସନ୍‌ରେ, ଇଙ୍ଫୋସିସ୍ କମ୍ପାନୀରେ ମୋର ଭଲ ଗ୍ରେଡ୍‌ରେ ସିଲେକ୍ସନ୍ ହୋଇଗଲା । ଫାଇନାଲ ପରୀକ୍ଷା ପରେ, ମୁଁ ଗାଁରେ ମାତ୍ର ପନ୍ଦରଦିନ ରହିବା ପରେ ମୋର ହାଇଦ୍ରାବାଦ୍‌ରେ ପୋଷ୍ଟିଂ ଅର୍ଡ଼ର ପହଞ୍ଚଗଲା । ବାପା ବୋଉଙ୍କ ଠାରୁ ବିଦାୟନେଇ ମୁଁ ହସାଇଦ୍ରାବାଦ୍ ଚାଲିଗଲି । ନୂଆ ଯାଗା, ନୂଆ କମ୍ପାନୀ କାମର ବ୍ୟସ୍ତତା ଭିତରେ ଦିନ ବିତୁଥାଏ ।

ସେଦିନ ଶନିବାର ଛୁଟିଦିନ । ବୋଉକଥା ମନେ ପଡୁଥାଏ । ହଠାତ୍ କଳ୍ପନା(ଜାଡ଼ି) କଥା ମନେ ପଡ଼ିଗଲା । ମୋ ଫୋନ୍

କ୍ୟାମେରାରେ ଉଠାଇଥିବା, ତାର ଫଟୋଟିକୁ ଖୋଜିଲି । ପାଇଗଲି ମଧ.... । ଫଟୋରେ ସେହି ଜୀବନ୍ତ, ହସ ହସ ମଧୁର ମୁହଁଟିକୁ ଦେଖି ଦେଲା ପରେ, ମୋ ଦେହରେ ଖେଳିଗଲା ଏକ ମଧୁର ଶିହରଣ । ସେହି ଫଟୋଟିକୁ ମୁଁ ମୋ ଫୋନର ଫ୍ରଣ୍ଟସ୍କ୍ରିନ୍‌ରେ ସେଭ୍ କରିଦେଲି । ମୋତେ ଲାଗୁଥାଏ, ଫଟୋର କଳ୍ପନା ଯେମିତି ମୋ ସହିତ ହସିହସି କଥା ହେଉଛି । ଫଟୋଟିକୁ ଯେତେ ଦେଖୁଥାଏ, ଆହୁରି ଅଧିକ ଦେଖିବାକୁ ଇଚ୍ଛା ହେଉଥାଏ ।

ଅଫିସ୍‌ରେ ପ୍ରୋଜେକ୍ଟ କାମ କଲାବେଳେ ଯେବେ ବୋର୍ ଲାଗେ, ହାଲିଆ ଲାଗେ, ଫୋନ୍ ସ୍କ୍ରିନ୍‌ରେ କଳ୍ପନାର ଫଟୋଟିକୁ ଟିକିଏ ଦେଖିଦେଲେ, କ୍ଲାନ୍ତି ଦୂର ହୋଇଯାଏ । କଳ୍ପନା ନାଁଟିକୁ ମନେ ମନେ ଉଚ୍ଚାରଣ କଲେ, ମିଠା ମିଠା ଲାଗେ । ଝିଅମାନଙ୍କ ନାଁ ଟି ବି ପ୍ରେମ ବମାଏ, ଆଉ କଳ୍ପନା ନାଁଟି ମନକୁ ଆସିଗଲେ, ଏକ ଅମୃତ ଭରା ଶାନ୍ତ ଶିତଳ ଶିହରଣ ଖେଳିଯାଏ ତନୁ ମନରେ ।

ପ୍ରେମ ଆଉ କ'ଣ କି ?

ସବୁଦିନ କଳ୍ପନାର ଫଟୋଟିକୁ ଦେଖିବା, ମୋର ଅଭ୍ୟାସରେ ପରିଣତ ହୋଇଗଲା । ବସାଘରେ, ନିର୍ଜନ ବେଳାରେ ସେହି ମନ ମୋହିନୀ ଚିତ୍ରଟିକୁ ଦେଖି, ଆଖିବୁଜି କଳ୍ପନାକୁ ନେଇ ଅନେକ କିଛି ଭାବେ ।

କ'ଣ ଏଇ ପ୍ରହେଳିକା ? କେଉଁଠୁ ଆସିଲା ? ଧିରେ ଧିରେ କାହିଁକି ସେ କବଳିତ କରୁଛି ମୋ ଚେତନାକୁ? କଳ୍ପନାକୁ ନେଇ, ମୋର ଅବଚେତନରେ ଦାନାବାନ୍ଧିବା ଆରମ୍ଭ କରିଥିବା, ସେହି ଅଦୃଶ୍ୟ ଚିଜଟି କ'ଣ ? ମୋ ମନଭିତରେ ଶୁଭିଯାଏ, ନୂଆ ବସନ୍ତର କୁହୁତାନ । ଆଖିରେ ଭରିଯାଏ, ଇନ୍ଦ୍ରଧନୁର ସପ୍ତରଙ୍ଗ । ମୋତେ ଲାଗେ ଯେମିତି କଳ୍ପନା ହେଉଛି, ମୋ ହୃଦୟରେ ସାଇତା କୋମଳ ପଦ୍ମବଣର ମହକିତ ଅନୁଭବ ।

ପାର୍ବଣ ଋତୁ ପାଖେଇ ଆସୁଥାଏ । ଦିନେ ବୋଉ ଫୋନ୍‌କରି କହିଲା, ଜିତୁ, ଆସନ୍ତା ଦୂର୍ଗାପୂଜା ସମୟରେ ତୁ ଛୁଟୀ ନେଇ ଘରକୁ ଆସିବୁ । ଏଇବର୍ଷ ପୂଜାରେ ବସିବୁ । ମୁଁ ମହାସପ୍ତମୀ ଦିନ ସକାଳେ ଆମ ଘରେ ପହଞ୍ଚିଲି । ମୋତେ ଦେଖି ବୋଉ ମୁହଁରେ ଖେଳିଯାଏ, ମନ ମୁଗ୍ଧ କର ହସ । ସବୁବର୍ଷ ଆମଘରେ, ବାପା ନିଷ୍ଠାର ସହିତ ଦୂର୍ଗାପୂଜା କରନ୍ତି । ମୁଁ ବାପାଙ୍କ ପାଖରେ ବସି ପୂଜାରେ ମନ ନିବେଶ କରିଥାଏ । ପୂଜା ଶେଷରେ ପୁଷ୍ପାଞ୍ଜଳୀ ଦେଲା ପରେ, ଆମେ ସମସ୍ତେ ପ୍ରସାଦ ସେବନ କଲୁ । ବାପା ହାତ ଧୋଇବା ପାଇଁ ଉଠିଗଲା ପରେ ବୋଉ କହିଲା ଆରେ ଜିତୁ, କାଲି ସକାଳେ ଆମେ ଗଡ଼ ମଧୁପୁର ଯିବା ମଧୁପୁର ଚୌଧୁରୀ ଜମିଦାରଙ୍କର ଗୋଟିଏ ଝିଅ ଅଛି । ଜମିଦାର ବାପାଙ୍କ ପାଖକୁ ମଧ୍ୟସ୍ଥି ହାତରେ ଖବର ପଠେଇଥିଲେ । ଜାତକ ବି ଭଲ ଶୁଝୁଛି । ତୋ ବାପାଙ୍କର ଭାରି ଇଚ୍ଛା, ଜମିଦାରଙ୍କ ଝିଅକୁ ବୋହୂକରି ଆମ ଘରକୁ ଆଣିବେ ।

ମୋ ହାତ ଥାଳି ଉପରେ ଅଟକି ଗଲା । ମୁଁ ବୋଉ ମୁହଁକୁ ସିଧା ଚାହିଁ କହିଲି, ବୋଉ ଲୋ, ମୁଁ ଗୋଟିଏ ଝିଅ ଠିକ୍ କରିଛି ! ସେଇଠି ବାହାଘର ହେବ । ବୋଉ ଲୋ, ମୁଁ ଗୋଟିଏ ଝିଅ ଠିକ୍ କରିଛି ! ସେଇଠି ବାହାଘର ହେବ । ବୋଉ ମୋ ପାଖକୁ ଘୁଞ୍ଚି ଆସି ପଚାରିଲା, କ'ଣ କୋଉ ତେଲେଙ୍ଗାଣୀ ଝିଅ ଠିକ୍ କରିଛୁ କିରେ ?

ମୁଁ କହିଲି,

ନାଇଁଲୋ ବୋଉ, ତୁ ଡରୁଛୁ କାହିଁକି ? ମୁଁ ଆମ ମାମୁଁଘର ଗାଁର ଝିଅଟିକୁ ଠିକ୍ କରିଛି । ବୋଉ ଆଶ୍ଚର୍ଯ୍ୟ ହୋଇ ମୋ ମୁହଁକୁ ଚାହିଁ ପଚାରିଲା ଆମ ଗାଁର ଝିଅ ? ସେ ଝିଅଟି କିଏ କିରେ ? ମୁଁ କହିଲି, ହଁ ସେଇ ଝିଅଟି କଳ୍ପନା... !

ବୋଉ ମୁହଁରେ ଖେଳିଗଲା ଅପୂର୍ବ ଔଜଲ୍ୟ ଫିକ୍ କିନା ହସି ଦେଇ କହିଲା.... ଆମ ଜାତିକୁ ବାହା ହେବୁ ?

ବୋଉର ତାଚ୍ଛଲ୍ୟ ଭରା କଥା ପଦକ ଶୁଣି ମୋ ମୁହଁଟି ଲାଜରେ ଝାଉଁଳି ଗଲା । ମୋତେ ଲାଗିଲା ଯେମିତି ବୋଉ କହୁଛି, ଆରେ ଜିତୁ, ଯୋଉ ସିଙ୍ଘାଣିନାକୀ, ନାକ କାନ୍ଦୁରୀ ଝିଅକୁ, ତୁ ପିଲା ଦିନରୁ, ପାଖ ପୁରେଇ ଦେଉନଥିଲୁ ସେଇ ଜାଡ଼ିକୁ ବାହା ହେବୁ ?

ବୋଉ ମୋ ପାଖକୁ ଘୁଞ୍ଚି ଆସି ମୋ ମୁହଁକୁ ସ୍ନେହଁରେ ଆଉଁସି ଦେଇ କହିଲା, ଜିତୁରେ, ଆମ ଜାଡ଼ି ଭଳି ସର୍ବଗୁଣ ସମ୍ପର୍ଣ୍ଣା, ସଂସ୍କାରୀ ଝିଅଟିଏ ଏଇ ଖଣ୍ଡ ମଣ୍ଡଳରେ କେଉଁଠି ମିଳିବ ? ଯେମିତି ସୁନ୍ଦର ରୂପ, ସେମିତି ଅସୁମାରୀ ମାର୍ଜିତ ନମନୀୟ ବ୍ୟବହାର, ସଣ୍ଣୁଣା । ଏବେ ସେ ବାଣୀବିହାରରେ, ପି.ଏଚ୍‌ଡି କରୁଛି । ତୋ ବାପାଙ୍କ ସାଙ୍ଗରେ ଏବେ ଗୋଟିଏ ବାହାଘର ଭୋଜିରେ ଆମେ ଜାଡ଼ିକୁ ଦେଖିଥିଲୁ । ତୋ ବାପା ମନଖୁସିରେ ମୋତେ କହୁଥିଲେ, ନିଧି କକେଇଙ୍କ ସାନ ଝିଅଟିକୁ ଆମେ ଆମ ଜିତୁ ପାଇଁ ବୋହୁକରି ଆଣିଲେ କେମିତି ହୁଅନ୍ତା ?

ମୁଁ କହିଲି, ପିଲାଦିନୁ ଜାଡ଼ିର ଛାଇ ପଡ଼ିଲେ ଆମ ଜିତୁର ନାହି ଡେଉଁଛି । ଜିତୁ କଣ ସହଜରେ ରାଜି ହେବ ?

ହଉ ଏବେ ଭଲ ହେଲା । କାଲି ସକାଳେ, ମୁଁ ତୋ ବାପାଙ୍କ ସାଥୀରେ ଆମ ଗାଁକୁ ଯାଇ, ନିଧି କକେଇଙ୍କ ସାଙ୍ଗେ କଥା ହୋଇ ଆସିବି । ଏଇ ବର୍ଷ ମଗୁଶିର ମାସରେ ବାହାଘର ସାରିଦେବା ।

ବୋଉର କଥା ପଦକ, ମୋ କାନରେ ଅମୃତ ଢାଳିଲା ଭଳି ଲାଗିଲା । ସେଇ ମୁହୂର୍ତ୍ତରେ କଳ୍ପନାର ସ୍ମୃତି, ମୋ ମନ ଆକାଶକୁ ସମ୍ପୂର୍ଣ୍ଣ ଭାବେ ଆଚ୍ଛନ୍ନ କରି ଦେଲା । ସେଦିନ ରାତିରେ ଗାଢ଼ ନିଦରେ ଶାନ୍ତିରେ ଶୋଇଗଲି । ସେମିତି ଉନ୍ମାଦ ଭରା ରାତି ତ ମୋ ଜୀବନରେ ଆଗରୁ କେବେ ବି ଆସି ନଥିଲା ।

*ଲିଙ୍ଗରାଜ ନଗର, ଲେନ୍ ନଂ.-୯*
*ଓଲଡ୍ ଟାଉନ୍, ଭୁବନେଶ୍ୱର-୭୫୧୦୦୨*
*ଦୂରଭାଷ: ୯୪୩୭୨୩୦୬୩୧*

ଧାରାବାହିକ
ଉପନ୍ୟାସ



# ଶ୍ରୀ ଖାରବେଳ
## (ଖାରବେଳଙ୍କ କଳିଙ୍ଗ କାହାଣୀ)

ଡାକ୍ତର ଇନ୍ଦ୍ରମଣି ଜେନା, ଏମ୍.ଡି.

### ସିଂହାସନ ଅବରୋହଣ

ମହାମେଘବାହନ ଖାରବେଳଙ୍କର ଶାସନର ଚତୁର୍ଦ୍ଦଶ ବର୍ଷ।

ମୁହଁ ବୁଲାଇ ଆଣିଲେ, ପୂର୍ବ-ପଶ୍ଚିମ ଆଉ ଉତ୍ତର-ଦକ୍ଷିଣ। କଳିଙ୍ଗୋଦ୍ର କଳିଙ୍ଗ ସାଗର କଳିଙ୍ଗ ପୋତରେ ଭରପୂର, ଯାତ୍ରୀ ଓ କଳିଙ୍ଗ ରପ୍ତାନି ଦ୍ରବ୍ୟପୂର୍ଣ୍ଣ ପୋତଗୁଡିକ ଗୈରିକ କଳିଙ୍ଗ ପତକା ଫର୍ ଫର୍ ଉଡ଼ାଇ ବ୍ୟବସାୟରେ ସଫଳତାର ଇଙ୍ଗିତ ଦିଅନ୍ତି। ପଶ୍ଚିମଦିଗରେ ନିଜ ସାମନ୍ତରାଜ୍ୟଗୁଡିକ ଆଟାଭିକା ବା ବିଦ୍ୟାଧର ରାଜ୍ୟଗୁଡିକ ଯାହା କିଛିଟା ବିଶୃଙ୍ଖଳିତ ହୋଇ ପଡିଥିଲେ, ଚତୁର୍ଥବର୍ଷରେ ସେଗୁଡିକୁ ଦମନ କରି ପୁନରାୟ କଳିଙ୍ଗର ବଶତା ସ୍ୱୀକାର କରି ସାମନ୍ତ ରାଜ୍ୟ ଭାବରେ ଚଳିବା ବ୍ୟବସ୍ଥାର ପୁନଃପ୍ରଚଳନ କରିଛନ୍ତି। ଆହୁରି ପଶ୍ଚିମକୁ ସାତବାହନ, ରାଷ୍ଟ୍ରିକ ଏବଂ ଭୋଜିକ ରାଜ୍ୟଗୁଡିକ କଳିଙ୍ଗର ଶାସନାଧୀନ ରହଛନ୍ତି। ଉତ୍ତରରେ ମଗଧ, ଅଙ୍ଗ ଏବଂ ମଥୁରା ସହିତ ଉତ୍ତରପଥ ପର୍ଯ୍ୟନ୍ତ ବ୍ୟାପ୍ତ ରାଜ୍ୟଗୁଡିକ କଳିଙ୍ଗ ଚତୁରଙ୍ଗ ସେନାନୀ ଦ୍ୱାରା ଯବନ କବଳରୁ ସୁରକ୍ଷା ପାଇ ବଶତା ସ୍ୱୀକାର କରିଛନ୍ତି। ପୁନରାୟ ସେମାନଙ୍କର ସାମରିକ ସହାୟତାର ଆବଶ୍ୟକତା ଲାଗି ରହିଛି। ଦକ୍ଷିଣରେ କଳିଙ୍ଗ ସମଗ୍ର ଦାକ୍ଷିଣାତ୍ୟ ବିଜୟ କରି ଦକ୍ଷିଣ ସୀମା ସମୁଦ୍ର ପର୍ଯ୍ୟନ୍ତ କାୟା ବିସ୍ତାର କରିଅଛି।

କଳିଙ୍ଗର ଚତୁରଙ୍ଗ ସେନାନୀ ସୀମାରକ୍ଷା ପାଇଁ ଏବଂ ଯବନ କବଳରୁ ସୁରକ୍ଷା ଦେବାକୁ ଯେତିକି ଚଳଚଞ୍ଚଳ ଥିଲେ, ତାହାଠାରୁ ବହୁଗୁଣ ସାମନ୍ତରାଜ୍ୟ ଗୁଡିକ ବିବିଧ ଶାସନଗତ କାରଣରୁ କଳିଙ୍ଗନଗରୀକୁ ଯାତାୟତ କରୁଥିଲେ। କଳିଙ୍ଗର ଅର୍ଥନୈତିକ ସ୍ଥିତି ଏହି ବିବରଣୀରୁ ଅନୁମେୟ।

ଅପ୍ରତିହତ ଧର୍ମପଥର କଳିଙ୍ଗ ସମ୍ରାଟ ମାତୃଭୂମିରୁ ତିନିଶହ ବର୍ଷ ତଳୁ ହରଣ କରି ନେଇଥିବା କଳିଙ୍ଗଜୀନ୍ ମୂର୍ତ୍ତିକୁ ସଗୌରବେ ମାତୃଭୂମିରେ ପୁନଃପ୍ରତିଷ୍ଠା କରିବା ପରେ ନିଜେ ଶାନ୍ତିରେ ନିଶ୍ୱାସ ନେଇଛନ୍ତି। ଆଉ କଳିଙ୍ଗାଧିପତି ଭାବରେ କଅଣ କରିବାକୁ ବାକି ରହିଗଲା, ମନେ ମନେ ତର୍ଜମା କରୁଛନ୍ତି।

କଳିଙ୍ଗାଧିପତି ଭାବରେ ନିଜର ପ୍ରବୃତ୍ତି ଗୁଡିକୁ ଚପାଇରଖି ସାମରିକତା ଦିଗରେ ସେ ଅଧିକ ଅଗ୍ରସର ହେବାପରି ବୋଧ କରୁଛନ୍ତି। ତାଙ୍କ ମୁହଁର ନାଟକୀୟ ରୂପ, ଶରୀରର ଅଙ୍ଗଭଙ୍ଗୀ ଆଉ ସୂକ୍ଷ୍ମ ଏବଂ ଅର୍ଥବୋଧକ ହୋଇ ରହିଛି, ତାଙ୍କର ନାଟ୍ୟପ୍ରବୃତ୍ତି ଏବେ ବି ସନ୍ଦିହାନ। ତରବାରି ତାଙ୍କ ସୁକୋମଳ ଗନ୍ଧର୍ବବେଦାନୁଯାୟୀ ଭାବ ପ୍ରକାଶ କରୁଥିବା ଅଙ୍ଗସୌଷ୍ଠବରୁ ସୂକ୍ଷ୍ମତା ଅପହରଣ କରିନେଇଛି। ସେ ନାଟ୍ୟକାର। କାହିଁ ତାଙ୍କର ସମୟ, କାହିଁ ତାଙ୍କର ରଙ୍ଗମଞ୍ଚ ?

ଚିନ୍ତିତ ଏବଂ ବ୍ୟଥିତ ଦିଗବିଜୟୀ ଖାରବେଳ। ପିତାମହ ମହାମେଘବାହନଙ୍କର ଆଶା ପୂରଣ କରିଛନ୍ତି। ଆଉ ଜୀବନରେ କଅଣ ବାକି ରହିଲା, ନିଜର ସ୍ମୃତି ଓ ଭବିଷ୍ୟତ ଦୃଷ୍ଟିକୁ ସମୀକରଣ କରୁଛନ୍ତି। ରାଜ୍ୟ ପ୍ରଶାସନ ତ ଯନ୍ତ୍ରବତ୍ କାର୍ଯ୍ୟ କରୁଛି। ପ୍ରଜାକଲ୍ୟାଣ ମହାମେଘବାହନ କଳିଙ୍ଗ ପ୍ରଶାସନର ମୂଳମନ୍ତ୍ର ହୋଇ ଭବିଷ୍ୟତକୁ କାମ କରୁଥିବ।

ମନଟା ପୂରି ଉଠିଛି ସମ୍ରାଟ ଖାରବେଳଙ୍କର। କଅଣ ଚିନ୍ତା କରୁଛନ୍ତି, ତାହା ତାଙ୍କୁ ହିଁ ଜଣା। ନିଷ୍କପଟ ମୁଖମଣ୍ଡଳ ଶାନ୍ତିର ବଳୟ ମଧ୍ୟରେ ରହିଥିବା ପ୍ରତୀୟମାନ ହେଉଛି।

ନିଜ ସିଂହାସନ ଆରୋହଣର ଚତୁର୍ଦ୍ଦଶ ବର୍ଷର ବସନ୍ତ ଆଗମନର ସମୟକୁ ଅପେକ୍ଷା କରିଛନ୍ତି କଳିଙ୍ଗ ରାଜ୍ୟବାସୀ। କଲ୍ୟାଣମୟ ସମ୍ରାଟ ଖାରବେଳ ଗୋଟିଏ ବିଶାଳ ସମାବେଶ ଆହ୍ୱାନ କରିଛନ୍ତି। ଏଇ ମହାସଭାଟି ଆୟୋଜନ ହେବାକୁ ସମ୍ରାଟ ମୁଖ୍ୟମନ୍ତ୍ରୀ ମହାମାଦ ନାକିୟାଙ୍କୁ ପରିଚାଳନା ଦାୟିତ୍ୱ ଦେଇଛନ୍ତି।

ସ୍ଥାନ – ମହାବିଜୟ ପ୍ରାସାଦ (ବଡ଼ଗଡ଼)

ଦିନ – ଚୈତ୍ର ପୂର୍ଣ୍ଣିମା (ଖ୍ରୀଷ୍ଟପୂର୍ବ ୨୬)

ଅତିଥି – ପାଣ୍ଡ୍ୟରାଜ ପାଣ୍ଡିୟାନ, କଳିଙ୍ଗ ରାଜପରିବାର, କୁମାରୀଗିରି- କୁମାରଗିରିର ମୁଖ୍ୟସାଧକମାନେ, ରାଜଗୁରୁ ଓ ସମସ୍ତ ରାଜକର୍ମଚାରୀ। ରାଜ୍ୟ ସମସ୍ତ ପ୍ରଜାମାନେ ବି ନିମନ୍ତ୍ରିତ।

ମାର୍ଗଶିର ମାସ ପୂର୍ଣ୍ଣିମା ବେଳରୁ ମହାସଭା ଦିବସର ତିନିମାସ ପୂର୍ବରୁ କଳିଙ୍ଗର ଲେହହାରକ ଦୂତମାନେ ନିମନ୍ତ୍ରଣ ପତ୍ର ନେଇ

ପାଣ୍ଡ୍ୟରାଜ୍ୟ ଓ ଅନ୍ୟମାନଙ୍କୁ ସୂଚନା ଦେଇଛନ୍ତି, ପୁନରାୟ ସଭାପୂର୍ବରୁ ଚେତାଇଦେବାର ପ୍ରତିଶ୍ରୁତି ଦେଉଛନ୍ତି।

ପରିଶେଷରେ ଅନ୍ତିମ ଦିବସ ଚୈତ୍ରପୂର୍ଣ୍ଣିମା ହିଁ ଉପନୀତ ହେଲା। ବିଜୟପ୍ରାସାଦରେ ବିଶାଳ ଦର୍ଶକମଣ୍ଡଳୀ ସହିତ ଅତିଥିମାନେ ଯୋଗଦେଲେ। ସେହି ସ୍ଥାନଟି କୋଳାହଳମୟ ହୋଇଉଠିଲା। ମଞ୍ଚାସୀନ କଳିଙ୍ଗ ରାଜମୁକୁଟ ପରିହିତ ମହାମେଘବାହନ ଖାରବେଳ ସହାସ୍ୟ ବଦନରେ ନିଜର ମସ୍ତକରୁ ରାଜମୁକୁଟ ଓହ୍ଲାଇ ନିଜ ସାମନାରେ ରଖିଲେ। ତାଙ୍କ କାନର କୁଣ୍ଡଳ ଏବଂ ବେକର ମୋଟା ସୁନାହାରଟି ଚକ୍ ଚକ୍ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷିତ କରୁଥାଏ।

ମହାମେଘବାହନ ଖାରବେଳ ଦୀର୍ଘ ତେର ବର୍ଷର ଶାସନ ସିଦ୍ଧି ପରେ ସିଂହାସନରୁ ଅବରୋହଣ କରିବାର ଉପକ୍ରମ କରୁଛନ୍ତି। ସେହି ସ୍ୱଳ୍ପକାଳ ମଧ୍ୟରେ ଚତୁର୍ଦ୍ଦିଗରେ ଦିଗ୍‌ବିଜୟ ସହ ନିଜର ସୁଶାସନ ପ୍ରତିଷ୍ଠା କରି ଏବେ ଗାଦିରୁ ଓହ୍ଲାଇଯିବେ। ନିଜର ଧାର୍ମିକ ଜୀବନ ଆଦରି ନେବାର ଦୃଢ଼ ନିଷ୍ପତ୍ତି ନେଇଛନ୍ତି।

ସମ୍ରାଟଙ୍କ ପାଖରେ ଆଉଜଣେ ନିମନ୍ତ୍ରିତ ରାଜା ବସିଛନ୍ତି, ଯିଏ କି ସମବେଦନା ଜ୍ଞାପନ କରୁଛନ୍ତି। ପାଣ୍ଡ୍ୟ(ତାମିଲ)ରାଜ ବୋଲି ସେ ନିଜର ପରିଚୟ ଦେଇଛନ୍ତି ଏବଂ ସୁଦୂର ତାମିଲ ରାଜ୍ୟରୁ ଜଳପଥରେ ଆସି କଳିଙ୍ଗନଗରୀରେ ପହଞ୍ଚିଛନ୍ତି। ମହାମେଘବାହନ ଖାରବେଳଙ୍କ ନିଷ୍ପତ୍ତି ଅନୁଯାୟୀ ଧର୍ମଗୃହ ନିର୍ମାଣ ପାଇଁ ଆବଶ୍ୟକ ରତ୍ନ ପ୍ରସ୍ତର ସହିତ ସାଗରପଥରେ ଆସିଛନ୍ତି। କଳିଙ୍ଗାଧିପତି ନିଜର ଧର୍ମକାର୍ଯ୍ୟ ପାଇଁ ବରାଦ କରିଥିବାରୁ ପାଣ୍ଡ୍ୟରାଜ ଗୁରୁତ୍ୱ ଦେଇଛନ୍ତି। କୁମାରୀଗିରି ଶୀର୍ଷରେ ପ୍ରତିଷ୍ଠିତ କଳିଙ୍ଗଜୀନ୍ ମନ୍ଦିରରେ ରତ୍ନଖଚିତ କରିବା ପାଇଁ ତଥା ସିଂହପଥ ରାଣୀଙ୍କ ଅନୁରୋଧ କ୍ରମେ ଖାରବେଳ ରାଜ୍ୟର ସର୍ବଧର୍ମ ପରିଚର୍ଯ୍ୟା କୁମାରୀଗିରିରେ ବିଶାଳ ଦର୍ଶନୀୟ ନିବାସ ନିର୍ମାଣ କରିବାକୁ ବିଶାଳ ପରିମାଣର ମୂଲ୍ୟବାନ ପ୍ରସ୍ତର ସାଗରଦେଇ ଆଣି ପହଞ୍ଚାଇଛନ୍ତି ସିଏ। ପାଣ୍ଡ୍ୟରାଜଙ୍କ ନାମ ପାଣ୍ଡିୟନ୍, ସିଏ ବିଶ୍ୱବିଖ୍ୟାତ। ହୀରା ଓ ମୂଲ୍ୟବାନ ପଥର ପାଇଁ ପାଣ୍ଡ୍ୟ ସୁଖ୍ୟାତ। ଏମିତି କି ସମସାମୟିକ ରୋମାନ୍ ସମ୍ରାଟ ଜୁଲିୟସ୍ ସିଜରଙ୍କ ପାଖକୁ ଏମିତି ମୂଲ୍ୟବାନ ଉପଢୌକନ ପଠାଇ ସେ ଉଦାହରଣ ସୃଷ୍ଟି କରିଛନ୍ତି।

ଦୁଇ ବର୍ଷ ତଳେ ପାଣ୍ଡ୍ୟ କଳିଙ୍ଗର ବଶ୍ୟତା ସ୍ୱୀକାର କରିଥିଲା। କେତେ ଦୃଢ଼ ଦ୍ରାବିଡ ମେଳ ଗଠିତ ହୋଇଥିଲା ଦକ୍ଷିଣ ଭାରତରେ। ତାର ନେତୃତ୍ୱ ଥିଲା ପାଣ୍ଡ୍ୟ। ପରାସ୍ତ ହେବା ପରଠାରୁ ପାଣ୍ଡ୍ୟ ନୃପତି କଳିଙ୍ଗରେ ପ୍ରବେଶ କରିବାକୁ ଏବଂ ଖାରବେଳଙ୍କୁ ଭେଟିବାର ଅନୁମତି ପାଇ ନଥିଲେ। ଶେଷରେ ଧର୍ମପଥ ବାଛି ନେବା ପୂର୍ବରୁ କଳିଙ୍ଗ ପକ୍ଷରୁ ପାଣ୍ଡ୍ୟରାଜାଙ୍କୁ ଅନୁମତି ମିଳିଲା ଉପହାର ସହିତ କଳିଙ୍ଗାଧିପତିଙ୍କୁ ଭେଟିବାକୁ। ତଦାନୀନ୍ତନ ଭାରତବର୍ଷରେ ନବ ଉଦିତ ରାଜଶକ୍ତିରେ ପାଣ୍ଡ୍ୟ ଥିଲା କଳିଙ୍ଗ ତଳକୁ। କଳିଙ୍ଗର ପୂର୍ବପ୍ରାଚ୍ୟ ଉପନିବେଶ ସାଜିଲା ବେଳକୁ ପାଣ୍ଡ୍ୟ ପହଞ୍ଚି ପାରିଥିଲା ପଶ୍ଚିମ ଦିଗରେ ଜୁଲିୟସ୍ ସିଜରଙ୍କ ରୋମ୍‌ରେ। ସେଇ ନୃପତି ଆଜି ବୋଇତଭରା ରତ୍ନ, ମଣି ମୁକ୍ତା, ମୂଲ୍ୟବାନ ପଥର ସହ ଭେଟିବାକୁ ଆସିଛନ୍ତି କଳିଙ୍ଗନଗରୀ ଆଉ କୁମାରୀଗିରି।

ପାଣ୍ଡିୟନ୍ ରାଜଶକ୍ତିରେ ଖାରବେଳଙ୍କର ଶକ୍ତ ବିରୋଧ କରିଥିଲେ ସତ, କିନ୍ତୁ ପରାସ୍ତ ହେବାପରେ କଳିଙ୍ଗ ପ୍ରତି ବିଶେଷ ଅନୁରକ୍ତ ହୋଇପଡିଥିବା ମନେହୁଏ। କାରଣ ହୋଇପାରେ ସିଏ କଳିଙ୍ଗାଧିପତିଙ୍କ ବ୍ୟକ୍ତିତ୍ୱରେ ଅନୁପ୍ରାଣିତ, ଅବା ଜୈନ ଧର୍ମରେ ଆସକ୍ତ ହୋଇଥିବାରୁ କଳିଙ୍ଗ ଓ କୁମାରୀଗିରି ପାଇଁ ଅସମ୍ଭବ ଭାବରେ ଆସକ୍ତ।

ଖାରବେଳ କାହିଁକି ଥକି ପଡିଥିବା ଜଣାପଡୁଥିଲେ ବି ନିଜର ନିଷ୍ପତ୍ତିରେ ଅଟଳ ଅଛନ୍ତି। ସିଏ କାହିଁକି ଆଉ ରାଜମୁକୁଟ ପରିଧାନ କରିବେ ନାହିଁ, ଏ କଥା କାହାକୁ ବୁଝାପଡୁନି। ଜୀବନର ୩୮ ବର୍ଷ ବୟସରେ ସାରା ଭାରତବର୍ଷରେ ଅପ୍ରତିହତ ସମ୍ରାଟ ଭାବରେ ନିଜକୁ ପ୍ରତିଷ୍ଠିତ କରିବା ପରଦିନ ଏମିତି କାହିଁକି ତାଙ୍କର ମାନସିକ ପରିବର୍ତ୍ତନ ଆସିଲା ଆଦୌ ହୃଦ୍‌ବୋଧ ହେଉନି କାହାର। ସମସ୍ତେ ଅପେକ୍ଷମାଣ, କାଳେ ସିଏ ନିଜର ମତ ପରିବର୍ତ୍ତନ କରିବେ। ପରିବାର, ରାଜକୁଳ, ଗୁରୁକୁଳ, ଧାର୍ମିକ ସ୍ୱଜନ କିଏ କାଳେ ତାଙ୍କୁ ପ୍ରଭାବିତ କରିପାରିବେ।

ଶ୍ରୀ ମହାମେଘବାହନ ଖାରବେଳ। ତାଙ୍କର ମତ ପରିବର୍ତ୍ତନ କଅଣ ସମ୍ଭବ! କିଏ ବିଶ୍ୱାସ କରିବ ରାଜଗାଦି ଓ ଧନର ଆକର୍ଷଣ ତାଙ୍କ ମାନସିକତାକୁ ପ୍ରଭାବିତ କରିପାରିବ। ତାଙ୍କ ଜୀବନ କାଳରେ କେବେ ନିଜ ନିଷ୍ପତ୍ତିରୁ ଦିଗ ପରିବର୍ତ୍ତନ କରିବାର ଉଦାହରଣ ନାହିଁ । ଆଜି ସିଏ ଉଦ୍ୟତ ରାଜ୍ୟ ଶାସନଭାରରୁ ମୁକ୍ତ ହେବେ। ରାଜ୍ୟଶାସନ କଅଣ ତାଙ୍କପାଇଁ କଷ୍ଟସାଧ ହୋଇ ପଡିଛି ? ନା ଅନ୍ୟ କିଛି ଅଜଣା କାରଣ ରହିଛି, ଯଦ୍ୱାରା ସେ ଏପରି ଅପ୍ରତ୍ୟାଶିତ ନିଷ୍ପତ୍ତିନେଉଛନ୍ତି !

ଚାରି ପାଖରେ ଘେରି ରହିଛନ୍ତି କଳିଙ୍ଗର ସବୁ ଶ୍ରେଣୀର ଲୋକ। ପାଖରେ ଉପବିଷ୍ଟ ପାଣ୍ଡ୍ୟ ସମ୍ରାଟ। ପଛରେ ଅଛନ୍ତି ଅଗ୍ରମହିଷୀ (ପାଟରାଣୀ) ଭଜିରଘରର ରାଜକନ୍ୟା ଧୃତି, ସିଂହପଥ ରାଜକନ୍ୟା ରାଣୀ ସିନ୍ଧୁଳା, ପୁଅ କନ୍ଦର୍ପଶ୍ରୀ ଓ ରାଜପରିବାରର ଆତ୍ମୀୟ ସ୍ୱଜନ। କନ୍ଦର୍ପଶ୍ରୀ ବାଳୁତ, ମାତ୍ର ଆଠ ବର୍ଷ ବୟସର। ସମସ୍ତଙ୍କର ମୁଖ ବିଷାଦର କାଳିମାରେ ବିଷଣ୍ଣ। କଅଣ ଘଟିବାକୁ ଯାଉଛି, କଳିଙ୍ଗନଗରୀ ରାଜନବରର ପୁଷ୍ପଶଯ୍ୟା ପରିହାର କରି ମଧ୍ୟବୟସରୁ ଖାରବେଳ ବାଛି ନେବାକୁ ଚାହାନ୍ତି ଶିଳା ଶଯ୍ୟା ! କାହିଁ ରାଜ ନଅର, କାହିଁ ପଥରର ଗୁମ୍ଫା !

ବାମପାର୍ଶ୍ୱରେ ଦଣ୍ଡାୟମାନ କଳିଙ୍ଗର ରାଜନ୍ୟବର୍ଗ। ମହାମଦ୍, ନଗର ଅଖଣ୍ଡାଂଶ, କମ, ଚୂଳକମ, ପଦମୂଳିକା ଓ ଅନ୍ୟାନ୍ୟ ସହାୟକ ମାନେ। ପ୍ରଧାନ ମନ୍ତ୍ରୀ, ମୁଖ୍ୟ ବିଚାରପତି, କର୍ମକାର, ମୁଖ୍ୟ କର୍ମକାର, ସହକାରୀମାନେ। ନିଜ ନିଜର ରାଜକୀୟ ପରିଧାନ ମହାସଭାରେ ନିଜ ଗୋଷ୍ଠୀର ଉପସ୍ଥିତି ଦର୍ଶାଉଛନ୍ତି। କାହାରି ମୁହଁରୁ ଭାଷା ସ୍ଫୁରୁନାହିଁ। ମହାମଦ୍ ନାକିୟା ନିର୍ନିମେଷ ନୟନରେ ଚାହିଁ ରହିଛନ୍ତି ମହାରାଜାଙ୍କ ମୁଖକୁ। ମହାରାଜା ନିର୍ବିକାର। ରାଜଦଣ୍ଡ ଓ ରାଜଛତ୍ର ତ୍ୟାଗ କରିବାର ନିଷ୍ପତ୍ତିରେ ଅଟଳ। କାହାକୁ କିଛି ପୂର୍ବାଭାସ କି ଇଙ୍ଗିତ ଦେଇ ନାହାନ୍ତି। କିଛି ଆଲୋକପାତ କରୁ ନାହାନ୍ତି ନିଜର ଭବିଷ୍ୟତ ଉପରେ। ପ୍ରତି କଳିଙ୍ଗ ରାଜକର୍ମଚାରୀ ରାଜାଙ୍କର ଘନିଷ୍ଠ, ମାତ୍ର ଏହି ଘଡ଼ିସନ୍ଧିରେ ସମସ୍ତେ ମୂକ ପାଲଟି ଯାଇଛନ୍ତି।

ଗୋଟିଏ ଦିନରେ କଅଣ କଳିଙ୍ଗ ଆକାଶରେ ଏତେ ବିଶାଳ ଦୁର୍ଘଟଣା ଘଟିଗଲା !

ତଥାପି ମହାମଦ୍ ଥର ଥର କଣ୍ଠରେ କହିବା ଆରମ୍ଭ କଲେ,

"ମହାରାଜ ଆମକୁ କ୍ଷମା କରନ୍ତୁ, ଆମେ ଆପଣଙ୍କୁ କେବେ ବି କଷ୍ଟ ଦେବୁନି। ଆମମାନଙ୍କୁ ଇତର କରି ଗାଦିତ୍ୟାଗ କରନ୍ତୁ ନାହିଁ। କଳିଙ୍ଗାଧିପତି ବିହୁନେ କଳିଙ୍ଗ ବଞ୍ଚି ରହିବ ତ! ସେଇ ପଡୋଶୀ ଶତ୍ରୁମାନେ କଳିଙ୍ଗକୁ ଛାଡି ଦେବେନାହିଁ।"

ମହାରାଜ ବିଷଣ୍ଣ ହୋଇ ଉଠିଲେ ମହାମଦଙ୍କ ଉକ୍ତିରେ। କହିବାକୁ ଚାହୁଥିଲେ - "ମୋର ଅଭିପ୍ରାୟ ସହିତ ତୁମର ବା ରାଜ୍ୟର କିଛି ସମ୍ପୃକ୍ତି ନାହିଁ। ମୋର ଭବିଷ୍ୟତ ଏଗୁଡିକର କୌଣସି କ୍ଷତି ପହଞ୍ଚାଇବ ନାହିଁ। କଳିଙ୍ଗ ଭବିଷ୍ୟତ ପାଇଁ ସୁରକ୍ଷିତ।"

ମାତ୍ର କୌଣସି କଥା ନ କହି ମହାରାଜ ଚୁପ ରହିଲେ। ମୁଖମଣ୍ଡଳ ବୁଦ୍ଧଙ୍କ ପରି ସ୍ଥିର ଓ ନିର୍ବାକ୍ ଥିଲା। ତାଙ୍କର ଏପରି ପ୍ରତ୍ୟୁତ୍ତର ଚକ୍ଷୁର ଘୂର୍ଣ୍ଣନରୁ ବାରି ହୋଇପଡୁଥିଲା।

ପାଟରାଣୀ ମୁହଁ ଖୋଲିଲେ। କନ୍ଦର୍ପଶ୍ରୀ ପିତାଙ୍କ ଆଡ଼କୁ ଲୋତକପୂର୍ଣ୍ଣ ନୟନରେ ଯାହା ଚାହିଁ ରହିଥିଲେ। ପିଲାଟିର ମୁହଁକୁ ଦେଖିବାକୁ ରାଜାଙ୍କୁ ଅନୁରୋଧ କଲେ। ରାଜାଙ୍କର ସବୁଠାରୁ ଦୁର୍ବଳତା ଏଇ ଅନିନ୍ଦ୍ୟ ସୁନ୍ଦର କନ୍ଦର୍ପଶ୍ରୀ। ରାଜମୁକୁଟ ଧାରଣର ସାତବର୍ଷରେ ପାଟରାଣୀଙ୍କ କୋଳମଣ୍ଡନ କରିଛନ୍ତି ସିଏ। ଆଜି ଆଠବର୍ଷ ବୟସର ବାଳୁତ ରାଜକୁମାର କନ୍ଦର୍ପଶ୍ରୀ। ଏହି ବାଳୁତ କିଛି ନବୁଝି ନିର୍ନିମେଷ ନୟନରେ ଚାହିଁ ରହିଛି ପିତାଙ୍କୁ। ଆଜିର ଦୃଶ୍ୟରେ ଆଖିରୁ ଦୁଇଧାର ଲୁହ ବୋହି ଚାଲିଛି।

ତଥାପି ମହାରାଜା ନିରୁତ୍ତର। ଯେମିତି କି ତାଙ୍କର ରାଜପଦ ଛାଡିବାପରେ ରାଜପ୍ରାସାଦର କିଛି ବି ବଦଳିବ ନାହିଁ! କନ୍ଦର୍ପଶ୍ରୀଙ୍କର କୌଣସି ଅସୁବିଧା ହେବନି। ଜୀବନରେ ନିଜର ଉପାର୍ଜିତ ଶକ୍ତି ମହମେଘବାହନ କୁଳକୁ ସମୟସ୍ରୋତରେ ପ୍ରତିପାଳିତ କରିଚାଲିବ।

କଳିଙ୍ଗାଧିପତିଙ୍କୁ ଯେମିତି ଅପଲକ ନୟନରେ ଚାହିଁ ରହିଛନ୍ତି ତାଙ୍କର ଶିକ୍ଷକ ଗୁରୁମାନେ। ଆଜିର ସେଇ ବୃଦ୍ଧ ରାଜଗୁରୁମାନେ ଛାତ୍ର ଖାରବେଳଙ୍କୁ ନେଇ ଚିନ୍ତିତ। ନିଜର ଚପଳମତି ଛାତ୍ର ଜଣକ କଳିଙ୍ଗର ଚକ୍ରବର୍ତ୍ତୀ ସମ୍ରାଟ ହେବାପରେ ରାଜ୍ୟକୁ ସାରା ଦେଶରେ ଶକ୍ତିମାନ ରୂପ ଦେଇଛନ୍ତି ସତ, କିନ୍ତୁ କାହିଁକି ଯେ ଏମିତି ରାଜପଦ ଛାଡିବାକୁ ମନସ୍ଥ କରିଛନ୍ତି, ବୁଝିପାରୁ ନାହାନ୍ତି ସେମାନେ। ଶିକ୍ଷାର ସବୁ କ୍ଷେତ୍ରରେ ପାରଙ୍ଗମ ଥିଲେ ଖାରବେଳ। ଅଶେଷ ଜ୍ଞାନୀ, ବିଦ୍ୟାର ସଫଳ ପ୍ରୟୋଗ କରିଛନ୍ତି ଜୀବନରେ। କୃତିତ୍ୱର ଚରମ ସୀମା ଆରୋହଣ କରି ଅସମୟରେଏମିତି ଅବରୋହଣ କିପାଇଁ?

ଏହି ଶିକ୍ଷକମାନେ ବିଭିନ୍ନ ବିଦ୍ୟାର ହେଲେ ହେଁ ସେମାନେ ରାଜପରିବାରର ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଇଛନ୍ତି। ମହାରାଜାଙ୍କର ସେମାନଙ୍କ ପ୍ରତି ସୁଦୃଷ୍ଟି ରହିଛି। ସେମାନେ ରାଜପ୍ରାସାଦକୁ ଆସନ୍ତି। ପିଲାଟି ଦିନରୁ ପିତାମହ ମହାମେଘବାହନଙ୍କର ଆଦେଶକ୍ରମେ ଖାରବେଳଙ୍କୁ ଦୁନିଆରେ ମିଳୁଥିବା ସବୁ ବିଦ୍ୟାରେ ପ୍ରଶିକ୍ଷଣ ଦେବାକୁ ସର୍ବୋତ୍ତମ ଗୁରୁମାନଙ୍କୁ ବଛାଯାଇଥିଲା। କାଶୀରୁ ଆସିଥିବା ଉଚ୍ଚଶିକ୍ଷିତ ଜ୍ଞାନାଲୋକାନନ୍ଦ ଜଣେ ସକ୍ରିୟ ଉଚ୍ଚାକାଂକ୍ଷୀ ଶିକ୍ଷକ। ନିଜେ ସବୁ ଶିକ୍ଷାରେ ପାରଙ୍ଗମ। କୁହନ୍ତି ନିଜେ ଷୋହଳ ବର୍ଷରୁ ଏକୋଇଶ ବର୍ଷ ଯାଏ ତକ୍ଷଶିଳାରେ ଶିକ୍ଷାଲାଭ କରିଛନ୍ତି। ରାଜ୍ୟ ପ୍ରଶାସନ ଓ ବିଜିତ ରାଜ୍ୟ ପରିଚାଳନା ବିଷୟରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଲାଭ କରିଛନ୍ତି।

ସେ ସମୟର ତକ୍ଷଶିଳା ବିଶ୍ୱବିଦ୍ୟାଳୟ। ଶିକ୍ଷାର ପ୍ରକୃତ ମୂଲ୍ୟବୋଧ ଅଛି ସେଠାରେ, ପାଠ୍ୟକ୍ରମ ରାଜକୀୟ ପ୍ରଭାବମୁକ୍ତ। ଯଦିଚ ସମୟ ସମୟରେ ଏହା ଯବନ ପଡୋଶୀ ରାଷ୍ଟ୍ର ଦ୍ୱାରା ପରିଚାଳିତ, ଏହା ଗୋଟିଏ ବିଶ୍ୱବିଦ୍ୟାଳୟ—ଏଠାରେ କେବଳ ବିଦ୍ୟାର ଗୁଣନେଇ ଶିକ୍ଷାଦାନ ଚାଲିଛି, ଚାଣକ୍ୟଙ୍କ ପରି ବିଜ୍ଞ ଅର୍ଥନୀତିଜ୍ଞ ଏଠାରେ ଶିକ୍ଷାଲାଭକରି ଏବଂ ଶିକ୍ଷାଦାନ କରି ନିଜ ମତଧାରୀ ମାନଙ୍କୁ ନେଇ ବିଶାଳ ଅର୍ଥନୀତିର ସୂତ୍ର ପ୍ରଣୟନ କରିଛନ୍ତି। ପ୍ରଶାସନିକ ଓ ଅର୍ଥନୀତିର ବିରାଟ ମତବାଦ ବ୍ୟକ୍ତ କରିଛନ୍ତି। ଏହା ଏକକ ବିଷ୍ଣୁଗୁପ୍ତ ତଥା ଚାଣକ୍ୟଙ୍କର ମତ ବୋଲି କେହି ସହମତ ହେବେନି। ଗୋଟିଏ ଅର୍ଥନୈତିକ ବିଦ୍ୟାଳୟର ସଂଗଠିତ ମତାମତ। ଏମିତି ରାଷ୍ଟ୍ର ନାହିଁ, ଯାହା ଚାଣକ୍ୟଙ୍କ ଶାସ୍ତ୍ର ବହିର୍ଭୂତ ନିୟମରେ ଚଳିପାରିବ। ଏମିତି ଅତୀତ, ବର୍ତ୍ତମାନ ବା ଭବିଷ୍ୟତ ନାହିଁ ଯାହା ଏହି ନୀତି ନିୟମକୁ ଉଲଙ୍ଘନ କରିପାରିବ।

ଦ୍ୱିତୀୟ ଉଦାହରଣ ହେଉଛନ୍ତି ଚରକ। ଆୟୁର୍ବେଦର ଓ ଜୀବନର ଅନ୍ୟାନ୍ୟ ଦର୍ଶନ ନେଇ ସମାଜରେ ପ୍ରୟୋଗ ବିଦ୍ୟା ମାଧ୍ୟମରେ ଶିକ୍ଷାଦାନ କରୁଥିଲେ ସିଏ। ଏହି ବିଶ୍ୱବିଦ୍ୟାଳୟ ଧର୍ମ ଗବେଷଣାର ପ୍ରକୃଷ୍ଟ କ୍ଷେତ୍ର ହୋଇପାରିଛି। କେତେବେଳେ ହିନ୍ଦୁଧର୍ମ, ବୌଦ୍ଧଧର୍ମ ତ କେତେବେଳେ ଜୈନଧର୍ମର ସ୍ୱତନ୍ତ୍ର ଗବେଷଣା ଏଠାରେ ଚାଲିଛି। ପୁରାଣଗୁଡିକ ବି ଏହି ତକ୍ଷଶିଳା ବିଷୟରେ ସମୃଦ୍ଧ। ତକ୍ଷ ବା ଛେଦିତ ଶିଳାରେ ନିର୍ମିତ ଏହି ନଗର, ଏହା ରାମାୟଣର ଭରତଙ୍କ ପୁତ୍ରଙ୍କର ରାଜ୍ୟର ଅଂଶ ଥିଲା; ପୁଣି ମହାଭାରତରେ ଏଠାରେ ପରୀକ୍ଷିତ ରାଜମୁକୁଟ ଲାଭକରି ତକ୍ଷକର ସାନ୍ନିଧ ଲାଭ କରିଥିଲେ, ସର୍ପଦଂଶନରେ ମୃତ୍ୟୁବରଣ କରିଥିଲେ।

ବହୁଗୁଡିଏ ବିଦେଶୀ ପ୍ରଭାବ ତକ୍ଷଶିଳାର ପାଠ୍ୟକ୍ରମର ଅଂଶ ଥିଲା। ସମର ଶିକ୍ଷାରେ ଧନୁଶର ବ୍ୟବହାରରେ ତଥା ଶତ୍ରୁ ସମ୍ମୁଖର ଗଜବାହିନୀକୁ କିପରି ମୁକାବିଲା କରାଯାଇ ପାରିବ, ସେ ବିଷୟରେ ସମର ଶିକ୍ଷାର ଏକ ବିଶିଷ୍ଟ ପାଠ୍ୟକ୍ରମ ଥିଲା। ଶିଳ୍ପ ବିଷୟରେ ଅନେକ ଦିଗ ଥିଲା, ତନ୍ମଧ୍ୟରେ ଶିଳାଶିଳ୍ପ ଓ ଶିଳାଲିଖନ ସବୁଠାରେ ଆଦୃତ ହେବା ପରି କଳା; ଶିଳାଶିଳ୍ପୀମାନେ ଅକ୍ଷର ଓ ଲିଖନର ଅର୍ଥ ହୃଦୟଙ୍ଗମ କରିବାପରେ ହି ନିଜର ମନୋଭାବକୁ ପ୍ରକୃତ ଭାବରେ ଦୀର୍ଘକାଳ ପର୍ଯ୍ୟନ୍ତ ଦୁନିଆ ଦୃଷ୍ଟିରେ ବଞ୍ଚାଇ ରଖିପାରିବାର ସ୍ୱପ୍ନ ହିଁ ନେଇପାରିବେ।

ଇତିହାସ ଓ ଭୂଗୋଳର ପରିସୀମା ଆସ୍ତେ ଆସ୍ତେ ପରିବ୍ୟାପ୍ତ ହେବାରେ ଲାଗିଛି କାରଣ ସେ ସମୟରେ ସଭ୍ୟତା ଏସିଆ, ଇଉରୋପ ଓ ଆଫ୍ରିକା ମଧ୍ୟରେ ସୀମିତ ଥିଲା। ସେଇ ଆଲୋକିତ ଜ୍ଞାନାଲୋକାନନ୍ଦ ଯୁବରାଜଙ୍କର ଦଶବର୍ଷ ବୟସରୁ ଶିକ୍ଷାର ଦାୟିତ୍ୱ ନେଇଥିଲେ। ଅନେକ ବିଷୟରେ ନିଜର ଶିକ୍ଷା ଗ୍ରହଣକରି ସିଏ କେତେ ବର୍ଷ ଧରି ଜଣେ ଅଭିଜ୍ଞ ଶିକ୍ଷକ, ରାଜ ପରିବାରରେ ଶିକ୍ଷାଦାନ ତାଙ୍କର ବୃତ୍ତି। ସବୁ ବିଷୟରେ ସେ ରାଜପୁତ୍ରଙ୍କୁ ସୁଶିକ୍ଷିତ କରିବାର ବ୍ରତ ନେଇଛନ୍ତି ପିତାମହଙ୍କ ପାଖରେ।

ଖାରବେଳଙ୍କୁ ବେଶ୍ ଉତ୍ସାହୀ ଓ ଗୁଣଗ୍ରାହୀ ଛାତ୍ର ଭାବରେ ଦେଖନ୍ତି ତାଙ୍କର ସବୁ ଶିକ୍ଷକମାନେ। କିନ୍ତୁ କଳିଙ୍ଗରେ ସବୁ ରାଜଗୁଣ ଶିକ୍ଷାର

ପ୍ରୟୋଗ ଉପଯୋଗୀ ହୋଇପାରିବା ନେଇ ସେମାନେ ବେଶ୍ ସତର୍କ ଓ ଯତ୍ନଶୀଳ। ମହାମେଘବାହନଙ୍କର ଅନେକ ଆଶା ରହିଛି।

ଖାରବେଳଙ୍କର ବ୍ୟବହାରିକ ବିଦ୍ୟାର ଆଦର ରହିଛି ବାଲ୍ୟକାଳରେ। ଏହି କଳିଙ୍ଗରେ ଜୀବନ ଧାରଣ କରୁଥିବା ପ୍ରଜାମାନଙ୍କ ବ୍ୟବହାର, ବୃତ୍ତି, ଭାଷା ଓ କଳାଭାସ୍କର୍ଯ୍ୟ ପାଇଁ ଅନେକ ସ୍ୱପ୍ନ ଆସେ ତାଙ୍କ ମନରେ। ଶୁଣନ୍ତି, ଲୋକମାନେ ଲୁଚିଛପି ନାଚ ଗୀତ ଶିଖୁଛନ୍ତି ବା ଦେଖୁଛନ୍ତି। ମୌର୍ଯ୍ୟ ଶାସନ କାଳରୁ ଏମିତି ମନରେ ଡର ଭୟ ରହିଯାଇଛି। ରାଜକର୍ମଚାରୀ ଦେଖିଲେ ସେମାନଙ୍କୁ ଖୁବ୍ ଭୟ ଲାଗେ। ତଥାପି ରାଜ୍ୟର ଅଭ୍ୟନ୍ତରରେ ଲୋକମାନଙ୍କର ନାଚ, ଗୀତ, ଅଭିନୟ ଓ ସ୍ଥାନୀୟ କଳାତ୍ମକ କାର୍ଯ୍ୟକ୍ରମ ପାଇଁ ବେଶ୍ ଆନ୍ତରିକତା ରହିଛି। ସଦା ମଉଜ ମଜଲିସ୍ କରିବା ଜାତିର ଲୋକମାନେ ହିଁ କଳିଙ୍ଗରେ ବାସ କରନ୍ତି। ଶାସନ ଦୃଷ୍ଟିରୁ କଳିଙ୍ଗ ଗୋଟିଏ ଶତାବ୍ଦୀ ଅନୁଭବ କରିଛି ମଗଧ ଉପନିବେଶରେ ଦାସତ୍ୱ। କିନ୍ତୁ ମଗଧ ଶାସନ ଭେଦି ପାରିନି କଳିଙ୍ଗର ଅଭ୍ୟନ୍ତରକୁ। ତୋଷାଳି, ସମପା, ଲଳିତଗିରି, ତାମ୍ରଲୁକ ପରି ଜନାକୀର୍ଣ୍ଣ ନଗରଗୁଡିକରେ ଅଶୋକବର୍ଦ୍ଧନ ମୌର୍ଯ୍ୟଙ୍କର ଅନୁଶାସନ। ତା ବ୍ୟତୀତ ରାଜ୍ୟ ଚିରାଚରିତ ଗ୍ରାମ୍ୟ ଶାସନ ପରି ଚାଲଛି। କଳିଙ୍ଗ ସ୍ୱତନ୍ତ୍ର ଭାବରେ ଗ୍ରାମଭିତ୍ତିକ। ମୌର୍ଯ୍ୟ କୁମାର ପ୍ରଶାସକଙ୍କର ଏତେ କର୍ମଚାରୀ ନାହାନ୍ତି ଯେଉଁମାନେ ଗାଁ ଗାଁରେ ଗୀତନାଚ ଉପରେ କଟକଣା ଜାରି କରିବେ!

ପ୍ରକୃତି କଳିଙ୍ଗବାସୀଙ୍କ ରଙ୍ଗମଞ୍ଚ। ସମୁଦ୍ରର ଲହରି ପରି ସେମାନେ ତରଙ୍ଗାୟିତ, ବୃକ୍ଷର ସବୁଜିମା ପରି ସେମାନେ ଅନ୍ତରରେ ରଞ୍ଜିତ, ଆକଶର ଭସାମେଘ ପରି ମୁକ୍ତ ଆଉ ଶ୍ରାବଣର ବର୍ଷା ପରି ସେମାନେ ମର୍ମଭେଦୀ। ଘୋର ଅଗ୍ନାଅଗ୍ନି ବନସ୍ତରୁ ଛୁଟି ଆସେ କଳିଙ୍ଗକନ୍ୟା ମାନଙ୍କର ଲଳିତ ସ୍ୱର। କାକଳିଭରା ସବୁଜିମା ମଧ୍ୟରେ ଜୀବନ ଓ ଯୌବନ ମୂର୍ଚ୍ଛନାର ରାଗିଣୀ ମନରେ ଭରିଦିଏ ମାଦକତା, ପୂର୍ଣ୍ଣତାର ସ୍ୱାଦ ଆଉ ସୁନ୍ଦର ସଂସାର ଗଢ଼ି ତୋଳିବାର ଦୁର୍ବାର ଲାଳସା। କଳିଙ୍ଗର ସବୁଜିମା ଭରା ଧରିତ୍ରୀରେ ମେଘମାଳା ମନଭରି ଜଳ ବର୍ଷାକରି ସେଇ ସବୁଜ ବର୍ଣ୍ଣକୁ ଗାଢ଼ରୁ ଗାଢ଼ତର କରି ଚାଲିଛି, ସେଇ ନିଶାରେ ମେଘମାଳାର ଗତିକୁ ଲକ୍ଷ୍ୟକରି ମୟୂରମାନେ ମନଭରି ନୃତ୍ୟ କରନ୍ତି ଏଠାରେ, ସେ ସୁଦୃଶ୍ୟ କଳିଙ୍ଗର ବଣଜଙ୍ଗଲର ଶୋଭା ବୃଦ୍ଧିକରେ, ମନୁଷ୍ୟ ମନରେ ଅପୂର୍ବ ଭାବ ସୃଷ୍ଟିକରିଥାଏ ମୟୂର ପରି ସୃଜନଶୀଳ ହେବାକୁ। କଳିଙ୍ଗ କନ୍ୟା ଏହି ଶୋଭାରାଜିରେ ଶିଥିଳ ହୋଇ ବସିପାରିବ କି?

ତା ପାଦରେ ଘୁଙ୍ଗୁର, ହାତରେ ବଟଫଳ, ବେକରେ ଗଳାମାଳ ଆଉ ଚାହାଣିରେ ମାଦକତା। ଗଗନ ପବନର କାକଳିରେ ଆନ୍ଦୋଳିତ ହୋଇଛି ତାର ସର୍ବାଙ୍ଗ, ସମନ୍ୱୟରେ ଦୋଳାୟିତ ପଦଯୁଗଳ ଓ ଶରୀରର କଟିବନ୍ଧ। ବସନ୍ତର ଆଗମନୀ ଭାଷା କେବେ ବହନ କରେ ତ କେବେ ନିଦାଘ ଗ୍ରୀଷ୍ମର ଜ୍ୱାଳା। ପାଟିର ଭାଷା କେବେ ପଛ ହୋଇଯାଇପାରେ କିନ୍ତୁ କଳିଙ୍ଗର ପ୍ରାକୃତିକ ବିଭବର ଭାବଭଙ୍ଗୀରେ ଅନୁବାଦର ପଟ୍ଟାନ୍ତର ନାହିଁ।

ସେଇ ପ୍ରକୃତି କୋଳରେ କଳିଙ୍ଗ ଭୁଲିଯାଇଛି ଅତୀତର ତାଡନା। ଯେତିକି ଯମ ସାଧିଛି ବାତ୍ୟା ବନ୍ୟା ଓ ଭୂସ୍ଖଳନ, ତାହା ତ ମଗଧ ନରେଶ ନନ୍ଦ ହେଉ କି ମୌର୍ଯ୍ୟ ହେଉ, ସେମାନେ ଏହି ସ୍ୱାଧୀନଚେତ କଳିଙ୍ଗ ପ୍ରାଣରେ ଅଶେଷ ବେଦନା ଭରି ଦେଇଛନ୍ତି। କେଉଁ କାରଣରୁ ନନ୍ଦ କି ମୌର୍ଯ୍ୟ କଳିଙ୍ଗମୁହାଁ ହୋଇଛନ୍ତି, ସେଇଟା ତାଙ୍କର ଅସଲ କୌତୂହଳର କାରଣ ହୋଇଯାଇଛି।

ଦିନେ ଜ୍ଞାନଲୋକାନନ୍ଦଙ୍କୁ ପଚାରିଛନ୍ତି ରାଜକୁମାର ଖାରବେଳ। କାହିଁକି କଳିଙ୍ଗ ଏହି ବାହ୍ୟଶତ୍ରୁ ମାନଙ୍କର ଶରବ୍ୟ ହୋଇଛି? ସ୍ୱଭାବତଃ ଏମାନେ ଶାନ୍ତିପ୍ରିୟ, ନିଜକୁ ପ୍ରକୃତିର ଉଜାଣି ସୁଅରେ ସନ୍ତରଣ କରି ଜୀବିକା ନିର୍ବାହ କରନ୍ତି, ନିଜ ଶିଳ୍ପରେ ଗଢି ତୋଳନ୍ତି ମନୋମୁଗ୍ଧକର ଉପକରଣ, ସମୁଦ୍ର ପହଁରି ଆର ପାରିରେ ନିଜର ଉପସ୍ଥିତି ବଜାୟ ରଖନ୍ତି। ବହୁ ପୁରୁଣା କାଳରୁ ଏମାନେ ମହୋଦଧିପ୍ରିୟ। କାହିଁକି ଏମାନେ ଅନ୍ୟାୟର ଶିକାର?

ଗୁରୁଦେବ ବୁଝାଇ କହନ୍ତି ଜ୍ଞାନପିପାସୁ ରାଜପୁତ୍ରଙ୍କୁ, ବସ୍ତୁତଃ କଳିଙ୍ଗର ଭୂଗୋଳ ବାହାରର ଶକ୍ତି ପାଇଁ ଏକ ପ୍ରତିରକ୍ଷା ବଳୟ ସୃଷ୍ଟି କରିଛି। ଯବନ ଆକ୍ରମଣର ସ୍ଫୁଲିଙ୍ଗ ଭାରତବର୍ଷ ପାଇଁ ଯେତେବେଳେ ଦେଶର ପଶ୍ଚିମ ଦିଗ, କଳିଙ୍ଗ ସେତେବେଳେ ପୂର୍ବଦିଗର ମହୋଦଧିକୂଳରେ ନିର୍ଭୟରେ ଉପବିଷ୍ଟ।

ତିନିଶହ ବର୍ଷ ତଳର କଥା। ପଶ୍ଚିମର ଗ୍ରୀସ୍ ଓ ମାସିଡୋନିଆ ଦେଶର ସର୍ବଶକ୍ତିମାନ ଆଲେକ୍‌ଜାଣ୍ଡର ଯେତେବେଳେ ଭାରତରେ ପଶିଲେ, ତାଙ୍କର ଆଶା ନିରାଶାରେ ପରିଣତ ହେଲା। ଯୁଦ୍ଧରେ ହାତୀର ପ୍ରୟୋଗ ସିଏ କଳ୍ପନା କରି ନ ଥିଲେ। ଏହି ପ୍ରବଳ ବଳବାନ ପଶୁଟିକୁ ଯୁଦ୍ଧକ୍ଷେତ୍ରରେ ଦେଖିଲେ କିଏ ପଛଘୁଞ୍ଚା ନ ଦେବ? ପୁରୁଙ୍କ ସହିତ ଯୁଦ୍ଧ ରଚିବାକୁ ଅଗ୍ରସର ହେବା ବେଳକୁ ଝେଲମ୍ ନଦୀର ପଶ୍ଚିମ ତଟରେ ପହଞ୍ଚି ଦେଖନ୍ତି ପଲ୍ଲବରାଜ ପୁରୁଙ୍କର ସେନାନୀ ପୂର୍ବତଟରେ ଖଡ୍ଗହସ୍ତରେ ଦଣ୍ଡାୟମାନ। ପୁରୁଙ୍କର ଗଜଅଶ୍ୱାଦି ଚାହିଁ ରହିଛନ୍ତି ଗ୍ରୀସ୍ ମାସିଡୋନିଆର ସେନାମାନଙ୍କୁ। ସିନ୍ଧୁନଦୀର ଶାଖାଟି ଏମିତି ପଥରୁଦ୍ଧ କରିଛି, ପାରହେବା ତ ଅସମ୍ଭବ, ପାର ହୋଇଗଲେ, ପୁରୁଙ୍କର ଶାଣିତ ତରବାରିରେ ଶରୀରରୁ ଶିର ବିଚ୍ଛିନ୍ନ ହୋଇଯିବ। ସମ୍ମୁଖ ଯୁଦ୍ଧରେ ବିଜୟର ଆଶା କ୍ଷୀଣ ମନେହେଲା ବିଶ୍ୱବିଜୟ କାମନା ରଖିଥିବା ଆଲେକଜାଣ୍ଡରଙ୍କର। ସମସ୍ତ ଯୁଦ୍ଧକଳାରେ ଭୂଷିତ ତାଙ୍କର ଅପରାଜେୟ ସେନାଧ୍ୟକ୍ଷ ନଦୀପାରି ହେବାର ଅନୁମତି ପାଇଲେ ନି ଆଲେକଜାଣ୍ଡରଙ୍କ ପାଖରୁ। ରାଜା କହିଲେ ବିଷୟ ଗୁରୁତର। ସମ୍ମୁଖ ଯୁଦ୍ଧରେ ଆହତ ହେବା ଅପେକ୍ଷା, କପଟ ଯୁଦ୍ଧର ପ୍ରୟୋଗ ଅତ୍ୟାବଶ୍ୟକ।

ଅନେକ ଗୁଡିଏ ଆଲେକଜାଣ୍ଡର ଦେଖାଦେଲେ ପଶ୍ଚିମତଟରେ। ସତର୍କ ପୁରୁସେନା ନିର୍ନିମେଷ ନୟନରେ ପଶ୍ଚିମ ତଟରେ ଦୃଷ୍ଟି ରଖିଥିବା ଅବସରରେ ମୂଳ ଆଲେକଜାଣ୍ଡର ତଟରେ ଚାଲିଲେ ଉପରମୁଣ୍ଡକୁ, ଖୋଜି ପାଇଲେ ନଦୀ ପାରିହେବାର ସୁଗମ ରାସ୍ତା, ଉପରୁ ତଳମୁଣ୍ଡକୁ ଆସି ପୁରୁଙ୍କ ସେନାଙ୍କୁ ବିସ୍ମୟଜନକ ଭାବରେ ପରାଜିତ କଲେ।

କେତେ ପୁରାତନ କାଳର କଥା, ନନ୍ଦରାଜା କଳିଙ୍ଗ ଆକ୍ରମଣର ଅବ୍ୟବହିତ ପୂର୍ବରୁ, ସେଇ ଆଲେକଜାଣ୍ଡରଙ୍କର ତ ବୁଦ୍ଧିଥିଲା, ପୁରୁଙ୍କୁ ପରାସ୍ତ କରିବାପରେ ତାଙ୍କ ସହିତ କିପରି ବ୍ୟବହାର କରାଯିବ ବୋଲି ସେ ପଚାରିଥିଲେ, ପରିଶେଷରେ ତାଙ୍କୁ ସେଠିକାର ପ୍ରଶାସକ ବା ସଟ୍ରାପ୍

ଭାବରେ ନିଯୁକ୍ତି ଦେଇଥିଲେ। କେତେ ସାହସିକ ନିଷ୍ପତ୍ତି ! କିନ୍ତୁ ମଗଧର ନନ୍ଦ ଓ ମୌର୍ଯ୍ୟ ଯୁଦ୍ଧରେ ନିର୍ଦ୍ଦୟ ହୋଇ ଅମାନୁଷିକ ଭାବରେ ନିଃଶେଷ କଲେ କଳିଙ୍ଗସେନା ଓ ଅଧିବାସୀଙ୍କୁ।

ଆଲେକଜାଣ୍ଡର ପୁରୁଙ୍କ ସହ ପରାମର୍ଶ କଲେ, ଭାରତବର୍ଷର ପୂର୍ବଭାଗ ଆକ୍ରମଣ ପାଇଁ ଉପଯୋଗୀ କି ନା। ସେନାପତି ମାନଙ୍କ ସହିତ ଶୁଣିଲେ, ଗଙ୍ଗାକୂଳଯାଏ ଗତି ସମ୍ଭବ, ଯୋଜନ ଯୋଜନ ପ୍ରଖର ଜଳସ୍ରୋତ ପାରି ହେବାବେଳକୁ ମଗଧ କିମ୍ବା କଳିଙ୍ଗ ରାଷ୍ଟ୍ରର ଲକ୍ଷ ଲକ୍ଷ ଗଜସେନା ଛିନଛତ୍ର କରି ପକାଇବା ସାର ହେବ। ବିଶ୍ୱବିଜୟର ଅଦମ୍ୟ ଆକାଂକ୍ଷାକୁ ମନରେ ମାରି ଗୃହ ପ୍ରତ୍ୟାବର୍ତ୍ତନ କରିବାର ନିର୍ଣ୍ଣୟ ନେଲେ ତାଙ୍କର ଅଭିଜ୍ଞ ସାମରିକ ସେନାଧକ୍ଷ। ଆଲେକଜାଣ୍ଡର ପଛମୁହାଁ ହୋଇ ଫେରି ଚାଲିଲେ।

ଆଉ କଳିଙ୍ଗ ! ଯାହାର ରାଜାଙ୍କୁ ଅହୋରାତ୍ର ଜଗି ବସିଥାନ୍ତି ସତୁରି ସହସ୍ର ପଦାତିକ, ଏକ ସହସ୍ର ଅଶ୍ୱାରୋହୀ ଓ ସାତ ଶହ ଗଜାରୋହୀ, ତାଙ୍କୁ କିଏ ଅନେଇବ ? ତାକୁ ମିଶାଇ ଗଙ୍ଗା ଓ ଗୋଦାବରୀ ଧାରକୁ ଛାଡି ଅଭ୍ୟନ୍ତରର ଅସଂଖ୍ୟ ଜଳଧାରା, ଘଞ୍ଚ ବନାନୀ, ପର୍ବତାଞ୍ଚଳ— ଏହାକୁ କିଏ ଭେଦିବ ?

ଜ୍ଞାନଲୋକାନନ୍ଦ ଚକିତ ହେଲେ ସେତେବେଳେ ଖାରବେଳଙ୍କର ମୁଖମଣ୍ଡଳର ଆଭାସ ଦେଖି। ଯିଏ ଚକିତ ହୋଇ ଗୋଟି ଗୋଟି ପଦ ଶୁଣି ଚାଲିଥିଲେ, ସେ ପୁଣି କିପରି ଏମିତି ଆନନ୍ଦର ହସ ଫୁଟାଉଛନ୍ତି ? କାରଣ ପଚାରିଛନ୍ତି ବୀର ରାଜପୁତ୍ର ଖାରବେଳଙ୍କୁ।

ରାଜପୁତ୍ର ସହାସ୍ୟ ବଦନରେ କହନ୍ତି, "ମୁଁ ଯଦି ଆଲେକଜାଣ୍ଡର ହୋଇଯିବି !"

ଗୁରୁଦେବ ପଚାରିଲେ, "ତା ହେଲେ, ତୁମେ କଅଣ କରିବ ?"

ରାଜପୁତ୍ର ଦୃଢ ସ୍ୱରରେ ଉତ୍ତର ଦେଇଥିଲେ, "ମୋ ପାଖରେ କଳିଙ୍ଗ ହାତୀ ବହୁତ ଥିବ। ମୁଁ କାହା ହାତୀକୁ କାହିଁକି ଡରିବି ? ବହୁ ସୈନ୍ୟ ଧରି ଚାଲିବି। ଶତ୍ରୁ ଡରିବ !"

ଆଉ ଦିନେ ସେମିତି ଉତ୍ସୁକ ରାଜକୁମାର କଳିଙ୍ଗନଗରୀର ଅନତିଦୂର ସୌରଭଗିରି ପ୍ରାତଃ ଭ୍ରମଣରେ ଯାଇଥାନ୍ତି, ନିକଟ ଅତୀତରେ ଘଟିଯାଇଥିବା ବିରାଟ ବାତ୍ୟା ଓ ଭୂସ୍ଖଳନରେ ଧ୍ୱସ୍ତ ପାହାଡର ପାଦଦେଶଟି ବିଦୀର୍ଣ୍ଣ ଦିଶୁଥାଏ। କାହିଁକି କେଜାଣି ଦୟାନଦୀ ପଠାଟି ରାଜପୁତ୍ର ଖାରବେଳଙ୍କୁ ଆଲୋଡ଼ିତ କଲା। ନିସ୍ତବ୍ଧ କ୍ରନ୍ଦନ ଶୁଣିପାରିବାର ଭୟଙ୍କର ଅନୁଭୂତି ସୃଷ୍ଟି କଲା ନଦୀପଠା, ସୃଷ୍ଟି ହୋଇଥିବା ସବୁଜ ବନାନୀ କାହିଁକି ନିଃଶବ୍ଦରେ ଲୁହ ଗଡ଼ାଉଥିଲେ। ଶୁଣାଯାଉଥିଲା ଅନେକ କୋଳାହଳ, ଘୋଷରା ଓଟରା। ଅତୀତର ଅତୃପ୍ତ ଆତ୍ମା ଗୁଡିକର ବିଳାପ। ରାଜକୁମାର ବୁଝି ପାରିନଥିଲେ ଏହାର କାରଣ।

ଜିଜ୍ଞାସାର ସହ ପଚାରିଲେ - "ଗୁରୁଦେବ, ଏହି ସୌରଭଗିରି ଦୟାନଦୀ କୂଳ କାହିଁକି ଆମର ଗତିରେ ବାଧା ଦେଉଛି ? ବହୁ ଲୋକ କାହିଁକି ଏଠାରେ କ୍ରନ୍ଦନରତ ହେବାଭଳି ଶୁଭୁଛି ? ଅଦୃଶ୍ୟରେ କିଏ ଆମକୁ କିଛି କ୍ରନ୍ଦନ କରି ଶୁଣାଇବାକୁ ଚେଷ୍ଟା କରୁଛନ୍ତି ? ଆପଣ ଶୁଣି ପାରୁ ନାହାନ୍ତି ?"

ଉତ୍ତର ରଖିଲେ ଗୁରୁଦେବ - "ହଁ, ଶୁଣି ଶୁଣି ମୋ ଜୀବନ କଟିଲାଣି। ଆଜି ଦିନରେ ଆସିଛି ଯୁବରାଜଙ୍କୁ ଶୁଣାଇବାକୁ। ରାଜମହଲରୁ କଡ଼ା ନିର୍ଦ୍ଦେଶ ଥିଲା, କେବେ ବି କାନରେ ପକାଇବନି ଯୁବରାଜଙ୍କର। ଶୁଣାଇବନି ଚଣ୍ଡାଶୋକର କଳିଙ୍ଗ ତାଣ୍ଡବ। ଜଣାଇବନି ନିର୍ଦ୍ଦୟ ମଗଧର ଅମାନୁଷିକ ଆକ୍ରମଣ, ଭଡ଼ାଟିଆ ପଶ୍ଚିମା ନରଭକ୍ଷୀ ବାହିନୀର କ୍ଷୁଧା। କଳିଙ୍ଗନଗରୀ ରିକ୍ତ ହୋଇଗଲା ପଛେ, ଶରଣ ପଶିଲାନି ଚଣ୍ଡାଶୋକର। କଳିଙ୍ଗ ସମରରେ କେବଳ କୌଶଳୀ ସୈନ୍ୟବାହିନୀ ନୁହେଁ, ମା ଆଉ ମାଟି ପାଇଁ ଆବାଳ ବୃଦ୍ଧବନିତା ନିଜର ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ମଗଧ ଶକ୍ତିର ପ୍ରତିରୋଧ କରିଥିଲେ। ଅନ୍ତର୍ଦ୍ଧାନ ହେଲେ କଳିଙ୍ଗ ନୃପତି ଅନନ୍ତ ପଦ୍ମନାଭ। କଳିଙ୍ଗ ଯୁଦ୍ଧଜନିତ ମୃତ୍ୟୁ, ଗୃହଦାହ, ସମ୍ପତ୍ତିହାନି ପରି ବିପତ୍ତିରେ ଜର୍ଜରିତ। କଅଣ କଳିଙ୍ଗ ସରିଗଲା ? ଇତିହାସରୁ ବିଲୁପ୍ତ ହେବାର ମୁହୂର୍ତ୍ତରେ ପଡ଼ିଗଲା ! ନାଁ, ଏ ମାଟି ଅମର, କାଳଜୟୀ !"

କହିଚାଲିଛନ୍ତି ଗୁରୁଦେବ, "ତେବେ ପିତାଶ୍ରୀଙ୍କ ଆଦେଶ ପାଳନ କରିବାକୁ ବାଧ୍ୟ। କାଳେ ବାଳୁତ କାଳରୁ ମନ ଭାଙ୍ଗିଯିବ, ଯୁଦ୍ଧ କରିବାକୁ ସ୍ପୃହା ଚାଲିଯିବ। ଆଜି ତ ରାଜକୁମାର ବୁଝିଗଲେଣି ନିଜ ମାଟିର ସାମରିକ ଶକ୍ତି, ମାଟିର ସନ୍ତାନଙ୍କର ଦଢ଼ ମାନସିକତା। କଳିଙ୍ଗ ଶକ୍ତିକୁ ତୁଳନା କରନ୍ତି ଭାରତବର୍ଷର ବୃହତ୍ ସାମରିକ ଶକ୍ତି ସହିତ। କଳିଙ୍ଗର ଚତୁରଙ୍ଗ ସେନାନୀ ଗଠନରେ ମନ ଦେଇଛନ୍ତି। ମଗଧ କି ସାତକର୍ଣ୍ଣୀ ସେନା ତୁଳନା କରି ବାରମ୍ବାର ଅଶ୍ୱ, ଗଜ କି ରଥ ଗଣନା କରନ୍ତି। ତାଙ୍କୁ ଚଣ୍ଡାଶୋକର ରକ୍ତପିପାସା ଶୁଣାଇବାରେ ଏବେ କୌଣସି ବିପଦ ନାହିଁ।

ଗୁରୁଦେବ କହିଚାଲିଛନ୍ତି, "ଏଇଟା କଳିଙ୍ଗ ରାଜ୍ୟର ଉତ୍ସର୍ଗ କ୍ଷେତ୍ର। କେତେ ପୁରୁଷ ପୂର୍ବରୁ ବହୁ କଳିଙ୍ଗ, ମଗଧ ଓ ଯବନ ସେନା ଏଠାରେ ରକ୍ତର ସୁଅ ଛୁଟାଇଥିବାର ବାର୍ତ୍ତା ଶୁଣିବାକୁ ମିଳେ। କିଏ ଜାଣେ ପ୍ରକୃତ ପରିସ୍ଥିତି କଅଣ ଥିଲା, କେବଳ ଶିଳା ରଚନା ଏହାର ସୂଚନା ଦିଏ। ଆମର ରାଜ୍ୟର ନିଯୁକ୍ତ ସାମୟିକ ମାନେ ସମୟର କେତେ ସମ୍ବାଦ ମନେ ରଖିଛନ୍ତି। କଳିଙ୍ଗ ସମର। ଆଜିଠାରୁ ଦୁଇଶ ବରଷ ତଳର।

ବିରସ ହୋଇ ଆସିଲା ରାଜକୁମାରଙ୍କ ମୁଖମଣ୍ଡଳ। ଲୋମ ଟାଙ୍କୁରି ଉଠିଲା। ସତେକି ନିଜ ପରିବାରକୁ କୌଣସି ଆତତାୟୀ ଜଘନ୍ୟ ଭାବରେ ହତ୍ୟା କରିବାର ଖବର ଶୁଣିଲେ !

ଅନେକ ସମୟ ପରେ ପ୍ରକୃତିସ୍ଥ ହେଲେ ରାଜକୁମାର ଖାରବେଳ।

ସୌରଭଗିରି ଉପରେ ଉପନୀତ ଗୁରୁ ଛାତ୍ର। ପାହାଡ଼ରେ ଚଢ଼ି ରାଜପୁତ୍ର ଶିଳାନିର୍ମିତ ଅଧାହାତୀଟି ଦେଖି ଗୁରୁଦେବଙ୍କୁ ପଚାରନ୍ତି, "ଏହି ହାତୀଟି ପାହାଡରେ ଲାଖିରହିଛି, ସମ୍ପୂର୍ଣ୍ଣ ନିର୍ଗତ ହେବାରେ ଶିଳ୍ପୀମାନେ କାହିଁକି ପରାଂମୁଖ ହେଲେ ? ହାତୀର ଲାଞ୍ଜଟି ମୋତେ କେତେ ସୁନ୍ଦର ଦିଶେ, ପଥର ଭିତରେ ରହିଗଲା !"

ଗୁରୁଦେବ ଉତ୍ତର ଦେଲେ, "ଏଇଟି ମଗଧ ସମ୍ରାଟ ଦୁଷ୍ଟ ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କର ନୂତନ ଧାର୍ମିକ ଜୀବନ ଲାଭ କରିବାର ସ୍ମାରକ। ତାଙ୍କ ତିନି ପୁରୁଷର ଦୁର୍ଜୟ କଳିଙ୍ଗକୁ ଯୁଗ କେତେଟା ପାଇଁ କବଳିତ କରିଥିଲେ। ସେଇ ଦୃଶ୍ୟ ବଡ଼ ବୀଭତ୍ସ। ମହାଭାରତ ଠାରୁ ବି କଦର୍ଯ୍ୟ ! କଳିଙ୍ଗ ବିଜୟ ସିନା କଲେ, ନରହତ୍ୟା ଅନୁତାପରେ ଧର୍ମ ସଂକଟରେ ପଡିଗଲେ। ଧର୍ମଭୟ ଘାରିଲା ସେଇ ଚଣ୍ଡମନକୁ। ଏହି ତୋଷାଳିରେ

ବିଶିଷ୍ଟ ଧର୍ମବିତ୍ ହିଁ ତାଙ୍କ ମାନସିକ ବ୍ୟଥା ଦୂର କରି ବୁଦ୍ଧଙ୍କ ଦୀକ୍ଷାରେ ଅନୁପ୍ରାଣିତ କରିଥିଲେ।

ଯିଏ ନିଜର ଛଅ ଭାଇମାନଙ୍କୁ ରାଜ୍ୟଲାଭ ପାଇଁ ହତ୍ୟା କରିଥିଲେ, ସିଏ ପୁଣି କଳିଙ୍ଗର ଓ ନିଜର ସେନାବାହିନୀର ରକ୍ତସ୍ରାବରେ କିପରି ବିଚଳିତ ହେଲେ ତାହା ଆହୁରି ଗୋଟିଏ ବିସ୍ମୟ। ଦକ୍ଷିଣହସ୍ତରେ ଶିରଚ୍ଛେଦନ କରି ବାମ ହସ୍ତରେ ପୁତ୍ରବତ୍ ପାଳିବାର ଘୋଷଣାନାମା ବି କଳିଙ୍ଗବାସୀଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା। ତା ସହିତ କଳିଙ୍ଗର ପଶ୍ଚିମ ଦିଗର ବିଦ୍ୟାଧର ଅବା ଅତାଭିକା ରାଜ୍ୟବାସୀଙ୍କର ଧନୁଶର ଭୟ ତାଙ୍କର ନିଦ ହଜାଇ ଦେଇଥିଲା।

ଆଉ ଗୋଟିଏ ଦିନର କଥା ମନେପଡେ ଗୁରୁଦେବଙ୍କର। ଦିନେ କଳିଙ୍ଗନଗରୀରୁ ରାଜପୁତ୍ର ଖାରବେଳ ଅଶ୍ୱାରୋହଣ କରି ଧର୍ମକାର୍ଯ୍ୟରେ କୁମାରୀଗିରି ଯିବାବେଳେ ତୋଷାଳିର ଗୋଟିଏ ମାଟିକୁଦ ପାଖରେ ରହିଗଲେ, ଅନୁସନ୍ଧିତ୍ସୁ ମନ ତାଙ୍କର ଗୋଟିଏ ଦୁଇଟି ପଥର ଉପରେ ରହିଗଲା। ସମ୍ଭବତଃ ଏହି ତୋଷାଳିରେ ଅସଂଖ୍ୟ ଛୋଟବଡ଼ ବୌଦ୍ଧସ୍ତୂପ ଦୁଇଶ ବର୍ଷ ଆଗରୁ ନିର୍ମିତ ହୋଇଥିଲା, ସେଇ ଅଶୋକବର୍ଦ୍ଧନ ତିଆରି କରିଥିଲେ। କିନ୍ତୁ ଏହା ତିଆରି କରିବାରେ ଏତେ ଦକ୍ଷତା ନ ଥିଲା କାରିଗର ମାନଙ୍କର, ସବୁ ସ୍ତୂପଗୁଡିକ ଭାଙ୍ଗିରୁଜି ଗଲା, ଯାହା ବି କିଛି ରହିଥିଲା, ତାହା ବିଗତ ବିଶାଳ ବାତ୍ୟା ଓ ଭୂସ୍ଖଳନ ଫଳରେ ତୁଟିଗଲା, ପୋତିହୋଇଗଲା। ଏହା ତ କୁମାରୀଗିରିର ପଥର। ତୋଷାଳିକୁ ପଥର ଆସିବ ବା ଆଉ କୋଉଠୁ। କେବଳ ନିକଟସ୍ଥ କୁମାରଗିରି ବା କୁମାରୀଗିରିରୁ। କୁମାରୀଗିରିର ଜୈନ ଅର୍ହତ ମାନେ ଆତ୍ମଗୋପନ କରୁଥିବେ। କଳିଙ୍ଗ ସମର ବେଳେ କୁମାରୀଗିରି ଜୈନ ଅର୍ହତମାନେ ଯେ ସୁରକ୍ଷିତ ଥିଲେ, ଭାବିବା ଅମୂଳକ। ସେମାନେ ବି ଜୈନଧର୍ମୀ କଳିଙ୍ଗର ଉତ୍ସ ହିସାବରେ ଚଣ୍ଡାଶୋକର ନରଖାଦକ ପଶ୍ଚିମା ଯବନଙ୍କ ନିରୀହ ଶିକାର ପାଲଟିଥିବେ। ଧର୍ମ ବି କଳିଙ୍ଗ ଯୁଦ୍ଧର କାରଣ ହୋଇପାରିଥାଏ। ଏଗୁଡିକର ଉତ୍ତର ପାଇଁ ଯୁବରାଜ ଖାରବେଳଙ୍କ ଅନୁସନ୍ଧିତ୍ସୁମନ ବ୍ୟାକୁଳ ହେଉଥିଲା।

ଅଶୋକବର୍ଦ୍ଧନ ମୌର୍ଯ୍ୟ ଯେତେବେଳେ ବୌଦ୍ଧଧର୍ମ ଗ୍ରହଣକଲେ, ସେଇଟା ଏଇ କଳିଙ୍ଗ ବକ୍ଷରେ। କାରଣ ତାଙ୍କର ପିତା, ପିତାମହ ସବୁ ଥିଲେ ଜୈନ ଧର୍ମାବଲମ୍ବୀ। ତାଙ୍କର ଜୈନଧର୍ମ ପ୍ରତି ଏତେଟା ଆକର୍ଷଣ ନଥିଲା। ଯେଉଁ ଚଣ୍ଡାଶୋକଙ୍କ ଭୋଜନ ଦିନକୁ କେତେଟା ହରିଣ ଓ ମୟୂର ମାଂସରେ ପ୍ରସ୍ତୁତ ହୁଏ, ସିଏ କି ଜୀବଧର୍ମୀ ଜୈନଧର୍ମ ଆଦରି ପାରିବ ଓ ଆଚରି ପାରିବ ?

ତୋଷାଳିରେ କଳିଙ୍ଗଯୁଦ୍ଧ ବିଭୀଷିକା ପରେ ପିୟଦସି ଅଶୋକବର୍ଦ୍ଧନ ଖୋଜିବୁଲିଛନ୍ତି ଧର୍ମ, ମାନବଧର୍ମ, ପ୍ରାୟଶ୍ଚିତର ଧର୍ମ। ଜାଣିପାରିଛନ୍ତି, ସେ ଅଧର୍ମର ଚରମ ସୀମାରେ ଉପନୀତ। ଜଣେ ଧର୍ମଦ୍ରୋହୀ। ଧର୍ମଭୟ ଉଦ୍ରେକ ହେଲା। ନିଦ ହଜିଗଲା ପରଜନ୍ମ ବିଷୟରେ। ସେ ପରଜନ୍ମରେ ଦୃଢବିଶ୍ୱାସୀ।

ଏହି ଧର୍ମପ୍ରସୂ କଳିଙ୍ଗ ହିଁ ତାଙ୍କ ଜ୍ୱଳନ୍ତ ମାନସିକ ପିଣ୍ଡକୁ ଶୀତଳ କରିପାରିବ। କପିଳବାସ୍ତୁରେ ଜନ୍ମିତ ଜ୍ଞାନାଲୋକିତ ବୁଦ୍ଧଦେବଙ୍କ ମାନବିକତାର ଆଧାରରେ ସିଏ ଜୀବନରେ ଶାନ୍ତି ପାଇବେ, ତାହାର ପ୍ରତିଦାନରେ ସୌରଭଗିରିରେ ଗଢ଼ିଦେଲେ ଗୋଟିଏ ଧଳାହାତୀ। ପାହାଡର ପଥରରୁ ନିର୍ଗତ ହେଉଥିବା ଐରାବତ, ଯାହାକୁ ଗୌତମ ବୁଦ୍ଧଙ୍କର ମାତା ମାୟାଦେବୀ ଦିନେ ଗର୍ଭାବସ୍ଥାରେ ତାଙ୍କ ଉଦର ଗର୍ଭକୁ ପଶିଯିବାର ସ୍ୱପ୍ନ ଦେଖିଥିଲେ। ସେଇ ଧର୍ମଦୂତଙ୍କୁ 'ସେତୋ' ବା 'ଶ୍ୱେତ' ନାମକ ହାତୀ ଭାବରେ ଗଢି ବିକ୍ଷୁବ୍ଧ କଳିଙ୍ଗର ଆତ୍ମାକୁ ଶାନ୍ତି ଦେବାକୁ ସ୍ୱତନ୍ତ୍ର କଳିଙ୍ଗ ଶିଳାଲିପି ଖୋଦନ କରିଥିଲେ।

ତୋଷାଳି ନଗରୀରେ ଅସଂଖ୍ୟ ସ୍ତୂପ ଗଢ଼ିଦେଲେ । ସେଇଟା ବୁଦ୍ଧଙ୍କ ପ୍ରତି ତାଙ୍କର ସମ୍ମାନ, ମାନବିକତାର ଆଲୋକ ପାଇଥିବା ଧର୍ମାଶୋକଙ୍କ ପ୍ରାୟଶ୍ଚିତ, କୁଠାରାଘାତ କରିଥିବା କଳିଙ୍ଗବାସୀଙ୍କୁ ଯୁଦ୍ଧଯନ୍ତ୍ରଣାରୁ ମୁକ୍ତ କରିବାର ରାଜନୈତିକ ଘୋଷଣା !

ରାଜକୁମାର ବିଷଣ୍ଣ ହୋଇପଡିଲେ ଏମିତି ଜଣେ କଳିଙ୍ଗ ପ୍ରତାରକ ମଗଧ ନୃପତି ବିଷୟ ଶୁଣିବା ପରେ। ଅନ୍ୟମନସ୍କ ହୋଇ ପଡିଥିଲେ ସେଦିନ ଦୁଃଖରେ। ଅତୀତର ଅବା କି ପ୍ରତିଶୋଧ ସମ୍ଭବ ?

ଖାରବେଳଙ୍କର ନାବଗୁରୁ କଳିଙ୍ଗୋଦ୍ଭବ ସେହି ମହାସଭାରେ ଉପସ୍ଥିତ ଥିଲେ। ନୌବିଦ୍ୟାରେ ସିଏ ଶିକ୍ଷା ଦେଇଛନ୍ତି ରାଜକୁମାର ଖାରବେଳଙ୍କୁ। ଏବେ କିନ୍ତୁ ଗଭୀର ଚିନ୍ତାମଗ୍ନ। ଦୁଇବର୍ଷ ତଳେ କଳିଙ୍ଗୋଦ୍ରରେ ବିଶାଳ ସମରରେ ବିଜୟୀ ବୀର ଖାରବେଳ। ଆଜି କେଉଁ କାରଣରୁ ରାଜମୁକୁଟ ଓହ୍ଲାଇବାକୁ ଆଗଭର ହେଉଛନ୍ତି, ତାଙ୍କର ବିସ୍ମୟର କାରଣ ସାଜିଛି। କଳିଙ୍ଗର ଚଳଚଞ୍ଚଳ ବେଳାଭୂମି ଆଉ ଖାରବେଳଙ୍କର ନୌବିଦ୍ୟା ଲାଭ ସମୟର ଘଟଣା ସ୍ମୃତି ତାଙ୍କର ମନରେ ଖେଳି ଯାଉଛି ।

ପିତାମହଙ୍କର ବିଶେଷ ଆଗ୍ରହ, ଖାରବେଳଙ୍କର ସାଗର ପରିଚିତି, ନାବଚାଳନା, ନୌବହର ଓ ନୌବାଣିଜ୍ୟ ବିଷୟରେ ସବୁକିଛି ଜାଣିବା ଦରକାର। ନୌବିଦ୍ୟା କଳିଙ୍ଗର ଆଦର୍ଶ। ଏହା ଅନନ୍ତ କାଳରୁ ଏହି ଭୂମିର ମୂଳବେଉସା ହୋଇ ରହିଛି। ରାଜା ଓ ରାଜ୍ୟ ପ୍ରଶାସକ ନିଜ କାମରେ ବ୍ୟସ୍ତ ଥିବାବେଳେ, ଚିଲିକା ବକ୍ଷରେ ନିଯୁକ୍ତ ଅସଂଖ୍ୟ କାରିଗର ନୂତନ ନୂତନ ଧାରାରେ ପୋତ ନିର୍ମାଣରେ ବ୍ୟସ୍ତ। କେତେ ପୁରୁଖା ନାବିକ ନିଜର ଅଭିଜ୍ଞତାମତେ ସମସ୍ତ କାଠ, ଦଉଡି, ଚକ, ଅଖ ପାଲ, ମେରୁଦଣ୍ଡ, ଦଣ୍ଡ, ଚକ୍ର ସବୁର ନୂତନ ପ୍ରୟୋଗ କରି ଚାଲିଛନ୍ତି। ଏ ସବୁ ନିଜ ଜୀବନଯାକର ଆଖିଦେଖା ଅଙ୍ଗେଲିଭା କଥା। କୋଉଠି ସାଗରରେ ଭଉଁରିରେ କିଏ ପଡିଗଲା କି ବାଟବଣା ହୋଇଗଲା, ତାହାର ତ ପ୍ରତିକାର ରହିଛି। ପୁରୁଖା ଲୋକଙ୍କର କଥା ଶୁଣିବାକୁ ନୂଆ ନାବିକମାନେ କାନ ଡେରି ଶୁଣନ୍ତି। ସେଇ ବଣିଜରୁ ଲକ୍ଷ୍ମୀ ଆସୁଛନ୍ତି କଳିଙ୍ଗ। କଳିଙ୍ଗୋଦ୍ର ଯେ ଲକ୍ଷ୍ମୀଙ୍କ ପିତ୍ରାଳୟ, ଏହା କହିବା ବାହୁଲ୍ୟ ମାତ୍ର।

ମୌର୍ଯ୍ୟଶାସନରେ କୌଟଲ୍ୟ ଅର୍ଥନୀତିର ବହୁ ନୌବାଣିଜ୍ୟ ଓ ଶୁଳ୍କ ବିଷୟ ରଚିତ ହୋଇଛି, କିନ୍ତୁ କିଛି ପଣ୍ୟ ଆମଦାନୀ ବ୍ୟତୀତ ମୌର୍ଯ୍ୟ ସାମ୍ରାଜ୍ୟର ପଶ୍ଚିମ ସାଗରରେ ସେମିତି ନୌବାଣିଜ୍ୟ ନାହିଁ। ଭାରତର ଯଦି ସବୁଠାରୁ ବେଶି ବଡ଼ ଯାତ୍ରୀବାହୀ ପୋତ କେଉଁଠି ଅଛି, ତାହା ସବୁ କଳିଙ୍ଗର। କେରଳପୁତ୍ର ଓ ପାଣ୍ଡ୍ୟ ମାନଙ୍କର ମୁହଁ ପଶ୍ଚିମକୁ, ରୋମ୍ ଆଡକୁ। ପୂର୍ବଦିଗରେ କଳିଙ୍ଗର ଗତି ସୁବର୍ଣ୍ଣଭୂମି ଜାଭା, ସୁମାତ୍ରା,

ଚମ୍ପା ଓ ବାଲିଦ୍ୱୀପକୁ । କେବେ ଯେ କଳିଙ୍ଗରେ ବାଳି ନାମରେ ଜଣେ ରାଜାଥିଲେ, ସାଗର ଯାତ୍ରାକରି ରାଜ୍ୟ ପ୍ରତିଷ୍ଠା କରିଥିଲେ ଯେଉଁ ଦ୍ୱୀପରେ, ତାହାର ନାମ ହୋଇଛି ବାଲିଦ୍ୱୀପ । କେଜାଣି କାହିଁକି କଳିଙ୍ଗ ଓ ବାଲିଦ୍ୱୀପ ଅତି ଅନ୍ତରଙ୍ଗ ।

ଅଶୋକବର୍ଦ୍ଧନଙ୍କ ଅମଳରେ ତାଙ୍କର ଜଣେ ପ୍ରତିନିଧି ମୁଣ୍ଡଗଣତି କରୁଥିଲେ ସୁବର୍ଣ୍ଣଦ୍ୱୀପରେ । କୋଉଠୁ କେତେ ପୋତ ଏଠାକୁ ଆସି ପହଞ୍ଚୁଛି । ସେଇ କଳିଙ୍ଗ । ଯୁଗଯୁଗ ଧରି ପରସ୍ତ ପରସ୍ତ ନୌଭେଳା, ବୋଇତ, ପଣ୍ୟପୋତ ପଠାଇ ସର୍ବ ପ୍ରଥମ ଓ ମୁଖ୍ୟ ସ୍ଥାନ ଅଧିକାର କରିଛି । ସେତିକି ନୁହେଁ, କଳିଙ୍ଗର ତାମଲୁକ୍ (ତାମ୍ରଲିପି) ବନ୍ଦରରେ ସାରା ଭାରତର ପଣ୍ୟ ସୁବର୍ଣ୍ଣଭୂମିକୁ ରପ୍ତାନି ପାଇଁ ଆସେ, ସେଠାରେ କଳିଙ୍ଗର ଆଧିପତ୍ୟ ରହିଛି । ମଗଧ ନିଜକୁ ବିରାଟ ମନେକରି ଆତ୍ମଗର୍ବରେ ବିଭୋର ହୋଇପାରେ, କିନ୍ତୁ କଳିଙ୍ଗ ପୋତାଶ୍ରୟରେ ଚଳିବାକୁ ବାଧ୍ୟ । ମଗଧର ଅଜସ୍ର ବଳ ରହିଛି, କଳିଙ୍ଗର ଛଅ ଗୁଣା କି ଅଧିକ ବୋଲି ପଣ୍ଡିତମାନେ କଳନା କରନ୍ତି । କିନ୍ତ ତାମଲୁକ୍ ଠାରେ ଯୋଡ଼ହସ୍ତ ।

ଚଣ୍ଡ ଅଶୋକବର୍ଦ୍ଧନ ଦିନେ ଆକର୍ଷିତ ହୋଇ ପଡିଲେ, ଏହି ପୋତାଶ୍ରୟଗୁଡିକୁ କିପରି ମଗଧର ହୋଇ ପାରିବ !

ଦେଶର ଅଭ୍ୟନ୍ତରରେ ଥାଇ ବେଳାଭୂମି ପାଇଁ ଆଶା କରିବା ନିରର୍ଥକ । ଭାଗ୍ୟ ଓ ଭୂଗୋଳ ଯେତେବେଳେ ଉଦାସୀନ, ଏମିତ କେତେକାଳ ଜବରଦସ୍ତ ପୂର୍ବ ଉପକୂଳ ଦଖଲ କରିହେବ? କିନ୍ତୁ ଅଶୋକବର୍ଦ୍ଧନ ସହିପାରନ୍ତି ନି କଳିଙ୍ଗର ଦରିଆପାରି ମାନସମ୍ମାନ ଓ ପ୍ରତିପତ୍ତି । ଅସୂୟା ଆସେ ଏହି ସୀମିତ ସୀମାର କଳିଙ୍ଗ ପାଇଁକି । ଯିଏ ଯେତେ ମାଡ଼ିବସୁଛି, ଦିନ କେତେଟାରେ କଳିଙ୍ଗ ମୁକ୍ତ । ନନ୍ଦରାଜାଙ୍କ ଭାରତ ଚନ୍ଦ୍ରଗୁପ୍ତଙ୍କ ହାତମୁଠାକୁ ଆସୁଆସୁ କଳିଙ୍ଗ ଅନ୍ତର୍ଦ୍ଧାନ ! ଦୁର୍ଦ୍ଧର୍ଷ କଳିଙ୍ଗକୁ ଶାସନ କରିବା କାଠିକର ପାଠ । କରାୟତ୍ତ କରି ଟିକିଏ ମୁହଁ ବୁଲାଇଲେ, ବାସ୍, କଳିଙ୍ଗ ସ୍ୱାଧୀନ । ନିଜକୁ ମୁକ୍ତ କରିବାକୁ ଜୀବନ ଉତ୍ସର୍ଗ କରିବାକୁ ଜନତା ବି ଆଗଭର । ଇତିହାସରେ ଦି ଦି ଥର ସଂଘଟିତ ହୋଇ ସାରିଲାଣି ମଗଧର ହିଂସା, ଉପଦ୍ରବ ଆଉ ଦି ଦିଟା ଲୋମହର୍ଷଣକାରୀ ଯୁଦ୍ଧ ବିଭୀଷିକା ।

ମନ ମାରି ଠିଆ ହୋଇଛନ୍ତି ନାବଗୁରୁ କଳିଙ୍ଗୋଦ୍ଭବ । ମନେପଡ଼ି ଯାଉଛି ଖାରବେଳଙ୍କର ପିଲାଦିନର ଘଟଣାବଳୀ । ଥରେ ସିଏ ଖାରବେଳଙ୍କୁ ବାଲ୍ୟାବସ୍ଥାରେ ଦନ୍ତପୁର ନେଇ ଯାଇଥିଲେ । ଦନ୍ତପୁର ନିକଟରେ ନନିଗଉନ (ପୁରୀ) ପୋତାଶ୍ରୟ, କେବଳ କଳିଙ୍ଗର ପୁରାତନ ରାଜଧାନୀ ଭାବରେ ସେଠାରେ ପୋତାଶ୍ରୟ ରହିଛି, ଚିଲିକାର ପଶ୍ଚିମରେ ଋଷିକୁଲ୍ୟା ମୁହାଣର ପାଲୁର ପରି ବିଶାଳ ପୋତାଶ୍ରୟ ଅବସ୍ଥିତ । କୌଶଳ କ୍ରମେ ରାଜପୁତ୍ର ଖାରବେଳ ଗୋଟିଏ ପାଲଟଣା ହୁଲିଡଙ୍ଗାଟି ନେଇ ସାଗର ବକ୍ଷରେ । ଚମକି ପଡିଲେ ଗୁରୁଦେବ । କଳିଙ୍ଗର ପ୍ରାଣବିନ୍ଦୁ ସାଗର ଲହରିରେ ଦୋଦୁଲ୍ୟମାନ । ବୁଦ୍ଧି ହଜିଗଲା । ମୁଣ୍ଡରେ ହାତ ଦେଇ ସାଗରକୂଳରେ ବସି ପଡିଲେ । ପାଖରେ ଯେତେ ନାବିକ ଥିଲେ, ରାଜପୁତ୍ରଙ୍କୁ ଉଦ୍ଧାର କରିବାକୁ ବାଟବଣା ହୋଇ ନାବଟିଏ ଖୋଜି ପାଇଲେ ନାହିଁ । ଗୁରୁଙ୍କର ମନ ଅସ୍ଥିର ହେଲାଣି, ଅଣଚାଶ ପବନ ବୋହିବାପରି ଲାଗୁଛି, କଅଣ କହିବେ କଳିଙ୍ଗନଗରୀରେ । କଅଣ ଉତ୍ତର ଦେବେ ପିତାମହ ମହାମେଘବାହନଙ୍କୁ ?

ବହୁ ସମୟପରେ ଗୋଟିଏ ବିଶାଳ ପୋତ ନନିଗଉନକୁ ଆସିବାର ଦେଖାଦେଲା, ତାହା ଆସି କୂଳରେ ପହଞ୍ଚିବାପରେ ସେହି ପୋତରୁ ବାହାରି ଆସିଲେ ଖାରବେଳ । ପୋତର ସାଧବମାନେ ରାଜକୁମାରଙ୍କୁ ଚିହ୍ନି ପାରିଛନ୍ତି । ସେମାନେ ଖାରବେଳଙ୍କୁ ପାଛୋଟି ନେଇ ଆସିଲେ । ବାଳୁତ ରାଜପୁତ୍ର ପୋତର ନାବିକ ଓ ସାଧବଙ୍କୁ ଦେଖି ଅତି ଆନନ୍ଦରେ ସେମାନଙ୍କର ବିଦେଶଯାତ୍ରାର ଶୁଭାଶୁଭ ଶୁଣିବାକୁ ଆଗ୍ରହ ପ୍ରକାଶ କରିଥିଲେ, ଜାଣିଲେ କଳିଙ୍ଗ ସବୁଆଡକୁ ବ୍ୟାପ୍ତ, ସାଗରରେ ସବୁ ସ୍ଥାନରେ ବିଦ୍ୟମାନ, ଏମିତି କି କଳିଙ୍ଗର ଲୋକମାନେ ସୁବର୍ଣ୍ଣଦ୍ୱୀପରେ କଳିଙ୍ଗରାଷ୍ଟ୍ର ନାମ ଦେଇ ଅନେକ ଅଞ୍ଚଳ ନାମିତ କରିଛନ୍ତି । ସେମିତି ସୁମିତ୍ରାରେ ବି ସେମାନଙ୍କର ସଂଖ୍ୟା ସବୁଠାରୁ ଅଧିକ । ପାଣ୍ଡ୍ୟ, କେରଳ ଓ ସୌରାଷ୍ଟ୍ର ସବୁଆଡୁ ଲୋକ ଚେଷ୍ଟା କରୁଥିଲେ ବି କଳିଙ୍ଗ ସବୁଥିରେ ଆଗୁଆ । କଳିଙ୍ଗର ଧର୍ମ, କଥା ଓ ସାମାଜିକ କଳା ସବୁ ସେଠାରେ ବ୍ୟାପ୍ତ । ମନକୁ ମନ ଗର୍ବ ଆସୁଥିଲା ଖାରବେଳଙ୍କର । ଗତାନୁଗତିକ ଭାବରେ କଳିଙ୍ଗର ସ୍ଥିତି ସୁଦୃଢ ରହିଛି ଦେଶ ବାହାରେ । କଳିଙ୍ଗ ବି ବଞ୍ଚିଛି ଦେଶ ବାହାରେ; ନିଜ ଧର୍ମ ଆଉ କର୍ମରେ । କଳିଙ୍ଗର ବସ୍ତ୍ର, ତେଲ, ଲୁଣ, ନବାତ ଆଉ ଗୁଡ଼ର ଆଦର ରହିଛି ସେଠାରେ । କଳିଙ୍ଗର ଗୁଡ଼ ଭାରି ଗୁଡ଼ିଆ, ବହୁତ ମିଠା । ପୂର୍ବ ପ୍ରାଚ୍ୟ ସେଇ କଳିଙ୍ଗ ଗୁଡ଼ର ମଧୁର ଚାଖୁଛି । ସବୁ କଳିଙ୍ଗ ଦ୍ରବ୍ୟ ଆଦରଣୀୟ ହୋଇପାରିଛି । ବିନିମୟରେ ଚନ୍ଦନ, କର୍ପୂର, ଲବଙ୍ଗ, ଗରମ ମସଲା, ମଣି, ମୁକ୍ତା ଆଦି କଳିଙ୍ଗ ବୋଇତ ଭରି ଦେଉଛି ।

ଯୁବରାଜ ଖାରବେଳଙ୍କର ମନକୁ ସେତେବେଳେ ଆସୁଥିଲା, ଥରେ ସେଇ ବିଦେଶ ମାଟିରେ ଠିଆହୋଇ ସେଠାରୁ କଳିଙ୍ଗକୁ ମୁହଁକରି ଦେଖନ୍ତେ କି କଳିଙ୍ଗ କେତେ ସୁନ୍ଦର, ସବୁଜ ଆଉ କେତେ ବିଭବମୟ ! କେତେ ପ୍ରଶଂସ୍ୟ ମାତୃଭୂମି କଳିଙ୍ଗ !

*ସମାରୋହ, ୧୨୮, ଢୁମୁଢୁମା(କ),*
*ଖଣ୍ଡଗିରି, ଭୁବନେଶ୍ୱର-୩୦;*
*ଦୂରଭାଷ: ୯୪୩୮୦୦୭୫୦୯*

*କ୍ରମଶଃ...*




# ସହଜ ନୁହେଁ

ବିଦ୍ୟୁତ୍‌ପ୍ରଭା ଗନ୍ତାୟତ

ନୀଡ଼ ଫେରନ୍ତା ଦୁଇ ପକ୍ଷୀ
ଜଣେ ଯଦି ନିଷ୍ଠୁର ବାଣୁଆଁର
ଅକସ୍ମାତ ଶରରେ ଟଳିପଡ଼େ
ଆର ପକ୍ଷୀଟି କ'ଣ କରିବ ?

ଆକାଶ ପାତାଳ ଏକ କରି
ଗଳା'ଟା ଚିତ୍କାର କରିବ ନା
ବାଣୁଆଁକୁ ଅଭିଶାପ ଦେବ
ନା ମୃଗୁଣୀ ଭଳି ଈଶ୍ୱରଙ୍କୁ
ଜଣାଣ କରିବ !

ଘଡ଼ିକ ଆଗରୁ ଯା' ଆଖିରେ
ସ୍ୱପ୍ନ ଖୁନ୍ଦିହୋଇ ରହିଥିଲା
ସେ ଆଖିରେ ଅନ୍ୟଭାବ
ଉକୁଟିବା କ'ଣ ଏତେ ସହଜ
ବାଟ ଚାଲୁ ଚାଲୁ ବାଟ ଭାଙ୍ଗି
ବନସ୍ତରେ ପଶିଯିବା
ସଗୁଣ ସାକାର ପ୍ରେମ ଛଳଛଳ
ଭାବର ପ୍ରଦେଶରୁ ନିର୍ଗୁଣ
ନିରାକାର ଈଶ୍ୱରଙ୍କର
ଅକଳ୍ପନୀୟତାକୁ ଲମ୍ଫଡିଆଁ ମାରି
ନିଜର ଅସ୍ତିତ୍ୱ ହଜାଇ ଦେବା
ଏତେ ସହଜ ନୁହେଁ

ଜୀବନକୁ ଭୋଗୁ ଭୋଗୁ
ମଝି ରାସ୍ତାରେ କକ୍ଷଚ୍ୟୁତ ହୋଇ
ଅଜଣା କକ୍ଷଟିଏ ଖୋଜି ପାଇବା
କ'ଣ ଏତେ ସହଜ ହେବ ?
ମନେ ଅଛି ଖେଳରେ ଖେଳରେ

ବିଷ ଅମୃତ !

ଦିଶିଯାଏ କିଏ ଜଣେ
କିପରି ଅସ୍ତରାଗର ଆଲୁଅରେ
କେଉଁ ପୁରାତନ ଗୁମ୍ଫା ଭିତରକୁ
ପଶିଯାଏ ସମସ୍ତେ କହନ୍ତି ଧରି ହେବ
କିନ୍ତୁ ତାକର ପ୍ରତିଧ୍ୱନି
ପ୍ରତିଧ୍ୱନିତ ହୋଇ ଏକା ଏକା ଫେରେ
ଯିବା ଲୋକର ଜବାବ ମିଳେନା ।

*ଦୂରଭାଷ: ୭୯୭୮୬୨୮୨୨୦*

# ଅଭିନନ୍ଦନ ନବବର୍ଷ

ସୌଦାମିନୀ ମିଶ୍ର (ଦାଶ)

ନୂଆ ବରଷ ହେ ନୂଆ ବରଷ
ଘେନ ଏ ଅଭିନନ୍ଦନ
ସବୁରି ମନରେ ଭରିଦିଅ ତୁମେ
ସୁଖ ଶାନ୍ତି ସୁନା ସ୍ୱପ୍ନ ।

ଶୀତ ସକାଳର ଶିଶିର ବିନ୍ଦୁରେ
ଶୁଭ ଶଙ୍ଖ ହୁଳହୁଳୀ
ଗୀତ ବାଦ୍ୟ ବାଣେ ସ୍ୱାଗତ କରୁଛୁ
ଦେଇ ମିଠା କରତାଳି
ସ୍ୱର୍ଣ୍ଣ କିରଣର ରଙ୍ଗ ମୁରୁଜରେ
ପୁରି ଉଠୁ ଏହି ବିଶ୍ୱ
ସବୁଜ ସୁଷମା କୁହୁ କାକଳିରେ
ଭରିଯାଉ ପରିବେଶ ।

ଘୁଞ୍ଚିଯାଉ ଯେତେ ଅମା ଅନ୍ଧକାର
ଯୁଦ୍ଧର ସେ ବିଭୀଷିକା
ନିର୍ବାପିତ ହେଉ ରାଗ, ହିଂସା, ଈର୍ଷା,
ଅହଙ୍କାର ଅଗ୍ନି ଶିଖା ।

ଭରିଦିଅ ମନେ ଅପୂର୍ବ ଉତ୍ସାହ
ଶିଶୁ ହସ ସୁଲଭତା
ଭରିଦିଅ ନବ ସମ୍ଭାବନା ଯେତେ
ପ୍ରେମର ସେ ମାଦକତା ।

ଜୀବନର ପ୍ରତି ପଦକ୍ଷେପ ହେଉ
ମଧୁ ମନ୍ଦାକିନୀ ଧାର
ସ୍ନେହ ଶରଧାରେ ଉଚ୍ଛୁଳି ଉଠୁ ହେ
ପ୍ରତି ଘର ପରିବାର ।

ନୂତନ ଅରୁଣ ଆଶାର କିରଣେ
ସପନର ଫୁଲ ଫୁଟୁ
ଜଗତରେ ତୁମ ହେଉ ଜୟଗାନ
ପ୍ରୀତିର ମହକ ଛୁଟୁ ।

ସବୁ ଋତୁ ହେଉ ବସନ୍ତ ଏଇଠି
ସବୁ ରାତି ଜହ୍ନ ରାତି
ଏକତାର ସୂତ୍ରେ ବାନ୍ଧିଦିଅ ବିଶ୍ୱ
ଭରିଦିଅ ସୁଖ ଶାନ୍ତି ।

ତୁମ ଆଗମନ ଶୁଭପ୍ରଦ ହେଉ
ଉଦୟରାଗରେ ହସୁ
କୁସୁମିତ ହେଉ ଚଲାପଥ ଆମ
ଫଗୁଣ ଫଗୁଣ ବାସୁ ।

ଉଙ୍କିମାରି ଉଠୁ ବିଶ୍ୱାସର ବୀଜ
ପ୍ରେମରେ ପଡୁ ଉଛୁଳି
ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ
ବାଢୁଚି ଭକ୍ତି ଆଞ୍ଜୁଳି ।

*ସମ୍ପାଦିକା, ନିର୍ଝରଣୀ ସାହିତ୍ୟ ସଂସଦ*
*ସମ୍ପାଦିକା, ଶ୍ୱେତପଦ୍ମା ସାହିତ୍ୟ ସଂସଦ, ବ୍ରହ୍ମପୁର*
*ଦୂରଭାଷ: ୭୯୭୮୬୧୧୮୦୧*

# ସଜନୀ ଗୋ ଏ ନୂଆ ବର୍ଷରୁ

**ଚକ୍ରଧର ସାହୁ**

ସଜନୀ ସଜନୀ ସଜନୀ ଗୋ
ଏ ନୂଆ ବର୍ଷରୁ ଆଉ
ଉଦାସ ହୁଅନି
ଶାଶୁ ଦୁଃଖ ଭୁଲ
ମାଆ ସୁଖ ସ୍ମୃତିକୁ ଗଣ୍ଠେଇ
ଦାମ୍ପତ୍ୟ ସୁଖରେ ଆସ
ହେବା ମସ୍‌ଗୁଲ ।

ଚିନ୍ତିବାନି ଆଉ କାହା କଥା
ବୈରାଗ୍ୟ ବହି ଆସ
ଦେଖିବା ନିଜକୁ
ଖାଲି ଏକ ଆରେକକୁ
କର୍ତ୍ତବ୍ୟ ସାରିଛେ ଆମେ
ଆଉ ଝୁଣ୍ଟିବାନି ଥରେ ହେଲେ
ସଂସାର ମାୟାରେ ।

ମିଥ୍ୟା ସେହି ମାୟା ସଂସାରରେ
ଆଦୌ ପଶିବାନି
କାମ, କ୍ରୋଧ, ଲୋଭ ଝାଡ଼ିଝୁଡ଼ି
ସେ ଦୁଆରେ ଅଜାଡ଼ିଣ ଦେବା
ଆତ୍ମିକ ସୁଖ ଶାନ୍ତି କାମ୍ୟେ
ବଳକା ଜୀବନେ ଆମ
ମୋକ୍ଷର ରାହା ଖୋଜିଯିବା ।

ନୂଆ କରି ଭେଟିବା ଏ ସୁନ୍ଦର ଧରାକୁ
ଆଖିରେ ପ୍ରସାରି ନେବା ନୀଳ ଗଗନକୁ
ପାଦଦେବା ପାହାଡ଼ ଛାତିରେ
ଖେଳିବା ଝରଣା ଜଳେ
କାନ ଡେରିଦେବା ଖଗ ମିଠା କାକଳିରେ
ନିଜକୁ ହଜାଇ ଦେବା
ସ୍ୱର ତୋଳି ଆପଣା ଛନ୍ଦରେ ।

ଆସିବ ଗୋ ସଜନୀ ଏଣିକି
ସନ୍ଧ୍ୟା ଦୀପ ଜାଳି
ନିଶାରାଣୀ ବଗିଚ଼ ଦେଖିବା
ଜହ୍ନ ତୋଫା ଆଲୁଅରେ
ଖୁନ୍ଦାଖୁନ୍ଦି ତାରା ଫୁଲ ମେଳେ
ଗୋଟେ ଭଲ ଜାଗା ବାଛି ନେବା
ଅକ୍ତିଆର କରିବା ପୂର୍ବରୁ ଆସ
ମନ-ମନ ନିବିଡ଼ କରିବା ।

ତୁମେ ଖାଲି ମୋ' ଗୁଣ ଗାଇବ
ମୁଁ ତୁମ ଗୁଣ
ଅତୀତର ଝଡ଼ ଝଂଜା
ତ୍ୟାଗ, ନିଷ୍ଠା, ସାଧନା ସବୁକୁ
ମନୁ ପାଶୋରିବା
ନୂଆ ଏଇ ସମୟ ପ୍ରବାହେ
ଏକ୍ ହୋଇଯିବା ।

ମୋ' ପଦ ତାଳରେ ତାଳ
ମିଶାଇ ଚ଼ଲିବ
ପ୍ରତି କର୍ମେ ମୋର ତୁମେ
ଯୋଡ଼ି ହୋଇଯିବ
ମୋ' ସପନ ଆସୁଥିବ
ତୁମ ସପନରେ
ସଜନୀ ଗୋ, ଏ ନୂଆ ବର୍ଷରୁ
ବିଭୁ ପାଦେ ଯା' ପ୍ରାର୍ଥନା ମୋର
ତୁମେ ତା' କରିବ ।

*ଓମ୍ ବିହାର (ଲେନ୍-୨),*
*ହୋଟେଲ ଶ୍ରୀକ୍ଷେତ୍ର ସାମ୍ନା, ଧାଙ୍ଗଡ଼ପଡ଼ା, ଆଟୋପୁର,*
*କେନ୍ଦୁଝର-୭୫୮୦୦୨*
*ଦୂରଭାଷ: ୮୨୪୯୫୦୨୨୧୨*

# ନବବର୍ଷ - ୨୦୨୫

**ସଂଜୟ କୁମାର ତ୍ରିପାଠୀ**

ନୂଆ ବର୍ଷ ଆସିଛି :
ତୃତୀୟ ବିଶ୍ୱଯୁଦ୍ଧର କଳ୍ପନାଜଳ୍ପନାରେ
କ୍ରମ ବର୍ଦ୍ଧିଷ୍ଣୁ ଗଣବଳାତ୍କାର ଲଜ୍ଜାରେ
ଚିରଜାଗ୍ରତ ପ୍ରହରୀର ସୁନେଲି ସପନରେ
ନୂଆ ବର୍ଷ ଆସିଥାଏ :
ହର୍ଷୋତ୍‌ଲ୍ଲାସର ସବ୍‌ରଂଗ୍ ଶାୟରୀରେ
ତେଜସ୍ୱିନୀ ଓ ଯାଜ୍ଞସେନୀଙ୍କର ପବିତ୍ର ମିଳନରେ
ଅସହାୟ ଯକ୍ଷର ଅବୋଲକରା କାହାଣୀରେ
ନୂଆ ବର୍ଷ ଆସିଛି :
ସର୍ବତ୍ର ରୀତିପ୍ରଦ ଏକ ଅଜଣା ଆବହାୱାରେ
ପ୍ରଦୂଷିତ ପ୍ରଶାସନର ପଶାପାଲିରେ
ଦରବୃଦ୍ଧିର ଛାଟ ଓ ବଡ଼ବଡ଼ିଆଙ୍କ ନାଟରେ
ନୂଆ ବର୍ଷ ଆସିବ :
କ୍ଷୁଧାମୁକ୍ତ ବିଶ୍ୱର ସାର୍ଥକ ପରିକଳ୍ପନାରେ
ଦାରିଦ୍ର୍ୟ, ବେକାରୀ ରହିତ ସମାନ ବ୍ୟବସ୍ଥାର ଗଠନରେ
ଲୀଳାବତୀସୂତ୍ରର ଜନାଭିମୁଖୀ ସରଳୀକରଣରେ
ସର୍ବୋପରି :
ସରସ ସୁନ୍ଦର, ସୁଷମ ରାଷ୍ଟ୍ରନିର୍ମାଣର ସ୍ୱପ୍ନରେ ।

*ସଂତୋଷ ବିହାର, ଗୋପାଳମାଳ, ବୁଢ଼ାରଜା,*
*ସଂବଲପୁର-୭୬୮୦୦୪*
*ଦୂରଭାଷ: ୮୭୬୩୪୫୧୫୩୫*

# ସାଇତା ସ୍ମୃତି

**ଦିଲ୍ଲୀପ ଶତପଥୀ**

ସାଇତା ସ୍ମୃତିର ଖିଅଟେ ଖୋଳୁଛି
ପାଠକେ ଟିକିଏ ଦେଖରେ,
ଯୁଆନ ବେଳର କାରନାମା ମୋର
ନପଡୁ କେ ସେହି ଦୁଃଖରେ ।

ଦାସ ଝୁଅ ସାଙ୍ଗେ ଦେଖା ହେଇଥିଲା
ମାଷ୍ଟର କେଣ୍ଟିନ ଛକରେ,
ବାଜାଜ ସ୍କୁଟର ଟିଭିଏସ ସ୍କୁଟି
ମୁହାଁ ମୁହିଁ ହେଲେ ନାକରେ ।

ମଡ଼ଗାଡ଼ ଚେପା ହାଣ୍ଡେଲ ଟା ବଙ୍କା
ଦେଖୁ ଦେଖୁ ନିମିଷକେରେ,
ଦେଖାଣିଆ ଯେତେ ନଜାଣି କୋଉଠୁ
ଅଇଲେ ଏତିକି ନୋକରେ ।

ମୋତେ ନ ଉଠେଇ ତାକୁ ବେଢ଼ିଗଲେ
ଜିଇଁତି ଭଅଁର ପୋକରେ,
କିଏ ଝାଡ଼ି ପୋଛି ପୁଣି କହୁଅଛି
ପାଣି ପିଅ ଦିଇ ଢୋକରେ ।

ମୋ ଆଡ଼କୁ କିଏ କଣେଇ ତ ଚାହଁ
ଉଠେଇ ଆପଣା ବେକରେ,
ମୋ ଉପରେ ମୋ ଗାଡ଼ି ଟା ପଡ଼ିଚି
ତାକୁ ତ ଟିକିଏ ଟେକରେ ।

ମାଡ଼ି ଅଇଲେ ସେୟାଡୁ ମୋ ଆଡ଼େ
ଦିଟା ଭେଣ୍ଡିଆ ଲୋକରେ,
ତାଙ୍କୁ ଦେଖି ମୋର ପୀଡ଼ା ହରିଗଲା
ବନିଲି ସୁକୁଟା ଜୋକରେ ।

ବଡ଼ ପାଟିଆଟେ ଚିଲେଇ କଇଲା
ନାଇସେନ୍ସ ଟିକେ ଦେଖରେ,
ନନସେନ୍ସ ଟା କାଗଜ ନଦେଲେ
ଭଲକରି ଟିକେ ସେକରେ ।

ସେଇ ଦିନଠାରୁ ଦାସ ଝିଅ ସାଙ୍ଗେ
ସମ୍ପର୍କ ଟିକେ ସଳଖରେ,
ଦାସ ଝୁଅ ଆଜି ଭାରିଜା ମୋହର
ବାକି ସବୁ କାଳ୍ପନିକରେ ।

*ପୋଷ୍ଟମାଷ୍ଟର, ଏ ଜି ପୋଷ୍ଟ ଅଫିସ୍,*
*ଭୁବନେଶ୍ୱର-୭୫୧୦୦୧*
*ଦୂରଭାଷ: ୯୪୩୭୧୭୫୭୬୪*

# ତ୍ରିଦେବୀ

**ଶୁଭେନ୍ଦୁ ଦାଶ**

**ଜନନୀ**

ତୋ' ଜଠର ନିବୁଜ କନ୍ଦରୁ ଠେଲି ତୋର ପ୍ରସବ ବେଦନା,
ପାଦ ମୁଁ ଥାପିଲି ଯେବେ ଏ ଧରା ମାଟିରେ,
କୁଆଁ କୁଆଁ କ୍ରନ୍ଦନର ରୋଳେ ପ୍ରଥମେ ଭିଜିଲି ଯେବେ ଏ ସୃଷ୍ଟିର
ଆଲୋକ ରଶ୍ମିରେ,
ଯନ୍ତ୍ରଣାର ମେଘ ଠେଲି ତୋ' ମୁଖମଣ୍ଡଳେ, ଉଭାସିତ ହୋଇଗଲା

ପୂର୍ଣ୍ଣିମାର ରୂପା ଚାନ୍ଦଟିଏ,
ମୋ ଉପରେ ବିଞ୍ଚିଦେଇ ରେଣୁ ରେଣୁ ମମତାର ସୁଶୀତଳ ଜୋଛନା ଚେନାଏ।

ତୋ' ହୃଦୟ ସାଗର ବକ୍ଷରେ, ସମୁଦ୍ର ମନ୍ଥନ କରି ନାଚିଲେ ଅଜସ୍ର ଉର୍ମି, ଉଦଣ୍ଡ ନୃତ୍ୟରେ,
ସୃଷ୍ଟି କରି ଅମୃତର ଅସଂଖ୍ୟ ଉଦ୍ୟମ, ପୁଞ୍ଜିଭୂତ ହେଲେ ତୋର ଉନ୍ନତ ବକ୍ଷରେ।
କୋମଳ କୁସୁମ ପରି ତୋଳିନେଇ ତୋ' କୋମଳ ହାତ ପାପୁଲିରେ,
ବୋକ ଦେଇ ଲହୁଣି ଗାଲରେ,
ତୋ' ଛାତିର ପାହାଡ଼ୀ ଝରରୁ ଢାଳିଦେଲୁ ମୋ ଓଠରେ ବୁନ୍ଦା ବୁନ୍ଦା ଅମୃତର ଧାରା, ଅନନ୍ତ ତୃପ୍ତିରେ।

ତୋ' କୋଳର ନରମ ଶେଯରେ, ଖରା ବର୍ଷା ଶୀତର ରାତିରେ,
ଶୋଇ ନିର୍ଭୟ ମୁଦ୍ରାରେ,
ଶୁଣୁଥିଲି ନାନାବାୟା ଗୀତ, ମମତାରେ ଭିଜା ତୋର ସୁଲଳିତ ଉଦାତ୍ତ କଣ୍ଠରେ।
ସଂସାରର ତାପିତ ଖରାରେ, ସୁଶୀତଳ ତରୁଛାୟା ସମ, ତୋ' ପଣତକାନି ଉହାଡ଼ରେ
ବିତିଗଲା ଶୈଶବ, କୈଶୋର ମୋର, ମମତାରେ ଭରା ତୋର ଚିରସ୍ରୋତା ନଦୀର କଡ଼ରେ।

**ଜାୟା**

ବସନ୍ତ ଛୁଇଁଲା ଯେବେ ମୋ ଦେହରେ, ମୋ ଦେହର ଶିରା ପ୍ରଶିରାରେ,
ମଳୟ ବିଞ୍ଚିଲା ଯେବେ ମାଦକ ଲପନ, ମୋ ମନର ଦିଗ୍‌ବଳୟ ଧାରେ,
ନିସଙ୍ଗ ଜୀବନେ ମୋର ତୁମେ ଆସି ଉଭାହେଲ ସାଥୀଟିଏ ହୋଇ,
ଜୀବନ ସାରଣୀ ଧାରେ ଏକାସାଥେ ନେବା ବୋଲି ତରଣୀଟି ବାହି।

ତୁମର ସେ କୁସୁମିତ ଓଠର ପରଶେ ଭୁଲିଗଲି ନାନାବାୟା ଗୀତ,
ଭୁଲିଗଲି ଶୈଶବ, କୈଶୋର, ଭୁଲିଗଲି ଯେତେସବୁ ସ୍ମୃତିର ସଙ୍ଗୀତ।
ମୌସୁମୀର ଫୁଲପରି ବର୍ଣ୍ଣମୟ ହେଲା ଜୀବନର ରମ୍ୟ ଉପବନ,
ମନର ଆକାଶ ତଳେ ଇନ୍ଦ୍ରଧନୁ ବିଞ୍ଚିଦେଲା ରଙ୍ଗୀନ ସପନ।

ସହକାର ତୋଟାଡାଳ ସିଞ୍ଚିଦେଲା ବଉଳର ମହ ମହ ମାଦକ ବାସନା,
କୋଇଲି ତା' କୁହୁତାନେ ତୋଳିଦେଲା ମିଳନର ଅପୂର୍ବ ମୂର୍ଚ୍ଛନା,
ନାନା ରଙ୍ଗ ଫୁଲମାନେ ଦୋହଲି ଦୋହଲି ଢାଳିଦେଲେ ହସ ହସ ଢେଉ,
ମାଟିର ଏ ଧୂସର ଧରଣୀ ଅପରୂପ ବର୍ଣ୍ଣମୟ ହୋଇଲା କି ଆଉ !

**ଆତ୍ମଜା**

ଏକ୍ସୁତିଶାଳର ନିବୁଜତା ଡେଇଁ, ଶୁଭିଲା ଯେବେ ତୋ' ପହିଲି କ୍ରନ୍ଦନ ରୋଳ,
ପ୍ରତୀକ୍ଷିତ ମୋର ହୃଦୟ ସାଗରେ ଆନନ୍ଦେ ନାଚିଲେ, ଅସଂଖ୍ୟ ଉର୍ମି ମାଳ,
ଖୁସିର ହରିଣୀମାନେ କନ କନ ଡିଆଁ ମାରି ଦଉଡ଼ିଲେ ମୋ ମନର ଗହୀରା ବନସ୍ତେ,
ନୀଳାଭ ଦ୍ୟୁତିର ତାରା ହୋଇ ଛାଇଗଲେ ମୋ ମନର ଅନନ୍ତ ଆକାଶେ।

ତୋଳି ମୁଁ ଧରିଲି ଯେବେ ମୋ ହାତରେ ତୋ' କୋମଳ କୁନି ତନୁଲତା,
ଆନନ୍ଦର ଆବେଗରେ ଅଶ୍ରୁସିକ୍ତ ହେଲା ମୋର ଅପେକ୍ଷିତ ଦୁଇ ଆଖିପତା,
ନାନାବାୟା ଗୀତମାନେ ଆଉ ଥରେ ଜନ୍ମନେଲେ ବିସ୍ମୃତି ଗର୍ଭରୁ,
ତୋ' ଅଳସ ଆଖିକୋଣେ ଲେପିଦେଇ ମେଞ୍ଚା ମେଞ୍ଚା ତନ୍ଦ୍ରାର ଅଗୁରୁ।

ଖନ ଖନ କଥା ସୁରେ ତୋ' ଓଠରୁ ଝରୁଥିଲା ବର୍ଣ୍ଣମୟ ଫୁଲର କବିତା,
ଖିଲି ଖିଲି ହସର ତୋ' ଉତ୍ତାଳ ଢେଉରେ ଖେଳୁଥିଲେ ପୁଞ୍ଜା ପୁଞ୍ଜା ତାରାର ମୁକୁତା,
ଥୁରୁ ଥୁରୁ ପାଦେ ଚାଲି ତୋ' ପାଦର ରୁଣୁ ଝୁଣୁ ନୂପୁର ବାଜେଣା
ମନେହେଲା ଲକ୍ଷ୍ମୀ ଅବା ମୋ କୁଟୀରେ ଆସିଗଲେ ଅକସ୍ମାତେ ହୋଇ ବାଟବଣା।

*ବେଙ୍ଗାଲୁରୁ, କର୍ଣ୍ଣାଟକ*
*ଦୂରଭାଷ: ୯୯୩୭୬୬୩୦୧୫*

# ବୋଉ ମନେ ପଡ଼େ

**ପ୍ରଦ୍ୟୁମ୍ନ ପଟ୍ଟନାୟକ**

ବୋଉ କଥା ବେଶୀ ମନେ ପଡ଼େ
ଦପ୍ତରରୁ ଥକାମରା ଘର ମୁହାଁ
ଫେରୁଥିବା ରାସ୍ତାରେ,
ଏକା ଏକା ଚାଲୁଥିବା
ଅନ୍ତହୀନ ଜୀବନ ପଥରେ।

କେବେ ଅଜାଣତେ ଝୁଣ୍ଟି ପଡୁଥିଲେ
ଆଖିର ଲୁହ, ପାଦର ରକ୍ତ
ଏବେ ବି ଖୋଜେ ତା'ର

ସ୍ନେହ ବୋଲା ଆହାଃ ଶବ୍ଦ
ହରି ନେଇଥାନ୍ତା ଯିଏ ଯେତେକ ଦରଜ।

ଯେତେ ରେଶମ ପାଟ ବସ୍ତ୍ର
ହେଉଥିଲେ ବି ପରିହିତ
ସବୁଠୁ କୋମଳ ସବୁଠୁ ସୁବାସିତ
ଥିଲା ମୋ ପାଇଁ ମୋ ବୋଉର
ସ୍ୱେଦସିକ୍ତ ଅସନା ପଣତ।

ପୋଛା ହେଉଥିଲା ସେଥିରେ ମୋ
ନାକର ସିଙ୍ଘାଣି
ଅଇଁଠା ପଖଳା ମୁହଁ
ଅଝଟ ଆଖିର ଲୁହ।

ତା' କୋଳରେ ମଥା ରଖି
ଶୋଇ ଯାଉଥିଲେ ଥକି
ବିଞ୍ଚି ଦେଉଥିଲା ବେଢ଼ଣକୁ ତା'ର
କରି ଆକଟ ଚାମର।

ଧୁ ଧୁ ଦି' ପହର ଖରା ଦାଉରୁ
ବୁନ୍ଦା ବୁନ୍ଦା ବରଷା ଟୋପାରୁ
ଆଢୁଆଳ କରି ଢାଙ୍କି ଦିଏ
ବୋଉ ତା' ସ୍ନେହର ଓଢ଼ଣା।

ସବୁ ବିପର୍ଯ୍ୟୟକୁ ପରାହତ କରିବାକୁ
ସେ ଥିଲା ମୁଣ୍ଡ ଉପରେ ମୋ
ଏକ ନିର୍ଭୟ ଛାତ
ଶୈଶବର ଲୁହ
କୈଶୋରର କୋହ
ଯୌବନର ମୋହକୁ
ଘୋଡ଼ାଇ ରଖିଥିବା ବୋଉର ପଣତ
ପୁଣି ଦିନେ ନିଅଣ୍ଟ ପଡ଼ିଲା
ପୁଅ ଯେବେ ନିଜ ସଂସାର କରିଲା।

ଅଭିମାନ କରି ସେଥିଲାଗି ବୋଧେ
ବୟସ ଥାଉ ଥାଉ
ବୋଉ ସେପାରିକୁ ଚାଲିଗଲା।

ଏବେ ବି ଦେଖିଦେଲେ
ଅଝଟିଆ ପୁଅ ଝିଅଙ୍କର ଅଳି
କେଉଁ ମାଆ ପାଖେ କିମ୍ବା ଶିଶୁଟିଏ
ଗେହ୍ଲା ହେଉଥିବା ଦୃଶ୍ୟ,
ଅକସ୍ମାତ ସାମ୍ନାକୁ ଆସିଗଲେ
ବାପାଙ୍କର ବିମର୍ଷ ଉଦାସ ମୁହଁ
ସ୍ୱାଭାବିକ ପ୍ରଶ୍ନ ଜାଗେ ମନେ
ନିଜ ପିଲାଙ୍କୁ ଅନାଥ କରି
କାହିଁକି ଯେ ଏତେ ଶୀଘ୍ର
ବାହୁଡ଼ି ଯାଆନ୍ତି ବୋଉମାନେ ?

*ଫ୍ଲାଟ୍ ନମ୍ବର-୧୦୧, ପ୍ରକାଶ ଦୀପ ଟାୱାର, ଜୟ ଦୁର୍ଗା ନଗର,*
*ଭୁବନେଶ୍ୱର-୭୫୧୦୦୬*
*ଦୂରଭାଷ: ୯୯୬୮୨୮୦୮୯୬*

# ଚାଷୀ

**ସିପୁନୁ ଜେନା**

କେବେ ବୁଝିଛ କି
ଚାଷୀ କାହିଁକି କାନ୍ଦେ ?
କେବେ ଆତ୍ମହତ୍ୟା କରେ
କେବେ ଚାଷ ଛାଡ଼ି ଦାଦନ ଖଟେ !

ଅନ୍ୟର ପେଟ ଚିନ୍ତାରେ
ନିଜ ପେଟ ଭରିବା ଦୁଃଖ
କେବେ ପିଛା ଛାଡ଼େନି ବୋଲି ତ
ରାତିକ ନିଦ ବି ରାତିରେ ହଜିଯାଏ।

ବଢ଼ିଲା ଝିଅର ବାହାଘର ପାଇଁ
ଖର୍ଚ୍ଚ ଯୋଗାଡ଼ିବା ଚିନ୍ତାରେ
ବିକିଦିଏ ବାପଅଜାର ଭିଟାମାଟି
ହଜିଯାଏ ସୁନାର ଫସଲ।

ପୋକ ଦାଉରେ ମଡ଼କ ପଡ଼େ
ଗୋଟେ ବର୍ଷର ଶ୍ରମ ଉପରେ
ଭାଙ୍ଗିଯାଏ ବଳ ଭବିଷ୍ୟତର କଳାପଟାରେ
ଛାତିରେ ପଡ଼େ ପଥର
ମୁଣ୍ଡରେ ପଡ଼େ ଚଡ଼କ ଶୁଖିଲା ଭୂଇଁରେ।

କେତେ ଉନ୍ନତି କେତେ ସଂଶୟ
କେତେ ଆକାଂକ୍ଷା କେତେ ଅବକ୍ଷୟ
ସମୟ ତ ଅଟକିଛି ଘର ସାମ୍ନାରେ
ରାତି ଆଉ ଆସୁନି ସ୍ୱପ୍ନ ପାଇଁ
ସକାଳ ବି ନିଅଣ୍ଟ ସୂର୍ଯ୍ୟ ଉଇଁବା ପାଇଁ !

*ଗ୍ରାମ - ତର୍କାବେଢ଼ା, ପୋ.ଅ.- କଢ଼ଲା,*
*ଭାୟା - ମେରାମଣ୍ଡଳୀ, ଜିଲ୍ଲା - ଢେଙ୍କାନାଳ, ପିନ୍-୭୫୯୧୨୧*
*ଦୂରଭାଷ: ୮୭୬୩୦୭୦୫୩୫*

# ପରିବର୍ତ୍ତନ

ମୋହନ କୁମାର ସ୍ୱାଇଁ

ଦୁଇ ଭାଇଙ୍କର ଦୁଇଗୋଟି ହାତ
ପଖାଳ କଂସାରେ ହୁଅଇ ଭେଟ
କାହାକୁ ପସନ୍ଦ ଶୁଖୁଆ ଭଜା ତ
କାହାକୁ ପସନ୍ଦ ତେନ୍ତୁଳି ଫୁଟ ॥

ଜଣକୁ କେହିବି ହାତ ଉଠେଇଲେ
ଯୋଡ଼ି ହୋଇଯାଇ ଜବାବ ଦେଉ
ଗୋଟିଏ ଚକୁଳି ବୋଉ ଦେଇଥିଲେ
ଅଧା ଅଧା କରି ଦି ଜଣ ଖାଉ ॥

ଭାଇକୁ କେବେ ମୁଁ କାନ୍ଦିବା ଦେଖିଲେ
ଆପେ ଆପେ ଝରେ ମୋ ଆଖି ଲୁହ
ଏକ ଆରେକକୁ ବୋଧ କରୁଥିଲୁ
ଛାତିରେ ଲଗାଇ ଦେହକୁ ଦେହ ॥

ଭାଇ ମୋର ଏବେ ପାକଳ ହେଲେଣି
ପିଲାଛୁଆଙ୍କର ସଂସାର କରି
ମୋତେ ବି ସମୟ ଶୁଖେଇ ଦେଲାଣି
ପାଞ୍ଚ କେଜି ଚିଜ ଲାଗଇ ଭାରି ॥

ଏତେ ଅଭିଜ୍ଞତା ସାଉଁଟିଲା ପରେ
ବୁଦ୍ଧି ବିଦ୍ୟା ସବୁ ଗଲା କୁଆଡ଼େ
ଜଣେ ଚାଲିଗଲେ ଟିକିଏ ଆଗକୁ
ଆଉ ଜଣେ ବସି ମୁହଁକୁ ମୋଡ଼େ ॥

ପଖାଳ କଂସାର ପ୍ରେମ ଆଉ ନାହିଁ
କେଉଁଠି ସେ ଯାଇ ରହିଛି ଲାଖି
ଯାଆମାନଙ୍କର ଆଗମନ ପରେ
ଭାଇଚାରା କାହିଁ ଲୁଚି ଗଲାକି ?

*ବେଣାପୁର, କଣ୍ଟିକଡ଼ିଆ, ଯାଜପୁର*
*ଦୂରଭାଷ: ୮୧୧୮୦୯୯୦୩୮*

# ଅସରା ଆଲୁଅ ତୁମର

ଜ୍ୟୋସ୍ନା ପାଢ଼ୀ

କାହିଁକି କରୁଛ ତାକୁ ଏତେ ହତାଦର
ଆଲୋକରେ ପହଁରିବାକୁ ଦିଅନା -
ଖାଲି ଗୋଟେ ଥର ॥
ଦେଖିବ କେବେବି କଣ୍ଟାହୋଇ -
ପଡ଼ିବନି ସେ ତୁମ ରାସ୍ତାରେ
ବରଂ ବିଛାଇ ଦେବ ନିଜକୁ
ଦୁବହୋଇ ତୁମ ତଳିପାରେ ॥
ହେଳା କରିବନି ସେବାରେ ଦେବାରେ।
ବାଟ ବି ଆଗୁଳିବନି ତମାମ୍ ଜୀବନ
ନିଃସ୍ୱାର୍ଥରେ, ସ୍ୱଇଚ୍ଛାରେ ସବୁଯାକ
ଅଳି ଓ ଅର୍ଦ୍ଦଳି କରିବ ପୁରଣ ॥
ରୌଦ୍ର ତାପକୁ ନକରି ଭ୍ରୂକ୍ଷେପ
ଆପଣେଇ ନେବ ସବୁ ଋତୁକୁ ସେ ଭାବିକି ବସନ୍ତ ॥
ଉପନୀତ ହେଲେ ବୟସର ସାୟାହ୍ନରେ
ପୋଛି ଦେଇ ଝାଳ ପବନର ପାପୁଲିରେ ॥
କୋଳରେ ଶୁଆଇ ସାଉଁଳିବ ଅଲରା କେଶକୁ
ଧିରେ ଧିରେ ଶୁଣାଇବ ଲୋରୀ ବି ତୁମକୁ ॥
ହଁ ଶେଷ କଥାଟି ଶୁଣ !
ଅସରା ଆଲୁଅ ତୁମର
(ଆଉ) ସକଳ ଅନ୍ଧାର ତାର ॥
ତାକୁ ଗର୍ଭରୁ ନକରି ନଷ୍ଟ -
ଖାଲି ଆଲୋକରେ ପହଁରିବାକୁ ଦିଅନାଁ ଗୋଟେ ଥର
କାହିଁକି କରୁଛ ତାକୁ ଏତେ ହତାଦର ॥

*ମାର୍ଫତ୍ - କୃପାସିନ୍ଧୁ ପାଢ଼ୀ ସାମ୍ରାଜ୍ୟ*
*ପି: ଡବ୍ଲୁ.ଡି. ରୋଡ୍, କେନ୍ଦୁଝରଗଡ଼,*
*କେନ୍ଦୁଝର - ୭୫୮୦୦୧*

# ଆକୁଳ ପ୍ରାର୍ଥନା

ନଳିନୀ ଦାଶ

ମାଆ ମୁଁ ଛୋଟ ଶିଶୁଟିଏ
ଆନନ୍ଦର ଉଚ୍ଛ୍ୱାସଟିଏ
ଝିଅଟିଏ ଭାବି କରନାହିଁ ହୀନିମାନ
ମୁଁ ଯେବେ ବଡ଼ ହେବି ଦେଖିବ
ପାଠପଢ଼ି ରଖିବି ତୁମର ସମ୍ମାନ

କେବଳ ତୁମର ନୁହେଁ
ମୋ ଜନ୍ମଭୂମିର ଦେଶ ମାତୃକାର ।

ମାଆ ମୁଁ ଝିଅଟେ ବୋଲି
ମତେ କରନାହିଁ ହତାଦର
ମୋ ଭଳି ଶହଶହ ଝିଅଙ୍କୁ
ଏଇ ସମାଜରେ ବାସ କରୁଥିବା
କ୍ରୁର ମଣିଷମାନେ ମାତୃ ଗର୍ଭରୁ
କିବା ଜନ୍ମନେବାପରେ
ମାରି ପୋତି ଦେଉଛନ୍ତି
ଦୁନିଆର ଆଲୋକ ଦେଖିବା ଆଗରୁ
ଜୀବନ ଦୀପ ଲିଭିଯାଉଛି ।
ମୁଁ ସମାଜରେ ଏତେ ଘୃଣିତ
କାହିଁକି ? ମୁଁ କଣ ପୁଅଙ୍କ ସାଥିରେ
ସମାନ ହୋଇପାରିବିନି
ନିଶ୍ଚୟ ହେବି ଦୃଢ଼ ବିଶ୍ୱାସ ଅଛି ।
ବାପା ମାଆମାନେ ଉଚ୍ଚଶିକ୍ଷା ଦେଇ ନପାରିବା
କିବା ଯୌତୁକ ଲୋଭୀ ମଣିଷମାନଙ୍କ
ହାବୁଡ଼ରେ ପଡ଼ି ନିର୍ଯ୍ୟାତିତ ହେବା
ଏ ସବୁର କାରଣ ।
ମାଆ ମୁଁ ବଡ଼ ହେଲେ ପାଠପଢ଼ି
ପୋଲିସ୍ ହୋଇ ସୁରକ୍ଷା ଦେବି
ଡାକ୍ତର ହୋଇ ରୋଗୀ ସେବା କରିବି
ସୈନିକ ହୋଇ ଦେଶ ରକ୍ଷା କରିବି
ଶିକ୍ଷକ ହୋଇ ମଣିଷ ଗଢ଼ିବି
ଦୁଃଖ ସୁଖରେ ହେବି ଉପସ୍ଥିତ
ତୁମକୁ ସହାୟ ହେବି ପ୍ରତିଟି ମୁହୂର୍ତ୍ତ ।
ଚିକିତ୍ସକ ଜଲ୍ଲାଦର ଭୋକ ନେଇ
ଖାଇଯାଏ ମାତୃଗର୍ଭେ ମୋଭଳି
ହଜାର ହଜାର କନ୍ୟା ଭ୍ରୁଣ
ବାପା ମାଆ କ୍ଷୁଧାର ଜ୍ୱାଳା ସହି ନପାରି
ବିକ୍ରୀ କରି ଦିଅନ୍ତି କେଇଟା ଟଙ୍କାରେ ।
କେବେ ସାଥେ ନେଇ ଚାଲି ଯାଆନ୍ତି
ଦୂର ଦୂରାନ୍ତରେ ଛାଡ଼ି ଚାଲି ଆସନ୍ତି
ରେଳ ଷ୍ଟେସନ ଅବା ରାଜରାସ୍ତାପରେ
କେବେ ରାସ୍ତାକଡ଼ ଡଷ୍ଟବିନ୍‌ରେ ତ
ଝଙ୍କାଳିଆ ବୁଦାମୂଳେ ।
ଏଇ ଅଳ୍ପ ବର୍ଷ ତଳେ
ଲିଭିଯାଇଛି ମୋ ଭଳି
ଶିଶୁ କନ୍ୟାଙ୍କ ଜୀବନ ଦୀପ
ଆଞ୍ଜୁଳାଏ ମାଟିତଳେ ।

ହେ କ୍ରୁର ମାନବ ସମାଜ
ତୁମ ଚିନ୍ତା ଚେତନା ସବୁ ବଦଳାଇ ଦିଅ
କନ୍ୟା ମାନଙ୍କୁ ଜନ୍ମ ଦେଇ
ସଂସାରକୁ ଆଗେଇ ନିଅ
କନ୍ୟାରତ୍ନ କର ଯତ୍ନ
ପୁଅ ପୁଅ ହୋଇ ଝିଅକୁ
କରନା ଅବହେଳିତ ଦେଖିବ
ତୁମ ବୃଦ୍ଧକାଳେ ନେବି ସେବା ଯତ୍ନ ।

***ଭିକାରିପଡ଼ା, ଶରଣକୁଳ, ନୟାଗଡ଼***
***ଦୂରଭାଷ: ୯୨୩୮୯୮୭୬୪୯***

# ମାୟାମୃଗ

**ଡ. ସଂଜୀବ କୁମାର ପାଣିଗ୍ରାହୀ**

କହିଥିଲ
ଶୀଘ୍ର ଫେରିଆସିବ ବୋଲି
କିନ୍ତୁ...
ଆସିଲତ ନାହିଁ !
ନିସ୍ତବ୍ଧ ନିଶିର ବିଜନ ବେଳାରେ
ମାନବ ନେତ୍ର କବାଟ ପଡିଯିବା ପରେ ବି
ମୁଁ କିନ୍ତୁ ଅନେକ ରାତି
ଅନାଇ ରହିଥିଲି
ତୁମରି ଆସିବା ପଥକୁ ।
ସେଦିନ
ଅପେକ୍ଷାର ବାଲିବନ୍ଧ
ଭୁଷୁଡ଼ି ଯିବା ପରେ
ବୃକ୍ଷରୁ ଝଡ଼ିପଡ଼ିଥିବା ପତ୍ର ଗୁଡ଼ିକର
ମର ମର ଶବ୍ଦରେ
ହଠାତ୍
ମୁଁ ଅନୁଭବ କଲି
ତୁମ ଆସିବାର ପାଦ ଶବ୍ଦ ।
ଠିକ୍ ସେହି ରୂପ
ଆଜାନୁଲମ୍ବିତ କେଶ
ଲାବଣ୍ୟମୟୀ
ହସହସ ମୁଖ ଯୁକ୍ତ
ଏକ ଛାୟା ମୁହୂର୍ତ୍ତ
ହଠାତ୍
ଉଭା ହେଲା ମୋ ସମ୍ମୁଖରେ

ପଚାରିଲି
ଏତେ ଡେରି କଲ କାହିଁକି
ସାତ ଦିନ ପରେ ଫେରି ଆସିବ ବୋଲି କହି
ସାତ ମାସ କେମିତି କଟାଇଲ ଏକା ଏକା ?
ଗାଁ ଲୋକଙ୍କଠାରୁ ଶୁଣିଥିଲି
ତୁମେ ଯିବା ପରେ ପରେ
ତୁମର କାର୍
ହୋଇଥିଲା ଦୁର୍ଘଟଣା ଗ୍ରସ୍ତ
ହୋଇଥିଲା ଚୁର୍‌ମାର୍
ଆଉ ତମେ...
ମୁଁ କିନ୍ତୁ ବିଶ୍ୱାସ କରିନଥିଲି
ଆଜି ସେମାନଙ୍କୁ ମୁଁ କହିବାକୁ ଚାହେଁ
ସେମାନଙ୍କ କଥା
ଥିଲା ମିଥ୍ୟା
କିନ୍ତୁ ଏ କଣ...
ହଠାତ୍ ପ୍ରାଚୀ ଗଗନରେ
ସୂର୍ଯ୍ୟ ଉଦୟର ପ୍ରାକ୍ ସୂଚନା
ଦୃଶ୍ୟମାନ ହେଲା।
ସେ ଛାୟା ମୁହୂର୍ତ୍ତ
ଦୂରକୁ ଦୂରକୁ
ଅପସରି ଗଲା
ମୁଁ ନିଜକୁ ଖୋଜି ପାଇଲି
ସ୍ୱଚ୍ଛ ଦିବାଲୋକରେ।

*ସା./ପୋ.- କୋଷ୍ଠା, ଭାୟା- ବାରିପଦା*
*ଜିଲ୍ଲା- ମୟୂରଭଂଜ, ପିନ୍-୭୫୭୦୮୪*
*ଦୂରଭାଷ: ୯୪୩୮୪୭୦୦୨୭*

# କେବଳ ଥରେ ଆସ

**ଭାଗୀରଥି ବେହେରା**

ସକାଳର ପାପୁଲିଏ କୋମଳ କିରଣ ପାଇଁ
ଅଗଣିତ ରାତିର କାଳ ଅନ୍ଧାର
ପାରହେବାକୁ ପଡୁଛି,
ତଥାପି ଅଗଭୀର ଛାତିରେ
ସାଇତି ରଖିଛି ଦାଉଦାଉ ଜଳୁଥିବା ସୂରୁଜଟିଏ।

ଜାଣୁଛି ସାମନା କରିବାକୁ ହେବ
ଅନେକ ଅମାନିଆ ଝଡ଼କୁ
ସମ୍ପର୍କର ଜୁଆରରେ ଦୋହଲିବାକୁ ହେବ
ତଥାପି ଅସ୍ତ ହେବାକୁ ଦେଇନି
ସେ ଦାଉଦାଉ ଜଳୁଥିବା ସୂରୁଜଟିକୁ।

ସ୍ନିଗ୍ଧ ବାତାବରଣରେ, ମୁଗ୍ଧ କାକରଟୋପାରେ
ତୁମେ ତ ନିଶ୍ଚିତ ପାଦ ଥାପିବ ସଖୀ !
ସନ୍ଦେହର ତିଳେମାତ୍ର ଅବକାଶ ନାହିଁ।

ଯେତେ ଦିନ କହିବ ସେତେ ଦିନ
ଅପେକ୍ଷାରତ ହେବାର ପ୍ରତିଶ୍ରୁତି
ବଡ଼କଥା ନୁହଁ,
ତୁମେ ଯେ ନିଶ୍ଚିତ ଆସିବ
ମୃତ୍ୟୁ ପୂର୍ବର ମଳୟ ହୋଇ
ବାସ୍ ! ଏତିକି ଆୟୁଷ ଦରକାର।

ଅନେକ ପ୍ରଶ୍ନବାଣରେ ଘାଇଲା କଲା ଭଳି
ସେ ଚିଠା, କେବେଠୁ ସେ
ଦାଉ ଦାଉ ଜଳୁଥିବା ସୂରୁଜ ଦଗ୍ଧୀଭୂତ କଲାଣି
ତାର ଆଉ ହିସାବ ନାହିଁ
କେବଳ ଯାହା ଜଳି ପାରିନି
ପ୍ରତୀକ୍ଷା ପ୍ରଣୟର କବିତା,
ସେତକ ବି ଶୁଣେଇବାର ମୋହ
ତୁମର ଆଗମନ ପୂର୍ବରୁ ଗାଦିଚ୍ୟୁତ ହେବ
ତୁମେ ନିଶ୍ଚିନ୍ତ ରୁହ।

କେବଳ ସେହି କୋମଳ କିରଣ ଯେ
ମୋତେ ନିର୍ବାଣ ପ୍ରାପ୍ତିର ମାର୍ଗ ହିଁ ଦେବ
ସିଦ୍ଧାର୍ଥରୁ ବୁଦ୍ଧତ୍ୱ ଯାଏଁ
ଏ କଥା ଏବେବି ଅନାଦୃତ
ଏହି କଠୋର ପଥୁରିଆ ଛାତିତଳେ
ଯାହାକୁ ଆଗ୍ନେୟ ପରି ଜଳାଉଛି ସେ
ଜଳୁଥିବା ସୂର୍ଯ୍ୟ।

ଥରେ ଆସ ! କେବଳ ଥରୁଟିଏ ଆସ
କାମନା ବିହୀନ ଭଲପାଇବା ଟିକେ ନେଇ
ଦେଖିବ !
ସବୁ ଯେମିତି ଛାଏଁ ଛାଏଁ ଘଟିଯିବ ତା ବାଟେ
ସକାଳରୁ କିରଣ, ଜୀବନରୁ ମରଣ
ବାରଣରୁ ବରଣ, ମୋକ୍ଷରୁ ନିର୍ବାଣ।

*ମାଳି ସାହି, ବାରି ବନ୍ଧ, ଆଙ୍କୁଲି, ବ୍ରହ୍ମପୁର,*
*ଗଞ୍ଜାମ-୭୬୦୦୧୦*
*ଦୂରଭାଷ: ୮୭୬୩୨୦୨୬୨୨*

ତନ୍ମାତ୍ର

# ବଲିଉଡ୍ ୨୦୨୪ : ଗୁଡ଼ବାଇ

୨୦୨୪ ଶେଷ ହେଲାବେଳକୁ କେତେଗୁଡ଼ିଏ ଆକର୍ଷଣୀୟ ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲେ ମଧ୍ୟ ସେଗୁଡ଼ିକ ମିଶ୍ରିତ ସଫଳତା ପାଇଛି ମାତ୍ର। ଏଥି ମଧ୍ୟରୁ କେତୋଟି ପ୍ରମୁଖ ଚିତ୍ର ସଂପର୍କୀୟ ବିବରଣୀ ନିମ୍ନରେ।

### -: ବେବି ଜନ :-




୨୦୧୬ ରେ ମୁକ୍ତିଲାଭ କରିଥିବା ଅଟ୍‌ଲୀଙ୍କର 'ଥେରୀ'ର ଏହା ରିମେକ୍। ଏହି ଆକ୍ସନ ଚିତ୍ରର ନିର୍ଦ୍ଦେଶକ ହେଲେ କାଲିସ। ଫିଲ୍ମଟିର କାହାଣୀରେ ବର୍ଣ୍ଣନା କରାଯାଇଛି ପୂର୍ବତନ ପୋଲିସ ଅଫିସର ସତ୍ୟ ବର୍ମାଙ୍କ ଜନ୍ ଡିସିଲଭା ନାମରେ ଆତ୍ମଗୋପନ କରି ନିଜର କନ୍ୟା ଖୁସିକୁ ପୁରୁଣା ଶତ୍ରୁ ବାବର ଶେର୍ ଠାରୁ ରକ୍ଷାକରିବାର ଉଦ୍ୟମକୁ। ଆତ୍ମଗୋପନ କଲାପରେ ମଧ୍ୟ ସତ୍ୟକୁ ପରିସ୍ଥିତି ବାଧ୍ୟ କରିଛି ବାବ୍‌ବର ଗ୍ୟାଙ୍ଗକୁ ସାବାଡ଼ କରିବାକୁ। ମରଣାନ୍ତକ ସଂଘର୍ଷରେ ଖଳନାୟକ ବାବ୍‌ରକୁ ସେ ହତ୍ୟା କରିଛି ଏବଂ ପରେ ତା'ର ପୋଲିସରେ ଥିବା ଜଣେ ସହଯୋଗୀକୁ ହତ୍ୟାକାରୀ ପୁନରାୟ ଯୋଗ ଦେଇଛି 'ର' ରେ। ଚଳଚ୍ଚିତ୍ରଟିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ବରୁଣ ଧାୱନ, କିର୍ତ୍ତୀ ସୁରେଶ, ୱମିକା ଗାଉଜୀ ଓ ଜ୍ୟାକି ସ୍ରଫ ପ୍ରଭୃତି। ୨୫ ଡିସେମ୍ବରର ବଡ଼ଦିନରେ ମୁକ୍ତିଲାଭ କରିଥିବା ଏଇ ଚିତ୍ରଟି ବକ୍ସ ଅଫିସ୍‌ରେ ବଡ଼ ସଫଳତାର ଆଶା ରଖିଛି।

### -: ଅଗ୍ନି :-

୬ ଡିସେମ୍ବର ୨୦୨୪ ରେ ମୁକ୍ତିଲାଭ କରିଥିବା ଅଗ୍ନି କିଛି ବାସ୍ତବ ଘଟଣାର ଚିତ୍ରଣ କରୁଥିବା ଏକ ଆକ୍ସନ ଫିଲ୍ମ। ପ୍ରାୟ ଦୁଇଘଣ୍ଟାର ଏଇ ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଫାରହାନ ଅଖତର ଓ ରୀତେଶ ସିଧୱାନୀ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ରାହୁଲ ଢୋଲାକିଆ। ଦୁଇଜଣ ସାହସୀ ଅଗ୍ନିଶମ ଯୋଦ୍ଧା ଓ ପୋଲିସ ଅଧିକାରୀ ନିଜ ନିଜ ମଧ୍ୟରେ ସଂଘର୍ଷ ଓ ଭେଦଭାବକୁ ଭୁଲି ମିଳିତ ଭାବରେ ସହରକୁ ସୁରକ୍ଷିତ ରଖିଛନ୍ତି




ଏକ ବିଶାଳ ଅଗ୍ନିକାଣ୍ଡ କବଳରୁ। ପ୍ରତୀକ ଗାନ୍ଧୀ, ଦିବ୍ୟେନ୍ଦୁ ଶର୍ମା, ସାଇ ତିମ୍ହନକର, ସାୟାମି ଖେର ଅଭିନୀତ ଏଇ ଚଳଚ୍ଚିତ୍ରଟି ବକ୍ସ ଅଫିସ୍‌ରେ ଆଶାନୁରୂପ ସଫଳତା ପାଇନଥିଲେ ମଧ୍ୟ ପ୍ରାଇମ ଭିଡିଓରେ ଦେଖିବାକୁ ମିଳୁଥିବାରୁ ଦର୍ଶକମାନେ ଚଳଚ୍ଚିତ୍ରଟିକୁ ଦେଖି ଉପଭୋଗ କରୁଛନ୍ତି।

### -: ବନବାସ :-

ଅନୀଲ ଶର୍ମା ନିର୍ଦ୍ଦେଶିତ 'ବନବାସ' ଏକ ପାରିବାରିକ କାହାଣୀକୁ ନେଇ ନିର୍ମିତ ଚଳଚ୍ଚିତ୍ର। ନାନା ପାଟେକର, ଉତ୍କର୍ଷ ଶର୍ମା, ରାଜପାଲ ଯାଦବ, ସିମରତ୍ କାଉର, ଖୁସବୁ ସୁନ୍ଦର, ଅଶ୍ୱିନୀ କାଲ୍‌ସେକର ପ୍ରଭୃତି ଏଥିରେ ଅଭିନୟ କରିଛନ୍ତି ମୁଖ୍ୟ ଭୂମିକାରେ। ତ୍ୟାଗ, ସଂଘର୍ଷ ଓ ବଳିଦାନର କାହାଣୀରେ ସନ୍ତୁଳିତ ଭାବରେ ସ୍ଥାନ ପାଇଛି କରୁଣ ଓ ହାସ୍ୟ ରସ। ପ୍ରଥମ ସପ୍ତାହରେ ଚଳଚ୍ଚିତ୍ରଟି ବକ୍ସ ଅଫିସ୍‌ରେ ବିଶେଷ ଭଲ କରିନଥିଲେ ମଧ୍ୟ ସାମଗ୍ରିକ ଭାବରେ ଚଳଚ୍ଚିତ୍ରଟି ପରିବାରମାନଙ୍କ ପାଇଁ ସବୁଦିନ ଏକ ଦର୍ଶନୀୟ ଚଳଚ୍ଚିତ୍ରର ସ୍ଥାନ ନେବ ନିଶ୍ଚୟ।

### -: ଡେସ୍‌ପାଚ :-

ଏଇ ଚଳଚ୍ଚିତ୍ରଟିର କାହାଣୀ ଲେଖିଛନ୍ତି କାନୁ ବେହେଲ। ଓ ଇଷାନୀ ବାନାର୍ଜୀ ଏବଂ ନିର୍ଦ୍ଦେଶନା ଦେଇଛନ୍ତି କାନୁ ବେହେଲ। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ମନୋଜ ବାଜପେୟୀ ଏବଂ ଅନ୍ୟାନ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅର୍ଚ୍ଚିତା ଅଗ୍ରୱାଲ, ସାହାନା ଗୋସ୍ୱାମୀ ପ୍ରଭୃତି। ରୋନି ସ୍କ୍ରିଉୱାଲା ପ୍ରଯୋଜିତ ଏଇ ଚିତ୍ରଟିର କାହାଣୀ "ଜୟ" ନାମକ ଜଣେ ସାମ୍ବାଦିକଙ୍କର ଗୋଟିଏ ବଡ଼ ବିଷୟର ଖୁଲାସର ପ୍ରଚେଷ୍ଟା କରି ନିଜର ଜୀବନକୁ ସଙ୍କଟାପନ୍ନ କରାଇନେବାର କାହାଣୀ। ଚିତ୍ରଟିର ବକ୍ସ ଅଫିସ ସଫଳତା ଉପରେ କିଛି ବିଶେଷ ସୂଚନା ନଥିଲେ ମଧ୍ୟ ଏହା ଦର୍ଶକମାନଙ୍କ ନିମନ୍ତେ 'ଜୀ' ଚ୍ୟାନେଲରେ ଉପଲବ୍ଧ।

**ଖେଳ ଓ ଖେଳାଳୀ**





# ବିସ୍ମୟ ଯୁବକ ଗୁକେଶ

୨୦୨୪ ର ଶେଷ ଭାଗରେ ଅଭ୍ୟୁଦୟ ହୋଇଛି ଜଣେ ଭାରତୀୟ ବିସ୍ମୟ ତାରକାଙ୍କର ଯେ କି କ୍ରୀଡ଼ା ଜଗତରେ ଏକ ହଲଚଲ ସୃଷ୍ଟି କରିଛନ୍ତି। ଏଇ ବିସ୍ମୟ ଯୁବକ ହେଲେ 'ଗୁକେଶ ଦୋମାରାଜୁ'। ଚେନ୍ନାଇ ଜନ୍ମିତ ଗୁକେଶ-ଡି ସର୍ବ କନିଷ୍ଠ ବିଶ୍ୱ ଚେସ୍ ଚ୍ୟାଂପିୟାନ ହେବା ସହିତ ୧୮ ବର୍ଷ ବୟସରେ ଆଣିଦେଇଛନ୍ତି ନିଜ ଜନ୍ମଭୂମି ନିମନ୍ତେ ଅଶେଷ ଗୌରବ। ବିଶ୍ୱନାଥନ ଆନନ୍ଦ ପ୍ରଥମ ଭାରତୀୟ ଭାବରେ କ୍ରମାଗତ ଭାବରେ ବିଶ୍ୱ ଚ୍ୟାଂପିୟାନ ହୋଇ ଏକ ନୂତନ ଯୁଗ ସୃଷ୍ଟି କରିଥିଲେ ବିଶ୍ୱ ଚେସ୍‌ରେ। ତାଙ୍କର ଯୁଗ ଶେଷ ହେବା ପରେ ପରେ ଭାରତର ଗୌରବର ପତାକା ପୁନରାୟ ଉଡ଼ାଇ ରଖିଛନ୍ତି ଗୁକେଶ।

୨୯ ମେ ୨୦୦୬ ରେ ଗୁକେଶ ଜନ୍ମନେଇଥିଲେ ଚେନ୍ନାଇରେ ଆନ୍ଧ୍ରପ୍ରଦେଶରୁ ଆସିଥିବା ଏକ ତେଲୁଗୁ ପରିବାରରେ। ତାଙ୍କର ପିତା ରଜନୀକାନ୍ତ ଜଣେ ନାସା, ଗଳା, କର୍ଣ୍ଣ ବିଶେଷଜ୍ଞ ଓ ମାତା ପଦ୍ମାକୁମାରୀ ଜଣେ ମାଇକ୍ରୋ ବାୟୋଲଜିଷ୍ଟ। ପିତା ଡାକ୍ତରୀ ପାଠ ପଢ଼ିବା ପାଇଁ ଆସି ଚେନ୍ନାଇରେ ରହିଯାଇଥିଲେ। ଗୁକେଶ ଶିକ୍ଷାଲାଭ କରିଥିଲେ ଭେଲାମର ବିଦ୍ୟାଳୟରେ। ୨୦୧୩ ରେ ମାତ୍ର ସାତବର୍ଷ ବୟସରେ ଗୁକେଶ ଚେସ୍ ଖେଳିବା ଆରମ୍ଭ କରିଥିଲେ। ତାଙ୍କ ପାଖରେ ପ୍ରଚଣ୍ଡ ପ୍ରତିଭା ଥିବା ଲକ୍ଷ କରି ସେବେଠାରୁ ତାଙ୍କ ପିତା ପ୍ରତ୍ୟହ ତାଙ୍କ ପାଇଁ ୩ ଘଣ୍ଟା ସ୍ୱତନ୍ତ୍ର ତାଲିମର ବନ୍ଦୋବସ୍ତ କରିଥିଲେ। ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରେ ସେ ସ୍କୁଲତ୍ୟାଗ କରି ମନୋନିବେଶ କରିଥିଲେ ନିଜର ଚେସ୍ ନୈପୁଣ୍ୟତାକୁ ଅଧିକ ଶାଣିତ କରିବା ନିମନ୍ତେ। ଏହି ସମୟରେ ସେ ନିଜର ପିତା, ମାତା ଓ ପରିବାରବର୍ଗଙ୍କ ଠାରୁ ସମସ୍ତ ପ୍ରକାର ସମର୍ଥନ ପାଇବା ଫଳରେ ତାଙ୍କର ପ୍ରତିଭାରେ ଆଶାଧିକ ଅଗ୍ରଗତି ହୋଇ ତା'ର ସୁଫଳ ମଧ୍ୟ ମିଳିଥିଲା। ୨୦୧୫ ରେ ସେ ନଅବର୍ଷ ରୁ କମ୍ ବର୍ଗରେ ଏସିଆନ୍ ଯୁବ ଚ୍ୟାଂପିୟନସିପ୍ ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ। ଏହି ପ୍ରତିଯୋଗିତାରେ ସେ ବିଭିନ୍ନ ବିଭାଗରେ ରେକର୍ଡ଼ ସଂଖ୍ୟକ ପାଞ୍ଚଟି ସ୍ୱର୍ଣ୍ଣପଦକ ଜିତିଥିଲେ। ଏହାପରେ ଆପେ ଆପେ ସେ ଆନ୍ତର୍ଜାତିକ ମାଷ୍ଟର ହେବାର ସମସ୍ତ ଯୋଗ୍ୟତା ଅର୍ଜନ କରିନେଇଥିଲେ।

୨୦୧୯ ରେ ଜାନୁୟାରୀରେ ସିର୍ଗ କାର୍ଜାକିନଙ୍କ ପରେ ଦ୍ୱିତୀୟ ସର୍ବକାଳୀନ କନିଷ୍ଠତମ ଗ୍ରାଣ୍ଡମାଷ୍ଟ ହେବାର ଗୌରବ ଲାଭ କରିଥିଲେ ଗୁକେଶ। ୨୦୨୧ ରେ ଜୁଲିଅସ ବେର ଗେଲଫାଣ୍ଡ ଚ୍ୟାଲେଂଜ ପ୍ରତିଯୋଗିତାରେ ବିଜୟୀ ହେବାପରେ ୪୪ତମ ବିଶ୍ୱ ଚେସ ଅଲିଂପିଆଡ଼ରେ ଭାରତୀୟ ଦଳର ପ୍ରମୁଖ ସଦସ୍ୟ ଭାବରେ ସମୁଦାୟ ୧୧ ରୁ ୯ ସ୍କୋର ସହିତ ଭାରତକୁ ବ୍ରୋଞ୍ଜ ପଦକ ବିଜୟୀ କରାଇଥିଲେ। ୨୦୨୨ ସେପ୍ଟେମ୍ବରରେ ଅନୁଷ୍ଠିତ ଏସିଆନ ଗେମ୍‌ସରେ ମଧ୍ୟ ଭାରତକୁ ରୌପ୍ୟ ପଦକ ଜିତାଇବାରେ ପ୍ରମୁଖ ଭୂମିକା ନେଇଥିଲେ। ଏହା ପରେ ପରେ ସେ ସମୟର ବିଶ୍ୱ ଚ୍ୟାଂପିୟାନ ମାଗ୍‌ନସ କାର୍ଲସେନଙ୍କୁ ପରାସ୍ତ କରି ନିଜର ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ ବିଶ୍ୱକୁ ସୂଚାଇ ଦେଇଥିଲେ। ୨୦୨୩ ବିଶ୍ୱ ରେଟିଂରେ ବିଶ୍ୱନାଥ ଆନନ୍ଦଙ୍କୁ ପଛରେ ପକାଇ ଗୁକେଶ ହୋଇଯାଇଥିଲେ ସର୍ବଶ୍ରେଷ୍ଠ ରେଟିଂପ୍ରାପ୍ତ ଭାରତୀୟ ଚେସ୍ ଖେଳାଳୀ।। ପରେ ପରେ କ୍ୟାଣ୍ଡିଡେଟ୍‌ସ ପ୍ରତିଯୋଗିତାରେ ବବି ଫିସର ଓ କାର୍ଲସେନଙ୍କ ପରେ ଏଥିରେ ଯୋଗ୍ୟତା ଅର୍ଜନ କରିବାରେ ସେ ଥିଲେ ତୃତୀୟ କନିଷ୍ଠ ଚେସ୍ ଖେଳାଳୀ। ସେପ୍ଟେମ୍ବର ୨୦୨୪ ରେ ବିଶ୍ୱ ଚେସ୍ ଅଲିମ୍ପିଆଡ଼ରେ ୧୦ ରୁ ୯ଟି ବିଜୟ ଲାଭ କରି ସେ ପ୍ରଥମ ଥର ପାଇଁ ଭାରତକୁ ସ୍ୱର୍ଣ୍ଣପଦକ ବିଜୟୀ କରାଇଥିଲେ। ସର୍ବଶେଷରେ ୧୨ ଡିସେମ୍ବର ୨୦୨୪ ରେ ଗୁକେଶ ବିଶ୍ୱ ଚେସ୍ ଚ୍ୟାଂପିୟନସିପ୍ ୭$^{୧/୨}$ - ୬$^{୧/୨}$ ପଏଣ୍ଟରେ ଜିତିବାପରେ ଏହି ପ୍ରତିଯୋଗିତାରେ ହୋଇଯାଇଥିଲେ ସର୍ବକନିଷ୍ଠ ବିଶ୍ୱ ଚ୍ୟାଂପିୟାନ। ଏଇ ପ୍ରଚଣ୍ଡ ଭାରତୀୟ ପ୍ରତିଭାଙ୍କର ପ୍ରଶଂସାରେ ଶତମୁଖ ହୋଇ ଉଠିଛନ୍ତି ସମସ୍ତ ଭାରତବାସୀଙ୍କ ସହ ବିଶ୍ୱବାସୀ ମଧ୍ୟ। ଆଜି ଗୁକେଶ ବିଶ୍ୱ ସମ୍ମୁଖରେ ପ୍ରମାଣିତ କରିନେଇଛନ୍ତି "ମେରା ଭାରତ ମହାନ୍!"

ଜ୍ୟୋତିଷ ବିଚାର



# ୨୦୨୫ ମସିହାର ବାର୍ଷିକ ତଥା ମାସିକ ରାଶିଫଳ

## (ତା: ୧୫/୦୧/୨୦୨୫ ରୁ ତା: ୧୪/୦୨/୨୦୨୫)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ



**ମେଷ:-** ବର୍ଷ ଆରମ୍ଭରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଶନି ଆପଣଙ୍କ ସପକ୍ଷରେ ରହି ଅସମ୍ଭବକୁ ସମ୍ଭବରେ ପରିଣତ କରାଇବେ। ରାଜଲକ୍ଷ୍ମୀ ପ୍ରାପ୍ତି ସହିତ କାର୍ଯ୍ୟ ସାଧନ, ବିଦେଶ ଭ୍ରମଣ ତଥା ନୂତନ ଯାନବାହାନ କ୍ରୟ ନିମିତ୍ତ ସୁଯୋଗ ଦେବେ। ମଇ ମାସ ପର୍ଯ୍ୟନ୍ତ ଶୁଭସ୍ଥ ବୃହସ୍ପତି ସନ୍ତାନ ପ୍ରାପ୍ତି। ବିଦ୍ୟାରେ କୃତିତ୍ୱ ଓ କର୍ମ ଯୋଗାଡ଼ରେ ସହାୟକ ହେବେ। ଅବିବାହିତମାନଙ୍କ ନିମିତ୍ତ ବିବାହିତ ମାଙ୍ଗଳିକ କାର୍ଯ୍ୟ ସାଧନ ନିମିତ୍ତ ପ୍ରେରଣାପ୍ରଦ ହେବେ। ମଇ ମାସଠାରୁ ରାହୁ ଓ କେତୁ ଆପଣଙ୍କ ସପକ୍ଷରେ ରହି ସମ୍ମାନ ପ୍ରାପ୍ତି, ଶତୃକୁ ମିତ୍ରରେ ପରିଣତ କରିବା ବେପାର ବାଣିଜ୍ୟରେ ଉତ୍ତରୋତ୍ତର ଉନ୍ନତି ବିଧାନ କରାଇବେ। ରବି ଜାନୁୟାରୀ ରୁ ମାର୍ଚ୍ଚର ପ୍ରଥମାର୍ଦ୍ଧ, ଜୁନ୍ ରୁ ଜୁଲାଇର ପ୍ରଥମାର୍ଦ୍ଧ, ସେପ୍ଟେମ୍ବର ରୁ ଅକ୍ଟୋବର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଶୁଭସ୍ଥ ହେବାଫଳରେ ବହୁଦିନର ଅଟକିଥିବା କାର୍ଯ୍ୟର ପୂର୍ଣ୍ଣତା ଦେବେ। ସମସ୍ତ ଦିଗରୁ ବିଚାର କଲେ ନୂତନ ବର୍ଷଟି ଆପଣଙ୍କ ନିମିତ୍ତ ହର୍ଷ ବିଷାଦପୂର୍ଣ୍ଣ ହେଲେବି ଅଶୁଭଫଳ ଅପେକ୍ଷା ବିଶେଷ ଭାବେ ଶୁଭଫଳର ଉପଭୋକ୍ତା ହେବେ। ଚଳିତ ମାସଟି କଠିନ ପରିଶ୍ରମ କରି କର୍ତ୍ତବ୍ୟ ପାଳନ କରିବେ। ସାମାଜିକ ଭାବମୂର୍ତ୍ତିରେ ଦାଗ ଲାଗିବାର ନାହିଁ। ଦୂର ଓ ନିକଟ ବ୍ୟବସାୟରୁ ଲାଭବାନ ହେବେ। ଶୁଭ କର୍ମରେ ମନୋନିବେଶ କରି ଅନ୍ୟମାନଙ୍କର ପ୍ରଶଂସାର ପାତ୍ର ହେବେ। ଆର୍ଥୀକ ଦିଗ ସବଳ ରହିବ। ମନର ଅରମାନ ମେଣ୍ଟିଯାଇପାରେ। ବିବାଦୀୟ କ୍ଷେତ୍ରରେ ବିଷାଦିତ ହେବାର ନାହିଁ। କର୍ମକ୍ଷେତ୍ରରେ ଆଶ୍ୱସ୍ତ ଲାଭ କରିବେ। ଛୁଆ ପିଲାମାନଙ୍କ ସ୍ୱାସ୍ଥ୍ୟ ମଝିରେ ମଝିରେ ଭାରାକ୍ରାନ୍ତ କରିବ। ଗଡ଼ି ଚାଲିଥିବା ଅନେକ ସମସ୍ୟାର ସୁସମାହିତ ହେବ। ଭ୍ରମଣ ଓ ଦେବ ଦର୍ଶନର ଯୋଗ ଅଛି। ମାଙ୍ଗଳିକ କାର୍ଯ୍ୟ ସାଧନ ଅଥବା ଯୋଗଦାନ କରିବେ। ଲୋକ ସମ୍ପର୍କ ବୃଦ୍ଧି ଯୋଗେ ଉତ୍ସାହିତ ହେବେ। ଥଣ୍ଡାଦୋଷକୁ ବାଦ ଦେଲେ ବଡ଼ ଧରଣର ଅସୁସ୍ଥି ପୀଡ଼ା ଭୋଗିବାର ନାହିଁ। ପାରିବାରିକ ଜୀବନ ସହାନୁଭୂତିଶୀଳ ହେବ। ମହିଳାମାନେ ସମ୍ମାନ ଓ ପ୍ରତିଷ୍ଠା ଅର୍ଜନରେ ତତ୍ପରତା ଦର୍ଶାଇବେ। ଭୋଗ ବିଳାସ ନିମିତ୍ତ ସୁଯୋଗ ମିଳିବ। ବିଦ୍ୟାର୍ଥୀମାନେ ନିଜ ନିଜ କ୍ଷେତ୍ରରେ ସୁଦୃଢ଼ ରହିବେ। ଅଶୁଭ ଦିବସ:- ୧୭, ୧୮, ୨୭, ୨୮, ୨, ୩, ୧୧, ୧୨ ଅଷ୍ଟମଚନ୍ଦ୍ର:- ୨୪, ୨୫, ୨୬ ଘାତଚନ୍ଦ୍ର:- ୪, ୫ ବାକିଦିନ ଶୁଭ।




**ବୃଷ:-** ବର୍ଷ ତମାମ ଶନି ଆପଣଙ୍କ ସପକ୍ଷରେ ରହି ବହୁଦିନର ଅଭିଳାଷ ପୂରଣ କରିବାରେ ଯଥା ସମ୍ଭବ ସାହାଯ୍ୟ କରିବେ। ମାର୍ଚ୍ଚ ମାସ ପରଠାରୁ ଶନିଙ୍କର ପ୍ରଭାବ ପରିଲକ୍ଷିତ ହେବ। ମଇ ମାସ ଠାରୁ ବୃହସ୍ପତି ବର୍ଷର ଅବଶିଷ୍ଟାଂଶ ସମୟ ରାଜଲକ୍ଷ୍ମୀ ପ୍ରାପ୍ତ କରାଇବ। ସହିତ ମାନସିକ ଶାନ୍ତି, ମାଙ୍ଗଳିକ କାର୍ଯ୍ୟସାଧନ ଓ ସନ୍ତାନପ୍ରାପ୍ତି ଦିଗରେ ଅନୁକୂଳ ବାତାବରଣ ସୃଷ୍ଟି କରିବେ। ରାହୁ ଓ କେତୁ ବର୍ଷର ଶେଷାର୍ଦ୍ଧରେ ରାଜ ସମ୍ମାନ ପ୍ରାପ୍ତି ସାଙ୍ଗକୁ ମୂଲ୍ୟବାନ ଦ୍ରବ୍ୟ କ୍ରୟ ଓ ସାମାଜିକ ସମ୍ମାନ ବୃଦ୍ଧିରେ ଅଗ୍ରଣି ଭୂମିକା ନିର୍ବାହ କରିବେ। ବର୍ଷ ମଧ୍ୟରେ ରୋଗପୀଡ଼ା ଓ ଆର୍ଥୀକ ଅନାଟନ ଘଟିବାର ନାହିଁ। ଫେବୃୟାରୀ ରୁ ଅପ୍ରେଲର ପ୍ରଥମାର୍ଦ୍ଧ, ଜୁଲାଇ ରୁ ଅଗଷ୍ଟର ପ୍ରଥମାର୍ଦ୍ଧ, ଅକ୍ଟୋବର ରୁ ନଭେମ୍ବର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ରବି ମହାଗ୍ରହ ସପକ୍ଷରେ ରହି ଅସଜଡ଼ା ପରିବେଶକୁ ସଜାଡ଼ି ମନରେ ସନ୍ତୋଷ ଭାବ ଜାଗ୍ରତ କରାଇବେ। ବାହ୍ୟଶତୃ ମାନଙ୍କ ପ୍ରଭାବ ଅନେକ ପରିମାଣରେ ହ୍ରାସପାଇବ। ବ୍ୟକ୍ତିତ୍ୱର ବିକାଶ ଘଟିବା ଯୋଗେ ଆତ୍ମ ସମ୍ମାନ ବୃଦ୍ଧି ପାଇବ। ଚଳିତ ମାସଟି ଆପଣଙ୍କୁ ଅସ୍ଥିରତା ମଧ୍ୟରେ ଗତି କରାଇପାରେ। କର୍ମପଥର ଗତି ନ ଅଟକିଲେବି ମନ୍ଥରଗତିଯୁକ୍ତ ହେବ। ଆପଣାର ମାନେ ଭୁଲ ବୁଝିପାରନ୍ତି। ବେପାର ବାଣିଜ୍ୟର ଧାରା ଗତାନୁଗତିକ ହେବ। ସାମାଜିକ ସ୍ତରରେ ହାତେ ମାପି ଚାଖଣ୍ଡକେ ଚାଲିଲେ ପରିବେଶ ଦୂଷିତ ହେବନାହିଁ। ମନର କଥା କାହାରି ଆଗେ ପ୍ରକାଶ କରିପାରିବେ ନାହିଁ। ଶତୃମାନେ ଦୁର୍ବଳ ହେବାଯୋଗେ ଆଶ୍ୱସ୍ତି ଲାଭ କରିବେ। ଭ୍ରମଣ ଯୋଗେ ଓ ବନ୍ଧୁ ମିଳନ ଯୋଗେ ଶାନ୍ତି ମିଳିବ। କାଗଜପତ୍ରରେ ସଠିକତା ରକ୍ଷାକଲେ ଚିନ୍ତାମୁକ୍ତ ହେବେ। ଆନୁଷ୍ଠାନିକ ସଂପୃକ୍ତି ଘଟିବ। ବିବାଦୀୟ ଘଟଣାରେ ମୁଣ୍ଡ ତଳକୁ ହେବାର ନାହିଁ। ଆକସ୍ମିକ ଅର୍ଥ ଲାଭ ଆନନ୍ଦ ଦାୟକ ହେବ। ବାୟୁରୋଗ ଓ ଗଣ୍ଠିପୀଡ଼ାକୁ ବାଦ୍‌ଦେଲେ ଅନ୍ୟ ରୋଗ ଭୋଗିବାର ନାହିଁ। ପାରିବାରିକ ବୁଝାମଣା ବିଗିଡ଼ିଯିବାର ନାହିଁ। ମହିଳାମାନେ ସମସ୍ତ ପରିବେଶକୁ ଆପଣେଇ ନେଇ ସନ୍ତୁଳନ ରକ୍ଷା


କରିବେ। ବିଦ୍ୟାର୍ଥୀମାନେ ବିଚଳିତ ହେବେ ନାହିଁ।
ଅଶୁଭ ଦିବସ:- ୨୯, ୩୦, ୪, ୫ ଅଷ୍ଟମଚନ୍ଦ୍ର:- ୨୭, ୨୮ ଘାତଚନ୍ଦ୍ର:- ୧୯, ୨୦, ୨୧ ବାକିଦିନ ଶୁଭ।



**ମିଥୁନ:-** ଆପଣଙ୍କ ପକ୍ଷେ ବୃହସ୍ପତି ବିଶେଷ ଶୁଭପ୍ରଦାୟକ ହେବେନାହିଁ। ମାର୍ଚ୍ଚ ମାସପରେ ଶନି ଦଶମ ହୋଇ ବେପାର ବାଣିଜ୍ୟ, ଯନ୍ତ୍ରପାତି କଳକବ୍‌ଜା ଓ ଲୌହାଦି ବ୍ୟବସାୟରୁ ବର୍ଷ ତମାମ ଲାଭବାନ କରାଇବେ। ନୂତନ ଯାନ ଓ ଦ୍ରବ୍ୟ କ୍ରୟ କରିପାରନ୍ତି। ମଇ ମାସଠାରୁ ରାହୁ ଓ କେତୁ ଅଯଥା ବ୍ୟୟ ସାଙ୍ଗକୁ ଦୁଶ୍ଚିନ୍ତା କାରକ ହେବାର ସୂଚନା ମିଳୁଛି। ବନ୍ଧୁ ବାନ୍ଧବରେ ଅପ୍ରିୟତା ଓ ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତାର କାରଣ ସାଜିପାରେ। ମାର୍ଚ୍ଚ ରୁ ମଇର ପ୍ରଥମାର୍ଦ୍ଧ, ଅଗଷ୍ଟ ରୁ ସେପ୍ଟେମ୍ବର ପ୍ରଥମାର୍ଦ୍ଧ, ନଭେମ୍ବର ରୁ ଡିସେମ୍ବର ପ୍ରଥମାର୍ଦ୍ଧ ରବି ଶୁଭଯୋଗରେ ଅବସ୍ଥାନ କରିବା ଫଳରେ ନୂତନ କର୍ମ ଯୋଜନାରେ ଆଗେଇବେ। କର୍ମରେ ପରିବର୍ତ୍ତନ ଲକ୍ଷ୍ୟଣୀୟ ହେବ। ବିଦେଶରୁ ତରଳ ପଦାର୍ଥ ମାଧ୍ୟମରେ ମୋଟା ଅଙ୍କର ଅର୍ଥ ଉପାର୍ଜନ କରିପାରନ୍ତି। ଚଳିତ ମାସରେ ଶୁଭାଶୁଭ ମିଶ୍ରିତ ଫଳ ପ୍ରାପ୍ତହେବ। ମାୟାବୀ ଲୋକମାନେ କିଛି ଫାଇଦା ଉଠାଇବା ନିମିତ୍ତ ଚକ୍ରାନ୍ତ କରିପାରନ୍ତି। ଆପଣାର ବୋଲାଉଥିବା ଲୋକମାନେ ସ୍ୱାର୍ଥ ହାସଲ କଲାପରେ ଦୂରେଇଯାଇପାରନ୍ତି। ସତର୍କତା ଅବଲମ୍ବନ କଲେ ଖାଲରେ ପଡ଼ିବେ ନାହିଁ। କର୍ମର ଗତି ପୂର୍ବ ତୁଳନାରେ ସୁଧାର ହେବ। କ୍ରୋଧ ଓ ପ୍ରତିହିଂସା ପରାୟଣାକୁ ପ୍ରଶୟ ଦେବା ଉଚିତ ହେବନାହିଁ। ବେପାର ବାଣିଜ୍ୟରେ ପୂର୍ବ ତୁଳନାରେ କିଛିବାଟ ଆଗେଇବା ସହିତ ସଂପ୍ରସାରଣର ଆଶା ପୋଷଣ କରିବେ। ସାମାଜିକ ସ୍ତରରେ ସ୍ଥାନ ମାନ ପ୍ରତି ଅଙ୍କୁଶ ଲାଗିବାର ନାହିଁ। ଆର୍ଥୀକ ସ୍ଥିତି ପୂର୍ବାପେକ୍ଷା ସୁଦୃଢ଼ ହେବ। ଦୈବୀ କୃପାଯୋଗେ ଅନେକ ନକାରାତ୍ମକ ପରିବେଶ ସହଜରେ ଟାଳି ଦେଇହେବ। ଦୂର ବେପାର ନିମିତ୍ତ ପ୍ରଚେଷ୍ଟା ଜାରି ରଖିବେ। ଛୁଆପିଲାମାନଙ୍କ ନିମିତ୍ତ ଚିନ୍ତିତ ହେବାର ସମୟ। ଭ୍ରମଣରୁ ଶାନ୍ତି ପାଇବେ। ଶର୍ଦ୍ଦିଶ୍ଲେଷ୍ମା ଓ ଗଣ୍ଠିବାତର ପୀଡ଼ା ଭୋଗିପାରନ୍ତି। ପାରିବାରିକ ଜୀବନରେ ମନଉଣା କରିବାର ନାହିଁ। ମହିଳାମାନେ ମାସଟିରେ ମିଶ୍ରିତଫଳ ଉପଭୋକ୍ତା ହେବେ। ସେବା ଓ ତ୍ୟାଗ ଦ୍ୱାରା ତଥା କର୍ତ୍ତବ୍ୟ ସଂପାଦନରେ ସମସ୍ତଙ୍କର ପ୍ରିୟଭାଜନ ହେବେ। ଭୋଗ ବିଳାସର ଅଭାବ ପରିଲକ୍ଷିତ ହେବନାହିଁ। ବିଦ୍ୟାର୍ଥୀମାନେ କଳେବଳେ କୌଶଳେ ସ୍ଥାନସ୍ଥିତି ବଜାୟ ରଖିବେ।
ଅଶୁଭ ଦିବସ:- ୧୫, ୧୬, ୨୨, ୨୩, ୬, ୭ ଅଷ୍ଟମଚନ୍ଦ୍ର:- ୨୯, ୩୦ ଘାତଚନ୍ଦ୍ର:- ୩୧, ୧ ବାକିଦିନ ଶୁଭ।




**କର୍କଟ:-** ବର୍ଷ ତମାମ ଦେବଗୁରୁ ବୃହସ୍ପତି ତଥା ଶନିଶ୍ଚର ମହାଗ୍ରହ ଆପଣଙ୍କ ପୂର୍ଣ୍ଣ ସହଯୋଗରେ ରହୁନାହାଁନ୍ତି। ମଇ ମାସଠାରୁ ରାହୁ ଓ କେତୁ ବହୁ ପରୀକ୍ଷାର ସମ୍ମୁଖୀନ କରାଇବେ। କଠିନ ପରିଶ୍ରମ ଓ ନିଷ୍ଠାର ସହିତ ଅନେକ ଗୁଡ଼ିଏ କାର୍ଯ୍ୟକୁ କରାୟତ୍ତ କରିବାକୁ ପଡ଼ିବ। ଠକାମି ଓ ଦ୍ରବ୍ୟନଷ୍ଟ ପ୍ରତି ସଚେତନ ହେଲେ ବିଶେଷ କ୍ଷତି ସହିବାକୁ ପଡ଼ିବ ନାହିଁ। ଯାନବାହାନରେ ସତର୍କତା ଏକାନ୍ତ ଆବଶ୍ୟକ। ଅପ୍ରତ୍ୟାଶିତ ବ୍ୟୟ ଯୋଗେ ମନରେ ଭୟଜାତ ହୋଇପାରେ। ବନ୍ଧୁବାନ୍ଧବ ଓ ଆତ୍ମୀୟ ମାନଙ୍କ ଦ୍ୱାରା ଭୁଲ ବୁଝାମଣା ନହେବା ନିମିତ୍ତ ପ୍ରଯତ୍ନବାନ ହେବାର ଆବଶ୍ୟକତା ଅଛି। ବର୍ଷାରମ୍ଭରୁ ବୃହସ୍ପତି ମଇ ମାସ ପର୍ଯ୍ୟନ୍ତ ବକେୟା ଅର୍ଥ ପ୍ରାପ୍ତି ସାଙ୍ଗକୁ ମନୋରଞ୍ଜନର ଖୋରାକ ଯୋଗାଇବେ। ଜାନୁୟାରୀ ପ୍ରଥମାର୍ଦ୍ଧ, ଅପ୍ରେଲ ରୁ ଜୁନ୍‌ର ପ୍ରଥମାର୍ଦ୍ଧ, ସେପ୍ଟେମ୍ବର ରୁ ଅକ୍ଟୋବର ପ୍ରଥମାର୍ଦ୍ଧ ଓ ଡିସେମ୍ବର ମାସସାରା ରବି ମହାଗ୍ରହ ଶୁଭସ୍ଥ ହୋଇ ଅସାଧ୍ୟ ସାଧନ ସହିତ ସ୍ୱାସ୍ଥ୍ୟରେ ଉନ୍ନତି, କର୍ମରେ ଆନନ୍ଦ ଓ ଆର୍ଥୀକ ଦୃଢ଼ତା କରାଇବେ। ପୂର୍ବ ଅଶାନ୍ତି ଅପସରି ଯିବାଯୋଗେ ଅହେତୁକ ଆନନ୍ଦ ମିଳିବ। ଚଳିତ ମାସରେ ଶୁଭାଶୁଭକୁ ନେଇ ଫଳପ୍ରାପ୍ତ ହେବେ। କର୍ମକ୍ଷେତ୍ରରେ ଗତାନୁଗତିକତା ରକ୍ଷା କରି ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର ହେବେ। ଶତ୍ରୁମାନେ କ୍ରମଶଃ ନିଷ୍ପ୍ରଭ ହୋଇପଡ଼ିବା କାରଣରୁ ଜୀବନଚର୍ଯ୍ୟା ସରଳହେବ। ସାମାଜିକ କ୍ଷେତ୍ରରେ ଉଚ୍ଚମନ୍ୟତା ଅକ୍ଷୁର୍ଣ୍ଣ ରହିବାର ସୂଚନା ମିଳୁଛି। ବେପାର ବାଣିଜ୍ୟରେ ଭଟ୍ଟା ପଡ଼ିବାର ନାହିଁ। ବ୍ୟବହାର କୁଶଳତା ଯୋଗେ ପ୍ରାୟ ପରିବେଶ ଆୟତ୍ତରେ ରହିବ। ସେବା କ୍ଷେତ୍ରରେ ଆନ୍ତରିକତାର ଦୃଷ୍ଟାନ୍ତ ସ୍ଥାପନ କରିପାରିବେ। ଲୋକ ସଂପର୍କରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥୀକ ଦିଗ ସବଳ ନହେଲେବି କାର୍ଯ୍ୟ ଅଟକିବ ନାହିଁ। ଭ୍ରମଣରୁ ଶାନ୍ତି ପାଇବେ। ମାଙ୍ଗଳିକ କାର୍ଯ୍ୟର ଯୋଗ ଅଛି। ଗଡ଼ି ଚାଲିଥିବା ରୋଗର ପ୍ରାଦୁର୍ଭାବ ହ୍ରାସପାଇବ। ପାରିବାରିକ ସ୍ତରରେ ସମ୍ମାନିତ ହେବେ। ମହିଳାମାନେ ଜଂଜାଳ ମଧ୍ୟେ ଡୁବି ରହିଲେବି ଭୋଗରୁ ବଞ୍ଚିତ ହେବେ ନାହିଁ। ଗଠନମୂଳକ କାର୍ଯ୍ୟରେ ନିଜକୁ ନିବେଶ କରିବେ। ବିଦ୍ୟାର୍ଥୀମାନେ ଗୁରୁଜନଙ୍କ ଆଶୀର୍ବାଦରୁ ଜୟଲାଭ କରିବେ।
ଅଶୁଭ ଦିବସ:- ୨୪, ୨୫, ୮, ୯, ୧୦ ଅଷ୍ଟମଚନ୍ଦ୍ର:- ୩୧, ୧ ଘାତଚନ୍ଦ୍ର:- ୧୭, ୧୮, ୧୩, ୧୪ ବାକିଦିନ ଶୁଭ।



**ସିଂହ:-** ବର୍ଷର ମଇ ମାସଠାରୁ ଆପଣଙ୍କ ନିମିତ୍ତ ବର୍ଷ ଶେଷ ପର୍ଯ୍ୟନ୍ତ ଦେବଗୁରୁ ବୃହସ୍ପତି ଲାଭସ୍ଥ ହୋଇ ସମସ୍ତ ପ୍ରକାର ଅଭିଳାଷ ପୂରଣ କରିବାରେ ଯଥା ସମ୍ଭବ ସାହାଯ୍ୟ କରିବେ। ମାର୍ଚ୍ଚ ମାସଠାରୁ ଶନି ବର୍ଷ ଶେଷ ପର୍ଯ୍ୟନ୍ତ ମଧ୍ୟମ ଶୁଭକାରକ ହେଲେବି ଛୋଟବଡ଼ ଧରଣର ଦୁଶ୍ଚିନ୍ତା କାରକ ହେବେ। ରାହୁ ଓ କେତୁ ବର୍ଷସାରା ମାନସିକ ଅଶାନ୍ତି, ଅପବ୍ୟୟ ଓ ପରିବାରରେ ରୋଗ ସୃଷ୍ଟି କରିପାରନ୍ତି। ଜାନୁୟାରୀ ରୁ ଫେବୃୟାରୀ ପ୍ରଥମାର୍ଦ୍ଧ, ମଇ ରୁ ଜୁଲାଇର ପ୍ରଥମାର୍ଦ୍ଧ, ଅକ୍ଟୋବର ରୁ ନଭେମ୍ବର ମାସର ପ୍ରଥମାର୍ଦ୍ଧ ରବି ମହାଗ୍ରହ ଶୁଭସ୍ଥ ହେବେ। ମୋଟ ଉପରେ ବର୍ଷଫଳ ବିଚାରକୁ ନେଲେ ଆପଣ ଜମିଭୂମି କ୍ରୟ ବିକ୍ରୟ, ଲଟେରୀରୁ ଅର୍ଥପ୍ରାପ୍ତି, ପତିତ ଧନ ଉଦ୍ଧାର, ଚୋରୀ ଦ୍ରବ୍ୟର ସନ୍ଧାନ, ବିବାଦରୁ ମୁକ୍ତି ତଥା ସନ୍ତାନବର୍ଗରୁ ଶୁଭଫଳ ପ୍ରାପ୍ତହେବେ। ମାଙ୍ଗଳିକ କାର୍ଯ୍ୟ ସାଧନ ସହିତ ନିର୍ମାଣ କାର୍ଯ୍ୟରେ ଆଗଭର ହେବେ। ଶତ୍ରୁଙ୍କୁ ପରାଜିତ କରି ଉଚ୍ଚମନା ଓ ଆତ୍ମ ସନ୍ତୋଷ ଲାଭ କରିବେ। ଚଳିତ ମାସରେ ପୂର୍ବାପେକ୍ଷା ଆଖିଦୃଶିଆ ଉନ୍ନତି କରିବା ସମ୍ଭାବନା ଅଛି। ମନୋବଳକୁ ଏକତ୍ରିତ କରି ଉତ୍ସାହ ଉଦ୍ଦୀପନାର ସହିତ ଦିନଚର୍ଯ୍ୟା ନିର୍ବାହ କରିବେ। ଅସଂପୂର୍ଣ୍ଣ କାର୍ଯ୍ୟକୁ ପୂର୍ଣ୍ଣତା ଦେବାର ମଉକା ମିଳିବ। କର୍ମର ଗତି ସରଳ ଓ ଦ୍ରୁତହେବ। ସାମାଜିକ ସ୍ତରରେ ବହୁଜନେ

ଆଦୃତ ହେବାର ଯୋଗ ଅଛି। ବେପାର ବାଣିଜ୍ୟରେ ସାମାନ୍ୟ ଖଟକା ଦେଖାଦେଲେବି କାର୍ଯ୍ୟ ଅଟକିବ ନାହିଁ। କିଛି ଗୁପ୍ତ ଶତ୍ରୁ ବିପଦରେ ପକାଇବାକୁ ଚେଷ୍ଟାକରି ଅସଫଳ ହେବେ। ଆର୍ଥୀକ ଦିଗ ସଙ୍କୁଚିତ ହେବନାହିଁ। ଗୃହକୁ ନୂତନ ସଦସ୍ୟ ଆସିବାର ଅଛି। ବିବାଦୀୟ କ୍ଷେତ୍ରରେ କୌଶଳ ପ୍ରୟୋଗ କରି ଉଦ୍ଧାର ପାଇବେ। ଆନୁଷ୍ଠାନିକ କର୍ମରେ ସଂପୃକ୍ତି ଯୋଗଅଛି। ଭ୍ରମଣରୁ ଓ ଦେବାଦେବୀ କର୍ମରୁ ଶାନ୍ତି ପାଇବେ। ଯଶମାନ ବୃଦ୍ଧିର ଦ୍ୱାର ଉନ୍ମୁକ୍ତ ରହିବ। ଉଚ୍ଚ ରକ୍ତଚାପ ଓ ବାୟୁ ଜନିତ ରୋଗ ଦେଖାଦେଇପାରେ। ପାରିବାରିକ ସ୍ତରରେ ସମସ୍ୟାକୁ ସମାଧାନ କରି ଆଶ୍ୱସ୍ତ ହେବେ। ମହିଳାମାନେ କର୍ମରେ ପେଷି ହେଲେବି କର୍ତ୍ତବ୍ୟକୁ ପରିତ୍ୟାଗ କରିବେ ନାହିଁ। ପ୍ରତିଷ୍ଠା ଓ ସମ୍ମାନ ବଜାୟ ରହିବ। ବିଦ୍ୟାର୍ଥୀମାନେ ମର୍ଯ୍ୟାଦାପୂର୍ଣ୍ଣ ସ୍ଥିତିରେ ଅବସ୍ଥାନ କରିବେ।

ଅଶୁଭ ଦିବସ:- ୧୯, ୨୦, ୨୭, ୨୮, ୧୧, ୧୨ ଅଷ୍ଟମଚନ୍ଦ୍ର:- ୨, ୩ ଘାତଚନ୍ଦ୍ର:- ୨୯, ୩୦ ବାକିଦିନ ଶୁଭ।



**କନ୍ୟା:-** ବର୍ଷ ଆରମ୍ଭରୁ ବୃହସ୍ପତି ଭାଗ୍ୟସ୍ଥ ହୋଇ ମଇ ମାସ ପର୍ଯ୍ୟନ୍ତ ସୁଖସମୃଦ୍ଧି ବୃଦ୍ଧକାରକ ହେବେ। କର୍ମର ଗତି ଦ୍ରୁତ ଓ ଦୃଢ଼ ହେବାଫଳରେ ଅଧିକାଂଶ କ୍ଷେତ୍ରରେ ସଫଳତା ଅର୍ଜନ କରାଇବେ। ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଶନି ଅଧୁରା କାର୍ଯ୍ୟର ପୂର୍ଣ୍ଣତା ପ୍ରଦାନ କରିବା ସହିତ ରାଜଲକ୍ଷ୍ମୀ ପ୍ରାପ୍ତ କରାଇବେ। ମଇମାସଠାରୁ ରାହୁ ଓ କେତୁ ବର୍ଷ ଶେଷ ପର୍ଯ୍ୟନ୍ତ ସପକ୍ଷରେ ରହି ଅନେକ ସମସ୍ୟାର ଅନ୍ତ ଘଟାଇ ସୁଖ ଓ ଶାନ୍ତି ପ୍ରଦାନ କରିବେ। ଫେବୃୟାରୀ ରୁ ମାର୍ଚ୍ଚର ପ୍ରଥମାର୍ଦ୍ଧ, ଜୁନ୍ ରୁ ଅଗଷ୍ଟର ପ୍ରଥମାର୍ଦ୍ଧ, ନଭେମ୍ବର ରୁ ଡିସେମ୍ବର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ରବି ଉତ୍ତମଫଳ ପ୍ରଦାନ କରିବେ। ଶୁଭ ଫଳ ମାନଙ୍କ ମଧ୍ୟରେ ଗୃହ ନିର୍ମାଣ, ମାମଲାରେ ବିଜୟ ପ୍ରାପ୍ତି, ସନ୍ତାନମାନଙ୍କ ଉନ୍ନତି, ଧନର ପ୍ରାଚୁର୍ଯ୍ୟତା, ମାଙ୍ଗଳିକ କାର୍ଯ୍ୟ ସାଧନ ଓ ଗୃହକୁ ନୂତନ ସୌଖୀନଦ୍ରବ୍ୟ ଆନୟନ ଇତ୍ୟାଦି ଘଟିବାର ସମ୍ଭାବନା ଅଧିକ। ଅନେକ ଅଶାନ୍ତିର ଅବସାନ ଯୋଗେ ଆତ୍ମତୃପ୍ତି ପ୍ରାପ୍ତହେବେ। ଚଳିତ ମାସରେ ସାମାନ୍ୟ ବିଚଳିତ ହୋଇପାରନ୍ତି। କର୍ମପଥରେ ସମସ୍ୟା ଉପୁଜିବା କାରଣରୁ ତାହାର ନିରାକରଣ କରି ଆଗେଇବାରେ ସାମାନ୍ୟ ବିଳମ୍ବ ହେବ। ଭାବି ବିଚାରି କାର୍ଯ୍ୟ କଲେବି ସ୍ଥଳ ବିଶେଷରେ ଶୁଭ ଚିନ୍ତାଧାରାର ଶିକାର ହେବେ। ରାସ୍ତାଘାଟ ଓ ଯାନବାହାନରେ ସତର୍କତା ଅବଲମ୍ବନ କରିବା ଜରୁରୀ। ଲୋକ ସଂପର୍କ ବୃଦ୍ଧି କରିବା ଆବଶ୍ୟକତା ଅଛି। ସାମାଜିକ ସ୍ତରରେ କଳୁଷିତ ହେବାର ଆଶଙ୍କା ନାହିଁ। ବେପାର ପୂର୍ବଭଳି ଚାଲୁ ରହିବ। ଆର୍ଥୀକ ଦିଗ ଦୁର୍ବଳ ନହେଲେବି ବହୁ ବ୍ୟୟ ଘଟିବାର ସୂଚନା ଅଛି। ବନ୍ଧୁ ଓ ଆତ୍ମୀୟମାନେ ଆବଶ୍ୟକୀୟ ସହଯୋଗ କରିନପାରନ୍ତି। ଆତ୍ମ ବିଶ୍ୱାସ ଓ ଈଶ୍ୱର ଚେତନାରେ ଉଦ୍‌ବୁଦ୍ଧ ହୋଇ ସମସ୍ୟା ରୂପି ପାହାଡ଼କୁ ସାମାନ୍ୟ ପଥରରେ ପରିଣତ କରାଇବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବାର ଅଛି। ଉକ୍ତ ମାସରେ ନୂତନ ବେପାର ବାଣିଜ୍ୟ ନକଲେ ଭଲ। ଅମ୍ଳ ପିତ୍ତ ମିଶ୍ରିତ ପ୍ରତିକ୍ରିୟା ଶରୀରର ବିଭିନ୍ନ ସ୍ତରରେ ଅସୁଖ କରାଇପାରେ। ପାରିବାରିକ ସ୍ତରରେ କ୍ରୋଧକୁ ନିୟନ୍ତ୍ରଣ କଲେ ଚିନ୍ତିତ ହେବାକୁ ପଡ଼ିବ ନାହିଁ। ମହିଳାମାନେ ସମସ୍ତଙ୍କ ଦାୟିତ୍ୱ ଓ ସମସ୍ତ ପରିବେଶକୁ ସନ୍ତୁଳିତ କରି ସମୟ ବିତାଇବେ। କର୍ମର ଫଳ ସାମାନ୍ୟ ଊଣା ହୋଇପାରେ। ବିଦ୍ୟାର୍ଥୀମାନଙ୍କ ନିମିତ୍ତ ସଂଯମତା ଆଚରଣ ଏକାନ୍ତ ଆବଶ୍ୟକ।

ଅଶୁଭ ଦିବସ:- ୨୨, ୨୩, ୨୯, ୩୦ ଅଷ୍ଟମଚନ୍ଦ୍ର:- ୪, ୫ ଘାତଚନ୍ଦ୍ର:- ୮, ୯, ୧୦ ବାକିଦିନ ଶୁଭ।



**ତୁଳା:-** ଚଳିତ ବର୍ଷ ମାର୍ଚ୍ଚ ମାସ ଠାରୁ ବର୍ଷ ଶେଷ ପର୍ଯ୍ୟନ୍ତ ଶନି ମହାଗ୍ରହ ଶୁଭସ୍ଥ ହୋଇ ହତାଶା ଓ ନୈରାଶ୍ୟ ବୋଧତାକୁ ଦୂରକରି ମହତ୍‌ଲକ୍ଷ୍ମୀ ପ୍ରାପ୍ତି ସାଙ୍ଗକୁ ଶତ୍ରୁ ନିପାତ କରି ବିଜୟୀ କରାଇବେ। ଶରୀରରୁ ରୋଗ ଦୂରେଇ ଯିବ। ମଇ ମାସ ଠାରୁ ବର୍ଷ ଶେଷ ପର୍ଯ୍ୟନ୍ତ ବୃହସ୍ପତି ମହାଗ୍ରହ ଭାଗ୍ୟସ୍ଥ ହେବା ଫଳରେ ବିବାଦରେ ବିଜୟ, ଇପ୍‌ସିତ ବସ୍ତୁ ପ୍ରାପ୍ତି, ଧର୍ମକାର୍ଯ୍ୟ ତ ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା ବୃଦ୍ଧି ଘଟାଇବା ସହିତ ତୀର୍ଥ ଭ୍ରମଣର ସୁଯୋଗ ଦେବେ। ରାହୁ ଓ କେତୁ ମଇ ମାସ ପର୍ଯ୍ୟନ୍ତ ସପକ୍ଷରେ ରହି ଭବିଷ୍ୟତ ଯୋଜନାର ସାକାର ପ୍ରଦାନ କରିବେ। ଜାନୁୟାରୀର ପ୍ରଥମାର୍ଦ୍ଧ, ମାର୍ଚ୍ଚ ରୁ ଅପ୍ରେଲର ପ୍ରଥମାର୍ଦ୍ଧ, ଜୁଲାଇ ରୁ ସେପ୍ଟେମ୍ବର ପ୍ରଥମାର୍ଦ୍ଧ ଓ ଡିସେମ୍ବର ମାସସାରା ରବି ଶୁଭସ୍ଥ ହେବାଫଳରେ ବର୍ଷଟିରେ ଆପଣ ଗୃହ ନିର୍ମାଣ, ଯାନ୍ତ୍ରିକ ବ୍ୟବସାୟ, ଆର୍ଥୀକ ସ୍ୱଚ୍ଛଳତା ଓ ସାମାଜିକ ପଦମର୍ଯ୍ୟାଦା ବୃଦ୍ଧିରେ ସହାୟହେବେ। ଆନୁଷ୍ଠାନିକ କର୍ମକୁଶଳତା ଯୋଗେ ବହୁଜନେ ଆଦୃତି ସହିତ ସନ୍ତାନର ଉନ୍ନତିରେ ଆନନ୍ଦିତ ହେବାର ଆଭାସ ମିଳୁଛି। ଚଳିତ ମାସରେ କେତେକ ଶୁଭଫଳ ପ୍ରାପ୍ତିର ଆଶା କରାଯାଇପାରିବ। କର୍ମକ୍ଷେତ୍ରରେ ଅବ୍ୟାହତ ଗତି ରକ୍ଷାକରି ଲକ୍ଷ୍ୟପ୍ରାପ୍ତିର ନିକଟବର୍ତ୍ତୀ ହେବେ। ଶତ୍ରୁମାନେ ଦୁର୍ବଳ ହୋଇପଡ଼ିବା କାରଣରୁ କର୍ମକ୍ଷେତ୍ରର ଗତିପଥ ସହଜ ସରଳ ହେବ। ଉତ୍ତମ କାର୍ଯ୍ୟ ନିର୍ଘଣ୍ଟକୁ ପ୍ରାଧାନ୍ୟଦେଇ ମର୍ଯ୍ୟାଦାବନ୍ତ ହେବେ। ଧର୍ମାନୁଷ୍ଠାନ ପ୍ରତି ଅନୁରକ୍ତି ବୃଦ୍ଧି ପାଇବ। ସୁଖ ଭ୍ରମଣର ଯୋଗ ଅଛି। ସାମାଜିକ ସ୍ତରରେ ସ୍ଥାନ ମାନ ସୁରକ୍ଷିତ ରହିବ। ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବେ। ବେପାର ବାଣିଜ୍ୟରେ ଦୁଇ ପାଦ ଆଗେଇ ଯିବାର ସୁଯୋଗ ଅଛି। ଶୁଭ ଖବର ପ୍ରାପ୍ତିର ଆଶା ନିରର୍ଥକ ହେବନାହିଁ। ପୂର୍ବ ଋଣ ପରିଶୋଧ କରିବାରେ ସମର୍ଥ ହେବେ। ବନ୍ଧୁ ମେଳରେ ସମୟ କଟିବ। ଚିନ୍ତାଜନକ ଭାବେ ସ୍ୱାସ୍ଥ୍ୟ ପୀଡ଼ା ଭୋଗିବାର ନାହିଁ। ପାରିବାରିକ ସ୍ତରରେ ମନ ମିଳାଇ ଚଳିଲେ ବିପରୀତ ଦିଗମୁଖି ପରିବେଶ ଉପୁଜିବ ନାହିଁ। ମହିଳାମାନେ ଆନନ୍ଦ ଉତ୍ସାହ ମାଧ୍ୟମରେ ସମୟ ବିତାଇବେ। ଭବିଷ୍ୟତ ଯୋଜନାକୁ ପ୍ରାଧାନ୍ୟ ଦେବେ। ଅତିଥି ଓ ବନ୍ଧୁଚର୍ଚ୍ଚାରେ ସମୟ ଓ ଅର୍ଥ ବ୍ୟୟିତ ହେବ। ବିଦ୍ୟାର୍ଥୀମାନେ ଲକ୍ଷ୍ୟ ସାଧନରେ ମନୋନିବେଶ କରିବେ।

ଅଶୁଭ ଦିବସ:- ୨୪, ୨୫, ୨୬ ଅଷ୍ଟମଚନ୍ଦ୍ର:- ୬, ୭ ଘାତଚନ୍ଦ୍ର:- ୨୭, ୨୮ ବାକିଦିନ ଶୁଭ।



**ବିଛା:-** ଆପଣଙ୍କ ପକ୍ଷେ ଚଳିତ ବର୍ଷର ମଇ ମାସ ପର୍ଯ୍ୟନ୍ତ ବୃହସ୍ପତି ଶୁଭସ୍ଥ ହୋଇ ଅର୍ଥ, ସ୍ୱାସ୍ଥ୍ୟ, ମାନସିକ ଶାନ୍ତି ବିବାଦରେ ବିଜୟ, ନୂତନ ଯୋଜନାରେ ଆଗୁସାର ଓ ଉନ୍ନତି କରାଇବେ। ବର୍ଷ ତମାମ ଶନି ଓ ରାହୁ କେତୁ ଯଥେଷ୍ଟ ସହାୟକ

ହେଉଥିବାରୁ ଶତ୍ରୁବୃଦ୍ଧି, ଅର୍ଥ ବ୍ୟୟ, ଆତ୍ମୀୟ ମାନଙ୍କ ବିରୋଧ, ନୂତନ କାର୍ଯ୍ୟରେ ବାଧା ସୃଷ୍ଟି କରିପାରନ୍ତି । ସନ୍ତାନମାନଙ୍କ ନିମିତ୍ତ ଚିନ୍ତାବୃଦ୍ଧି ସହିତ ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତାର କାରଣ ସାଜିପାରେ । ଉଦ୍‌ବେଗ ଓ ଅସ୍ଥିରତ ପ୍ରକାଶ ପାଇବ । ଜାନୁୟାରୀ ରୁ ଫେବୃୟାରୀର ପ୍ରଥମାର୍ଦ୍ଧ. ଅପ୍ରେଲ ରୁ ମଇର ପ୍ରଥମାର୍ଦ୍ଧ, ଅଗଷ୍ଟ ରୁ ଅକ୍ଟୋବରର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ରବି ମହାଗ୍ରହ ଶୁଭସ୍ଥ ହେବା ଫଳରେ ଅନେକ ଅଶୁଭ ଫଳର ପରିମାଣ ହ୍ରାସ ଘଟିବ । ଫଳତଃ ନିଜକୁ ସ୍ଥିର ରଖି କର୍ତ୍ତବ୍ୟରେ ଆଗେଇବା ସହିତ ସଫଳତା ପ୍ରାପ୍ତିର ସମ୍ଭାବନା ପ୍ରାପ୍ତି ସୃଷ୍ଟି କରିପାରିବେ । ବହୁଦିନର ଦୁଶ୍ଚିନ୍ତାର ଅନ୍ତ ଘଟିବ । ଗୃହ ନିର୍ମାଣ ଅଥବା ନୂତନ ରୂପ ଦେବାରେ ସମର୍ଥ ହେବେ । ଚଳିତ ମାସଟିରେ ଶୁଭାଶୁଭ ମିଶ୍ରିତ ଫଳ ପ୍ରାପ୍ତ ହେଲେବି ଅଶୁଭ ଫଳ ଅପେକ୍ଷା ଶୁଭଫଳର ପରିମାଣ ଅଧିକହେବ । ଜଂଜାଳ ଓ ଦୁର୍ଶ୍ଚିନ୍ତା ମଧ୍ୟରେ କର୍ମପଥରେ ଗତିବୃଦ୍ଧିର ସମ୍ଭାବନା ଅଛି । କେତେକ କ୍ଷେତ୍ରରେ ଅନିଶ୍ଚିତତା ଲାଗି ରହିପାରେ । ଉପରିସ୍ଥ ମାନଙ୍କ ସ୍ନେହ ଭାଜନ ହେବା ଯୋଗେ କର୍ମ କରିବାର ଉତ୍ସାହ ପରିଲକ୍ଷିତ ହେବ । ବେପାର ବାଣିଜ୍ୟରେ ବ୍ୟକ୍ତି ତଥା ଗ୍ରାହକମାନଙ୍କୁ ବ୍ୟବହାରରେ ସନ୍ତୁଷ୍ଟ କରି ଲାଭବାନ ହେବେ । ସାମାଜିକ ଦୃଷ୍ଟିକୋଣରୁ ତଳେ ପଡ଼ିଯିବାର ଆଶଙ୍କା ନାହିଁ । ଆର୍ଥୀକ ଦିଗ ମଧ୍ୟମ ଧରଣର ରହିବ । ବିବାଦୀୟ କ୍ଷେତ୍ରରୁ ନ୍ୟାୟ ପାଇବା ଅର୍ଥ ଓ ସମୟର ଆବଶ୍ୟକତା ଅଛି । ବିଶ୍ୱସ୍ତମାନେ ବିଶ୍ୱାସ ହରାଇବେ । ନିମ୍ନ ବର୍ଗରୁ ଉପକୃତ ହେବେ । ଭ୍ରମଣର ଯୋଗ ଅଛି । ସ୍ନାୟୁ ଜନିତ ଓ ବାୟୁ ଜନିତ ରୋଗର କବଳିତ ହେବେ । ପାରିବାରିକ ସ୍ଥିତିରେ ବିଶୃଙ୍ଖଳା ଦେଖାଦେବ ନାହିଁ । ମହିଳାମାନେ କ୍ରୋଧ ପରିତ୍ୟା କଲେ ଶାନ୍ତି ପାଇବେ । ଅର୍ଥ ଓ କ୍ଷମତାର ପରିସର ବୃଦ୍ଧି ହେବ । ବିଦ୍ୟାର୍ଥୀମାନେ ଯୋଜନାକୁ ରୂପ ଦେବେ ।

ଅଶୁଭ ଦିବସ:- ୧୫, ୧୬, ୨୭, ୨୮, ୩୧, ୧ ଅଷ୍ଟମଚନ୍ଦ୍ର:- ୮, ୯, ୧୦ ଘାତଚନ୍ଦ୍ର:- ୬, ୭ ବାକିଦିନ ଶୁଭ ।



**ଧନୁ:-** ମଇ ମାସଠାରୁ ବର୍ଷ ଶେଷ ପର୍ଯ୍ୟନ୍ତ ବୃହସ୍ପତି ସପ୍ତମସ୍ଥ ହୋଇ ଅଭୂତ ପୂର୍ବ କର୍ମ ସାଧନ କରିବେ । ବେପାର ବାଣିଜ୍ୟରେ ଯଥେଷ୍ଟ ଉନ୍ନତି ସାଧନ କରିବା ସହିତ ଇପ୍ସିତ କର୍ମ ସାଧନ, ରାଜଲକ୍ଷ୍ମୀ ପ୍ରାପ୍ତି ତଥା ବିବାହାଦି ମାଙ୍ଗଳିକ କାର୍ଯ୍ୟ ସାଧନ କରାଇବେ । ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଶନି ଯଶ, ମାନ, ଗୌରବ ବୃଦ୍ଧି କରାଇବା ସହିତ ବିବାଦରେ ଜୟଲାଭ, ପତିତ ଧନ ଉଦ୍ଧାର, ରାଜକୃପା ଲାଭ କରାଇବେ । ମଇମାସ ଠାରୁ ରାହୁ ଓ କେତୁ ଶତ୍ରୁକୁ କରାୟତ୍ତ କରି ଉନ୍ନତି ଦିଗରେ ଆଗକୁ ଆଗକୁ ମାଡ଼ିଚାଲିବେ । ଜମିଭୂମି କ୍ରୟ କରିବା ସଙ୍ଗେ ସଙ୍ଗେ ନିର୍ମାଣ କାର୍ଯ୍ୟରେ ବ୍ରତୀ ହେବେ । ଫେବୃୟାରୀ ମାସରୁ ମାର୍ଚ୍ଚର ପ୍ରଥମାର୍ଦ୍ଧ, ମଇ ରୁ ଜୁନ୍‌ର ପ୍ରଥମାର୍ଦ୍ଧ, ସେପ୍ଟେମ୍ବର ରୁ ନଭେମ୍ବର ମାସର ପ୍ରଥମାର୍ଦ୍ଧ ରବି ଶୁଭ କାରକ ହୋଇ ଚାକିରୀରେ ପଦୋନ୍ନତି, ମାଙ୍ଗଳିକ କାର୍ଯ୍ୟ ସାଧନ, ବେପାର ବାଣିଜ୍ୟରେ ସଫଳତା, ସାମାଜିକ ତଥା ଆନୁଷ୍ଠାନିକ କର୍ମ କୁଶଳତା, ସନ୍ତାନ ପ୍ରାପ୍ତି ତଥା ଆର୍ଥୀକ ଅଭିବୃଦ୍ଧିର କାରଣ ସାଜିବେ । ବହୁଜନେ ପ୍ରଶଂସିତ ହେବାର ସୂଚନା ମିଳୁଛି । ଚଳିତ ମାସଟି ଆପଣଙ୍କ ନିମିତ୍ତ ଶୁଭାଶୁଭ ମିଶ୍ରିତଫଳ ବାହକ ହେବ । କର୍ମର ଗତି ଅଟକିବ ନାହିଁ । ନୂତନ ଯୋଜନାରେ ସାମିଲ ହୋଇ ଉପରିସ୍ଥ ମାନଙ୍କ ଶ୍ରଦ୍ଧା ଭାଜନ ହେବେ । ନୂତନ ଜ୍ଞାନ କୌଶଳ ଅବଲମ୍ବନ କରି ନୂତନ ଧାରାର ଉନ୍ମୋଚିତ କରିପାରନ୍ତି । ସାମାଜିକ ସ୍ତରରେ ଔଜ୍ଜଲ୍ୟତା ପରିପ୍ରକାଶ ହେବ । ବିନା ପରିଶ୍ରମରେ କିଛି ମୋଟା ଅଙ୍କର ଅର୍ଥପ୍ରାପ୍ତି ଘଟିପାରେ । ଅନ୍ୟକୁ ସାହାଯ୍ୟ କରି ସନ୍ତୋଷର ଅଧିକାର ମିଳିବ । ବେପାର ବାଣିଜ୍ୟର ଧାରା ସଂକୀର୍ଣ୍ଣ ହେବାର ନାହିଁ । ବନ୍ଧୁ ମିଳନ ଓ ଦୂର ଭ୍ରମଣ ଯୋଗଅଛି । ବିବାଦୀୟ ପରିବେଶ ସରଳ ହେବ । କିଛି ବନ୍ଧୁ ଅଥବା ସହକର୍ମୀ କପଟତା ଆଚରଣ କରିପାରନ୍ତି । ସାଧନ ଥିଲେବି ଅଏସ ଆରାମ ନିମିତ୍ତ ସମୟ ଅଭାବ ହେବ । ପେଟ ଗଣ୍ଡଗୋଳ ସାଙ୍ଗକୁ ଚକ୍ଷୁପୀଡ଼ା ଦେଖାଦେବ । ପାରିବାରିକ କ୍ଷେତ୍ରରେ ଧୈର୍ଯ୍ୟ ଓ ବୁଝାମଣାର ଆବଶ୍ୟକତା ଅଛି । ମହିଳାମାନେ ଶାନ୍ତି ରହିଲେ ସମସ୍ତ ପରିବେଶକୁ ହାତମୁଠାରେ ରଖିପାରିବେ । ଅଭିଳାଷ ପୂରଣ ହେବ । ବିଦ୍ୟାର୍ଥୀମାନେ ପୂର୍ବାପେକ୍ଷା ଉନ୍ନତି ଦିଗରେ ଆଗେଇବେ ।

ଅଶୁଭ ଦିବସ:- ୧୭, ୧୮, ୨୯, ୩୦, ୧୩, ୧୪ ଅଷ୍ଟମଚନ୍ଦ୍ର:- ୧୫, ୧୬, ୧୧, ୧୨ ଘାତଚନ୍ଦ୍ର:- ୨, ୩ ବାକିଦିନ ଶୁଭ ।



**ମକର:-** ବର୍ଷ ଆରମ୍ଭରୁ ମଇ ମାସ ପର୍ଯ୍ୟନ୍ତ ବୃହସ୍ପତି ପଞ୍ଚମସ୍ଥ ଯୋଗେ ଶୁଭଫଳ ପ୍ରଦାୟକ ହେବେ । ଶୁଭଫଳମାନଙ୍କ ମଧ୍ୟରେ କର୍ମରେ ବିଜୟତା, ସନ୍ତାନବର୍ଗରେ ଉନ୍ନତି, ମହତ୍ ଲକ୍ଷ୍ମୀପ୍ରାପ୍ତି, ବିବାଦରେ ଜୟଲାଭ, ଶତ୍ରୁ ନିପାତରେ ସିଦ୍ଧହସ୍ତ କରାଇବା ସହିତ ମାର୍ଚ୍ଚ ମାସପରେ ଶନି ବର୍ଷ ତମାମ ଶୁଭସ୍ଥ ହୋଇ ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି, ବେପାର ବାଣିଜ୍ୟରେ ଆଶାତୀତ ଉନ୍ନତି, ନୂତନ ଯୋଜନାରେ ସଫଳତା, ଉଚ୍ଚବର୍ଗରୁ କାର୍ଯ୍ୟ ସାଧନ, ପତିତ ଧନର ଉପଭୋଗ କରିବାର ସୁଯୋଗ ମିଳିବ । ରାହୁ କେତୁ ମଇ ମାସ ପର୍ଯ୍ୟନ୍ତ ଅସମ୍ଭବକୁ ସମ୍ଭବରେ ପରିଣତ କରି ପ୍ରତିଷ୍ଠାର୍ଜ୍ଜନରେ ସହାୟତା, ଦୂର ଭ୍ରମଣ ତଥା ସୃଜନାତ୍ମକ ଚିନ୍ତାଧାରାରେ ଉଦ୍‌ବୁଦ୍ଧ କରାଇବେ । ମାର୍ଚ୍ଚରୁ ଅପ୍ରେଲର ପ୍ରଥମାର୍ଦ୍ଧ, ଜୁନ୍‌ରୁ ଜୁଲାଇର ପ୍ରଥମାର୍ଦ୍ଧ, ଅକ୍ଟୋବରରୁ ଡିସେମ୍ବର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ରବି ମହାଗ୍ରହ ଆପଣଙ୍କ ସପକ୍ଷରେ ରହି ଅଧୁରା କାର୍ଯ୍ୟକୁ ପୂର୍ଣ୍ଣତା ଦେବେ । ନିର୍ମାଣ କାର୍ଯ୍ୟ ଆଗେଇ ଚାଲିବ । ପରିବାରର ଉନ୍ନତିରେ ଆତ୍ମସନ୍ତୋଷ ଲାଭ କରିବେ । ସମସ୍ୟାମୁକ୍ତ ହେବା ଯୋଗେ ମନ ପ୍ରସନ୍ନ ରହିବ । ଆନୁଷ୍ଠାନିକ ତଥା ମନୋରଞ୍ଜନ କାର୍ଯ୍ୟରେ ସଫଳତା ପ୍ରାପ୍ତି ଘଟିବାର ସୂଚନା ମିଳୁଛି । ଚଳିତ ମାସଟି ଶୁଭାଶୁଭ ମିଶ୍ରିତଫଳ ବହନ କରିବ । ପୂର୍ବାପେକ୍ଷା ଶୁଭତ୍ୱର ପରିମାଣ ଉପଲବ୍ଧ କରିବେ । କର୍ମର ଗତି ସାବଲୀଳ ହେବ । ଶତ୍ରୁମାନେ ଦୁର୍ବଳ ହୋଇପଡ଼ିବା କାରଣରୁ ମନର ଶଙ୍କା ଦୂରେଇ ଯାଇପାରେ । କାନକୁହା କଥାକୁ ଗୁରୁତ୍ୱ ନଦେଇ ଆପଣା ବୁଦ୍ଧିରେ ପରିଚାଳିତ ହେଲେ ଛନ୍ଦି ହେବେ ନାହିଁ । ବେପାର ବାଣିଜ୍ୟରେ ଆଶା ଅସଫଳ ହେବନାହିଁ । ଲୋକ ସଂପର୍କ ଓ ଅଧସ୍ତନ କର୍ମଚାରୀଙ୍କ ସହଯୋଗରୁ କାରବାରର ପରିସର ବୃଦ୍ଧି ହେବ । ଆର୍ଥୀକ ଦିଗ ପୂର୍ବ ତୁଳନାରେ ସୁଧାର ହେବ । ଲୋକ ସଂଗ୍ରହରେ ତତ୍ପରତା ବୃଦ୍ଧି ପାଇବ । ବ୍ୟବହାର କୁଶଳତା ଯୋଗେ ପ୍ରିୟଭାଜନ ହେବେ । ମନୋରଞ୍ଜନ ପ୍ରତି ଶ୍ରଦ୍ଧା ଓ ଆଗ୍ରହ ବୃଦ୍ଧି ପାଇବ ।

ପରିଶ୍ରମର ବୋଝ ଅଧିକ ହେଲେବି ମନୋବଳ ଯୋଗେ ଆଗେଇ ଚାଲିବେ। ସାଧାରଣ ଅସୁସ୍ଥିକୁ ବାଦ୍‌ଦେଲେ ବଡ଼ଧରଣର ରୋଗଭୋଗର ଆଶଙ୍କା ନାହିଁ। ପାରିବାରିକ ଜୀବନ ମଧୁରତର ହେବ। ମହିଳାମାନେ ମର୍ଯ୍ୟାଦାପୂର୍ଣ୍ଣ ସ୍ଥିତିରେ ଦିନଚର୍ଯ୍ୟା ନିର୍ବାହ କରିବେ। ସାଙ୍ଗଠନିକ କାର୍ଯ୍ୟରେ ନିଜକୁ ନିବେଶ କରିବେ। ବିଦ୍ୟାର୍ଥୀମାନେ ନିଷ୍ଠାବାନ ହେବେ।

ଅଶୁଭ ଦିବସ:- ୧୯, ୨୦, ୨୧, ୪, ୫ ଅଷ୍ଟମଚନ୍ଦ୍ର:- ୧୭, ୧୮, ୧୩, ୧୪ ଘାତଚନ୍ଦ୍ର:- ୧୭, ୧୮, ୧୩, ୧୪ ବାକିଦିନ ଶୁଭ।



**କୁମ୍ଭ:-** ମାର୍ଚ୍ଚ ମାସ ଠାରୁ ଆପଣଙ୍କ ରାଶି ପ୍ରତି ଶନିଶ୍ଚର ମହାଗ୍ରହ ଜନ୍ମରୁ ଦ୍ୱିତୀୟସ୍ଥ ହୋଇ ବର୍ଷ ଶେଷ ହେବାଫଳରେ ମାନସିକ ଅଶାନ୍ତି, ଅର୍ଥବ୍ୟୟ ଓ ଶାରିରୀକ ପୀଡ଼ାକାରକ ହେବେ। ବହୁ ସମୟରେ ଧୈର୍ଯ୍ୟଚ୍ୟୁତି ଘଟିପାରେ। ରାହୁ ଓ କେତୁ ମଇମାସ ଠାରୁ ବର୍ଷ ଶେଷ ପର୍ଯ୍ୟନ୍ତ କାର୍ଯ୍ୟରେ ବାଧା, ଶିର ପ୍ରବାହ ଓ ଦନ୍ତରୋଗର କାରଣ ହେବେ। ବାୟୁ ପ୍ରଦୂଷିତ ହେବା ଯୋଗେ ବେଳେବେଳେ ମାନସିକ ଭାରସାମ୍ୟ ହରାଇପାରନ୍ତି। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଚିନ୍ତାର କାରଣ ସାଜିପାରେ। ମଇମାସ ଠାରୁ ବୃହସ୍ପତି ବର୍ଷସାରା ଶୁଭ ହେବା କାରଣରୁ ଅନେକ ସମସ୍ୟାରୁ ସହଜ ଉଦ୍ଧାର ମିଳିବ। ଆର୍ଥିକ ଓ ଶାରିରୀକ ଅବସ୍ଥାର ଉନ୍ନତି ଘଟିବା ଯୋଗେ ଆଶ୍ୱସ୍ତ ହେବେ। ଜାନୁୟାରୀର ପ୍ରଥମାର୍ଦ୍ଧ, ଅପ୍ରେଲରୁ ମଇର ପ୍ରଥମାର୍ଦ୍ଧ, ଜୁଲାଇରୁ ଅଗଷ୍ଟର ପ୍ରଥମାର୍ଦ୍ଧ, ନଭେମ୍ବର ଓ ଡିସେମ୍ବର ମାସସାରା ରବି ଶୁଭ ସଞ୍ଚାରି ହୋଇ ମାଙ୍ଗଳିକ କାର୍ଯ୍ୟ ସାଧନ, କର୍ମରେ ଉନ୍ନତି ଓ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି କରାଇବେ। ଋଣ ପରିଶୋଧ କରିବା ନିମିତ୍ତ ସାମର୍ଥ୍ୟ ଜୁଟିବ। ଚଳିତ ମାସଟି ଆପଣଙ୍କ ନିମିତ୍ତ ଶୁଭାଶୁଭ ମିଶ୍ରିତ ଫଳବାହକ ହେଲେବି କାର୍ଯ୍ୟରେ ଅଗ୍ରଗତି କରିବେ। ନିଜ ବୁଦ୍ଧିରେ ଓ ନିଜ ଶିଙ୍ଗରେ ମାଟି ତାଡ଼ିବେ। କାହାରିଠାରୁ ବିଶେଷ ସାହାଯ୍ୟ ଓ ସହଯୋଗ ମିଳିନପାରେ। ଶୃଙ୍ଖଳିତ ଦିନଚର୍ଯ୍ୟା ମଧ୍ୟରେ ସମୟ ଅତିବାହିତ ହେବ। ସାମାଜିକ ସ୍ତରରେ ପ୍ରଶଂସାର ପାତ୍ର ହେବେ। ବିଳାସ ଉପଭୋଗର ସାଧନ ଥିଲେବି ତାହାର ସୁବିନିଯୋଗ ନିମିତ୍ତ ସମୟ ଓ ପରିବେଶର ଅଭାବ ଘଟିବ। ଭୁଲ ବୁଝାମଣାର କବଳିତ ହୋଇପାରନ୍ତି। ବେପାର ବାଣିଜ୍ୟରେ ମନଉଣା ହେବାର ନାହିଁ। ବେଳେବେଳେ ଉଦାସ ଭାବ ପରିଲକ୍ଷିତ ହେବ। ଆପଣାରମାନେ ବିପଦ ସମୟରେ ଦୂରେଇଯାଇ ପାରନ୍ତି। ଦୈବୀକୃପା ଯୋଗେ ସବଳ ହେବେ। ବିବାଦୀୟ କ୍ଷେତ୍ର ପ୍ରତି ବିପଦ ନାହିଁ। ଶିର ଅଥବା ରକ୍ତଗତ ରୋଗର ଶିକାର ହେବେ। ପରିବାରରେ ଅନ୍ୟମାନଙ୍କ ଚାଲିଚଳଣ ଓ ବ୍ୟବହାର ବ୍ୟଥିତ କରିବ। ଆପଣାରମାନେ ଶୋଷଣ ମନୋବୃତ୍ତି ପୋଷଣ କରିବେ। ମହିଳାମାନେ ଆଦର ସମ୍ମାନ ପାଇବାରୁ ବଞ୍ଚିତ ହେବେନାହିଁ। ପ୍ରତିଷ୍ଠା ଅତୁଟ ରହିବ। ଅନ୍ୟମାନଙ୍କ ସେବାରେ ନିଜକୁ ନିୟୋଜିତ କରିବେ। ବିଦ୍ୟାର୍ଥୀମାନେ ଅଧିକ ଆଶାପୋଷଣ କରିବେ।

ଅଶୁଭ ଦିବସ:- ୨୨, ୨୩, ୬, ୭ ଅଷ୍ଟମଚନ୍ଦ୍ର:- ୧୯, ୨୦, ୨୧ ଘାତଚନ୍ଦ୍ର:- ୨୭, ୨୮ ବାକିଦିନ ଶୁଭ।



**ମୀନ:-** ଆପଣଙ୍କ ରାଶିପକ୍ଷେ ଚଳିତ ବର୍ଷଟି ବୃହସ୍ପତି, ଶନି, ରାହୁ ଓ କେତୁ ଶୁଭ ହେଉନଥିବାରୁ ଆତୁରତା ବୃଦ୍ଧି ପାଇବ। ମନସ୍ତାପ ସାଙ୍ଗକୁ ଅଯଥା ଅପବ୍ୟୟ, ଶାରିରୀକ ପୀଡ଼ା, ବନ୍ଧୁ ବାନ୍ଧବରେ ଅପ୍ରିୟତା, ବେପାର ବାଣିଜ୍ୟରେ ଲାଭର ପରିମାଣ ଆଶାଜନକ ହେବନାହିଁ। ଗୁପ୍ତ ଶତ୍ରୁମାନଙ୍କ ଯୋଗେ ଅସ୍ଥିରତା ବୃଦ୍ଧିପାଇବ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ବିବ୍ରତ କରାଇପାରେ। ଯୋଜନାବଦ୍ଧ କାର୍ଯ୍ୟରେ ବିଳମ୍ବ ଘଟିପାରେ। ଜାନୁୟାରୀରୁ ଫେବୃୟାରୀ ମାସର ପ୍ରଥମାର୍ଦ୍ଧ, ମଇରୁ ଜୁନ୍‌ର ପ୍ରଥମାର୍ଦ୍ଧ, ଅଗଷ୍ଟରୁ ସେପ୍ଟେମ୍ବର ମାସର ପ୍ରଥମାର୍ଦ୍ଧ ଏବଂ ଡିସେମ୍ବର ମାସସାରା ରବି ଗୋଚରରେ ଶୁଭ ହୋଇ ଅନେକ ସମସ୍ୟାର ସମାଧାନ, ମନରେ ଦମ୍ଭ ଓ ସାହାସ ଭରିଦେବେ। କାର୍ଯ୍ୟ ସାଧନ ସହଜ ଓ ସରଳ ହେବ। ନିରାମୟ ଜୀବନଯାପନ କରିବା ନିମିତ୍ତ ସୁଯୋଗ ଉପଗତ ହେବ। ମୂଲ୍ୟବାନ ଦ୍ରବ୍ୟ କ୍ରୟ ସହିତ ଅଧା ରହିଥିବା ନିର୍ମାଣ କାର୍ଯ୍ୟର ପୂର୍ଣ୍ଣତା ପ୍ରଦାନ କରିବେ। ଦେବ ଆରାଧନା ଯୋଗେ ଶକ୍ତି ଓ ଶାନ୍ତି ସଞ୍ଚରିତ ହେବ। ଚଳିତ ମାସରେ ଶୁଭାଶୁଭ ଫଳ ପ୍ରାପ୍ତ ହେଲେବି ଅଶୁଭ ଅପେକ୍ଷା ଶୁଭଫଳର ମାତ୍ରା ଆଖିଦୃଶିଆ ହେବ। କର୍ମର ଗତି ଅଟକିବ ନାହିଁ। ପ୍ରତିଦ୍ୱନ୍ଦ୍ୱୀମାନେ ରହିଲେବି ଗତିରୋଧ ହେବାର ଆଶଙ୍କା ନାହିଁ। ଗଠନମୂଳକ ଚିନ୍ତାଧାରାକୁ କାର୍ଯ୍ୟ ରୂପ ଦେଇ ବୈଷୟିକ ଦିଗରୁ ଉପକୃତ ହେବେ। କଳ୍ପନା ବିଳାସୀ ନହୋଇ ବାସ୍ତବବାଦୀ ହେଲେ ଅନେକ ନକାରାତ୍ମକ ପରିବେଶରୁ ମୁକ୍ତ ହୋଇପାରିବେ। ସାମାଜିକ ସ୍ତରରେ ପ୍ରତିଷ୍ଠା ଅକ୍ଷୁର୍ଣ୍ଣ ରହିବ। ବେପାର ବାଣିଜ୍ୟରେ ଲାଭର ଆଶା ବିଫଳ ହେବନାହିଁ। ପରିଶ୍ରମ ଅନୁସାରେ ଫଳ ଅବଶ୍ୟ ପ୍ରାପ୍ତ ହେବ। ଆର୍ଥିକ ଦିଗରୁ ଅଶାନ୍ତି ଭୋଗିବାର ନାହିଁ। ବିବାଦୀୟ କ୍ଷେତ୍ର ସପକ୍ଷରେ ରହିବ। ଭ୍ରମଣରୁ ଶାନ୍ତି ପାଇବେ। ମାଙ୍ଗଳିକ କାର୍ଯ୍ୟରେ ସକ୍ରୀୟ ଭୂମିକା ରହିବ। ସ୍ୱାସ୍ଥ୍ୟ ପ୍ରାୟତଃ ଠିକ୍‌ଠାକ୍ ରହିଲେବି ଆନ୍ତରୀଣ ଥଣ୍ଡାଦୋଷ ମଝିରେ ମଝିରେ ଆକ୍ରାନ୍ତ କରିପାରେ। ପାରିବାରିକ କ୍ଷେତ୍ରରେ ଅଭିମାନ ଓ ଅପମାନକୁ ପାଥେୟ କରି ଚାଲିବେ। ମହିଳାମାନେ କର୍ମ ଓ କର୍ତ୍ତବ୍ୟରେ ଋପି ହେଲେବି କୌଣସି କ୍ଷେତ୍ରରେ ପଛେଇଯିବେ ନାହିଁ। ସ୍ଥାନ, ମାନ, ଅତୁଟ ରହିବ। ହାତରେ ଦୁଇପଇସା ରଖିହେବ। ବିଦ୍ୟାର୍ଥୀମାନଙ୍କର ପରିଶ୍ରମ ବ୍ୟର୍ଥ ହେବନାହିଁ।

ଅଶୁଭ ଦିବସ:- ୧୫, ୧୬, ୨୪, ୨୫, ୮, ୯, ୧୦ ଅଷ୍ଟମଚନ୍ଦ୍ର:- ୨୨, ୨୩ ଘାତଚନ୍ଦ୍ର:- ୩୧, ୧ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

Postal Regd. No. CK (C)/91/2024-2026
The Samaroha January - 2025, Vol. - 34, Issue - 4
RNI Regd. No. : 034056/1981

KALINGA COMMERCIAL CORPORATION LTD
A Leading Turnkey Service Provider for Mining Sector
(ISO 9001 : 2008 Certified)



Our Strength is-
Unity &
Teamwork with



Commitment and
Dedication



Our Motto –
No Words but Deeds



Aiming for Excellence
in Achievement with
Customer Satisfaction

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

CORPORATE OFFICE
A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012
MOB: 9937559264
WEB: www.kccl.co.in

₹ 20/-
Date of Publication : 10.01.2025
Facebook: The Samaroha
E-mail: thesamaroha@gmail.com, Website: www.samaroha.in